

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-6 ◆BHUBANESWAR ◆SUNDAY ◆30 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୬ ◆ଭୁବନେଶ୍ୱର ◆ରବିବାର ◆୩୦ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦ (ସିନ୍ଦୂରା ସହ)





## ରୋମାଞ୍ଚକ ଲଢ଼େଇ

# ଭାରତ ବିଶ୍ୱ ଚାମ୍ପିଅନ

■ ବାର୍ବାଡୋସ, ୨୯।୬ (ଏଜେନ୍ସି): ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଶେଷରେ ଦୀର୍ଘ ୧୭ ବର୍ଷ ପରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଆମେରିକା ଓ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଭାରତ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରି ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଛି। ପୂର୍ବରୁ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ୨୦୦୭ରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିଅନ ହୋଇ ଇତିହାସ ସୃଷ୍ଟି କରିଥିଲା। ସ୍ଥାନୀୟ କେନସିଂଟନ ଓଭାଲ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା।

ଜବାବରେ ଦକ୍ଷିଣ ଆଫ୍ରିକା ଦମ୍‌ଦାର ଆରମ୍ଭ କରିଥିଲେ ମଧ୍ୟ ଶେଷରେ ୮ ୱିକେଟ ହରାଇ ୧୬୯ ରନରେ ସୀମିତ ରହି ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ଏଥିସହ ଦକ୍ଷିଣ ଆଫ୍ରିକା ତା'ର ବହୁଚର୍ଚ୍ଚିତ ଚୋକର ଆଖ୍ୟାକୁ ହଟାଇ ପାରିନାହିଁ। ଏକଦା ଦକ୍ଷିଣ ଆଫ୍ରିକା ହାତକୁ ମ୍ୟାଚ୍ ଚାଲିଯାଇଥିବା ବେଳେ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ଚମତ୍କାର ବୋଲିଂ ଏବଂ ବାଉଣ୍ଡାରିରେ ସୂର୍ଯ୍ୟ କୁମାରଙ୍କ ଦର୍ଶନୀୟ କ୍ୟାଚ୍ ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲା।

**ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ**

**୧୭ ବର୍ଷ ପରେ ଭାରତକୁ ଦ୍ୱିତୀୟ ଟି-୨୦ ଟାଇଟଲ୍**

**ଘାତକ ସାଜିଲେ ପାଣ୍ଡ୍ୟା**

**ମ୍ୟାଚ୍ ଛଡ଼ାଇ ଆଣିଲା ସୂର୍ଯ୍ୟଙ୍କ କ୍ୟାଚ୍**



### ଜୟ-ପରାଜୟର ରୋଚକ ୫ ଓଭର

ଟି-୨୦ ବିଶ୍ୱକପ୍ ଫାଇନାଲ୍‌ର ପ୍ରଥମ ଓ ଶେଷ ୫ ଓଭର୍ ରୋଚକପୂର୍ଣ୍ଣ ଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୫ ଓଭରରେ ୩ ୱିକେଟ ହରାଇ ୪୫ ରନ୍ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହିଭଳି ମ୍ୟାଚ୍‌ର ଶେଷ ୫ ଓଭର୍ ଦକ୍ଷିଣ ଆଫ୍ରିକାର ଚାମ୍ପିଅନ୍ ଆଶାକୁ ଧୂଳିସାତ କରିଦେଇଥିଲା। ୧୫ତମ ଓଭର ସୁଦ୍ଧା ଦକ୍ଷିଣ ଆଫ୍ରିକା ୪ ୱିକେଟରେ ୧୪୭ ରନ୍ କରି ବିଜୟ ଆଡ଼କୁ ମୁହାଁଉଥିବା ବେଳେ ୧୬ତମ ଓଭର୍‌ରେ ବୁମ୍‌ରା, ୧୭ତମ ଓଭର୍‌ରେ ପାଣ୍ଡ୍ୟା, ୧୮ତମ ଓଭରରେ ବୁମ୍‌ରା, ୧୯ତମ ଓଭର୍‌ରେ ଅର୍ଶଦୀପ ଏବଂ ଶେଷ ଓଭର୍‌ରେ ପାଣ୍ଡ୍ୟାଙ୍କ ଘାତକ ବୋଲିଂ ଦକ୍ଷିଣ ଆଫ୍ରିକାଠାରୁ ମ୍ୟାଚ୍ ଛଡ଼ାଇ ଆଣିଥିଲା।

---

**ନିଟ୍ ମାମଲା**

## ଗୁଜରାଟର ୭ ସ୍ଥାନରେ ସିବିଆଇ ଚଢ଼ଉ

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା ଜାରି ରହିଛି। ବିରୋଧୀ ଏହି ମାମଲାକୁ ନେଇ ସରକାରଙ୍କୁ ଘେରିଛନ୍ତି। ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ଏପରି ସମୟରେ ସିବିଆଇ ଶନିବାର ଏହି ମାମଲାରେ ଗୁଜରାଟର ୪ ଜିଲ୍ଲାର ୭ ସ୍ଥାନରେ ଚଢ଼ଉ କରିଛି। ଆନନ୍ଦ, ଖେଡ଼ା, ଅହମଦାବାଦ ଏବଂ ଗୋଧ୍ରା ଜିଲ୍ଲାରେ ତଲାସୀ ଅଭିଯାନ ଜାରି ରହିଛି। ଏହା ପୂର୍ବରୁ ସିବିଆଇ ଶୁକ୍ରବାର ଝାଡ଼ଖଣ୍ଡ ହଜାରିବାଗରୁ ଆଓସିସ୍ ସ୍କୁଲର ପ୍ରିନ୍ସିପାଲ ଏହାସନ ଉଲ ହକ, ଭାଇସ-ପ୍ରିନ୍ସିପାଲ୍, ଇମ୍‌ତିଆଜ ଏବଂ ସାମ୍ବାଦିକ ଜମାଲୁଦ୍ଦିନକୁ ଗିରଫ କରିଥିଲା। ଏମାନେ ନିଟ୍ ଏବଂ ୟୁଜିସି-ନେଟ୍ ପ୍ରଶ୍ନପତ୍ର ପ୍ରଘଟ କରିଥିଲେ ବୋଲି ଏଜେନ୍ସି ସନ୍ଦେହ କରୁଛି। ଏମାନଙ୍କୁ ଘଟଣାସ୍ଥଳକୁ ନେଇ ଜେରା କରାଯିବ। ପରେ ପାଟନା ନିଆଯିବ। ଏ ପର୍ଯ୍ୟନ୍ତ ସିବିଆଇ ଏହି ମାମଲାରେ ୫ ଜଣଙ୍କୁ ଗିରଫ କଲାଣି। ଏମାନଙ୍କ ମଧ୍ୟରେ ଝାଡ଼ଖଣ୍ଡର ୩ ଏବଂ ବିହାରର ୨ ଜଣ ସାମିଲ ଅଛନ୍ତି।

ଅନ୍ୟପକ୍ଷରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କହିଛନ୍ତି ଯେ କଂଗ୍ରେସ ନିଟ୍ ମାମଲାରେ ଚର୍ଚ୍ଚା ନୁହେଁ; ଅରାଜକତା ଚାହୁଁଛି। ଏହି ଦଳ ଖାଲି ମିଥ୍ୟା ପ୍ରଚାରପ୍ରସାର ହେଉ ବୋଲି ଚାହୁଁଛି। ନିଟ୍ ମାମଲାରେ ଚର୍ଚ୍ଚା ପାଇଁ ସରକାର ପ୍ରସ୍ତୁତ ଥିବା କୁହାଯାଇଛି। କିନ୍ତୁ ମାମଲା ଚାଲିଥାଉ ବୋଲି କଂଗ୍ରେସ ଚାହୁଁଛି।

▶ପୃଷ୍ଠା-୯

- **ପରୀକ୍ଷା କେନ୍ଦ୍ର ଜାଲିଆତିରେ ବିଜେପି ନେତା ସାମିଲ: କଂଗ୍ରେସ**
- **ଗୁଜରାଟର ଜୟ ଜଲାରାମ ସ୍କୁଲ୍ ବିଜେପିକୁ ଚାନ୍ଦା ଦେଇଛି**
- **ପ୍ରାର୍ଥୀଙ୍କୁ ଏହି ପରୀକ୍ଷା କେନ୍ଦ୍ର ଚୟନ କରିବାକୁ କୁହାଯାଇଥିଲା**
- **ଅଭିଭାବକଙ୍କଠାରୁ ବ୍ଲାଙ୍କ ଚେକ୍ ଓ ଟଙ୍କା ନିଆଯାଇଥିଲା**
- **ସ୍କୁଲ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ସ୍ମୃତି ଇରାନୀ**
- **ଆଲୋଚନା ନୁହେଁ; ଅରଜାକତା ଚାହୁଁଛି କଂଗ୍ରେସ: ଶିକ୍ଷାମନ୍ତ୍ରୀ**

---

## ସେପ୍ଟେମ୍ବର ୧୭ରେ 'ସୁଭଦ୍ରା'ର ଶୁଭାରମ୍ଭ

■ ଭୁବନେଶ୍ୱର, ୨୯।୬ (ସମିସ): ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହେବ। ଶନିବାର ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଏକ କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଏହି ଟଙ୍କା ରିଲିଜ୍ କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ପ୍ରଧାନମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ପ୍ରାୟ ୫ ଲକ୍ଷ ମହିଳା ଏଥିରେ ଅଂଶଗ୍ରହଣ କରିବେ। ଏହି ସଭାରେ ହିଁ ପ୍ରଧାନମନ୍ତ୍ରୀ ସୁଭଦ୍ରା ଟଙ୍କା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

---

**ଓଡ଼ିଶାରେ ଲଘୁଚାପ ବର୍ଷା**

## ଆଜି ୩ ଜିଲ୍ଲାରେ ଢାଳିବ

■ ଭୁବନେଶ୍ୱର, ୨୯।୬ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତାକାଲି ରବିବାର କେତେକ ଜିଲ୍ଲାରେ ବର୍ଷା ହେବାକୁ ଥିବା ବେଳେ ସୋମବାର ପାଗ ପରିବର୍ତ୍ତନ ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍‌ରେ ସୂଚନା ଦିଆଯାଇଛି। ବୁଲେଟିନ ଅନୁଯାୟୀ, ରବିବାର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇପାରେ। ସୋମବାର ଉତ୍ତର ଓଡ଼ିଶାର ଅଧିକାଂଶ ଜିଲ୍ଲା ସହ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମଧରଣ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ସୋମବାରଠାରୁ ପାଗରେ ପରିବର୍ତ୍ତନ ହେବା ସହ ପାଗ ଶୁଖିଲା ରହିବ ବୋଲି କେନ୍ଦ୍ର ପୂର୍ବାନୁମାନ କରିଛି।

---

**ଅଭ୍ୟାସ ବେଳେ ଭାସିଗଲା ସେନା ଟ୍ୟାଙ୍କ୍**

## ୫ ଯବାନ ସହିଦ



■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଲଦାଖରେ ନଦୀରେ ଭାସିଯାଇ ଭାରତୀୟ ସେନାର ଜଣେ ଜେସିଓଙ୍କ ସମେତ ୫ ଯବାନ ସହିଦ ହୋଇଛନ୍ତି। ଶନିବାର ସକାଳେ ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ଲଦାଖର ନିୟୋମା-ଚୁସୁଲ ଅଞ୍ଚଳରେ ଟ୍ୟାଙ୍କ ଅଭ୍ୟାସ ଚାଲିଥିଲା। ପରେ ପରେ ଦିନ ପ୍ରାୟ ଗୋଟାଏ ବେଳେ ଏକ ଟି-୭୨ ଟ୍ୟାଙ୍କରେ କିଛି ଯବାନ ଫେରୁଥିଲା ବେଳେ ମନ୍ଦିର ମୋରହ ନିକଟରେ ସିଓକ୍ ନଦୀ ପାରି ହେଉଥିଲେ। କିନ୍ତୁ ଏହି ସମୟରେ ନଦୀରେ ପ୍ରବଳ ବେଗରେ ପାଣି ଆସିବାରୁ ଟ୍ୟାଙ୍କ ନଦୀ ମଝିରେ ଅଟକି ଯାଇଥିଲା। ନିମିଷକେ ମଧ୍ୟରେ ନଦୀ ଜଳସ୍ତର ବଢିଯିବାରୁ ଜଣେ ଜେସିଓଙ୍କ ସମେତ ୫ ଯବାନ ଭାସି ଯାଇଥିଲେ। ପ୍ରଖର ସ୍ରୋତ ଯୋଗୁଁ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବା ସମ୍ଭବ ହୋଇ ନଥିଲା

▶ପୃଷ୍ଠା-୯

---

**ଲୋକକଥା**



କେତେ ଦୁର୍ନୀତିରେ ଫେଣ୍ଟି ହୋଇଥିଲା
ବିମାନବନ୍ଦର ଛାତ,
ମାର୍ଚ୍ଚରେ ଉଦ୍‌ଘାଟନ ହଉହଉ
ଏବେ ହେଲା ଭୂପତିତ।
କେତେ ହେଲେ ମୃତାହତ,
ଯେତେବେଳେ ଯିଏ ଗାଦିରେ ବସିଲେ
ସବୁ କରପ୍‌ସନ୍ ଭକ୍ତ !!

---

**▶▶ ବିରୋଧୀ ଭୂମିକାର ସ୍ୱର ଶାଣିତ କଲା ବିଜେଡି**

## ଓଡ଼ିଶାର ସ୍ୱାର୍ଥ ସହ ସାଲିସ୍ ହେବନାହିଁ

■ ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟରେ ପ୍ରମୁଖ ବିରୋଧୀ ଦଳର ଭୂମିକା ନିଭାଉଥିବା ବିଜୁ ଜନତା ଦଳ ତା'ର ଜନସ୍ୱାର୍ଥ ସମ୍ବଳିତ ସ୍ୱରକୁ ଶାଣିତ କରିଛି। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଜନସ୍ୱାର୍ଥ ଏବଂ ରାଜ୍ୟ ତଥା ଦେଶର ହିତ ବିରୋଧୀ ନୀତିକୁ ସମାଲୋଚନା କରିବା ସହ ସରକାରଙ୍କୁ ଦଳ ଗଠନମୂଳକ ଏବଂ ସକାରାତ୍ମକ ପରାମର୍ଶ ଦେବାକୁ ପଛାଇବ ନାହିଁ ବୋଲି ବିଜେଡି ଉପସଭାପତି ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶନିବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବିଜେଡି ସବୁବେଳେ ପ୍ରସଙ୍ଗଭିତ୍ତିକ ରାଜନୀତି କରିଆସିଛି। କେନ୍ଦ୍ର ସରକାରଙ୍କୁ ସମର୍ଥନ କିମ୍ବା ବିରୋଧ ପ୍ରସଙ୍ଗଭିତ୍ତିକ ଥିଲା। ଯାହା ରାଷ୍ଟ୍ରର ସ୍ୱାର୍ଥ ପରିପନ୍ଥୀ ପ୍ରସଙ୍ଗ ଏବଂ ଓଡ଼ିଶାର ସ୍ୱାର୍ଥ ଯେଉଁ ପ୍ରସଙ୍ଗରେ ବାଧାପ୍ରାପ୍ତ ହୁଏ, ଏକ ଆଞ୍ଚଳିକ ଦଳ ଭାବେ ବିଜେଡି ସେତେବେଳେ ତାହାକୁ ବିରୋଧ କରିଛି। ଅତୀତରେ ଓଡ଼ିଶାର ସ୍ୱାର୍ଥ ସହ କେତେବେଳେ ବି ସାଲିସ୍ କରାଯାଇ ନାହିଁ; ବର୍ତ୍ତମାନ କି ଭବିଷ୍ୟତରେ ମଧ୍ୟ କରିବୁ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଓଡ଼ିଶାର ସ୍ୱାର୍ଥ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ବହୁଦିନ ଧରି ଦୁଇଟି ଦାବି ରଖି ଆସିଛନ୍ତି। ଗୋଟିଏ କୋଇଲା ରାଜଭାଗ ବୃଦ୍ଧି ଦାବି ହୋଇଥିବା ବେଳେ ଅନ୍ୟଟି ହେଉଛି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ। ସାଧାରଣ ନିର୍ବାଚନ ପରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହୋଇଛି। ମୁଖ୍ୟମନ୍ତ୍ରୀ ନିଜର ଦୁଇ ଉପମୁଖ୍ୟମନ୍ତ୍ରୀଙ୍କୁ ସାଙ୍ଗରେ ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

▶ପୃଷ୍ଠା-୯



**ସାଧାରଣ ଲୋକଙ୍କ ସ୍ୱାର୍ଥରେ ବାଧା ପଡ଼ିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ**

**କୋଇଲା ରାଜଭାଗ ବୃଦ୍ଧି, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ବହୁଦିନରୁ ହୋଇଆସୁଛି**

**ବିକଶିତ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ସରକାର ତୁରନ୍ତ ଦାବି ପୂରଣ କରିବା ଉଚିତ**

# ଆଜି କାର୍ଯ୍ୟଭାର ଗ୍ରହଣ କରିବେ ନୂଆ ସେନାମୁଖ୍ୟ



ନୂଆଦିଲ୍ଲୀ,୨୯।୬(ଏଜେନ୍ସି): ଉପ ସେନାଧକ୍ଷ ଭାବେ କାର୍ଯ୍ୟରତ ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ନୂଆ ସେନାମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଜୁନ୍ ୩୦ରେ ବର୍ତ୍ତମାନ ସେନା ମୁଖ୍ୟ ରହିଥିବା ଜେନେରାଲ ମନୋଜ ପାଣ୍ଡେ ଅବସର ନେଉଥିବାରୁ ସେହିଦିନ ଅପରାହ୍ନରେ ହିଁ ତାଙ୍କ ସ୍ଥାନରେ ଜେନେରାଲ ଦ୍ୱିବେଦୀ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି କାର୍ଯ୍ୟସୂଚୀ ପ୍ରସ୍ତୁତି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଜେନେରାଲ ପାଣ୍ଡେଙ୍କ କାର୍ଯ୍ୟକାଳ ମେ ' ୩୧ ତାରିଖ ଯାଏ ରହିଥିଲା ଏବଂ ସେ ଏହି ଦିନ ହିଁ ଅବସର ନେଇଥାଆନ୍ତେ। କିନ୍ତୁ ମେ ୨୬ରେ କେନ୍ଦ୍ର ସରକାର ମନୋଜ ପାଣ୍ଡେଙ୍କ କାର୍ଯ୍ୟକାଳ ଏକ ମାସ ବୃଦ୍ଧି କରିଥିଲେ। ଏହି କାରଣରୁ ସେ ଜୁନ୍ ୩୦ ପର୍ଯ୍ୟନ୍ତ ଏହି ପଦରେ ରହିବେ ବୋଲି ଜଣାପଡ଼ିଥିଲା ତେବେ ଆସନ୍ତାକାଲି ସେ ଅବସର ନେଉଥିବାରୁ ଜେନେରାଲ ଦ୍ୱିବେଦୀ ଦାୟିତ୍ୱ ଗ୍ରହଣ କରିବେ।

■ ଜେଡିୟୁର କାର୍ଯ୍ୟକାରିଣୀ ବୈଠକ

# ସଞ୍ଜୟ ଝା ପ୍ରଥମ କାର୍ଯ୍ୟନିର୍ବାହୀ ଅଧକ୍ଷ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଦିଲ୍ଲୀରେ ଶନିବାରଠାରୁ ଜେଡିୟୁର ଦୁଇ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଯାଇଛି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ନୀତୀଶ କୁମାର ବୈଠକରେ ସାମିଲ ହୋଇ ସଦାସର୍ବଦା ଏନ୍‌ଡିଏ ସହ ରହିବେ ବୋଲି ଘୋଷଣା କରିଛନ୍ତି। ସେହିପରି ତାଙ୍କ ପ୍ରସ୍ତାବରେ ପ୍ରଥମ ଥର ପାଇଁ ସଞ୍ଜୟ ଝାଙ୍କୁ ଦଳର ପ୍ରଥମ କାର୍ଯ୍ୟନିର୍ବାହୀ ଅଧକ୍ଷ ନିଯୁକ୍ତ କରାଯାଇଛି। ବୈଠକରେ ୨୦୨୫ ବିଧାନସଭା ନିର୍ବାଚନ ନୀତୀଶଙ୍କ ନେତୃତ୍ୱରେ ଲଢ଼ିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଶେଷରେ ହେବାକୁ ଥିବା ଝାଡ଼ଖଣ୍ଡ ନିର୍ବାଚନରେ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ସ୍ଥିର ହୋଇଛି। ବରିଷ୍ଠ ନେତା କେସି ତ୍ୟାଗୀ ଏହି ସୂଚନା ଦେଇଛନ୍ତି। ଏହା ସହିତ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଏବଂ ଆର୍ଥିକ ପ୍ୟାକେଜ ପାଇଁ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି। ସେହିପରି ସଂରକ୍ଷଣ ବୃଦ୍ଧି ନିଷ୍ପତ୍ତି ଉପରେ କଟକଣାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କାର୍ଯ୍ୟନିର୍ବାହୀ ଅଧକ୍ଷ ହେବା ପରେ ସଞ୍ଜୟ ଝା କହିଛନ୍ତି ଯେ ନୀତୀଶ କୁମାର ବଡ଼ ଦାୟିତ୍ୱ ଦେଇଛନ୍ତି। ସେ ବିହାରକୁ ରୂପାନ୍ତରିତ କରିଦେଇଛନ୍ତି। ତାଙ୍କ କାମକୁ ଅନ୍ୟ ସ୍ଥାନକୁ ନେଇଯିବାର ଉଦ୍ଦେଶ୍ୟ ରହିଛି।



ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, ଆର୍ଥିକ ପ୍ୟାକେଜ ଦାବି

# ପଞ୍ଚଶୀଳ ନୀତିକୁ ଜିନ୍‌ପିଙ୍ଗ୍‌ଙ୍କ ପ୍ରଶଂସା



ବେଜିଂ, ୨୯।୬ (ଏଜେନ୍ସି): ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତର ପଞ୍ଚଶୀଳ ନୀତିକୁ ଖୁବ୍ ପ୍ରଶଂସା କରିଛନ୍ତି। ପଞ୍ଚଶୀଳ ନୀତିର ୫ ସିଦ୍ଧାନ୍ତ ସମୟର ଦାବିକୁ ପୂରଣ କରିଛି। ଆହ୍ୱାନର ସାମ୍ନା କରିବା ଏବଂ ଉତ୍ତମ ଭବିଷ୍ୟତ ପାଇଁ ଏକତା, ସହଯୋଗ, ଯୋଗାଯୋଗ ଏବଂ ଆପୋସ ବୁଝାମଣା ଏକ ପ୍ରଭାବୀ ଉପାୟ ବୋଲି ଗତ ୭୦ ବର୍ଷରେ ଅନେକ ଥର ପ୍ରମାଣିତ ହେଲାଣି। ପଞ୍ଚଶୀଳ ନୀତି ପ୍ରତିଷ୍ଠାର ୭୦ ବର୍ଷ ପୂର୍ତ୍ତି ଅବସରରେ ଜିନପିଙ୍ଗ ଶୁକ୍ରବାର ଏହି ମନ୍ତବ୍ୟ ଦେଇଛନ୍ତି। ସେ ଶାନ୍ତିପୂର୍ଣ୍ଣ ସହଭାଗିତାର ୫ ସିଦ୍ଧାନ୍ତର ଉଲ୍ଲେଖ କରି ଭାରତର ଏହାର ନାମ ପଞ୍ଚଶୀଳ ରଖିଥିଲା। ଏହା ଏସିଆରୁ ଆରମ୍ଭ ହୋଇ ଖୁବଶୀଘ୍ର ବିଶ୍ୱ ମଞ୍ଚକୁ ବ୍ୟାପି ଯାଇଥିଲା। ଏବେ ଏହା ଅନ୍ତର୍ଜାତୀୟ ସମୁଦାୟର ସମ୍ପତ୍ତି ପାଲଟି ଯାଇଛି। ଏହା ବ୍ୟତୀତ ଗ୍ଲୋବାଲ ସାଉଥ୍‌ରେ ସେ ଚୀନ୍‌ର ପ୍ରଭାବ ବଢ଼ାଇବାକୁ ଜୋର୍ ଦେଇଛନ୍ତି।

# ଖରାପ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ବାହାର କରିବ କେନ୍ଦ୍ର

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): କେନ୍ଦ୍ର ସରକାର ଖରାପ ପ୍ରଦର୍ଶନ କରୁଥିବା କେନ୍ଦ୍ର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଠିକ୍‌ସେ କାମ କରୁ ନ ଥିବା କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ଭାରତ ସରକାରଙ୍କ କାର୍ମିକ ମନ୍ତ୍ରାଳୟ (ଡିଓପିଟି) ଏ ନେଇ ଗୁରୁବାର ସବୁ ବିଭାଗକୁ ନିର୍ଦ୍ଦେଶ ଜାରି କରିଛି। ଯେଉଁ କର୍ମଚାରୀଙ୍କ କାର୍ଯ୍ୟର ରିପୋର୍ଟ ଠିକ୍ ନାହିଁ ସେମାନଙ୍କ ତାଲିକା ପ୍ରସ୍ତୁତ କରିବାକୁ ସବୁ ମନ୍ତ୍ରାଳୟ ଏବଂ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ମାସରେ କେତେ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ଆଦେଶ ଜାରି ହୋଇଛି ତାହାର ତାଲିକା ପ୍ରତି ମାସର ୧୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଛି। ଏହି ପ୍ରକ୍ରିୟା ଆସନ୍ତା ମାସରୁ ଆରମ୍ଭ ହେବ। କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାର କ୍ଷମତା ଅଧିକାରୀଙ୍କୁ ପ୍ରଦାନ କରାଯିବ।

# କେଜ୍ରିୱାଲଙ୍କୁ ମିଳିଲାନି ଆଶ୍ୱସ୍ତି

## ପୁଣି ୧୪ ଦିନ ପାଇଁ ସିବିଆଇ ହେପାଜତକୁ ଗଲେ



ନୂଆଦିଲ୍ଲୀ, ୨୯।୬(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲରେ ରହିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଅଦାଲତରୁ କୌଣସି ସ୍ତରରେ ଆଶ୍ୱସ୍ତି ମିଳିପାରି ନାହିଁ। ତାଙ୍କର ତିନି ଦିନିଆ ସିବିଆଇ ରିମାଣ୍ଡ ଶେଷ ହେବା ପରେ କେଜ୍ରିୱାଲଙ୍କୁ ଶନିବାର ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ତିନି ଦିନିଆ ରିମାଣ୍ଡ ଅବଧିରେ କେଜ୍ରିୱାଲଙ୍କୁ ସିବିଆଇ ପଚରାଉଚରା କରିଥିଲେ ହେଁ ସେ ସିବିଆଇକୁ ସହଯୋଗ କରି ନଥିଲେ। ତେଣୁ ଏହି ଦୁର୍ନୀତିକୁ ନେଇ ତାଙ୍କୁ ଅଧିକ ପଚରାଉଚରା କରିବାର ଆବଶ୍ୟକତା ରହିଛି ବୋଲି ସିବିଆଇ ପକ୍ଷରୁ ଯୁକ୍ତି ରଖାଯିବା ପରେ କୋର୍ଟ କେଜ୍ରିୱାଲଙ୍କୁ ପୁଣି ୧୪ ଦିନ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ତଦନ୍ତ ଏବଂ ନ୍ୟାୟିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେଜ୍ରିୱାଲଙ୍କୁ ରିମାଣ୍ଡରେ ନିଆଯାଇଥିବା ସିବିଆଇ କହିଛି। ଆସନ୍ତା ଜୁଲାଇ ୧୨ରେ ଭିଡିଓ କନଫରେନ୍ସି ଜରିଆରେ କେଜ୍ରିୱାଲଙ୍କୁ କୋର୍ଟରେ ହାଜର କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ କେଜ୍ରିୱାଲ ତିହାର ଜେଲରେ ରହିଥିଲେ। ଜାମିନ ପାଇଁ ସେ ନିମ୍ନ ଅଦାଲତରୁ ସୁପ୍ରିମକୋର୍ଟ ଯାଏଁ ଆବେଦନ କରି ବିଫଳ ହୋଇଥିଲା ବେଳେ ସିବିଆଇ ତାଙ୍କୁ ଗତ ୨୬ରେ ଗିରଫ କରିଥିଲା।

## ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଆପ୍‌ର ବିକ୍ଷୋଭ

ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଜାମିନ ମିଳୁ ନଥିବା ବେଳେ ସିବିଆଇ ପୁଣି ତାଙ୍କୁ ୧୪ ଦିନିଆ ହେପାଜତକୁ ନେବା ଘଟଣାରେ ଆପ୍ କର୍ମୀ ଓ ନେତା ବିଜେପିକୁ ନିଶାଣ କରିଛନ୍ତି। ଶନିବାର ଶହ ଶହ ଆପ୍ କର୍ମୀ ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଜେପି ନେତୃତ୍ୱ କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିମାନଙ୍କୁ ହାତବାରିସି କରି ଏଭଳି ଦମନ ଲୀଳା ଚଳାଇଛନ୍ତି ବୋଲି ଆପ୍‌ର ବହୁ ବରିଷ୍ଠ ନେତା କ୍ଷୋଭ ପ୍ରକାଶ କରି କହିଛନ୍ତି।

# ଟ୍ୟାଙ୍କରରୁ ଏସିଡ୍ ଲିକ୍; ୮ ଛାତ୍ର ଅସୁସ୍ଥ



ତିରୁଅନନ୍ତପୁରମ, ୨୯।୬ (ଏଜେନ୍ସି): କେରଳ କନ୍ନୁ ଜିଲ୍ଲା ରାମପୁରମରେ ଏକ ଟ୍ୟାଙ୍କରରୁ ହାଇଡ୍ରୋକ୍ଲୋରିକ ଗ୍ୟାସ୍ ଲିକ୍ ହୋଇଛି। ଏଥିରେ ରାମପୁର ନର୍ସିଂ କଲେଜର ୮ ଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପୁଲିସ ସୂଚନା ଅନୁଯାୟୀ ଏସିଡ୍ ଭର୍ତ୍ତି ଟ୍ୟାଙ୍କରଟି କର୍ଣ୍ଣାଟକରୁ ଏର୍ଣ୍ଣାକୁଲମ ଯାଉଥିଲା। ଏହା ପଛରେ ଲାଗିଥିବା ଭାଲ୍‌ଭରୁ ଗ୍ୟାସ୍ ଲିକ୍ ହୋଇଥିଲା। ପରେ ଦମକଳ ବାହିନୀ ଟ୍ୟାଙ୍କରକୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇ ଲିକ୍‌କୁ ଠିକ୍ କରିଥିଲା।

ଭାରତର ପ୍ରଥମ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାନହାନୀ ମାମଲା କଲେ ରାଜ୍ୟପାଳ

କୋଲକାତା, ୨୯।୬ (ଏଜେନ୍ସି): ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ଜାରି ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଏବେ ଏହି ମାମଲା କୋର୍ଟରେ ପହଞ୍ଚି ଯାଇଛି। ଭାରତରେ ପ୍ରଥମ ଥର ପାଇଁ କୌଣସି ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଛନ୍ତି। ରାଜ୍ୟପାଳ ଶ୍ରୀ ବୋଷ୍ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଟିଏମ୍‌ସିର କିଛି ନେତାଙ୍କ ବିରୋଧରେ କଲକତା ହାଇକୋର୍ଟରେ ମାନହାନୀ ମାମଲା କରିଛନ୍ତି। ଏହାର ଦିନକୁ ପୂର୍ବରୁ ମମତା ରାଜ୍ୟପାଳଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଥିଲେ। ରାଜଭବନର କାର୍ଯ୍ୟକଳାପ ପାଇଁ ମହିଳା ସେଠାକୁ ଯିବାକୁ ଭୟ କରୁଛନ୍ତି ଏବଂ ନିଜକୁ ଅସୁରକ୍ଷିତ ମଣୁଛନ୍ତି ବୋଲି କହିଥିଲେ। ଏହା ପୂର୍ବରୁ ଶ୍ରୀ ବୋଷ୍ ମମତାଙ୍କ ମନ୍ତବ୍ୟକୁ ନିନ୍ଦା କରିଥିଲେ। ଜଣେ ଜନ ପ୍ରତିନିଧିଙ୍କଠାରୁ ଏଭଳି ଭୁଲ୍ ଏବଂ ବିବାଦୀୟ ମନ୍ତବ୍ୟ ଆଶା କରା ନ ଯାଇପାରେ ବୋଲି କହିଥିଲେ। ସେହିପରି ଲୋକସଭା ନିର୍ବାଚନ ମଧ୍ୟରେ ମେ' ୨ ତାରିଖରେ ରାଜଭବନର ଠିକା ମହିଳା କର୍ମଚାରୀ ରାଜ୍ୟପାଳଙ୍କ ବିରୋଧରେ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ସରକାର ଏହି ମାମଲାର ତଦନ୍ତ ପୁଲିସକୁ ଦେଇଥିଲେ। ଏହା ପରେ ରାଜଭବନରେ ପୁଲିସର ପ୍ରବେଶ ଉପରେ ରାଜ୍ୟପାଳ କଟକଣା ଲଗାଇ ଦେଇଥିଲେ। ଏହି ମାମଲା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ରାଜ୍ୟପାଳ କହିଥିଲେ। ପୁଲିସ ମହିଳାଙ୍କୁ ଉସୁକାଇ ଭିଡିଓ ବନାଇବାକୁ ଜବରଦସ୍ତି କରିଥିବା ଅଭିଯୋଗ କରିଥିଲେ। ଏହା ପରେ ଜଣେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ରାଜ୍ୟପାଳଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ଏହି ମାମଲା ୨୦୨୩ ଅକ୍ଟୋବରରେ ରୁଜୁ ହୋଇଥିଲା। ପୁଲିସ ଗତ ସପ୍ତାହରେ ତଦନ୍ତ ଶେଷ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା।



■ ସରକାରୀ ଡାକ୍ତରଖାନାରେ ଅବହେଳା

# ପାଦ ବଦଳରେ ଗୋପନୀୟ ଅଙ୍ଗର ଅସ୍ତ୍ରୋପଚାର



ମୁମ୍ବାଇ, ୨୯।୬ (ଏଜେନ୍ସି): ମହାରାଷ୍ଟ୍ର ଥାନେ ଜିଲ୍ଲାର ଶାହପୁର ସ୍ଥିତ ସରକାରୀ ହସ୍ପିଟାଲରୁ ଡାକ୍ତରଙ୍କ ଅବହେଳାର କରୁଣ ଚିତ୍ର ସାମ୍ନାକୁ ଆସିଛି। ଏକ ଦମ୍ପତି ନିଜ ୯ ବର୍ଷୀୟ ପୁଅର ପାଦ ଅସ୍ତ୍ରୋପଚାର କରିବାକୁ ଡାକ୍ତରଖାନାକୁ ପହଞ୍ଚି ଥିଲେ। ମାତ୍ର ଡାକ୍ତରମାନେ ତାଙ୍କ ପାଦ ବଦଳରେ ଗୋପନୀୟ ଅଙ୍ଗର ଅସ୍ତ୍ରୋପଚାର କରିଦେଇଛନ୍ତି। ଦମ୍ପତି ଏ ନେଇ ମେଡିକାଲ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର ଡାକ୍ତର କିଛି ଭୁଲ୍ କରିନାହାନ୍ତି ବୋଲି ସେ କହିଛନ୍ତି। ଶିଶୁର ଗୋପନୀୟ ଅଙ୍ଗରେ ସମସ୍ୟା ଥିଲା। ଏଥିପାଇଁ ଅସ୍ତ୍ରୋପଚାର କରାଗଲା। ଡାକ୍ତର ଏ ବିଷୟରେ ମାତାପିତାଙ୍କୁ ଜଣାଇବାକୁ ଭୁଲି ଯାଇଥିବେ କିମ୍ବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟଙ୍କୁ ଜଣାଇ ଦେଇଥିବେ। ତେବେ ଶିଶୁଙ୍କ ମାତାପିତା ଡାକ୍ତରଙ୍କ ସ୍ପଷ୍ଟୀକରଣ ମାନିବାକୁ ମନା କରିଦେଇଛନ୍ତି। ଶାହପୁର ଥାନାରେ ଅଭିଯୋଗ କରାଯାଇଛି। କିନ୍ତୁ ମାମଲା ରୁଜୁ କରାଯାଇ ନାହିଁ। ପୁଲିସ ଘଟଣାର ଯାଞ୍ଚ କରୁଛି। ମାମଲାର ତଦନ୍ତ ପାଇଁ ଜିଲ୍ଲା ସିଭିଲ ସର୍ଜନ ଡ.କୈଳାଶ ପାୱାର ଆଶ୍ୱାସନା ଦେଇଛନ୍ତି। ମାତାପିତାଙ୍କ ସୂଚନା ଅନୁଯାୟୀ ଗତ ମାସରେ ସାଙ୍ଗ ସହ ଖେଳୁଥିବା ସମୟରେ ପୁଅ ଗୋଡ଼ରେ ଆଘାତ ଲାଗିଥିଲା। ଗତ ୧୫ ତାରିଖରେ ତାକୁ ଶାହପୁର ଉପ-ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ପାଦ ପଦଳରେ ଗୋପନୀୟ ଅଙ୍ଗର ଅସ୍ତ୍ରପୋଚାର କରି ଦେଇଥିଲେ। ପରେ ଭୁଲ୍ ଜାଣିବା ପରେ ଗୋଡ଼ ଅସ୍ତ୍ରୋପଚାର କରିଥିଲେ।

# 'ବିଚାରପତି ସମ୍ବିଧାନର ସେବକ; ଦେବତା ନୁହନ୍ତି'



କୋଲକାତା,୨୯।୬(ଏଜେନ୍ସି): ବିଚରପତିମାନେ ସାମ୍ବିଧାନିକ ବ୍ୟବସ୍ଥାର ସେବକ, କୌଣସି ଦେବତା କିମ୍ବା ଭଗବାନ ନୁହନ୍ତି ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି। କୋଲକାତା ଠାରେ ଶନିବାର ହାଇକୋର୍ଟ ଏବଂ ପଶ୍ଚିମବଙ୍ଗ ନ୍ୟାୟିକ ଏକାଡେମୀର କ୍ଷେତ୍ରୀୟ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏଭଳି ମନ୍ତବ୍ୟ ଦେଇଛନ୍ତି।ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉପସ୍ଥିତ ରହିଥିଲା ବେଳେ ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେଶର ନ୍ୟାୟପାଳିକା ବ୍ୟବସ୍ଥା ରାଜନୀତି ଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଉଚିତ। ଏହା ସମ୍ପୂର୍ଣ୍ଣ ରୂପେ ଶୁଦ୍ଧ, ସ୍ୱଚ୍ଛ ଏବଂ ପବିତ୍ର ହେବା ଦରକାର। କାରଣ ଗଣତନ୍ତ୍ର ଏବଂ ସମ୍ବିଧାନର ରକ୍ଷା ସ୍ୱରୂପ ଏହାକୁ ମନ୍ଦିର ଭାବେ ଲୋକ ପୂଜା କରିଥାଆନ୍ତି। ଏହା ମନ୍ଦିର, ଗୁରୁଦ୍ୱାର, ଗୀର୍ଜା ଏବଂ ମସଜିଦ ଭଳି। କିନ୍ତୁ ମମତାଙ୍କ ଏହି ମନ୍ତବ୍ୟ ଶୁଣିବା ପରେ ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ ଯେ, ନ୍ୟାୟପାଳିକାକୁ ମନ୍ଦିର ସହ ତୁଳନା କରାଯିବା ବେଳେ ମୁଁ ଚୁପ୍ ରୁହେ। ଯଦି ନ୍ୟାୟପାଳିକାକୁ ଆମେ ମନ୍ଦିର ଭାବେ ବିବେଚନା କରିବା ତେବେ ବିଚାରପତିମାନଙ୍କୁ ମଧ୍ୟ ଦେବତା ଭାବେ ଗ୍ରହଣ କରିବାକୁ ପଡ଼ିବ। କିନ୍ତୁ ଆମେ କୌଣସି ଦେବତା ନୁହେଁ, ବରଂ ସମ୍ବିଧାନର ସେବକ ବୋଲି ସେ କହିଥିଲେ।

ପାକିସ୍ତାନକୁ ତାଲିବାନର ଚେତାବନୀ

# ସୀମା ଉଲଙ୍ଘନ କଲେ ପରିଣାମ ଭୋଗିବ



କାବୁଲ,୨୯।୬(ଏଜେନ୍ସି): ଆଫଗାନିସ୍ତାନ ଭିତରେ ପାକିସ୍ତାନ ବାରମ୍ବାର ହରକତ୍ କରୁଥିବାରୁ ଆଫଗାନିସ୍ତାନ କଡ଼ା ଚେତାବନୀ ଜାରି କରିଛି। ଯଦି ପାକିସ୍ତାନୀ ସେନା ଆଫଗାନିସ୍ତାନ ସୀମା ଉଲ୍ଲଂଘନ କରେ ତେବେ ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ଆଫଗାନିସ୍ତାନ ଚେତାବନୀ ଦେଇଛି। ଆଫଗାନିସ୍ତାନକୁ ପାକିସ୍ତାନର ଧମକ ଦେବାର ଦିନକ ପରେ ତାଲିବାନ ଏଭଳି ପ୍ରତିକ୍ରିୟା ପ୍ରକାଶ କରିଛି। ତାଲିବାନ ସରକାରଙ୍କ ପକ୍ଷରୁ ପାକିସ୍ତାନ ଉ।।ଦ୍ଦେଶ୍ୟରେ କୁହାଯାଇଛି ଯେ, ଏବେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଯେଭଳି ବୟାନ ଦେଇଛନ୍ତି ତାହା ଆଫଗାନିସ୍ତାନର ସାର୍ବଭୌମତ୍ୱ ନଷ୍ଟ କରିବା ସହିତ ସ୍ଥାନୀୟ ଆଞ୍ଚଳିକ ସ୍ଥିତିକୁ ଅଧିକ ଖରାପ କରିବ। ଯାହାଦ୍ୱାରା କାହାରିକୁ ବି ଫାଇଦା ମିଳିବ ନାହିଁ। କିନ୍ତୁ ଆଫଗାନିସ୍ତାନ ସାର୍ବଭୌମତ୍ୱ ନଷ୍ଟ ହେଲେ ଆମେ ପାକିସ୍ତାନକୁ ଠିକଣା ଜବାବ ଦେବୁ ବୋଲି ତାଲିବାନ କହିଛି। ପାକିସ୍ତାନ ଗମ୍ଭୀର ପ୍ରସଙ୍ଗରେ ଭାବିଚିନ୍ତି ମନ୍ତବ୍ୟ ଦେବା ଉଚିତ ବୋଲି ତାଲିବାନ କହିଛି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନ ସେନା ଦ୍ୱାରା ଆରମ୍ଭ ହୋଇଥିବା ଆତଙ୍କବାଦ ବିରୋଧୀ ଅଭିଯାନରେ ନିଷିଦ୍ଧ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ସୁରକ୍ଷିତ ଆଶ୍ରୟସ୍ଥଳୀକୁ ଟାର୍ଗେଟ କରାଯାଇପାରେ ବୋଲି ଗତ ଶୁକ୍ରବାର ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖାୱାଜା ଆସିଫ୍ ଚେତାବନୀ ଦେଇଥିଲେ। ଏଥିସହିତ ନିଷିଦ୍ଧ ସଂଗଠନ ସହ କୌଣସି ଆଲୋଚନାକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏଭଳି ସ୍ଥିତିରେ ଶନିବାର ଆଫଗାନିସ୍ତାନ ପକ୍ଷରୁ ଏହି ବୟାନ ଜାରି କରାଯାଇଛି।

ପଶ୍ଚିମବଙ୍ଗକୁ ଲଜ୍ଜା।

# ମହିଳାଙ୍କୁ ଉଲଗ୍ନ କରି ବୁଲାଇଲେ



କୋଲକାତା, ୨୯।୬ (ଏଜେନ୍ସି): ମଣିପୁରରେ ମହିଳାଙ୍କୁ ଉଲଗ୍ନ କରି ବୁଲାଇବା ଘଟଣା ମନରୁ ଯାଇ ନ ଥିବାବେଳେ ପଶ୍ଚିମବଙ୍ଗରେ ଏଭଳି ଏକ ଘଟଣା ଘଟିଛି। କୁଚବିହାର ଜିଲ୍ଲାର ଗୋଖସଦାରେ ମହିଳା ରୋସୋନାରା ଖାତୁନଙ୍କୁ ଘରୁ ଘୋଷାଡ଼ି ଘୋଷାଡ଼ି ରାସ୍ତାକୁ ଆଣି ଉଲଗ୍ନ କରି ବୁଲା ଯାଇଛି। ଉପଦ୍ରବୀ ମହିଳାଙ୍କୁ ମାଡ଼ ମାରି ପାଣିରେ ବୁଡ଼ାଇ ମାରିବାକୁ ପ୍ରୟାସ କରିଛନ୍ତି। ପରେ ଅଧମରା କରି ରାସ୍ତାରେ ଛାଡ଼ି ଚାଲି ଯାଇଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ଏହି କାର୍ଯ୍ୟରେ କିଛି ମହିଳା ବି ସାମିଲ ଅଛନ୍ତି। ଏହି ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ଅଭିଯୋଗ ସତ୍ତ୍ୱେ ପୁଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ଶୂନ ରହିଛି। ଲୋକସଭା ନିର୍ବାଚନ ପରେ ପୁଣି ଏହି ଘଟଣାକୁ ନେଇ ବିଜେପି ଏବଂ ଟିଏମ୍‌ସି ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଛି। ପୀଡ଼ିତା ଜଣଙ୍କ ବିଜେପି କର୍ମୀ ବୋଲି ଜଣାପଡ଼ିଛି। ସେ ସଂଖ୍ୟାଲଘୁ ପ୍ରକୋଷ୍ଠ ପଦାଧିକାରୀ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଏ ନେଇ ବିଜେପି ନେତା ମାନବାଧିକାର କମିଶନ, ମହିଳା କମିଶନ ଏବଂ ସଂଖ୍ୟାଲଘୁ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ଖାତୁନଙ୍କୁ ଟିଏମ୍‌ସି ଗୁଣ୍ଡା ଆକ୍ରମଣ କରିଛନ୍ତି। ସମସ୍ତଙ୍କ ସାମ୍ନାରେ ତାଙ୍କ ପୋଷାକ ଚିରି ଦେଇଛନ୍ତି।

ଅନ୍ୟପକ୍ଷରେ ପୁଲିସ ପକ୍ଷରୁ କୁହାଯାଇଛି ଯେ ମାମଲାକୁ ରାଜନୈତିକ ଏବଂ ସାମ୍ପ୍ରଦାୟିକ ରଙ୍ଗ ଦେବାକୁ ପ୍ରୟାସ କରାଯାଉଛି। ଏତଲା ରୁଜୁ କରି ୩ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଭ୍ରମ ସୃଷ୍ଟି କରିବାକୁ ନେଇ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟଙ୍କୁ ମଧ୍ୟ ଧରାଯାଇଛି। ପୀଡ଼ିତା କହିଛନ୍ତି ଯେ ଟିଏମ୍‌ସି ମହିଳା ତାଙ୍କୁ ଉଲଗ୍ନ କରି ଦେଇଥିଲେ। ଟିଏମ୍‌ସିରେ ସାମିଲ ନ ହେଲେ ଉତ୍ପୀଡ଼ନ ଦିଆଯିବ ବୋଲି କହିଥିଲେ। ଚେତା ହରାଇବା ପରେ ଛାଡ଼ି ଚାଲି ଯାଇଥିଲେ।

ପୀଡ଼ିତା ବିଜେପି ପଦାଧିକାରୀ
ଟିଏମ୍‌ସି କର୍ମୀଙ୍କ ବିରୋଧରେ ଅଭିଯୋଗ

# ୨ କାର୍ ଧକ୍କା; ୭ ମୃତ

ମୁମ୍ବାଇ, ୨୯।୬ (ଏଜେନ୍ସି): ମହାରାଷ୍ଟ୍ର ଜାଲନା ଜିଲ୍ଲା କଡାବଞ୍ଚି ଗ୍ରାମ ଦେଇ ଯାଇଥିବା ହାଇୱେ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ୨ କାର୍ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଏକ ଆର୍ଟିଗୋ କାର୍ ମୁମ୍ବାଇ ଯାଉଥିଲା। ଏହି ସମୟରେ ଏକ ସ୍ୱିଫ୍ଟ ଡିଜାୟର ଟାଫିକ ନିୟମ ଭାଙ୍ଗି ବିପରୀତ ଦିଗରୁ ଆସି ଆର୍ଟିଗୋକୁ ଧକ୍କା ଦେଇଥିଲା। ଆର୍ଟିଗୋ ବାରିକେଡ ଭାଙ୍ଗି ତଳକୁ ଖସି ପଡ଼ିଥିଲା।

ଇରାନ ରାଷ୍ଟ୍ରପତି ନିର୍ବାଚନ

# କାହାକୁ ମିଳିଲାନି ବହୁମତ

ତେହେରାନ, ୨୯।୬ (ଏଜେନ୍ସି): ଇରାନରେ ଶୁକ୍ରବାର ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ କୌଣସି ପ୍ରାର୍ଥୀଙ୍କୁ ବହୁମତ ମିଳିପାରି ନାହିଁ। କେହି ୫୦ ପ୍ରତିଶତ ଭୋଟ୍ ହାସଲ କରିନାହାନ୍ତି। ତେଣୁ ପ୍ରଥମ ନିର୍ବାଚନ ଅମୀମାଂସିତ ଭାବେ ଶେଷ ହୋଇଛି। ତେଣୁ ଆଗାମୀ ଶୁକ୍ରବାର (୩ ତାରିଖ)ରେ ପୁଣିଥରେ ରାଷ୍ଟ୍ରପତି ନିର୍ବାଚନ ହେବ। ଏଥିରେ ସବୁଠାରୁ ଅଧିକ ଭୋଟ ପାଇଥିବା ୨ ପ୍ରାର୍ଥୀ ସୈଦ ଜଲିଲି ଏବଂ ମସୁଦ ପଜସାକିୟାନଙ୍କ ମଧ୍ୟରେ ମୁକାବିଲା ହେବ। ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ନିର୍ବାଚନରେ ୨ କୋଟି ୪୫ ଲକ୍ଷ ଭୋଟ ପଡ଼ିଛି। ଏଥିରୁ ସର୍ବାଧିକ ୧ କୋଟି ୪ ଲକ୍ଷ ଭୋଟ ମସୁଦ ପାଇଛନ୍ତି। ସେହିପରି ୯୪ ଲକ୍ଷ ଭୋଟ ପାଇଁ ଜଲିଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସଂସଦର ବାଚସ୍ପତି ମହମ୍ମଦ ବାକର କାଲିବାଫ ୩୩ ଲକ୍ଷ ଭୋଟ ସହ ତୃତୀୟ ସ୍ଥାନରେ ଏବଂ ମୁସ୍ତଫା ପୋରମହମ୍ମଦି ୨ ଲକ୍ଷ ୬ ହଜାର ଭୋଟ ସହ ସବାଶେଷରେ ରହିଛନ୍ତି।

## ୫ ତାରିଖରେ ପୁଣି ନିର୍ବାଚନ

ଏହା ପୂର୍ବରୁ ବୁଧବାର ରାତିରେ ଉପ-ରାଷ୍ଟ୍ରପତି ଆମିର ହୁସେନ କାଜିଜାଦେହ ହାସମି ନିଜ ନାମ ପ୍ରତ୍ୟାହାର କରି ନେଇଥିଲେ। ରିଭୋଲ୍ୟୁସନାରି ଗାର୍ଡର ଏକତା ବଜାୟ ରଖିବା ପାଇଁ ସେ ଏହି ନିଷ୍ପତ୍ତି ନେଇଥିବା କହିଥିଲେ।

■ ବଦଳିବ ସେବାର ନାମ

# ‘ଲକ୍ଷ୍ମୀ’ ହେବ ‘ମୁଖ୍ୟମନ୍ତ୍ରୀ ବସ୍’

**ଭୁବନେଶ୍ୱର,୨୯ ।୬ (ସମିସ):** ଯାହା ଆଶଙ୍କା ଥିଲା ତାହା ହେଲା । ନୂଆ ସରକାର ଆସିବାର କିଛି ଦିନ ଭିତରେ ଲକ୍ଷ୍ମୀ ବସ୍‌ର ନାମ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ଏହାର ନାମ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା । ଅର୍ଥାତ୍ ସେବା ସମାନ; ନାମ ଅଲଗା । ଖୁବ୍‌ଶୀଘ୍ର ଲକ୍ଷ୍ମୀ ବସ୍‌ର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ବସ୍ ସେବା ହେବ ବୋଲି ଆଜି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି । ଏଥିରେ ଦଳୀୟ ଗନ୍ଧ ବାରି ହେଉଥିବାରୁ ଏହାର ନାମ ପରିବର୍ତ୍ତନ ପାଇଁ ନୂଆ ସରକାର ନିଷ୍ପତ୍ତି ନେଇଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ।

ରାଜ୍ୟର ବହୁ ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳକୁ ବସ୍ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଜିଲ୍ଲାରୁ ପୂର୍ବ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୨୩ ଅକ୍ଟୋବର ମାସରେ ‘ଲକ୍ଷ୍ମୀ ବସ୍’ ନାମରେ ଅଭିନବ ପରିବହନ ସେବା ଆରମ୍ଭ କରିଥିଲେ । ସବୁଠାରୁ କମ୍ ମୂଲ୍ୟରେ ପଞ୍ଚାୟତରୁ ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ବସ୍ ଚଳାଚଳ ଆରମ୍ଭ କରାଯାଇଥିଲା । ଏହି ବସ୍ ସେବା ଦ୍ୱାରା ଗାଁ ଗହଳି ଲୋକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟ ରହିଥିଲା । ଲୋକେ ଯେପରି ସହଜ ଓ ସୁବିଧାରେ ନିଜ କାରବାର ବୃଦ୍ଧି କରିପାରିବେ, ସ୍ୱଳ୍ପ ଖର୍ଚ୍ଚ ଏବଂ ସହଜରେ ଜରୁରୀ କାମରେ ଯାଇପାରିବେ, ତାହା ଥିଲା ଏହି ବସ୍ ସେବାର ମୁଖ୍ୟ ଉଦ୍ଦେଶ୍ୟ । କୃଷକ, ମହିଳା, ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକଙ୍କ ପାଇଁ ଏହି ବସ୍ ସେବା କୌଣସି ବରଦାନ ଠାରୁ କମ୍ ନୁହେଁ । ଗ୍ରାମାଞ୍ଚଳର ଲୋକଙ୍କ ସମୃଦ୍ଧି ପାଇଁ ଏହା ଉଦ୍ଦିଷ୍ଟ ଥିବାରୁ ଏହାର ନାମ ରଖା ଯାଇଥିଲା ଲକ୍ଷ୍ମୀ । ସୁଲଭ ମୂଲ୍ୟରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସହିତ ଆରାମଦାୟକ ଯାତ୍ରାକୁ ସୁନିଶ୍ଚିତ କରାଯାଇଥିଲା । ମହିଳା, ଦିବ୍ୟାଙ୍ଗ, ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିବା ସୁବିଧା ପାଇଥିଲେ । ରାଜ୍ୟର ପ୍ରାୟ ୯୦% ଗ୍ରାମାଞ୍ଚଳକୁ ଲକ୍ଷ୍ମୀ ବସ୍ ସହର ସହିତ ଯୋଡ଼ିଥିଲା । ସେଥିପାଇଁ ଖୁବ୍ କମ୍ ଦିନ ଭିତରେ ଲକ୍ଷ୍ମୀ ବସ୍ ଲୋକଙ୍କ ଜୀବନ ରେଖା ପାଲଟି ଯାଇଥିଲା । ତେବେ ନୂଆ ସରକାର ଏହାର ନାମ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀଙ୍କ ନାମରେ ନାମିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ନୂଆ ସରକାର ଆସିବା ପରେ ପରେ ବସ୍ ସେବା ବନ୍ଦ ହେବ ନାହିଁ ବୋଲି ସ୍ୱଷ୍ଟ କରାଯାଇଥିଲେ ହେଁ ନାମ ପରିବର୍ତ୍ତନ କରାଯିବାର ସଙ୍କେତ ମିଳିଥିଲା । ଆଜି ଗଣମାଧ୍ୟମ ଆଗରେ ବିଭାଗୀୟ ମନ୍ତ୍ରୀ ଏହି ବସ୍ ସେବାର ନାମ ପରିବର୍ତ୍ତନ କରାଯିବା ନେଇ ଚିତ୍ର ସ୍ୱଷ୍ଟ କରି ଦେଇଛନ୍ତି ।

# ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀ କରିବେ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୯।୬(ସମିସ):** ଆସନ୍ତା ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ ସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଭୁବନେଶ୍ୱର ୟୁନିଟ -୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟାଳୟରେ ୧ ତାରିଖ ପୂର୍ବାହ୍ନ ୧୧ ଟାରୁ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସେହିଦିନ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ । ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଆଗ୍ରହୀ ବ୍ୟକ୍ତିମାନେ ଉକ୍ତ ସ୍ଥାନରେ ଉପସ୍ଥିତ ରହି ନିଜ ନିଜର ନାମ ପଞ୍ଜୀକରଣ କରାଇ ଅଭିଯୋଗଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ବୋଲି କୁହାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ଜୁଲାଇ ପହିଲାରୁ ପୁଣିଥରେ ଜନ ଅଭିଯୋଗ ଶୁଣାଣି କରିବାକୁ ନୂଆ ସରକାର ଘୋଷଣା କରିଛନ୍ତି । ସପ୍ତାହର ପ୍ରତ୍ୟେକ ସୋମବାରରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ ବିଭାଗୀୟ ମୁଖ୍ୟ ଜନ ଅଭିଯୋଗ ଶୁଣାଣି କରିବେ । ସେହିପରି ଜିଲ୍ଲାସ୍ତରରେ ସ୍ଥାନୀୟ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନେ ମିଳିତ ଭାବେ ଅଭିଯୋଗ ଶୁଣାଣି କରିବେ । ସମସ୍ତ ଅଭିଯୋଗ ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟା ଜନଶୁଣାଣି ପୋର୍ଟାଲରେ ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

**ସକାଳ ୯ରୁ ୧୨ ପଞ୍ଜୀକରଣ, ୧୧ଟାରୁ ଶୁଣାଣି ଆରମ୍ଭ**

# ନାକେଦମ୍ କଲେଣି ନକଲି ଡାକ୍ତର

**ଭୁବନେଶ୍ୱର, ୨୯।୬ (ସମିସ):** ଭଗବାନଙ୍କ ଦ୍ୱିତୀୟ ଅବତାର କୁହାଯାଉଥିବା ଡାକ୍ତରଙ୍କ ନକଲି ରୂପକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି । ଡାକ୍ତରୀ ବିଦ୍ୟାର ‘ଅ’ ଅକ୍ଷର ଜାଣି ନ ଥିବା କିଛି ବ୍ୟକ୍ତି କେତେକ ସରକାରୀ ଡାକ୍ତରଖାନାରେ ବର୍ଷ ବର୍ଷ ଧରି ଲୋକଙ୍କ ଚିକିତ୍ସା କରୁଥିବା ଘଟଣା ସାମ୍ନାକୁ ଆସିବା ପରେ ରୋଗୀ ଏବଂ ରୋଗୀ ସମ୍ପର୍କୀୟ ମହଲରେ ଭାଳେଣି ପଡ଼ିଯାଇଛି । ଏଭଳି ନକଲି ଡାକ୍ତରଙ୍କୁ ଠାବ କରିବା ପାଇଁ ପୂରା ବ୍ୟବସ୍ଥା ରହିଛି । କିନ୍ତୁ ନକଲି ଡାକ୍ତରଙ୍କୁ ସେହି ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର କିମ୍ବା କର୍ମଚାରୀ ଚିହ୍ନି ନ ପାରିବା ସମସ୍ତଙ୍କୁ ଚକିତ କରିଛି । ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନକଲି ଡାକ୍ତର ଠାବ ହେଉଛନ୍ତି । ନକଲି ଡାକ୍ତରଙ୍କୁ ଧରିବା ପାଇଁ କେତେ ଏସ୍‌ଓପି ଆସିଲାଣି । କମିଟି ପରେ କମିଟି ଗଠନ ହୋଇଛି, ନିର୍ଦ୍ଦେଶନାମା ଜାରି ହୋଇଛି; କିନ୍ତୁ ନକଲି ଡାକ୍ତର ରୋଗୀ ସେବା କରି ଚାଲିଛନ୍ତି । ଏଥର ବି ନକଲି ଡାକ୍ତରଙ୍କୁ ଧରିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଓର (ଏସ୍‌ଓପି) ଆସିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନକଲି ଡାକ୍ତରଙ୍କୁ ଧରିବା ଲାଗି ମାର୍ଚ୍ଚ ମାସରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ରଣନୀତି ନିର୍ଦ୍ଧାରଣ କରାଯାଇଥିଲା । ରାଜ୍ୟରେ କାର୍ଯ୍ୟରତ ଏଲୋପାଥି ଡାକ୍ତରଙ୍କ ଯୋଗ୍ୟତା ଓ ପ୍ରମାଣପତ୍ର ଯାଞ୍ଚ କରିବା ଲାଗି ଯୋଜନା ପ୍ରସ୍ତୁତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଦକ୍ଷ ସର୍ଭିଲାନ୍ସ ବ୍ୟବସ୍ଥା ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା । ରାଜ୍ୟରେ ଏଲୋପାଥି ଡାକ୍ତରଙ୍କ ପଞ୍ଜିକରଣ ସମ୍ପର୍କିତ ଭେରିଫାଏଡ୍ ଡାଟାବେସ୍ ରେଜିଷ୍ଟ୍ରାର ଓଡ଼ିଶା କାଉନସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ୍ (ଓସିଏମ୍‌ଆର)



■ ଯାଞ୍ଚ ସତ୍ତ୍ୱେ ପ୍ରାଦୁର୍ଭାବ; ନୂଆ ସରକାରଙ୍କ ଏସ୍‌ଓପିକୁ ଅପେକ୍ଷା
■ ଆଣ୍ଟି-କ୍ୱାକ୍‌ରୀ ସେଲ୍‌ଫର କାର୍ଯ୍ୟକାରିତାକୁ ନେଇ ପଶ୍ନ ଉଠୁଛି
■ ରାଜ୍ୟର ସମସ୍ତ ଡାକ୍ତରଙ୍କ ଯୋଗ୍ୟତା ଯାଞ୍ଚ ସରିଛି: ଓଏମ୍‌ସା

ୱେବ୍ ସାଇଟ୍‌ରେ ଅପଲୋଡ୍ କରିବା ପାଇଁ କୁହାଯାଇତିଲା । ଯାହା ଦ୍ୱାରା ଜନସାଧାରଣ ଯେ କୌଣସି ଡାକ୍ତରଙ୍କ ଯୋଗ୍ୟତା ଯାଞ୍ଚ କରିପାରିବେ । ଓସିଏମ୍‌ଆର ୱେବ୍‌ସାଇଟ୍‌ରେ ପଞ୍ଜିକୃତ ସମସ୍ତ ଏଲୋପାଥି ଡାକ୍ତରଙ୍କୁ ଚିହ୍ନଟ ପାଇଁ ବ୍ୟବସ୍ଥା ଅଛି । କିନ୍ତୁ ସେଥିରେ ଥିବା ସର୍ଚ୍ଚ ସ୍ପେଶ୍‌ରେ ଡାକ୍ତରଙ୍କ ନାମ ଟାଇପ୍ କଲେ ମଧ୍ୟ କାହାର ବିବରଣୀ ଉପଲବ୍ଧ ହେଉ ନାହିଁ । ସେହିପରି ନକଲି ଡାକ୍ତରଙ୍କୁ ଠାବ ପାଇଁ ଚଳିତ ବର୍ଷ ଏପ୍ରିଲ ମାସରେ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲା ସ୍ତରୀୟ କମିଟି ଗଠନ କରିଥିଲା । ଏହାର ନାମ ରହିଥିଲା ଆଣ୍ଟି-କ୍ୱାକରୀ ସେଲ । ଜିଲ୍ଲାପାଳ, ଏସ୍‌ପି, ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍‌ର ଜଣେ ନୋମିନୀ, ସିଡିଏମ୍‌ଓଙ୍କ ପ୍ରତିନିଧି ଏହାର ସଦସ୍ୟ ରହିଥିଲେ । କିନ୍ତୁ ତାହା ବି ଫଳପ୍ରଦ ହୋଇପାରୁ ନାହିଁ ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସରକାରୀ ଡାକ୍ତରଙ୍କ ଅଭାବ ରହିଛି । ଅନେକ ସ୍ଥାନରେ ଡାକ୍ତର ସରକାରୀ ଡ୍ୟୁଟିରେ ଅନୁପସ୍ଥିତ ରହି ଘରୋଇ ଚିକିତ୍ସାରେ ବ୍ୟସ୍ତ ରହୁଛନ୍ତି । କିନ୍ତୁ ସେହି ସରକାରୀ ଡାକ୍ତରଖାନାରେ ଜଣେ ଠକ ବର୍ଷ ବର୍ଷ ଧରି ରୋଗୀ ଚିକିତ୍ସା କରୁଥିଲେ ସୁଦ୍ଧା କେହି ଜାଣିପାରୁ ନାହାନ୍ତି । ସ୍ୱାସ୍ଥ୍ୟ ବିଭାଗ ଦୂରର କଥା ଖୋଦ୍ ସେହି ଡାକ୍ତରଖାନାର ନିର୍ଦ୍ଦେଶକ, ମ୍ୟାନେଜର, ସିଡିଏମ୍‌ଓ କିମ୍ବା ତାଙ୍କ ସହକର୍ମୀ କେହି ସୁରାଗ ପାଉ ନାହାନ୍ତି । ଏପରିକି ଦୁଇ ଦୁଇ ଥର ଗିରଫ ହୋଇ ଜାମିନ୍‌ରେ ଫେରିବା ପରେ ମଧ୍ୟ ସରକାରୀ ଡାକ୍ତରଖାନାରେ ରୋଗୀ ଚିକିତ୍ସା କରିବାକୁ ସେମାନେ ପଛାଉ ନାହାନ୍ତି । ଦୁଇ ଦିନ ତଳେ ରାଉରକେଲା ସରକାରୀ ଡାକ୍ତରଖାନାରୁ ନକଲି ଡାକ୍ତର ଗିରଫ ହେବାର ଏହାର ଜ୍ୱଳନ୍ତ ଉଦାହରଣ । ଗତ ବର୍ଷ ନଭେମ୍ବର ୬ ତାରିଖରେ ଢେଙ୍କାନାଳରୁ ଜଣେ ନକଲି ଡାକ୍ତର ଗିରଫ ହୋଇଥିଲେ । ପଶ୍ଚିମ ବଙ୍ଗରୁ ଆସି କଙ୍କଡ଼ାହାଡ଼ ବ୍ଲକରେ ଏକ କ୍ଲିନିକ୍ କରି ଚିକିତ୍ସା ଚଳାଇଥିଲେ । ୨୦୨୨ରେ ରେମଶ ସ୍ୱାଇଁ ନାମକ ଜଣେ ନକଲି ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ତେବେ ସେ ନିଜ ଚିକିତ୍ସା ବଦଳରେ ଏକାଧିକ ପତ୍ନୀଙ୍କ ପାଇଁ ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲେ । ଜାଲ୍ ସାର୍ଟିଫିକେଟ ଦେଇ ରାଉରକେଲାର ନୂଆଗାଁ ଡାକ୍ତରଖାନାରେ ୩ ବର୍ଷ ହେଲା ଚାକିରି କରିଥିବା ଜଣେ ନକଲି ଡାକ୍ତରଙ୍କୁ ୨୦୧୯ରେ ଗିରଫ କରାଯାଇଥିଲା । ଏପରି ନକଲି ଡାକ୍ତରଙ୍କ ତାଲିକା ବହୁ ଲମ୍ବା । ବଡ଼ କଥା ହେଲା ଏପରି ଠକଙ୍କ ଆଗରେ ପ୍ରଶାସନ ସତେ ଯେପରି ପୂରା ଅସହାୟ ହୋଇପଡୁଛି । ନକଲି ଡାକ୍ତର ଧାରାରେ ବ୍ରେକ୍ ଲାଗିପାରୁ ନାହିଁ ।

ଏ ସମ୍ପର୍କରେ ଓମ୍‌ସା ସଭାପତି ଡାକ୍ତର ନାରାୟଣ ରାଉତ କହିଛନ୍ତି ପାଠ୍ୟକ୍ରମ ଶେଷ କରିବା ପଣେ ଜଣେ ଡାକ୍ତର ଓଡ଼ିଶା ମେଡିକାଲ କାଉନସିଲ୍‌ରେ ପଞ୍ଜିକୃତ ହେଉଛନ୍ତି । ସେହିପରି ସରକାର ଗଠନ କରିଥିବା କମିଟି ରାଜ୍ୟର ସମସ୍ତ ଏଲୋପାଥିକ୍ ଡାକ୍ତରଙ୍କ ଯାଞ୍ଚ କରିଛି ଏବଂ ସେଥିରୁ କେହି ନକଲି ଡାକ୍ତର ଚିହ୍ନଟ ହୋଇନାହାନ୍ତି । ତେବେ ରାଉରକେଲା ସରକାରୀ ଡାକ୍ତରଖାନାରେ କେମିତି ଜଣେ ନକଲି ଡାକ୍ତର ରହିଗଲେ, ତାହା ସମ୍ପୃକ୍ତ କର୍ତ୍ତୃପକ୍ଷ ସ୍ୱଷ୍ଟ କରିପାରିବେ ବୋଲି ସେ କହିଛନ୍ତି ।

# ଲୋକ ଅଦାଲତ ଦ୍ୱାରା ଜାରି ଆଦେଶ ସ୍ୱାଧୀନ ନ୍ୟାୟିକ ବିଚାର ନୁହେଁ: ହାଇକୋର୍ଟ

**କଟକ, ୨୯।୬ (ସମିସ):** ଲୋକ ଅଦାଲତଗୁଡ଼ିକ ଜାରି କରୁଥିବା ଆଦେଶ ସ୍ୱାଧୀନ ନ୍ୟାୟିକ ବିଚାର ନୁହେଁ; ବରଂ ଏହା ପକ୍ଷଙ୍କ ସହମତିରେ ହୋଇଥିବା ଆପୋଷ ବୁଝାମଣାର ଏକ କାର୍ଯ୍ୟନିର୍ବାହୀ ଆଦେଶ ବୋଲି ଓଡ଼ିଶା ହାଇକୋର୍ଟ କହିଛନ୍ତି । ଲୋକ ଅଦାଲତଗୁଡ଼ିକ ନିୟମିତ ଅଦାଲତର ଭୂମିକା ନିର୍ବାହ କରିବାକୁ ହେଲେ ସେମାନଙ୍କର ପ୍ରଲୋଭନକୁ ପ୍ରତିରୋଧ କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ହାଇକୋର୍ଟ । ବଲାଙ୍ଗୀର ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷଙ୍କ ଏକ ଆଦେଶକୁ ଚାଲେଞ୍ଜ କରି ବଲାଙ୍ଗିର ଟାଉନ ରେଳ ଷ୍ଟେସନ ମ୍ୟାନେଜରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷ ଦୁଇଜଣ ଆଇନଜୀବୀଙ୍କ ପକ୍ଷରୁ ଟିଟଲାଗଡ଼ ଓ ବଲାଙ୍ଗୀର ଷ୍ଟେସନରେ ରେଳ କୋଚ୍ ଚିହ୍ନଟ ଫଳକ ଲଗାଇବା ପ୍ରାର୍ଥନା କରି ସ୍ଥାୟୀ ଲୋକଅଦାଲତରେ ଏକ ମାମଲା ରୁଜୁ କରିଥିଲେ । ବିଶେଷକରି ଏହି ଫଳକ ବା କୋଚ୍ ଇଣ୍ଡିକେସନ୍ ବୋର୍ଡ ନ ଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇଥିଲେ । ଲୋକ ଅଦାଲତ ଏହି ମାମଲାରେ କୋଚ ଇଣ୍ଡିକେସନ୍ ବୋର୍ଡ ପାଇଁ ଅର୍ଥ ମଞ୍ଜୁର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହା ରେଳବାଇ ନୀତିର ଅଂଶ ବିଶେଷ ହୋଇଥିବା ଷ୍ଟେସନ୍ ମ୍ୟାନେଜର୍ ଏହାକୁ କାର୍ଯ୍ୟକାରୀ କରିବା କ୍ଷମତା ବହିର୍ଭୂତ । ସେହିପରି ରେଳବାଇ ସର୍କୁଲାର ଅନୁସାରେ ଏ, ବି, ସି, ଡି, ଇ ଓ ଏଫ ବର୍ଗର ଷ୍ଟେସନକୁ ଏହି ବ୍ୟବସ୍ଥା ଉପଲବ୍ଧ କରିବାର ନିୟମ ନାହିଁ ଯେଉଁଠି ଏହି ଷ୍ଟେସନ ବି ବର୍ଗଭୁକ୍ତ ଅଟେ । ଲୋକ ଅଦାଲତଙ୍କ ଆଦେଶ ତାଙ୍କ କ୍ଷମତା ପରିସରଭୁକ୍ତ ନୁହେଁ ବରଂ ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଲୋକ ଅଦାଲତଙ୍କ ଗତ ୨୦୧୪ ଜୁଲାଇ ୪ର ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଲୋକ ଅଦାଲତଙ୍କ କ୍ଷମତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ।



# ଆଷାଢ଼ରେ ଧୋକା ଦେଲା ମୌସୁମୀ, ଆଗେଇ ପାରୁନି ଚାଷ

**ସମ୍ବଲପୁର, ୨୯।୬(ସମିସ)**

ପାଣିପାଗରେ ପରିବର୍ତ୍ତନ ଯୋଗୁଁ ଚଳିତ ବର୍ଷ ମୌସୁମୀ ଚାଷୀକୂଳକୁ ଧୋକା ଦେଇଛି। ଆଷାଢ଼ ମାସ ଶେଷ ହେବାକୁ ବସିଛି ହେଲେ ବର୍ଷାର ଦେଖାନାହିଁ। ଜୁନ ମାସରେ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଫଳରେ ଧାନଚାଷ ସହିତ ଅଣଧାନ ଚାଷକାର୍ଯ୍ୟ ପ୍ରଭାବିତ ହୋଇଛି। ବିଶେଷ ଭାବେ ଅଣଜଳ ସେଚିତ ଅଞ୍ଚଳରେ ଚାଷ କାର୍ଯ୍ୟ ଠପ ହୋଇ ପଡ଼ିଛି। ପ୍ରାୟ ୨୦ ଦିନ ବିଳମ୍ବରେ ଚାଷ ଚାଲିଛି ବୋଲି ଚାଷୀମାନେ କହୁଛନ୍ତି। ଅନ୍ୟପଟେ ଜଳସେଚିତ ଅଞ୍ଚଳରେ ମଧ୍ୟ କେନାଲ ପାଣି ଛାଡ଼ିବାରେ ପ୍ରାୟ ୧୫ ଦିନ ବିଳମ୍ବ ହୋଇଛି। ତେଣୁ ଏହି ଅଞ୍ଚଳର ଚାଷ ମଧ୍ୟ ବିଳମ୍ବ ହୋଇଛି। ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ୱଳ୍ପ ବୃଷ୍ଟିପାତ ଚାଷୀଙ୍କ ଚିନ୍ତା ବଢ଼ାଇଦେଇଛି। ଗତ ମେ' ମାସରେ ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ଧାନ ଅମଳ ସମୟରେ ବର୍ଷା ହୋଇ ଫସଲ ନଷ୍ଟ ହୋଇଥିଲା। ଜୁନ ମାସରେ ମଧ୍ୟ ଚାଷ କାର୍ଯ୍ୟ ହେବା ଭଳିଆ ବର୍ଷା ହୋଇ ପାରିଲା ନାହିଁ। ଚାଷୀମାନେ କେବଳ ଜମିରେ ଶୁଖାଜୋତା କରି ପାରିଥିଲେ। କେତେକ ବ୍ଲକରେ ତାହା ମଧ୍ୟ ହୋଇ ପାରିନାହିଁ। ଖରିଫ ଚାଷ ପାଇଁ ଜମି କର୍ଷଣ ସକାଶେ ଚାଷୀମାନେ ପ୍ରସ୍ତୁତ ଥିବା ବେଳେ ବର୍ଷା ଚାଷୀଙ୍କୁ ଆତଙ୍କିତ କରିଦେଇଛି। ଜିଲ୍ଲାର ୯ ବ୍ଲକରେ ଏଭଳି ଅବସ୍ଥା ରହିଛି। ଚାଷୀମାନେ ତଳି ପକାଇବା, ବିଲ ପ୍ରସ୍ତୁତ କରିବା ପାଇଁ ମଧ୍ୟ ପାଣି ସମସ୍ୟା ଦେଖା ଦେଇଛି। ବୁଣାଧାନ ଚାଷରେ ଆହୁରି ପ୍ରଭାବିତ ହୋଇଛି। ଧାନ ଗଛ ହେବା ସମୟରେ ବର୍ଷା ନହେବାକୁ ଜମି ଶୁଖିଲା ପଡ଼ୁଛି। ଚାଷୀମାନେ ବର୍ଷାକୁ ଚାହିଁ ବସିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ନାଗ କହିଛନ୍ତି ଯେ, ଚଳିତ ଖରିଫ ଚାଷ ପାଇଁ ବର୍ଷା ବିଳମ୍ବ ହୋଇଛି। ମାତ୍ର ବର୍ତ୍ତମାନ ସୁଦ୍ଧା ଏହା ଚିନ୍ତାଜନକ ନୁହେଁ। ଆଗାମୀ ଦିନରେ ଯଦି ବର୍ଷା ବିଳମ୍ବିତ ହୁଏ ତେବେ ଏହା ଚାଷ କାର୍ଯ୍ୟକୁ ପ୍ରଭାବିତ କରିପାରେ। ଅଳଜଳସେଚିତ ଅଞ୍ଚଳରେ ମଧ୍ୟ ବୁଣାଧାନ ଚାଷରେ କୌଣସି କ୍ଷତି ହୋଇଥିବା ନେଇ ରିପୋର୍ଟ ବିଭାଗର ହସ୍ତଗତ ହୋଇନାହିଁ।

## ନିଅାଣ୍ଟିଆ ବର୍ଷା, ଚାଷୀ ହତାଶ





## ସମ୍ବଲପୁର ଜିଲ୍ଲାରେ ନୈରାଶ୍ୟଜନକ ବୃଷ୍ଟିପାତ

ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ହେଉଥିବା ବେଳେ ଏହାର ପ୍ରତିକୂଳ ପ୍ରଭାବ ସିଧାସଳଖ ବିଭିନ୍ନ ଅଞ୍ଚଳରେ ପଡୁଛି। ସମ୍ବଲପୁର ଜିଲ୍ଲାରେ ଅନିୟମିତ ବୃଷ୍ଟିପାତ ହାର ସ୍ପଷ୍ଟ ବାରି ହେଉଛି। ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପ ଅସହ୍ୟ ହେବାରେ ଲାଗିଛି। ଗ୍ରୀଷ୍ମ ଋତୁ ମଝିରେ ମଝିରେ ପୂର୍ବରୁ ହେଉଥିବା ଅସରାଏ ଲେଖାଁ ବର୍ଷା ଆଉ ପ୍ରାୟ ହେଉନାହିଁ। ବର୍ଷାଋତୁରେ ମଧ୍ୟ ଅନିୟମିତ ବୃଷ୍ଟିପାତ ଚିନ୍ତାର କାରଣ ହୋଇଛି। ଦିନକୁ ଦିନ ବୃଷ୍ଟିପାତ ହାର ହ୍ରାସ ପାଉଥିବା ବେଳେ ଏହାର ପ୍ରଭାବରେ ଭୂତଳ ଜଳସ୍ତର କମି କମି ଯାଉଥିବା ପରିଲକ୍ଷିତ ହେଉଛି ପରିବେଶ ହନନ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ବ୍ୟାପକ ଜଙ୍ଗଲ ଧ୍ୱଂସ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଏକ କାରଣ ବୋଲି ସମସ୍ତେ ଅବଗତ ଥିଲେ ସୁଦ୍ଧା ପରିବେଶ ସୁରକ୍ଷା ଦିଗରେ ଅଣଦେଖା କରି ଚାଲିଛନ୍ତି। ସମ୍ବଲପୁର ଜିଲ୍ଲା ଦେଇ ମହାନଦୀ ଭଳି ବୃହତ ନଦୀ ପ୍ରବାହିତ ହେଉଥିବା ବେଳେ ଉପଯୁକ୍ତ ଜଳ ପରିଚାଳନାରେ ଥିବା ତ୍ରୁଟି ଯୋଗୁଁ ପ୍ରତିବର୍ଷ ମୌସୁମୀ ବର୍ଷା ବେଳେ ପାଣି ବହିଯାଉଛି। ମହାନଦୀରେ ଥିବା ହୀରାକୁଦ ଜଳଭଣ୍ଡାର ମଧ୍ୟ ପରିବେଶଗତ ସମସ୍ୟାର ସମ୍ମୁଖୀନ ହେଉଛି। ଜଳଭଣ୍ଡାରରେ ପଟୁ ଭର୍ତ୍ତି ହୋଇ ଯାଉଥିବାରୁ ଜଳଧାରଣ କ୍ଷମତା ମଧ୍ୟ କମିଯିବା ଉଦ୍‌ବେଗ ବଢ଼ାଇ ଦେଉଛି। ଗ୍ରୀଷ୍ମଋତୁରେ ମହାନଦୀ ସମ୍ପୂର୍ଣ୍ଣ ଶୁଷ୍କ ହୋଇ ପଡୁଛି। ଛତିଶଗଡ଼ରେ ନିର୍ମାଣ ହୋଇଥିବା ବ୍ୟାରେଜ ଯୋଗୁଁ ଜଳପ୍ରବାହ ବାଧାପ୍ରାପ୍ତ ହେଉଥିବା ନେଇ ମଧ୍ୟ ବହୁ ପରିବେଶବିତ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ ଏହାକୁ ନେଇ ଟ୍ରିବ୍ୟୁନାଲରେ ମାମଲା ବିଚାରଧୀନ ରହିଛି। ଜିଲ୍ଲାରେ ଗତ ୪/୫ ବର୍ଷ ଧରି ବୃଷ୍ଟିପାତ ହାର କମି କମି ଯାଉଥିବା ଲକ୍ଷ୍ୟ କରାଯାଉଛି। ଚଳିତ ବର୍ଷ ଜିଲ୍ଲାରେ ସାଧାରଣ ବୃଷ୍ଟିପାତ ହାର କମ ରହିବ ବୋଲି ପାଣିପାଗ ବିଶେଷଜ୍ଞ ମାନେ ମତବ୍ୟକ୍ତ କରି ସାରିଛନ୍ତି। ସାଧାରଣତଃ ମାର୍ଚ୍ଚ ରୁ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ହୋଇଥାଏ। ଜିଲ୍ଲାର ସାଧାରଣ ବୃଷ୍ଟିପାତ ହାର ମଇ ମାସରେ ୩୨.୩ ମିମି, ଜୁନ ମାସରେ ୨୧୭.୩ ମିମି, ଜୁଲାଇ ମାସରେ ୪୦୨.୫ ମିମି ଓ ଅଗଷ୍ଟ ମାସରେ ୪୩୨ ମିମି ରହିଥାଏ। ଜିଲ୍ଲାରେ ଗତ ମଇ ମାସରେ ୫୨.୯୭ ମିମି ଓ ଜୁନ ମାସ ୨୯ ତାରିଖ ସୁଦ୍ଧା ୧୫୧.୪୬ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ୨୦୨୦ ରୁ ୨୦୨୨ ତିନ ବର୍ଷ ମଇ ମାସରେ ସାଧାରଣ ବୃଷ୍ଟିପାତ ଠାରୁ ଅଧିକ ବୃଷ୍ଟିପାତ ରେକର୍ଡ କରାଯାଇବା ବେଳେ ୨୦୨୩ରେ ଏହା କମି ଯାଇଥିଲା। ଚଳିତ ଜୁନ ମାସରେ ହରାହାରି ବୃଷ୍ଟିପାତ ଠାରୁ ବହୁ କମ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି।

### ଜିଲ୍ଲାରେ ଗତ ୫ ବର୍ଷର ବୃଷ୍ଟିପାତ ହାର

| ବର୍ଷ | ମଇ | ଜୁନ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର |
|---|---|---|---|---|---|
| ୨୦୧୯ | ୧୪.୯୪ | ୧୪୦.୩୨ | ୩୧୧.୯୨ | ୪୯୨.୫୬ | ୩୭୭.୩୦ |
| ୨୦୨୦ | ୪୨.୭୧ | ୩୨୧.୧୧ | ୨୬୧.୨୨ | ୬୬୮.୩୯ | ୨୬୧.୬୨ |
| ୨୦୨୧ | ୧୩୫.୦୯ | ୧୯୮.୮୪ | ୩୧୦.୧୧ | ୬୬୮.୩୯ | ୨୬୧.୬୨ |
| ୨୦୨୨ | ୭୬.୩୧ | ୧୨୬.୦୮ | ୩୨୭.୨୬ | ୫୪୩.୫୨ | ୧୭୩.୬୯ |
| ୨୦୨୩ | ୨୫.୮୨ | ୨୦୬.୬୮ | ୪୧୩.୮୨ | ୪୬୬.୭୨ | ୨୯୭.୧୨ |
| ୨୦୨୪ | ୫୨.୯୭ | ୧୫୧.୪୬ | | | |

## ୬ କେଜି ଗଞ୍ଜେଇ ସହ ବାଇକ୍ ଜବତ, ୧ ଗିରଫ

**ରେଢ଼ାଖୋଲ, ୨୯।୬(ସମିସ):** ଅବକାରୀ ବିଭାଗ ପକ୍ଷରୁ ରେଢ଼ାଖୋଲ ଥାନା ପୁରୁଣାଗଡ଼ ଛକ ନିକଟରେ ୬ କେଜି ଗଞ୍ଜେଇ ସହିତ ଏକ ବାଇକ ଓଆର୍ ୧୨ ଏ ୪୫୩୨ ଜବତ କରିଛନ୍ତି। ୬ କେଜି ଗଞ୍ଜେଇ ସହ ବାଇକ୍ ଜବତ କରିଛି। ୧ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୌଦ୍ଧ ଜିଲ୍ଲା ବଡବାଗବର୍ ଗ୍ରାମର ମନୋଜ ମହାନନ୍ଦିଆ (୫୦)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ସହରର ସ୍ଥାନୀୟ ପୁରୁଣାଗଡ଼ ଛକ ନିକଟରେ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଅବକାରୀ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ଯୁବକ ଜଣଙ୍କ ବୌଦ୍ଧ ଅଞ୍ଚଳରୁ ରେଢ଼ାଖୋଲ ଅଭିମୁଖେ ଦୃତ ଗତିରେ ଏକ ବାଇକ୍ ଯୋଗେ ଆସୁଥିଲେ। ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରାଯାଇଥିଲା। ଉକ୍ତ ଯୁବକଙ୍କ ବାଇକରୁ ୬ କେଜି ଗଞ୍ଜେଇ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଉକ୍ତ ଅଭିଯୁକ୍ତ ଯୁବକକୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗ ଅଧିକାରୀ ଦୁର୍ବଦଳ ବିଶ୍ୱାଳ, ଏସ୍‌ଆଇ ଯାଦବ ପ୍ରଧାନ, ଏଏସ୍‌ଆଇ ଜିତେନ୍ଦ୍ର ପଟେଲ ସମେତ ଅବକାରୀ ବିଭାଗ କର୍ମଚାରୀ ଜଗନ୍ନାଥ ମୁଣ୍ଡା, ଶାନ୍ତାନୁ ବେହେରା, ରାକେଶ ମହାନ୍ତି ପ୍ରମୁଖ ସାମିଲ ରହିଥିଲେ।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

**ଝୁଝୁମୁରା, ୨୯।୬(ସମିସ):** ଝୁଝୁମୁରା ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ବିଜୟ ସାଏ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ସମ୍ପର୍କିତ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମମତା ନାଏକ, ଉପାଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ ସାହୁ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଶିକ୍ଷା ବିଭାଗ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତଙ୍ଗର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏଡ ଏଟ ଆକ୍ସନର ଜିଲ୍ଲା ସଂଯୋଜିକା ସୁନିତା ତ୍ରିପାଠୀ ପରିଚାଳନା କରିଥିଲେ। ବ୍ଲକ ସଂଯୋଜିକା ମୀନାକ୍ଷୀ ରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମୁକ୍ତିଧାମ ନିର୍ମାଣ ଓ ଜମି ଆବଣ୍ଟନ ପାଇଁ ଦାବି



**ବାମରା, ୨୯।୬(ସମିସ):** ବାମରା ଷ୍ଟେସନ ବସ୍ତି ବାଘପଡ଼ା ଘାଟି ମୁକ୍ତିଧାମ୍ ନାମରେ ଜମି ପଟ୍ଟା ଓ ଭବ୍ୟ ମୁକ୍ତିଧାମ ନିର୍ମାଣ ପାଇଁ ବାମରା ମୁକ୍ତିଧାମ ନିର୍ମାଣ କମିଟି ପକ୍ଷରୁ ବାମରା ତହସିଲଦାର, ବିଡ଼ିଓ, ସମ୍ବଲପୁର ସାଂସଦ ତଥା କେନ୍ଦ୍ରୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତି ରାଜମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ଜିଲ୍ଲାପାଳ ଓ କୁଚିଣ୍ଡା ଉପ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶ ସ୍ୱାଧୀନତା ହେବାର ୭ ଦଶନ୍ଧି ପରେ ମଧ୍ୟ ବାମରାରେ ହିନ୍ଦୁ ମାନଙ୍କ ପାଇଁ କୌଣସି ବି ସରକାର ଜମି ପଟ୍ଟା ନ କରିବାରୁ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ଦେଖା ଦେଇଛି। ଅନ୍ୟ ଏକ ସମ୍ପ୍ରଦାୟକୁ ଜମି ଦିଆଯାଇଛି। ପାଚେରୀ ମଧ୍ୟ ନିର୍ମାଣ କରାଯାଇଛି। ହେଲେ ହିନ୍ଦୁମାନେ ଶହ ଶହ ବର୍ଷରୁ ବାମରା ବାଘପଡ଼ା ଘାଟି ସ୍ଥିତ ୧୦ ଏକର ଜମି ପରିସରରେ ଅନ୍ତିମ ସଂସ୍କାର କରି ଆସୁଛନ୍ତି। ମାତ୍ର ଜମି ମାଫିଆଙ୍କ ଦ୍ୱାରା ମୁକ୍ତିଧାମ ଓ ସହ ସହ ସମାଧି ଗୁଡ଼ିକୁ ବୁଲ୍ଡୋଜର ଲଗାଇ ଧୂଳିସାତ କରିଦିଆଯାଇଥିଲା। ଗ୍ରାମବାସୀ ମାନେ ବିରୋଧ କରିବାରୁ ଜମି ମାଫିଆ ଓ ମୁଷ୍ଟିମେୟ ନେତାଙ୍କ ଇସାରାରେ ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ହଇରାଣ ହରକତ କରାଯାଇଥିଲା। ଦାବି ପତ୍ର ପ୍ରଦାନ କରିବା ବେଳେ ମୁକ୍ତିଧାମ କମିଟିର ମହେନ୍ଦ୍ର ଚୌଧୁରୀ, ଜ୍ୟୋତି କୁମାର ଲାଠ, ସନ୍ତୋଷ ପାଣ୍ଡେ, ନରେଶ ସିଂହ ଠାକୁର, ବିଷ୍ଣୁ ଅଗ୍ରୱାଲ, ପ୍ରତୀକ ଅଗ୍ରୱାଲ, ରାହୁଲ ସାହୁ, ଚଙ୍କି ଉପାଧ୍ୟାୟ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ। ଶୀଘ୍ର ଜମି ଆବଣ୍ଟନ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଅନୁରୋଧ କରିଥିଲେ।

## ନାଳାରେ କୁଢ଼ କୁଢ଼ ଆବର୍ଜନା, ରାସ୍ତାରେ ଅପରିଷ୍କାର ବର୍ଷା ପାଣି

**କୁଚିଣ୍ଡା, ୨୯।୬(ସମିସ):** ବହୁ ଦିନ ଆଗରୁ ବିଭିନ୍ନ ଖବର କାଗଜ ମାଧ୍ୟମରେ କୁଚିଣ୍ଡା ଏନଏସିର ନାଳ, ନର୍ଦ୍ଦମାକୁ ସଫା ସୁତରା ରଖାଯିବା ପାଇଁ ସୂଚିତ କରାଯାଇଥିଲା। ଯଦି ଏନଏସି ସହରରେ ଥିବା ନାଳା ଗୁଡ଼ିକ ବର୍ଷା ଦିନ ଆଗରୁ ସଫା ସୁତରା କରାନଯାଏ ତାହାଲେ ଆଗାମୀ ଦିନରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଏଣେ ତେଣେ ମଇଳା ପାଣି ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ଥିବାର ପ୍ରକାଶ ପାଇଥିଲା। ତଥାପି ଏନଏସି ସେଥିପ୍ରତି ଧ୍ୟାନ ଦେଇନଥିଲେ। ଶୁକ୍ରବାର ଅପରାହ୍ନରେ ବର୍ଷା ହେବା ଫଳରେ ଦୈନିକ ବଜାର ପଛ ପଟ ତଥା ଅଙ୍ଗନବାଡି ସମ୍ମୁଖ ନାଳରେ ଆଗରୁ ମଇଳା ଜମି ନାଳା ବନ୍ଦ ରହିଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ପାରିନଥିଲା। ଯାହା ଫଳରେ ରାସ୍ତା ଉପରେ ଅପରିଷ୍କାର ପାଣି, କାଚ ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ, ପ୍ଲାଷ୍ଟିକ ଜରି ଆଦି ରାସ୍ତା ଉପରେ ଭାସୁଥିବାରୁ ଦେଖିବାକୁ ମିଳିଥିଲା। କୁଚିଣ୍ଡା ବସଷ୍ଟାଣ୍ଡ ଶୌଚଳାୟରୁ ନିର୍ଗତ ମଇଳା ପାଣି ଏଇ ନାଳାରେ ପ୍ରବାହିତ ହୋଇଥାଏ। ହେଲେ ଏହି ନାଳାର ବହୁ ସ୍ଥାନରେ କାନ୍ଥ ଭାଙ୍ଗି ନାଳାକୁ ଅବରୋଧ ତ କେଉଁ ସ୍ଥାନରେ କୁଢ଼ କୁଢ଼ ମଇଳା ଜମି ରହି ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି ଏବଂ ରାସ୍ତା ଉପରକୁ ଶୌଚଳାୟ। ସର୍ବସାଧାରଣ ପରିଶ୍ରାଗାରର ପରିଶ୍ରା ରାସ୍ତା ଉପରେ ପ୍ରଭାବିତ ହୋଇଥାଏ ହେଲେ ଏପରି ଅନେକ ଥର ଖବର ପ୍ରକାଶ ପରେ ବି ଏନଏସି ଏଦିଗରେ ତତ୍ପର ଦେଖାଉ ନାହିଁ। ଠିକ ସେ ସଫା ସୁତୁରା କରାଉ ନଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବାରୁ ଜନ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।



## ଝୁଝୁମୁରାରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଝୁଝୁମୁରା, ୨୯।୬(ସମିସ):** ଝୁଝୁମୁରା ବ୍ଲକ ଅଫିସ ପରିସରରେ ଥିବା ସମ୍ମିଳନୀ କକ୍ଷରେ ବୁଧବାର ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକର ଜିପିଡିଓ ଲାଲ ମୋହନ ବୁଡେକ ଓ ବାହାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହୃଷୀକେଶ ବଗର୍ତ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଡିଓ ବିଜୟ ସାଏଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ସନାତନ କେଛୋ, ଏପିଓ ବିଶ୍ୱ ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସହ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଜଣ୍ଡିସ୍ ଓ ରକ୍ତ ଶିକୁଳି ଉପରେ ସଚେତନତା ଶିବିର



**ସମ୍ବଲପୁର, ୨୯।୬(ସମିସ):** ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଭୁତାପଡ଼ା ପକ୍ଷରୁ ୱାର୍ଡ ନମ୍ବର ୩୩ ଅନ୍ତର୍ଗତ ହିନ୍ଦ୍ କ୍ଲବ ଠାରେ ଜଣ୍ଡିସ ରୋଗ ଓ ରକ୍ତଶିକୁଳି ଉପରେ ଏକ ସଚେତନତା ସଭାର ଆୟୋଜନ ହୋଇଥିଲା। ଏଥିରେ ଜିଲ୍ଲା ମହାମାରୀ ରୋଗ ବିଶେଷଜ୍ଞ ଡା.ଜ୍ଞାନରଞ୍ଜନ ଦାସ, ସିଟି ପ୍ରୋଗ୍ରାମ ମ୍ୟାନେଜର ନିକୁ ରଞ୍ଜନ ପଢ଼ିଆରୀ, ଡାଟା ମ୍ୟାନେଜର ପ୍ରଧାନ ଯୋଗ ଦେଇ ଦଜଣ୍ଡିସ ରୋଗ ର କାରଣ, ନିରାକରଣ, ଚିକିତ୍ସା ଉପରେ ଆଲୋକପାତ କରିଥିଲେ, ଯାହାଫଳରେ ଜନସାଧାରଣ ତଥା ମହିଳା ଆରୋଗ୍ୟ ସମିତି ର ସଦସ୍ୟ ମାନଙ୍କ ମଧ୍ୟରେ ଥିବା ଅନେକ ଆଶଙ୍କା ଦୂରୀକରଣ ହୋଇପାରିଥିଲା। ସିଟି ପ୍ରୋଗ୍ରାମ ମ୍ୟାନେଜର ରକ୍ତ ଶିକୁଳି ପରୀକ୍ଷା କରିବାର ତାତ୍ପର୍ଯ୍ୟ ଏବଂ ଏହା ଉପରେ ଥିବା ଅନ୍ଧବିଶ୍ୱାସ ଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି ସଚେତନତା ସଭାରେ ଗୌରାଙ୍ଗ ମହିଳା ସମିତି, ଓମ୍ ଶାନ୍ତି ମହିଳା ଆରୋଗ୍ୟ ସମିତି, ସୁରକ୍ଷା ମହିଳା ଆରୋଗ୍ୟ ସମିତି ର ସଦସ୍ୟା ମାନେ ଯୋଗଦାନ କରିଥିଲେ। ଏହି ଅବସରରେ ମହିଳା ଆରୋଗ୍ୟ ସମିତି ପକ୍ଷରୁ ଏକ ରାଲି ର ଆୟୋଜନ କରାଯାଇଥିଲା ଏବଂ ଜନସାଧାରଣ ମାନଙ୍କୁ ସଚେତନତା ପ୍ରଦାନ କରାଯାଇଥିଲା। ସଭାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ଭୂତାପଡ଼ା ତରଫରୁ ରକ୍ତଶିକୁଳି ପରୀକ୍ଷଣ ର ଆୟୋଜନ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସମ୍ବଲପୁରୀ ବହିହାଟ୍ ଉଦ୍‌ଘାଟିତ

# 'ଲେଖକ ସମାଜମୁହାଁ ହେଲେ ଲେଖା ସଫଳ ହୋଇଥାଏ'

**ସମ୍ବଲପୁର, ୨୯।୬(ସମିସ)**

କଲମ ପରିବାର ସମ୍ବଲପୁର ଓ ଘଣ୍ଟି ସାହିତ୍ୟ ଘର ଚିପିଲିମାର ମିଳିତ ଉଦ୍ୟମରେ ଦ୍ୱିତୀୟ ସମ୍ବଲପୁରୀ ବହିହାଟ୍ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପଯୋଗିତା କେନ୍ଦ୍ରରେ ଏହି ସ୍ୱତନ୍ତ୍ର ଦୁଇଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ ଏଭଳି ବହିହାଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି କାର୍ଯ୍ୟକ୍ରମ ଆୟୋଜନରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ସହଯୋଗ ନିଶ୍ଚିତ ଭାବରେ ରହିବ ବୋଲି ପ୍ରକାଶ କରିଥିଲେ। କଲମ ପରିବାର ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ, ଯୋଗାଚାର୍ଯ୍ୟ ପ୍ରଫେସର ଜୟଦେବ ଡନସନାଙ୍କୁ କଲମ ଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦଘାଟନ ଉତ୍ସବରେ ପ୍ରଫେସର ଡନନସନାଙ୍କ କବିତା ସଙ୍କଳନ ସେତୁ, ଡ. ଦ୍ୱାରିକାନାଥ ନାୟକଙ୍କ ନିଜସ୍ୱ ସଂଳାପ(ଦ୍ୱିତୀୟ ସଂସ୍କରଣ) ଡ. ପ୍ରିୟବ୍ରତ ପଣ୍ଡାଙ୍କ ଏ ବୁକ୍ ଅନ୍ ସମ୍ବଲପୁରୀ ହେଣ୍ଡଲୁମ୍ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ପ୍ରଦୀପ କୁମାର ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ଡ. ଦ୍ୱାରିକାନାଥ ନାୟକ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଆବାହକ ତଫିଜୁଲ ହୋସେନ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ଡ. ପ୍ରିୟବ୍ରତ ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ସମ୍ବଲପୁରୀ ସାହିତ୍ୟିକ କେଖକ ପାଠକ ଓ ପ୍ରକାଶକଙ୍କ ମଧ୍ୟରେ ସମନ୍ୱୟ ଶୀର୍ଷକ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଡ. ପ୍ରଦୀପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ଶଶାଙ୍କ ଶେଖର ପଣ୍ଡା, କୁମୁଦ ଚନ୍ଦ୍ର ଦାଶ, ଲକ୍ଷ୍ମୀ ନାରାୟଣ ହୋତା ଯୋଗ ଦେଇଥିଲେ। ବକ୍ତାମାନେ ବହି କିଣି ପଢ଼ିବା ଉପରେ ଗୁରୁତ୍ୱାରୋପ କରିବା ସହ ସମ୍ବଲପୁରୀ ଭାଷାର ସ୍ଥିତି ବର୍ତ୍ତମାନ ଭଲ ରହିଥିବା ଓ ପାଠକଙ୍କ ଅଭାବ ନଥିବା କହିଥିଲେ। ବହି କଣିବାର ମାନସିକତା ବୃଦ୍ଧି ପାଇଲେ ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାର ଘଟିବ ବୋଲି ବକ୍ତାମାନେ ଆଶବ୍ୟକ୍ତ କରି ପାଠକଙ୍କ ମନର କଥା ଲେଖକଙ୍କ ସୃଷ୍ଟିରେ ସ୍ଥାନୀତ ହେଲେ ରଚନାଟି ସଫଳ ହୋଇଥାଏବୋଲି କହିଥିଲେ। ପାଠକ ମଧ୍ୟ ଲେଖାକୁ ଧର୍ଯ୍ୟର ସହ ପଢ଼ିବା ଉଚିତ। ଲେଖକ ସମାଜ ମୁହାଁ ହେଲେ ଲେଖା ସଫଳ ହୋଇଥାଏ ବୋଲି ଆଲୋଚନା ଚକ୍ରରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ଡ. ପଦ୍ମାଳୟା ପଣ୍ଡା ସମ୍ବଲପୁରୀ ସାହିତ୍ୟ କଥା ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଉପସଭାପତି ସତ୍ୟନାରାୟଣ ଠାକୁର ସଂଯୋଜନା କରିଥିଲେ। ତୃତୀୟ ପର୍ଯ୍ୟାୟରେ ହାଇସ୍କୁଲ ଓ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ଲିଖିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜରୁ ଆସିଥିବା ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆସନ୍ତା କାଲି ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ। କାର୍ଯ୍ୟକ୍ରମକୁ ଶ୍ରୀ ଠାକୁରଙ୍କ ସହ ଅନନ୍ୟା ବେହେରା, ସ୍ୱଙ୍ଗ ପ୍ରକାଶ ପଣ୍ଡା, ତରଣିସେନ ମୋହର, ସୁଧାଂଶୁ ଷଣ୍ଢ ପ୍ରମୁଖ ପରିଚାଳନା କରିଥିଲେ। ସମ୍ବଲପୁରୀ ବହି ହାଟରେ ଆଜି ଜନସାଧାରଣଙ୍କ ସହ ଛାତ୍ରଛାତ୍ରୀଙ୍କ ସମାଗମ ହୋଇଥିଲା। ଏହି ଅବସରରେ ରେଡକ୍ରସ ପକ୍ଷରୁ ଖୋଲିଥିବା ମାଗଣା ପୁସ୍ତକ ଷ୍ଟଲରୁ ବହୁ ଛାତ୍ରଛାତ୍ରୀ ମାନେ ପାଠ୍ୟପୁସ୍ତକ ସଂଗ୍ରହ କରିଥିଲେ। ଆସନ୍ତା କାଲି ପ୍ରବନ୍ଧ ପାଠ ସହ କବିତା ଆସର ଅନୁଷ୍ଠିତ ହେବ। ବହିହାଟ୍ ମଧ୍ୟ ସକାଳ ୧୦ ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।





- ସାହିତ୍ୟ ପ୍ରଚାର ପ୍ରସାରରେ ବହିହାଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ
- ପ୍ରଫେସର ଜୟଦେବ ଡନସନାଙ୍କୁ କଲମଶ୍ରୀ ସମ୍ମାନ

## ବର୍ଷା ପରେ ପଦ୍ମପୁର ଚାଷୀ ମୁହଁରେ ହସ



**ପଦ୍ମପୁର, ୨୯।୬ (ସମିସ):** ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ତାତି ଲୋକଙ୍କୁ ଅସ୍ତବ୍ୟସ୍ତ କରୁଥିବା ବେଳେ ଲଘୁଚାପଜନିତ ବର୍ଷା ଚାଷୀ ମୁହଁରେ ହସ ଫୁଟାଇଛି। ପଦ୍ମପୁର ଅଞ୍ଚଳର ପ୍ରାୟ ୫୦ ଭାଗ ଚାଷୀ ଖରଡ଼ି ଧାନ ବୁଣି ସାରିଥିଲେ ମାତ୍ର ମୌସୁମୀ ବର୍ଷାର ଅନିୟମିତତା ସେମାନଙ୍କୁ ଚିନ୍ତାରେ ପକାଉଥିଲା। ଗତକାଲି ଲଘୁଚାପ ବର୍ଷାରେ ପଦ୍ମପୁରରେ ୬୪ ମିମି, ଝାରବନ୍ଧରେ ୭୫ ମି ମି, ପାଇକମାଲରେ ୨୭ ମିମି, ଗାଇସିଲେଟରେ ୫୪ ମିମି, ବିଜେପୁରରେ ୫୪ ମିମି ଓ ସୋହେଲା ରେ ୩୨ ମିମି ବର୍ଷା ରେକର୍ଡ ହୋଇଥିବା ଜଣାପଡ଼ିଛି। ତେବେ ଆଉ ଗୋଟିଏ ବଡ଼ ବର୍ଷା ହେଲେ ଚାଷୀ ତଳିପକା କାମ ଆରମ୍ଭ କରି ପାରିବେ ବୋଲି କୁହାଯାଇଛି।

### ବର୍ଷା ଋତୁରେ ସ୍ୱାଧୀନତାର ପ୍ରଥମ ସ୍ୱାଦ

# ଲଖମରା ସେତୁ କାର୍ଯ୍ୟକ୍ଷମ, କାଠ ଡଙ୍ଗାକୁ ବାଏ ବାଏ

**ଝାରବନ୍ଧ, ୨୯।୬(ସମିସ)**

ଜଗଦଲପୁର ଥାନା ଲଖମରା ଚର୍ଦାପାଲି ମଝିରେ ଥିବା ଅଙ୍ଗନଦୀ ଉଭୟ ଅଞ୍ଚଳକୁ ବିଛିନ୍ନ କରୁଥିଲା। ମୁଖ୍ୟତଃ ବର୍ଷା ଋତୁରେ ଚର୍ଦାପାଲି ଗ୍ରାମ ପଞ୍ଚାୟତର ଲୁହୁରାକୋଟ, ଲହଣ୍ଡିପୁର, ଚର୍ଦାପାଲି, ଚଙ୍ଗରିଆ, ଗୁଣ୍ଡିଚାଡ଼ିହି ଗ୍ରାମବାସୀ ନାହିଁ ନଥିବା କଷ୍ଟ ପାଉଥିଲେ। ସରକାରୀ କାର୍ଯ୍ୟକଳାପ ବ୍ୟତୀତ ସମସ୍ତ କାମ ଛତିଶଗଡ଼ ରାଜ୍ୟ ଉପରେ ନିର୍ଭର କରୁଥିଲେ। ଛାତ୍ର ଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ନିଜର ଜୀବନକୁ ବାଜି ଲଗାଇ କାଠ ଡଙ୍ଗାରେ ନଦୀ ପାରି ହୋଇ ଯାଉଥିଲେ। ବର୍ଷା ଋତୁ ସେମାନଙ୍କ ପାଇଁ ଦୁଃଖ ଆଣି ଦେଉଥିଲା। ଚଳିତ ବର୍ଷ କାଠ ଡଙ୍ଗାକୁ ବାଏ ବାଏ କରିଛନ୍ତି ଏହି ଅଞ୍ଚଳର ଲୋକେ। ବିଜୁସେତୁ ଯୋଜନାରେ



ଅଙ୍ଗନଦୀ ଉପରେ ସୁଉଚ୍ଚ ସେତୁ ନିର୍ମାଣ ହୋଇଛି। ୨୨୭.୦୪ମିଟର ଦୈର୍ଘ୍ୟ ଓ ୭.୫୦ମିଟର ପ୍ରସ୍ଥ ଏହି ସେତୁ ନିର୍ମାଣ ୩।୫।୨୫ ସୁଦ୍ଧା ଶେଷ କରିବାକୁ ସରକାରୀ ସ୍ତରରେ ଦିନ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ନିର୍ମାଣକାରୀ ସଂସ୍ଥା ଦ୍ୱାରା କଣ୍ଟ୍ରାକଟର ଅମରଦୀପ ଅଗ୍ରୱାଲ ପ୍ରଚେଷ୍ଟାରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏବେ ବର୍ଷା ହେଲେ ମଧ୍ୟ ଲୋକେ ଅଚିନ୍ତାରେ ଏହି ପୋଲ ଉପରେ ଯାତାୟତ କରୁଛନ୍ତି। ଯଦିଓ ଏହି ସେତୁ ଆନୁଷ୍ଠାନିକ ଭାବରେ ଉଦଘାଟନ ହୋଇ ନାହିଁ ତଥାପି ଲୋକେ ଏହାର ସୁବିଧା ପାଇ ସାରିଥିବା ଦେଖା ଯାଇଛି। ଚର୍ଦାପାଲି ଗ୍ରାମ ପଞ୍ଚାୟତବାସୀଙ୍କ ଦୁଃଖ ଯିବା ସହ କଣ୍ଟାବାଞ୍ଜି, ବଲାଙ୍ଗୀର, ପାଟଣାଗଡ଼, ପଦ୍ମପୁର ଆଦି ସହରର ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କ ପାଇଁ ଏହି ସେତୁ ଉପହାର ସଦୃଶ ହୋଇଛି। ଅଳ୍ପ ସମୟ, କମଦୂରତ୍ୱରେ ଛତିଶଗଡ଼ ରାଜ୍ୟ ରାଜଧାନୀ ରାୟପୁର, ସାଙ୍କରା, ପିଥୋରା, ମହାସମୁନ୍ଦ, ସରାଇପାଲି, ବସନା ସହ ବ୍ୟବସାୟିକ ଓ ପାରିବାରିକ ଯୋଗାଯୋଗ ହୋଇପାରିଛି। ଚଳିତ ବର୍ଷାରେ ପୋଲ ଉପରେ ଅଞ୍ଚଳବାସୀ ଯାତାୟତ କରି ଖୁସି ଅନୁଭବ କରୁଛନ୍ତି। ସ୍ୱାଧୀନ ଭାରତରେ ବର୍ଷା ଋତୁରେ ପରାଧୀନ ଜୀବନ ଯାପନ କରୁଥିବା ଏହି ଅଞ୍ଚଳ ଲୋକମାନେ ଏବେ ସ୍ୱାଧୀନତାର ସ୍ୱାଦ ଚାଖି ପାରଥିବା କହିଛନ୍ତି। ଏବେ ଏମାନେ ବେଶ ଉତ୍ସାହିତ ଥିବା ଜଣାଯାଇଛି।

### ଲେଙ୍ଗୁ ମିଶ୍ରଛକରୁ ଜୀରାବ୍ରିଜ ରାସ୍ତା

## ଜବରଦଖଲ ଯୋଗୁଁ ଟ୍ରାଫିକ୍ ସମସ୍ୟା

**ବରଗଡ଼, ୨୯।୬ (ସମିସ):** ବରଗଡ଼ ସହରରେ ଜବରଦଖଲକାରୀଙ୍କ ଯୋଗୁଁ ଟ୍ରାଫିକ ସମସ୍ୟା ବଢ଼ିବାକୁ ଲାଗିଛି। ବିଶେଷ କରି ସହରର ଲେଙ୍ଗୁ ମିଶ୍ରଛକରୁ ଅମ୍ବାପାଲି ଛକ ପର୍ଯ୍ୟନ୍ତ ଏହି ସମସ୍ୟାକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡୁଛନ୍ତି। ଲେଙ୍ଗୁ ମିଶ୍ରଛକରୁ ଜୀରାନଦୀ ପର୍ଯ୍ୟନ୍ତ ପୁରୁଣା ଜାତୀୟ ରାଜପଥ ଜବରଦଖଲକାରୀଙ୍କ କବଜାରେ ରହିଥିବା ବେଳେ ପ୍ରାୟତଃ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥାଏ। ବିଗତ ଦିନରେ ଜୀରାନଦୀ ଉପରେ ନୂତନ ପୋଲ ନିର୍ମାଣ ହେବା ପରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିଛି। ସେହିପରି ଉକ୍ତ ରାସ୍ତା ଦେଇ ଅମ୍ବାପାଲିଠାରୁ ଆରମ୍ଭ କରି ସହରର ୱାର୍ଡ ନମ୍ବର ୧, ୨, ୪, ୫, ୬ ଆଦି ଅଞ୍ଚଳର ଛାତ୍ରଛାତ୍ରୀ ସ୍କୁଲ କଲେଜକୁ ଆସୁଥିବା ବେଳେ ଟ୍ରାଫିକରେ ଦୀର୍ଘ ସମୟ ଧରି ଫସି ରହୁଛନ୍ତି। ଅଫିସ, ମେଡିକାଲ ଭଳି ଜରୁରୀ କାମରେ ଯାଉଥିବା ଲୋକେ ରାସ୍ତା ଜାମ ରହିବା ଯୋଗୁଁ ଘଣ୍ଟା ଘଣ୍ଟା ରାସ୍ତା ଉପରେ ଅଟକି ରହୁଛନ୍ତି। ସେହିପରି ପ୍ରଚଣ୍ଡ ଗ୍ରୀଷ୍ମ ଓ ବର୍ଷା ସମୟରେ ଟ୍ରାଫିକ ସମସ୍ୟା ଯୋଗୁଁ ବହୁ ସ୍ଥାନରେ ରାସ୍ତା ଜାମରେ ଫସି ଲୋକେ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷେ ସହରର ଏହି ପ୍ରମୁଖ ରାସ୍ତା ଲେଙ୍ଗୁ ମିଶ୍ର ଛକରୁ ଜୀରା ନଦୀ ପର୍ଯ୍ୟନ୍ତ ରାସ୍ତାରେ



ଜବରଦଖଲ ହଟାଇବା କାର୍ଯ୍ୟ ପ୍ରଶାସନ ହାତକୁ ନେଇଥିବା ବେଳେ ବିଗତ ଦିନରେ ଜବରଦଖଲକାରୀ ମାନେ ଆଇନର ଆଶ୍ରୟ ନେଇଥିଲେ। ଅଦାଲତ ରାୟ ଜନତା ସପକ୍ଷରେ ଯିବା ପରେ ଏବେ ଉକ୍ତ ରାସ୍ତାରୁ ଜବରଦଖଲ ହଟିବା ନେଇ ଆଶା ଉଜ୍ଜିବୀତ ହୋଇଛି ଏବଂ ଖୁବ ଶୀଘ୍ର ଟ୍ରାଫିକ ସମସ୍ୟାର ସମାଧାନ ହେବ ବୋଲି ଆଲୋଚନ ହେଉଛି। ସୂଚନା ଯୋଗ୍ୟ ଯେ ଏହି ରାସ୍ତା ପୂର୍ବରୁ ମୁମ୍ବାଇ ରୁ କୋଲକୋତା ଦେଇ ଯାଇଥିବା ଜାତୀୟ ରାଜପଥର ଏକ ଅଂଶ ରହିଥିଲା। ତେବେ ବରଗଡ଼ ସହରର ଜନସଂଖ୍ୟା ବୃଦ୍ଧି ଫଳରେ ଏହି ରାସ୍ତା ସହର ବାହାର ଦେଇ ନିର୍ମାଣ କରାଯାଇଥିଲା। କିଛି ବ୍ୟକ୍ତି ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ କରି ନିଜ ଅକ୍ତିଆରକୁ ନେଇ ଯାଇଥିଲେ। ଯାହାକୁ ନେଇ ପୂର୍ବର ଜାତୀୟ ରାଜପଥ ଏବେ ଅଣଓସାରିଆ ଗ୍ରାମ୍ୟ ରାସ୍ତାରେ ପରିଣତ ହେବା ସହ ନିତିଦିନ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରି ସ୍ଥିତିରେ ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ରାସ୍ତାରେ ଜବରଦଖଲ ହଟାଇ ଟ୍ରାଫିକ ସମସ୍ୟା ସୁଧାରିବାକୁ ସାଧାରଣରେ ଦାବି ହେଉଛି।

**ଜନସାଧାରଣ ହନ୍ତସନ୍ତ**

## ପ୍ରକୃତିପ୍ରେମୀ ଶ୍ରୀବତ୍ସ ଗଡ଼ତିଆ ସମ୍ବର୍ଦ୍ଧିତ



**ବରଗଡ଼, ୨୯।୬(ସମିସ):** ବରଗଡ଼ ରାଣା ପ୍ରତାପ ସ୍କୁଲ ଠାରେ ଶନିବାର ଭାରତୀ ଶିଶୁ ସାହିତ୍ୟ ସଂସଦର ମାସିକ ବୈଠକ ଅବସରରେ ପ୍ରକୃତିପ୍ରେମୀ ତଥା ପ୍ରକୃତି ସଚେତକ କବି ଶ୍ରୀବତ୍ସ ଗଡ଼ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସଭାନେତ୍ରୀ ରେଣୁକା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଅଶ୍ଳେଷା ମହାନନ୍ଦ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସୂଦୀପ କୁମାର ରଥ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ପ୍ରକୃତିପ୍ରେମୀ ଶ୍ରୀବତ୍ସ ଗଡ଼ତିଆ ପ୍ରକୃତି ସଚେତନଧର୍ମୀ ସଙ୍ଗୀତ ଗାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନ, ଜ୍ୟୋତ୍ସ୍ନା ତ୍ରିପାଠୀ, ସୁନୀତା ମିଶ୍ର, ଗୀତା ଜା, ନନ୍ଦିତା ସାହୁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ସାହିତ୍ୟ ସଂସଦର ସଦସ୍ୟା ଛାତ୍ରୀ ଏସ ଶୁଭଶ୍ରୀ, ସାଲିନି ସା, ରୁଚି ମାଝୀ, ଯୋଗେଶ୍ୱରୀ କୁମ୍ଭାର, ଛାତ୍ର ଦେବାନନ୍ଦ ସର୍ଭଙ୍ଗ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

**ଭେଡେନ, ୨୯।୬ (ସମିସ):** ଭେଡେନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିବା ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇଥିଲେ। ପରିଚାଳନା ସମିତିର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଡ.ପୁଷ୍ପ କୁମାର ମେହେର ସ୍ୱାଗତ କରିଥିଲେ। ଭୋଜରାଜ ଦୁଆନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ପ୍ରଶିକ୍ଷାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ କରି ଥିଲେ। ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର, ଅଶୋକ ଧର, ନରେନ୍ଦ୍ର ରଣା, ମକୁନ୍ଦ ମହାରଣା, ରିଙ୍କୁ କୁମାର ଦାଶ, କ୍ଷୀରେନ୍ଦ୍ର ରଣା ସହଯୋଗ କରିଥିଲେ। ପରିଚାଳନା ସମିତି ସମ୍ପାଦକ ସୌମ୍ୟରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିଦିବସୀୟ ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

**ପଦ୍ମପୁର, ୨୯।୬ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁସୁନାପାଲି ଠାରେ ସଂକୁଳ ସ୍ତରୀୟ ତ୍ରିଦିବସୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଯାପିତ ହୋଇଯାଇଛି। ସୁନିଲ ଅଗ୍ରୱାଲ ଓ ହରିହର ସାହୁ ଅତିଥି ଭାବରେ ଯୋଗଦେଇ ଥିଲେ। ପରିଷଦର ପ୍ରାନ୍ତ ସମ୍ପାଦକ ଭକ୍ତ ଚରଣ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଭାରତୀୟ ଚିନ୍ତନ ଆଧାରରେ ଆଚାର୍ଯ୍ୟ ଜୀବନ ଶୈଳୀ ବିଷୟରେ ଆଲୋଚନା କରିଥିଲେ। ସଂକୁଳ ସଂଯୋଜକ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି




ପରିଚୟ ପ୍ରଦାନ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ବୃନ୍ଦଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଂକୁଳ ପ୍ରମୁଖ ଦ୍ୱାଦଶ କୁମାର ପଧାନ କାର୍ଯ୍ୟଶାଳାର ବୃତ୍ତକଥନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସଭାପତି ପୃଥ୍ୱିରାଜ ସାହୁ, ପୂର୍ବତନ ଛାତ୍ର ଆଶିଷ କୁମାର ବଂଶଲ, ଜିଲ୍ଲା ସହ ପ୍ରମୁଖ ମନୋଜ କୁମାର ନାଟ୍ୟକାର କେଶ ରଞ୍ଜନ ପଧାନ ଓ ଭାରତ ବିକାଶ ପରିଷଦର ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ସମୋରୋପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏ.ବି.ଇ.ଓ ରାଜବୋଡ଼ାସମ୍ବର ବ୍ଲକ ଶିବପ୍ରସାଦ ଯୋଷୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦର ... ପଣ୍ଡା, ପଦ୍ମପୁର ସଂଘ ଚାଳକ ରୋହିତ କୁମାର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ମାତୃ ଭାରତୀର ସଭ୍ୟା ବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟଶାଳାରେ ସଂକୁଳ ଅନ୍ତର୍ଗତ ୯ ଟି ଶିଶୁ ମନ୍ଦିରରୁ ୧୪୦ଜଣ ଗୁରୁଜୀ ଗୁରୁମା ଅଂଶ ଗ୍ରହଣ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର, ୨୯।୬ (ସମିସ):** ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ଆଜି ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ବିବେକାନନ୍ଦ ମହାପାତ୍ର (ସି ଏମ ୟୁ ପି ଏସ ପଦମପୁର), ବିନୋଦ ବିହାରୀ ରଥ, (ସରକାରୀ ୟୁ ପି ଏସ ଦର୍ବେକେଲା), ଭୋଳାନାଥ ଭୁଏ, (ସରକାରୀ ୟୁ ପି ଏସ ଭେଲୁଆଁଖୋଲ), ଜୟଦେବ ବେହେରା, (ସରକାରୀ ୟୁ ପି ଏସ ବାଜେନମୁଣ୍ଡା), ବୈଶାଖୁ ସେଠ୍, ( ସରକାରୀ ବନ୍ଧପଡ଼ା ପି ଏସ ଦହିତା), ଅଶୋକ କୁମାର ପାଣିଗ୍ରାହୀ, (ସରକାରୀ ୟୁ ପି ଏସ ଡୁଙ୍ଗୁରୀପାଲି), ଭରତ ଚନ୍ଦ୍ର ସାହୁ, ( ସରକାରୀ ୟୁ ପି ଏସ ବୁଡ଼ାମାଲ), ମୋହନଲାଲ୍ ସାହୁ, (ସରକାରୀ ୟୁ ପି ଏସ ଗଡ଼ଭାଟି) ଓ ଦିପ୍ତିମୟୀ ଦାସ, (ସରକାରୀ ୟୁ ପି ଏସ ଦୁବୁଲାବାହାଲ ) ନିଜ ନିଜ ସ୍କୁଲରୁ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇସାରି ସ୍ଥାନୀୟ ବି ଇ ଓ ଅଫିସକୁ ଆସିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସେମାନଙ୍କୁ ସ୍ୱାଗତ କରିବା ସହ ସେମାନେ ଦୀର୍ଘଦିନ ଧରି ଶିକ୍ଷାଦାନ କରି ଉତ୍ତମ ନାଗରିକ ଗଢ଼ି ନିରବଚ୍ଛିନ୍ନ ଭାବରେ ନିସ୍ୱାର୍ଥ ସେବା ଯୋଗେଇ ଥିବାରୁ ସମସ୍ତଙ୍କର ସୁସ୍ଥ ଓ ନିରୋଗ ଜୀବନ ପାଇଁ ମଙ୍ଗଳ କାମନା କରିଥିଲେ ଏବଂ ସେମାନଙ୍କୁ ରିଟାୟରମେଣ୍ଟ ବେନିଫିଟ୍ କାଗଜ ପ୍ରଦାନ୍ କରିଥିଲେ। ଏହି ସଭାରେ ଏ ବି ଇ ଓ ଶିବପ୍ରସାଦ ଯୋଶୀ, ରାମସିଂ ଭୋଇ ଓ ବରିଷ୍ଠ କିରାଣୀ ଦିଲ୍ଲୀପ ଭୋଇ ଉପସ୍ଥିତ ଥିଲେ।



## ପାଇକମାଲ ବ୍ଲକ କୃଷି ଉପଦେଷ୍ଟା କମିଟି ବୈଠକ




**ପାଇକମାଲ, ୨୯।୬ (ସସିସ) :** ପାଇକମାଲ ଜର୍ଜଗଡ଼ ସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକ କୃଷକ ଉପଦେଷ୍ଟା କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ବ୍ଲକ ସ୍ତରୀୟ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ସମ୍ପଦ ବିଭାଗର ଅଧିକାରୀ ମାନେ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ସବିଶେଷ ଆଲୋଚନା କରିଥିଲେ। ପାଇକମାଲ ବ୍ଲକ କୃଷକ ଉପଦେଷ୍ଟା କମିଟିର ଚେୟାରମେନ ଯୋଗେନ୍ଦ୍ର ଭୋଇ ପାଇକମାଲ ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା ଚାଷୀ ଭାଇ ମାନଙ୍କ ସହିତ ମିଶି ବିଭିନ୍ନ ଯୋଜନାର ସଫଳ ରୂପାୟନ କରିବା ପାଇଁ କୃଷି ଓ ଅନୁଷଙ୍ଗିକ ବିଭାଗର ଅଧିକାରୀ ମାନଙ୍କୁ କହିଥିଲେ। କୃଷି ଅଧିଦର୍ଶକ ଯୋଗେଶ୍ୱର ପଟେଲଙ୍କୁ ତାଙ୍କର ପାଇକମାଲ ବ୍ଲକ ଚାଷୀ ଓ କୃଷି ପ୍ରତି ଅବଦାନ ବିଷୟରେ ଗୁରୁତ୍ୱାରୋପ କରିବା ସହିତ ଶ୍ରୀ ପଟେଲଙ୍କ ରବିବାର ତାଙ୍କର କାର୍ଯ୍ୟକାଳ ଶେଷ ହେଉଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ପାଇକମାଲ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ସମସ୍ୟା ଏବଂ ସମାଧାନ ନେଇ ପଞ୍ଚାୟତସ୍ତରୀୟ ଦିନିକିଆ ଶିବିର

**ବରପାଲି, ୨୯।୬(ସମିସ)**

ବରପାଲି ବ୍ଲକ କୁମ୍ଭାରୀରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ଦିଗ ନେଇ ପଞ୍ଚାୟତସ୍ତରୀୟ ଦିନିକିଆ ଶିବିର ଅନୁଷ୍ଠିତ ହୋଇଯାଇଛି। କୁମ୍ଭାରୀ ମାର୍କେଟ ୟାର୍ଡରେ ଅନୁଷ୍ଠିତ ଏହି ଶିବିରରେ ଅମ୍ବରିଶ ସାହୁ ସଭାପତିତ୍ୱ କରିଥିବା ବେଳେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ସଦସ୍ୟ ରମେଶ ମହାପାତ୍ର ଯୋଗଦେଇ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଏବଂ ସମାଧାନ ଦିଗରେ ଆଲୋଚନା କରିଥିଲେ। ଚାଷୀ ନେତା ମହାପାତ୍ରଙ୍କ କହିବା ଅନୁସାରେ ଓଡ଼ିଶା ଭାରତ ବର୍ଷର ତଳ ପଟୁ ଦୁଇନମ୍ବର ରାଜ୍ୟ ଅଟେ। ରାଜ୍ୟର କୃଷକ ମାନଙ୍କ ମାସକ ଆୟ ୫୧୧୨ ଟଙ୍କା ଯାହା କୃଷି କ୍ଷେତ୍ରରୁ କେବଳ ମାତ୍ର ୧୬୬୦ ତାଙ୍କ ଆୟ ଅଟେ। ଆୟ କମ ହେବାର ଅନେକ କାରଣ ରହିଥିବା ବେଳେ ତନ୍ମଧ୍ୟରୁ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ନ ମିଳିବା, ବଜାର ବ୍ୟବସ୍ଥା ଠିକ ନ ହେବା, ସୁଲଭ ମୂଲ୍ୟରେ



କୃଷି ଯନ୍ତ୍ରପାତି, ସାର, ବିହନ, ଔଷଧ ଆଦି ନ ମିଳିବା ଏପରିକି ପ୍ରାକୃତିକ ବିପର୍ଯ୍ୟୟ କ୍ଷତିପୂରଣ ନପାଇବା କାରଣରୁ ଓଡ଼ିଶାର ଚାଷୀ ଗରିବ ଏବଂ ଜମି ଛାଡି ଦାଦନ ମୁହାଁ ହେଉଛି ବୋଲି କହିଥିଲେ। ସେହିପରି ସଦ୍ୟ ସରିଥିବା ସାଧାରଣ ନିର୍ବାଚନ ରେ ନୂତନ ରାଜ୍ୟ ସରକାର ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ ଏବଂ ପ୍ରଥମ ବୈଠକରେ କୃଷକ ମାନଙ୍କ ଉନ୍ନତି ପାଇଁ କୃଷକ ସମୃଦ୍ଧିନୀତି ୧୦୦ ଦିନ ମଧ୍ୟରେ ଆଣି କୃଷକ ମାନଙ୍କୁ ଦେଇଥିବା ପ୍ରତିଶୃତି କାର୍ଯ୍ୟକାରୀ କରିବୁ କହୁଛନ୍ତି। କିନ୍ତୁ ଚାଷୀ ମାନେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ପାଇବାକୁ ହେଲେ ମଣ୍ଡି ଜରିଆରେ ଧାନ ବିକ୍ରି କରିବାକୁ ପଡ଼ିବ ବୋଲି ସଭାରେ ଆଲୋଚନା ହୋଇଥିଲା। ବିଗତ ବର୍ଷର ଫସଲବୀମା ଏବଂ ଇନପୁଟ ସବସିଡି ପ୍ରସଙ୍ଗରେ ମଧ୍ୟ ଏହି ଶିବିରରେ ସବିଶେଷ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ କୁମ୍ଭାରୀ ପଞ୍ଚାୟତସ୍ତରରେ କୃଷକ କମିଟି କରି ଚାଷୀଙ୍କ ହକ ଅଧିକାର ପାଇଁ ସଦାସର୍ବଦା ସଚେତନ ରହି ଲଢ଼େଇ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ଦିନିକିଆ ଶିବିରରେ ଆଞ୍ଚଳିକ କୃଷକ ସଂଗଠନ ବରପାଲି ସଭାପତି କାରଣ ସାହୁ, ନିରଞ୍ଜନ ପଧାନ ଏବଂ କୃଷ୍ଣଚନ୍ଦ୍ର ଭୋଇ, ଦିବାକର ବୁଧିଆ, ଡୋଳାମଣୀ ସାହୁ, ଅରୁଣ ପୂଝାରୀ, ଭୁବନେଶ୍ୱର ଖମାରୀ, ଗୁଣନିଧି ପଧାନ, ଘନଶ୍ୟାମ ସାହୁ, ସୁରେନ୍ଦ୍ର ଭୋଇ, କୁମରମଣି ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ଅଞ୍ଚଳର ଶହ ଶହ ଚାଷୀ ଶିବିରରେ ଯୋଗ ଦେଇଥିଲେ।

## ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ



**ବରପାଲି, ୨୯।୬(ସମିସ) :** ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚର୍ତୁଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଯାପିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡ଼ିଶା ପଶ୍ଚିମ ସମ୍ଭାଗ ଅର୍ନ୍ତଗତ ମାଧ୍ୟମିକ ବିଭାଗର ୨୦୫ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ କାର୍ଯ୍ୟଶାଳା ପରିଚାଳିତ ହୋଇଥିଲା। ଉତ୍ସବରେ ମୁଖ୍ୟବକ୍ତା ଭାବରେ ପଶ୍ଚିମ ସମ୍ଭାଗ ସଭାପତି ଡ.ବେଣୁଧର ପଧାନ ଯୋଗଦେଇ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ସମାଜ ପ୍ରତି କର୍ତ୍ତବ୍ୟ ଓ ଅବଦାନ ସମ୍ପର୍କରେ ବୁଝାଇଥିଲେ। ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର ଉଦ୍ଦେଶ୍ୟ ସହ ବିବରଣୀ ଉପସ୍ଥାପନା କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ପରିଚୟ ପ୍ରଦାନ ସହ ସ୍ୱାଗତ ଜଣାଇଥିଲେ। ସମ୍ମାନିତ ଅତିଥି ଭାବରେ ବର୍ଗ ପ୍ରମୁଖ ସୁରେନ୍ଦ୍ରସତପଥି ଶୈକ୍ଷିକ କାର୍ଯ୍ୟଧାରା ଉପରେ ମାର୍ଗଦର୍ଶନ କରିଥିଲେ। ବରଗଡ଼ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଧର୍ମେନ୍ଦ୍ର ପୂଜାରୀଙ୍କ ସଂଯୋଜନାରେ ସଭାକାର୍ଯ୍ୟ ସଞ୍ଚାଳିତ ହୋଇଥିଲା। କାର୍ଯ୍ୟଶାଳାରେ ୨୦୫ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସାମିଲ ହୋଇଥିଲେ।

# ଗଣତନ୍ତ୍ର ଓ ପରିବେଶର ଅବକ୍ଷୟ ଘଟୁଛି: ପଦ୍ମଶ୍ରୀ ବାବା ବଳିଆ

**ଭବାନୀପାଟଣା, ୨୯।୬(ସମିସ)**

ଆଜିର କାମ କାଲି ଶେଷ କରିପାରିଲେ ଗଣତନ୍ତ୍ର ତିଷ୍ଠିବ। ଗଣତନ୍ତ୍ରର ମୂଲ୍ୟବୋଧ ନଷ୍ଟ ହେବା ପଛରେ 'ପିସି' କାରବାର ରାକ୍ଷସ ରୂପେ ସବୁ ସ୍ଥାନରେ କାର୍ଯ୍ୟ କରୁଛି। ପିସି ଆଜି ବାସ୍ତବ ବିକାଶକୁ କବଳିତ କରି କାୟାବିସ୍ତାର କରିଚାଲିଛି। ସେଥିରୁ କ୍ଷାନ୍ତ ହେଲେ ସମାଜର ମଙ୍ଗଳ ହୋଇପାରିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପଦ୍ମଶ୍ରୀ ବାବା ବଳିଆ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଗଣତନ୍ତ୍ର ଓ ପରିବେଶର ଘୋର ଅବକ୍ଷୟ ଘଟି ସ୍ଥିତି ବିଗାଡିବାର ମୁଖ୍ୟ କାରଣ ସାଜିଛି। ପ୍ରତିଟି ମଣିଷ ଜୀବନରେ ୫ଟି ଗଛ ଲଗାଇବା ନିହାତି ଆବଶ୍ୟକ। ଏପରିକି ସମାଧି ଓ କବର ସ୍ଥାନରେ ମଧ୍ୟ ମନ୍ଦିର ନିର୍ମାଣ ଅପେକ୍ଷା ଗଛ ଲଗାଇଲେ ସୁନ୍ଦର ପରିବେଶ ଦୃଷ୍ଟିରୁ ଗୁରୁତ୍ୱବହନ କରିବ। ବର୍ଦ୍ଧିତ ତାପମାତ୍ରା, ପ୍ରଦୂଷିତ ପରିବେଶ ଓ କଳୁଷିତ ସାମାଜିକ ଚଳଣି ପାଇଁ ବାବା ବଳିଆ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଦ୍ମଶ୍ରୀ ବାବା ବଳିଆ ମଦ ଓ ମାଦକଦ୍ରବ୍ୟରୁ ଦୂରେଇ ରହି ନିଜର ବାପା ମାଆ ଏବଂ ଗରିବ ଅସହାୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି। ସରକାର ମଦ ଦୋକାନ ଖୋଲିବାପାଇଁ ଲାଇସେନ୍ସ ଦେଉଛନ୍ତି। ସେଥିରେ କେତେ କ୍ଷତି ହେଉଛି ବିଚାର କରିବାର ସମୟ ଆସିଛି। ମଦ ଦୋକାନ ଖୋଲିବା ପରିବର୍ତ୍ତେ ପ୍ରତି ଜିଲ୍ଲାରେ ଗୋଶାଳା ଖୋଲିବା ଦିଗରେ ଚେଷ୍ଟା ଆରମ୍ଭ ହେଉ। ଗୋ ମାତା ଆଜି ଅସହାୟ ପରିସ୍ଥିତିରେ ରହିବାକୁ ବାଧ୍ୟ ହେଉଛନ୍ତି। ଧର୍ମ ନାମରେ ଅନ୍ଧ ବିଶ୍ୱାସ ପ୍ରାଥମିକତା ଏବଂ କୁସଂସ୍କାରକୁ ନେଇ ବହୁ ସ୍ଥାନରେ ହିଂସା ଅଶାନ୍ତି ଦେଖାଯାଉଛି। ଲୋକ ଉପକାର ନାମରେ ଧନ ସଞ୍ଚୟ, ସବୁଜିମା ପରିବର୍ତ୍ତେ କୋଠାବାଡି ନିର୍ମାଣ ଏବଂ ପୂଜା ପାଠ ନାମରେ ଅଶ୍ଳୀଳ ନୃତ୍ୟ ଗୀତରେ ମଜ୍ଜି ରହି ଆମେ ଆମର ପ୍ରକୃତ ମଣିଷ ପଣିଆକୁ ଭୁଲିଯାଉଛୁ। ତେଣୁ ପଦ୍ମଶ୍ରୀ ବାବା ବଳିଆ ସମଗ୍ର ଭାରତ ବର୍ଷ ପରିଦର୍ଶନ କରି କହୁଛନ୍ତି, ପରିବେଶ ସଜାଡ଼ିଲେ ଓ ମଦ ଉପରେ କଟକଣା କରା ନ ଗଲେ ନିଜ ସହ ନିଜ ପିଲାମାନଙ୍କ ଭବିଷ୍ୟତ ନଷ୍ଟ କରୁଥିବା କଥା କହିଥିଲେ। ଗଣତନ୍ତ୍ରକୁ ନ ବୁଝିଲେ ଏମିତି ରାଷ୍ଟ୍ରଦ୍ରୋହୀ ହୋଇ ମଣିଷ ଚାଲିବ ଏବଂ ଧର୍ମକୁ ଅବୁଝା ହେଲେ ଜୀବ ଓ ଜଗତ ଦୁଇଟି ଯାକ ଧ୍ୱଂସ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି। ଭବାନୀପାଟଣାସ୍ଥିତ ଭକ୍ତ କବିରାଜ ପଣ୍ଡାଙ୍କ ବାସଭବନରେ ତିନି ଦିନବ୍ୟାପୀ ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମର ଆଜି ଅନ୍ତିମ ଦିବସ। ପୂର୍ବରୁ କୁହାଯାଇଥିଲା ଗୁରୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖିଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ନୈତିକ ଏବଂ ନୈସର୍ଗିକ ଜୀବନ ଅତିବାହିତ କରିଥାଏ। ସମସ୍ତଙ୍କ ପ୍ରତି ସହନଶୀଳ ହେବା ସହିତ ବାବାଙ୍କ ମାର୍ଗକୁ ଗୁରୁମାର୍ଗ ବୋଲି ବିବେଚନା କରିପାରିଲେ ଜୀବନ ସରଳ, ସୁନ୍ଦର ଓ ମଧୁମୟ ହେବା ନିଶ୍ଚିତ। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବାବା ବଳିଆଙ୍କ ପରମ ଶିଷ୍ୟ ଆଶୀର୍ବାଦ ଜୀ ମହାରାଜ, ବିଦ୍ୟାଧର ସାହୁ, ବାବାଙ୍କ ସେବକ ମଧୁସୂଦନ ଦାସ, ସଞ୍ଜୟ ଦାସ, ଗୋପାଳ ଦାସ, ନରହରି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭକ୍ତ କବିରାଜ ପଣ୍ଡାଙ୍କ ପରିବାର ସମସ୍ତ କାର୍ଯ୍ୟକ୍ରମର ଦାୟିତ୍ୱ ସମ୍ଭାଳି ନେଇଥିବାବେଳେ ଶିଶୁ ଅନନ୍ତ ଆଶ୍ରିତ ପରିବାରର କର୍ମକର୍ତ୍ତାମାନେ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ।

**ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା**
**ପ୍ରତ୍ୟେକ ମଣିଷ ୫ଟି ଗଛ ଲଗାଇବାକୁ ସଂକଳ୍ପ ନିଅନ୍ତୁ**



■ ଦାଦନ ଯାଇ ନାବାଳକଙ୍କ ମୃତ୍ୟୁ ଘଟଣା

# ଗାଁକୁ ଫେରିଲା ଶବ; କ୍ଷତିପୂରଣ ସହ ସର୍ଦ୍ଦାରଙ୍କ ଗିରଫ ଦାବି

**ତୁରେକେଲା, ୨୯।୬(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କୁଶପାଳି ଗାଁର ଦାଦନ ଶ୍ରମିକ କୁଶଧର ବହରିଆ (୧୬)ଙ୍କ ମୃତଦେହ ଶନିବାର ଗାଁରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



ସୂଚନା ଅନୁସାରେ ନାବାଳକ ଶ୍ରମିକଙ୍କ ଘରକୁ ଆସି ଡେବରିଆମୁଣ୍ଡା ଗାଁ ର ଦାଦନ ସର୍ଦ୍ଦାର ରଶିକ ବାଗ ଅଗ୍ରୀମ ଟଙ୍କା ଦେଇ ଇଟାଭାଟିରେ କାମ କରାଇବାକୁ ସାତ ଦିନ ତଳେ ନେଇଥିଲେ। ସେଠାରେ ତାଙ୍କୁ ଇଟାଭାଟି ମାଲିକ ନିର୍ଯାତନା ଦେବା ଯୋଗୁଁ ନାବାଳକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗତ ୫ ବର୍ଷ ତଳେ ନାବାଳକ ଶ୍ରମିକଙ୍କ ବାପା ମୃତ୍ୟୁବରଣ କରିଥିଲେ। ତାଙ୍କ ବିଧବା ମା ସହ ୨ ଭାଇ ଓ ଗୋଟିଏ ଭଉଣୀକୁ ନେଇ ରହୁଥିଲେ କୁଶଧର। ପୁରା ପରିବାର ବୋଝ କୁଶଧର ଉପରେ ଥିଲା। ଏନେଇ ଖବର ପାଇବା ପରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ନେତୃତ୍ୱରେ ବିଜେଡି ପ୍ରତିନିଧି ଦଳ କୁଶଧରଙ୍କ ପରିବାରକୁ ସାକ୍ଷାତକରି ତାଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଦାଦନ ସର୍ଦ୍ଦାରଙ୍କୁ ଶୀଘ୍ର ଗିରଫ କରାଯାଉ ଏବଂ ରାଜ୍ୟ ସରକାର କୁଶଧରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରନ୍ତୁ ନଚେତ ଆଗାମୀ ଦିନରେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ବରିଷ୍ଠ ବିଜେଡି ନେତା ଅଜୟ ଦାସ ଚେତାବନୀ ଦେଇଛନ୍ତି।

# ଓପିଟିସିଏଲ ଦ୍ୱାରା ୧୩୨ କେଭି ଲାଇନ୍‌ର ରକ୍ଷଣାବେକ୍ଷଣ ପାଇଁ ସୋନପୁର ଜିଲ୍ଲାରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ସେବା ପ୍ରଭାବିତ ହେବ

**ବୁର୍ଲା, ୨୯।୬ (ସମିସ):** ଓପିଟିସିଏଲ ଦ୍ୱାରା ୧୩୨ କେଭି ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ସୋନପୁର ଜିଲ୍ଲାରେ ଆସନ୍ତାକାଲି ରବିବାର ଦିନ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପ୍ରଭାବିତ ହେବ। ଏନେଇ ପ୍ରେସ ବିବୃତି ଜରିଆରେ ଟିପିଡବ୍ଲୁଓଡିଏଲର ବୁର୍ଲାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ବୋଲି ଟିପିଡବ୍ଲୁଓଡିଏଲ କହିଛି। ତେଣୁ ଏହି ସାମୟିକ ବ୍ୟାହତ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହିତ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ବିଷାକ୍ତ ଛତୁ ଖାଇ ପରିବାରର ୪ ଗୁରୁତର

**ନୂଆପଡ଼ା, ୨୯।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଗାଁରେ ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇ ପଡ଼ିଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାପ୍ତ ଖବର ଅନୁଯାୟୀ ଅନୁଯାୟୀ, ଶନିବାର ପାହାନ୍ତିଆରେ ଅମ୍ରିତ ଦଣ୍ଡସେନା (୩୨) ସୁନାବେଡ଼ା ଅଭୟାରଣ୍ୟ ଭିତରୁ ଛତୁ ସଂଗ୍ରହ କରି ଆଣିଥିଲେ। ସେହି ଛତୁକୁ ରୋଷେଇ କରି ଖାଇଲା ପରେ ଜଣକ ପରେ ଜଣେ ବାନ୍ତି କରିଥିଲେ। ଅମ୍ରିତଙ୍କ ସମେତ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ (୨୭), ଝିଅ ସୀମା (୮) ଓ ପୁଅ ଭୂପିନ (୫)ଙ୍କୁ ଲଗାତାର ବାନ୍ତି ହୋଇଥିଲା। ଗୋଟିଏ ପରିବାରର ୪ ଜଣଙ୍କୁ ବାନ୍ତି ସହ ଛାତି ଦରଜ ଅନୁଭବ କରିଥିଲେ। ଏପରିକି ସେମାନେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ସେମାନଙ୍କୁ ପ୍ରଥମେ ସୁନାବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବର୍ତ୍ତମାନ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟା ସୁଦ୍ଧା ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।



**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି**

# ନାଟ୍ୟକାର, କୀର୍ତ୍ତନଗୁରୁ ସାଧୁଚରଣ ମେହେରଙ୍କ ପରଲୋକ

**ମନମୁଣ୍ଡା, ୨୯।୬(ସମିସ):** ମନମୁଣ୍ଡା ପଞ୍ଚାୟତ ନୂର୍ପା ଗ୍ରାମର ଜଣେ ଖ୍ୟାତନାମା ନାଟ୍ୟ ଅଭିନେତା, ନିର୍ଦ୍ଦେଶକ ଓ କୀର୍ତ୍ତନଗୁରୁ ସାଧୁଚରଣ ମେହେରଙ୍କ ଶୁକ୍ରବାର ରାତି ୮.୩୦ଟା ସମୟରେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଗ୍ରାମରେ ଲକ୍ଷ୍ମୀପୁରାଣ ନାଟକର ସେ ନିର୍ଦ୍ଦେଶକ ରହିଥିଲା ବେଳେ ଅନେକ ଗ୍ରାମକୁ ଏହାକୁ ସମ୍ପ୍ରସାରଣ କରିପାରିଥିଲେ। ସେହିପରି କୀର୍ତ୍ତନ ଦଳ ଗଠନ କରି ତାଲିମ ପ୍ରଦାନ କରିଥିଲେ। ଜଣେ ଶାନ୍ତ, ସରଳ ଧାର୍ମିକ ବ୍ୟକ୍ତି ଶ୍ରୀ ମେହେର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ଜଣେ ପରିଚିତ ଚେହେରା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ଖେଳିଯାଇଛି। ମନମୁଣ୍ଡା ସ୍ୱର୍ଗଦ୍ୱାରରେ ତାଙ୍କ ବଡ଼ପୁଅ ଶିକ୍ଷକ ସୁଦାମ ମୁଖାଗ୍ନି ଦେଇଥିଲେ। ଅନ୍ୟ ଦୁଇ ପୁଅ ସୁଶୀଲ, ବିପିନଙ୍କ ସମେତ ଅଞ୍ଚଳର ବହୁ କଳାକାର, ମାନ୍ୟଗଣ୍ୟ ବ୍ୟକ୍ତି ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶ୍ରୀ ମେହେରଙ୍କ ପତ୍ନୀ ପଦ୍ମାବତୀ ଏବେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।



# ଜିଲ୍ଲା ଏକ୍ସକ୍ୟାଡ଼ର ଶିକ୍ଷକ ସଙ୍ଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ୪ ଦଫା ଦାବିପତ୍ର

**ନୂଆପଡ଼ା, ୨୯।୬(ସମିସ):** ନୂଆପଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡ଼ର ସଙ୍ଘ ତରଫରୁ ଜିଲ୍ଲା ସଭାପତି ଅଲେଖ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ୪ ଦଫା ଦାବିପତ୍ର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକମାନଙ୍କୁ କ୍ୟାଡ଼ର ଭୁକ୍ତ କରିବା, ଓସେପାରେ କରାଯାଇଥିବା ଡେପୁଟେସନ ବାତିଲ କରି ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ, ମୃତ ଏକ୍ସ କ୍ୟାଡ଼ର ପରିବାରକୁ ଫାମିଲି ପେନସନ, ଗ୍ରାଚ୍ୟୁଇଟୀ ପ୍ରଦାନ ସହିତ ଆରେଏ ସ୍କିମରେ ଚାକିରୀ, ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ସି ଆ ର ସି ସି ରେ ସୁଯୋଗ ଇତ୍ୟାଦି ଦାବି କରାଯାଇଅଛି। ସଙ୍ଘ କର୍ମକର୍ତ୍ତାଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଭୋଜରାମ ଅହୀର, ଉପସଭାପତି ବେଣୁଧର ନାୟକ, କାର୍ଯ୍ୟକାରୀ ସଭାପତି ଓମପ୍ରକାଶ ଦଣ୍ଡସେନା, କୋଷାଧ୍ୟକ୍ଷ ଡ଼ମ୍ବରୁଡା ଗୁଆଲ, ସଂଗଠନ ସମ୍ପାଦକ ସନୁଧର ନାଗଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଗୌର ସାହୁ, ଜୟନ୍ତ ପ୍ରଧାନୀ, ଅଚ୍ୟୁତ ମେହେର ଜୟାନନ୍ଦ ଭୋଇ, ସୁରେଶ କ୍ଷେତ୍ରୀ, ନିରୋଜ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଜୁନ୍ ସରିଲାଣି, ମହାନଦୀ ଭରୁନି

**ସୋନପୁର, ୨୯।୬ (ସମିସ):** ଜୁନ୍ ମାସ ଶେଷ ସୁଦ୍ଧା ମହାନଦୀ ଭରି ପାରିଲାନି। ମହାନଦୀ ଯେଉଁ ଶୁଷ୍କକୁ ସେହି ଶୁଷ୍କ। ଯେଉଁ ଆଡେ ଦେଖିଲେ ଖାଲି ବାଲି ଦେଖାଯାଉଛି। ଏଯାଏଁ ନଦୀରେ ବର୍ଷା ଜଳ ଆସିନାହିଁ। କାଳକ୍ରମେ ଜଳ ହ୍ରାସ ହୋଇ ନଦୀ ଶଯ୍ୟା ବାଲିରେ ପୋତି ହୋଇଯାଉଛି। ଏହାକୁ ଦେଖି ସୋନପୁରରେ ନଦୀକୂଳିଆ ଲୋକେ ଚିନ୍ତାରେ ପଡ଼ିଲେଣି। ପାଣି ଅଭାବରୁ ଜୀବନଜୀବିକା ପ୍ରଭାବିତ ହେଉଛି। ଆଗଭଳି ମହାନଦୀରେ ଆଉ ମାଛ ମିଳୁନାହାନ୍ତି। ତେଣୁ ନଦୀ କୂଳିଆ ମତ୍ସ୍ୟଜୀବୀମାନେ ପ୍ରମାଦ ଗଣୁଛନ୍ତି। ଏଭଳି ସମୟରେ ପୂର୍ବରୁ ମହାନଦୀରେ ବର୍ଷା ଜଳ ଆସେ। ତେଣୁ ପ୍ରଚୁର ପରିମାଣରେ ବର୍ଷା ଦିନିଆ ମାଛ (ଚଢେନ୍ ଝୁରି) ମିଳେ। ଏବେ ତାହା ସ୍ୱପ୍ନ ହେବାକୁ ବସିଲାଣି। ଜୁନ ଶେଷ ବେଳକୁ ଯେଉଁଠି ପାଣି ଭର୍ତ୍ତି ହୋଇଯାଏ ସେହି ସ୍ଥାନରେ ଗାଧୋଇବା ପାଇଁ ଏବେ ପାଣି ନାହିଁ। ମହାନଦୀର ବିଭିନ୍ନ ଘାଟରେ ପୋତି ହୋଇ ଥିବା ବାଲିରେ ପାଣି ଭର୍ତ୍ତି ହୋଇନାହିଁ। ସୋନପୁର ବାସିନ୍ଦା ଅନାଦି କହିଛନ୍ତି ପୂର୍ବରୁ ମହାନଦୀ ଆମକୁ ଜୀବିକା ଯୋଗାଉଥିଲା। କିଏ ଡଙ୍ଗାରେ ଯାତ୍ରୀ ପାରି କରୁଥିଲା ତ କିଏ ମାଛ ମାରି ପରିବାର ପ୍ରତିପୋଷଣ କରୁଥିଲା। ଏବେ ମହାନଦୀର ଶୁଖା ଅବସ୍ଥାକୁ ନେଇ ଆମର ଜୀବନ ଜିବିକା ଖୁବ୍ ପ୍ରଭାବିତ ହୋଇଛି ବୋଲି ସେ କହିଛନ୍ତି। ବର୍ଷକୁ ବର୍ଷ ଚିନ୍ତା ଜନକ ଭାବେ ମହାନଦୀରେ ପାଣି କମି ଚାଲିଛି। ଜୁନ୍ ଶେଷରେ ବି ମହାନଦୀର ଉଭୟ ପାର୍ଶ୍ୱରେ ସୋନପୁର ଏବଂ ହିକୁଡି ପଟରେ କେବଳ ଦୁଇଟି ଛୋଟ ଧାର ବୋହୁଛି। ପାଣି ବିନା ଓଡ଼ିଶାର ବୃହତ୍ତମ ନଦୀ ମହାନଦୀ ଆଉ ନଦୀ ଭଳି ଦେଖା ଯାଉନାହିଁ। ତେବେ ମହାନଦୀ ଉପରେ ଛତିଶଗଡ଼ ସରକାରଙ୍କ ମନମାନି ଯୋଗୁଁ ଏଭଳି ଅବସ୍ଥା ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟରେ ଏବେ ସମାନ ସରକାର ଥିବାରୁ ମହାନଦୀକୁ ନେଇ କ'ଣ ପଦକ୍ଷେପ ନେଉଛନ୍ତି ସମୟ କହିବ।

**ଏଯାଏଁ ନଦୀରେ ଆସିନି ବର୍ଷାଜଳ**



# ଜିଲ୍ଲା ବ୍ରାହ୍ମଣ ସମାଜର ବୈଠକ

**ବୌଦ୍ଧ, ୨୯।୬(ସମିସ):** ଶନିବାର ଅପରାହ୍ନରେ ମହାନଦୀ ଆଳତି ଘାଟ ଗୋଷ୍ଠୀକେନ୍ଦ୍ରରେ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକର୍ତ୍ତା ଯୋଗଦାନ ଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ରାମପ୍ରସାଦ ଦାଶ, କୋଷାଧ୍ୟକ୍ଷ ରମେଶଚନ୍ଦ୍ର ମହାପାତ୍ର, ସହସମ୍ପାଦକ ନିରଞ୍ଜନ ତ୍ରିପାଠୀ, ଆଞ୍ଚଳିକ ସମ୍ପାଦକ ଅନ୍ତର୍ଯ୍ୟାମୀ ତ୍ରିପାଠୀ, କାର୍ଯ୍ୟକାରୀ ସଦସ୍ୟ ବ୍ରହ୍ମାନନ୍ଦ ପାଣିଗ୍ରାହୀ ପୁରୀଠାରେ ନିର୍ମାଣ ହେବାକୁ ଥିବା ବ୍ରାହ୍ମଣ ଭବନ ପାଇଁ ଆବଶ୍ୟକ ପଡୁଥିବା ଅର୍ଥ ବିଭିନ୍ନ ସୂତ୍ରରୁ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଜିଲ୍ଲାରୁ ୧୦ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ଦାନ ସଂଗ୍ରହ ପାଇଁ ପ୍ରସ୍ତାବ ଗ୍ରହଣ ହୋଇଥିବା ପ୍ରକାଶ କରିଥିଲେ। ସଦସ୍ୟମାନେ ୧ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ଗୁରୁପ୍ରସାଦ ଦାଶ, ସମ୍ପାଦକ ଦେବାଶିଷ ପୁରୋହିତ ଆସନ୍ତା ଦିନରେ ଜିଲ୍ଲାରୁ ୧୦ ଲକ୍ଷ ଟଙ୍କା ଦାନ ସଂଗ୍ରହ କରି ଦେବା ପାଇଁ ସହମତି ପ୍ରକାଶ କରିଥିଲେ। ରବିବାର ବୁର୍ଲାଠାରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ଏକ ପ୍ରତିନିଧିମଣ୍ଡଳୀ ଯୋଗଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ନୃସିଂହ ଚରଣ ହୋତା, ରଣଜିତ୍ ହୋତା, ସୁଶାନ୍ତ ମିଶ୍ର, ସଞ୍ଜୟ ଶଙ୍କର ପୁରୋହିତ, ଆଶୁତୋଷ ପଣ୍ଡା, ମିନୁପ୍ରସାଦ ମିଶ୍ର, ସୂର୍ଯ୍ୟେନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ପିଇଓଙ୍କ ବଦଳି ବାତିଲ ପାଇଁ ବିଡିଓଙ୍କୁ ଦାବିପତ୍ର

**କୋକସରା, ୨୯।୬(ସମିସ):** କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତର ପିଇଓମାନଙ୍କୁ ପଞ୍ଚାୟତସ୍ତରରେ ଅଦଳ ବଦଳ କରାଯାଇଛି। ତେବେ କୋକସରା ସଦର ପଞ୍ଚାୟତର ପିଇଓ ଭବିଷ୍ୟତ ପଟେଲଙ୍କୁ ସେଠାରୁ ମାଝୀଗୁଡା ଓ କାଉଡୋଲା ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି। ତେବେ ତାଙ୍କ ସ୍ଥାନରେ ବିରଞ୍ଚି ଖର୍ସେଲଙ୍କୁ ଦିଆଯାଇଛି। ଏନେଇ ପିଇଓ ଭବିଷ୍ୟତ ପଟେଲକୁ କୋକସରା ପଞ୍ଚାୟତରୁ ଅନ୍ୟତ୍ର ବଦଳି ନ କରିବା ପାଇଁ ୱାର୍ଡ଼ ସଭ୍ୟ ସଭ୍ୟାମାନେ ଏକତ୍ରିତ ହୋଇ କୋକସରା ବିଡ଼ିଓ ସେହ୍ନପ୍ରଭା ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗୁଣନିଧି ବାଗ, ପାର୍ଥ ଗୋପାଳ, ବିନୋଦିନୀ ବିଶି, କ୍ଷୀର ପାଣିଗ୍ରାହୀ, ଲୋଚନା ବିଶି, କାମାକ୍ଷା ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗିର, ୨୯।୬(ସମିସ):** ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ନବନିର୍ବାଚିତ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ପ୍ରବକ୍ତା ପରିଷଦର ସମ୍ପାଦକ ପଣ୍ଡିତ ଶ୍ୟାମସୁନ୍ଦର ଦାଶ ସଭାମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ପଣ୍ଡିତ ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ଜିଲ୍ଲା ବୈଦିକ ପଣ୍ଡିତ ମହାସଂଘର ସଭାପତି ପଣ୍ଡିତ ସନ୍ତୋଷ କୁମାର ଶତପଥୀ ମୁଖ୍ୟ ଅତିଥିଗଣଙ୍କୁ ସ୍ୱାଗତ କରିବା ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ଜିଲ୍ଲା ବ୍ରାହ୍ମଣ ମହାସଭାର ଉପସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, ସଂଗଠନ ସମ୍ପାଦକ କିଶୋର କୁମାର ପୁରୋହିତ, ନଗର କମିଟିର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ ଓ ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ, କାର୍ଯ୍ୟକାରୀ ସଦସ୍ୟ ପୁରୁଷୋତ୍ତମ ପଣ୍ଡା, ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସଭାପତି ପଣ୍ଡିତ ଗିରିଧାରୀ ଶତପଥୀ, ଶ୍ରୀକର ମିଶ୍ର, ଲୋକନାଥ ନେପାକ, ଲକ୍ଷ୍ମୀ ପ୍ରସାଦ ନନ୍ଦ, ଦାମୋଦର ଓତା, ଭୁପେନ୍ଦ୍ର ପାଣ୍ଡିଆ, ଶିବଶଙ୍କର ଖୁଆସ, ସୁଧୀର କୁମାର ତ୍ରିପାଠୀ, ଶିବ ନାରାୟଣ ରଥ, ଶିବଦତ୍ତ ଶତପଥୀ, ନୃସିଂହ ମନ୍ଦିର ପୂଜକ ପଣ୍ଡିତ ଗୋବର୍ଦ୍ଧନ ଶତପଥୀ, ପଣ୍ଡିତ ଭକ୍ତବନ୍ଧୁ ଦାଶ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



**ଜିଲ୍ଲାରେ ପରିବା ଦର ଆକାଶଛୁଆଁ**

# ରାଜ୍ କରୁଛି ଛତିଶଗଡ଼ି ପରିବା





**ନୂଆପଡ଼ା, ୨୯।୬(ସମିସ)**

ରାଜ୍ୟ ରାଜଧାନୀଠାରୁ ୬୦୦ କିମି ଦୂର ଛତିଶଗଡ଼ ସୀମାନ୍ତରେ ଥିବା ନୂଆପଡ଼ା ଜିଲ୍ଲାରେ ବର୍ତ୍ତମାନ ପରିବା ଦର ଆକାଶଛୁଆଁ ହୋଇଛି। ଜିଲ୍ଲାବ୍ୟାପୀ ପରିବା ଦର ବିଭିନ୍ନ ଜାଗାରେ ଭିନ୍ନ ଭିନ୍ନ ରହିଥିବା ବେଳେ ଗ୍ରାହକ ଶୋଷଣ ହେଉଥିଲେ ହେଁ ଜିଲ୍ଲା ପ୍ରଶାସନର କୌଣସି ଲଗାମ ରହୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶଥାଉକି ନୂଆପଡ଼ା ଏକ କୃଷି ପ୍ରଧାନ ଜିଲ୍ଲା। ଏଠାରେ ଅର୍ଦ୍ଧାଧିକ ଚାଷୀ ଧାନ, ଅଣଧାନ ଚାଷ କରୁଥିବାବେଳେ ପନିପରିବା ଚାଷ ସେହି ତୁଳନାରେ ହେଉ ନ ଥିବାରୁ ଏଠିକାର ଲୋକ ଜିଲ୍ଲା ତଥା ରାଜ୍ୟ ବାହାର ପରିବା ବଜାର ଉପରେ ନିର୍ଭର କରି ଚଳିଥାନ୍ତି। ଏଠାକୁ ପ୍ରତିଦିନ ପଡୋଶୀ ଛତିଶଗଡ଼ର ରାୟପୁର ବଜାର ଏବଂ ବରଗଡ଼ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପନିପରିବା ଆସିଥାଏ। ବର୍ତ୍ତମାନ କିଛି ଦିନର ବଜାରକୁ ଦୃଷ୍ଟି ଦେଲେ ସବୁ ପରିବାର ଦର ୫୦ଟଙ୍କା ଡେଇଁଲାଣି। ବେଳେ ବେଳେ ଶହେ ମଧ୍ୟ ଟପିବାରେ ଲାଗିଛି। ଶନିବାର ଦିନର ଜିଲ୍ଲାର ତିନିଗୋଟି ଏନଏସି ଖରିଆରରୋଡ, ନୂଆପଡ଼ା ଏବଂ ଖଡିଆଳ ସହର ବଜାର ଦରକୁ ହିସାବକୁ ନେଲେ ଜିଲ୍ଲାର ଛତିଶଗଡ଼କୁ ଲାଗି ରହିଥିବା ଖରିଆରରୋଡ ସହରରେ ଟମାଟୋ, କୋବି, ପୋଟଳ ଦର କିଲୋ ପିଛା ୮୦ଟଙ୍କା ରହିଥିବାବେଳେ ନୂଆପଡ଼ାରେ ମଧ୍ୟ ସମାନ ଦର ରହିଥିଲା। ଖଡିଆଳରେ ସବୁ ଦର ୫/୧୦ଟଙ୍କା କମ ରହିଥିଲା। ପୋଟଳ ଦର ଏବଂ ଟମାଟୋ ଦର ୫୦/୬୦ଟଙ୍କା ରହିଥିଲା। ଖରିଆରରୋଡ ଏବଂ ନୂଆପଡ଼ା ସହରରେ ପିଆଜ ଦର କିଲୋ ପିଛା ୪୦ଟଙ୍କା ରହିଥିବା ବେଳେ ଖଡିଆଳରେ ୫୦ଟଙ୍କା ରହିଥିଲା। ଖରିଆରରୋଡ ଏବଂ ନୂଆପଡ଼ାରେ କଞ୍ଚା ଲଙ୍କା କିଲୋ ପିଛା ୯୦ଟଙ୍କା ରହିଥିବାବେଳେ ଖଡିଆଳରେ ଶହେ ଉପରେ ରହିଥିଲା। ଏହିଭଳି ଜିଲ୍ଲାବ୍ୟାପି ଆଳୁ ମଧ୍ୟ କିଲୋ ପିଛା ଦର ୩୦ରୁ ୪୦ଟଙ୍କା ପାର କରିଥିଲା। ଧନୀ ଶ୍ରେଣୀର ଲୋକ ବଜାରରେ ମୂଲଚାଲ ନକରି ଚଢା ଦରରେ ପରିବା କିଣି ନେଉଥିବାରୁ ଏହା ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକଙ୍କୁ ମହଙ୍ଗା ମାଡ ହେଲାଣି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି। ପରିବା ଦର ହୁହୁ ହୋଇ ବଢ଼ି ଚାଲିଥିବା ବେଳେ ଏହା ଉପରେ କେହି ବି ଧ୍ୟାନ ଦେଉ ନ ଥିବାରୁ ଏଭଳି ସ୍ଥିତିକୁ କିଏ ନିୟନ୍ତ୍ରଣ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହାକୁ ନେଇ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲିଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଡେଲି ମାର୍କେଟ ଉପରେ ଆମର କୌଣସି ନିୟନ୍ତ୍ରଣ ନାହିଁ। ଏହା ଯୋଗାଣ ଏବଂ ଚାହିଦା ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି।

**ବିଭିନ୍ନ ସହରରେ ଭିନ୍ନ ଭିନ୍ନ ଦର**

## ସେମାନେ ଯାହା କୁହନ୍ତି



ଜିଲ୍ଲାରେ କୌଣସି ପରିବାର ଦର ଗୋଟିଏ ନ ଥିବା ବେଳେ ଏହା ସବୁବେଳେ ଭିନ୍ନ ଭିନ୍ନ ରହୁଛି। ଅନ୍ୟ ପକ୍ଷରେ ଦର ନିୟନ୍ତ୍ରଣ ଦିଗରେ ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରିବା ଦରକାର।
**ଯୋଗେଶ୍ୱର ସଗରିଆ, ସାମ୍ବାଦିକ**



ନିୟମାନୁଯାୟୀ କୌଣସି ବି ବଜାରରେ ପ୍ରଶାସନ ତରଫରୁ ଦୈନିକ ବଜାର ଦର ଚାର୍ଟ ଟଙ୍ଗାଯିବାର ନିୟମ ରହିଛି। ହେଲେ ଏହା ଗୋଟିଏ ବି ବଜାରରେ କାର୍ଯ୍ୟକାରୀ ହେଉ ନ ଥିବାରୁ ଗ୍ରାହକ ଶୋଷଣକୁ ସୁହାଉଛି। ଗୋଟିଏ ପଟେ ପରିବା ଦର ପ୍ରତିଦିନ ବଢ଼ି ଚାଲିଥିବା ବେଳେ ପ୍ରଶାସନର କୌଣସି ପ୍ରକାର ଅଙ୍କୁଶ ନାହିଁ।
**ସଞ୍ଜୁଲତା ପଣ୍ଡା, ଗୃହିଣୀ**



ଏଠାରେ କୌଣସି ମଣ୍ଡି କିମ୍ବା ଶୀତଳ ଭଣ୍ଡାର ନ ଥିବାରୁ ପରିବା ବିକାଳିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଦିନ ସବୁଠାରେ ଆମକୁ କିଣା ମୂଲ୍ୟ ମଧ୍ୟ ଭିନ୍ନ ଭିନ୍ନ ରହୁଥିବାରୁ ସେହି ହିସାବରେ ବିକ୍ରି କରିବାକୁ ପଡୁଛି।
**ଜାନକୀ ପଟେଲ, ପରିବା ବିକାଳି, ଖଡ଼ିଆଳ**

# ଚାରିଦ୍ୱାର ଖୋଲି ହାତ ଟେକିଦେଲେ

# ଏବେ ଉଠିଲାଣି ସ୍ଲଟ୍ ବୁକିଂ କଥା

**ପୁରୀ, ୨୯।୬(ସମିସ):** ଏଥର ନିର୍ବାଚନରେ ଧର୍ମକୁ ନେଇ ରାଜନୀତି ହେଲା। ଜୋର୍‌ଜବରଦସ୍ତ ମହାପ୍ରଭୁଙ୍କୁ ରାଜନୀତି ଭିତରକୁ ଟଣାଗଲା। ଶ୍ରୀମନ୍ଦିର, ରତ୍ନଭଣ୍ଡାର ପ୍ରସଙ୍ଗକୁ ବି ଉଠିଲା। ସରକାରକୁ ଆସିବାର ୬ ଘଣ୍ଟାରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବ ବୋଲି କହିଲେ। ଏମିତି ବିଭିନ୍ନ ଉପାୟରେ ୨୦୨୪ ନିର୍ବାଚନରେ ଯୋଡ଼ି ହୋଇଯାଇଥିଲା ବଡ଼ଦେଉଳ। ସେ ଯାହା ବି ହେଉନା କାହିଁକି ଓଡ଼ିଶାବାସୀ ପରିବର୍ତ୍ତନ ଚାହିଁଲେ, ସରକାର ବି ବଦଳିଲା। ଓଡ଼ିଶାରେ ପ୍ରଥମଥର ପାଇଁ ବିଜେପି କ୍ଷମତାକୁ ଆସିବା ପରେ ପ୍ରତିଶ୍ରୁତି



ମୁତାବକ ଭକ୍ତଙ୍କ ପ୍ରବେଶ ପାଇଁ ଖୋଲାଗଲା ଶ୍ରୀମନ୍ଦିର ଚାରିଦ୍ୱାର। ଖୋଦ୍ ନୂଆ ମୁଖ୍ୟମନ୍ତ୍ରୀ, ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀ ଏବଂ ନୂତନ ମନ୍ତ୍ରୀ ପରିଷଦର ସଦସ୍ୟମାନେ ପୁରୀରେ ରାତ୍ରିଯାପନ କରି ସକାଳୁ ଚାରିଦ୍ୱାର ଖୋଲିବାର ମୂକସାକ୍ଷୀ ପାଲଟିଲେ। ହେଲେ ଭକ୍ତ ଭାବିଥିଲେ ଚାରିଦ୍ୱାର ଖୋଲିବା ପରେ ସେମାନଙ୍କ ଦର୍ଶନରେ ଆଉ କୌଣସି ଅସୁବିଧା ହେବ ନାହିଁ। ଭଲ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ଖୁସିରେ ଫେରିବେ। ହେଲେ ଫଳ ହେଲା ଓଲଟା; ବରଂ ଭିତରେ ଭିଡ଼ ଏମିତି ଅସମ୍ଭାଳ ହେଲା ଯେ ଦର୍ଶନ ପାଇଁ ଆସି ଅନେକ ଶ୍ରଦ୍ଧାଳୁ ଆମ୍ବୁଲାନ୍ସରେ ହସ୍ପିଟାଲ ଗଲେ। ଏଭଳି ସ୍ଥିତିକୁ ଦେଖି ସରକାର ହାତ ଟେକିଦେଲେ। କିଭଳି ଭିତରେ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହେବ କିଛି ବୁଦ୍ଧିବାଟ ପାଉନାହାନ୍ତି। ରଥଯାତ୍ରା ପରେ ଜିଲ୍ଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବସି ଭିଡ଼ ନିୟନ୍ତ୍ରଣ ପାଇଁ ବାଟ ବାହାର କରିବେ ବୋଲି ନିଷ୍ପତ୍ତି ହୋଇଛି। ହେଲେ ଏହାରି ଭିତରେ ଏବେ ସ୍ଲଟ୍ ବୁକିଂର କଥା ଉଠିଲାଣି। ଅର୍ଥାତ୍ ଭଗବାନଙ୍କୁ ଦର୍ଶନ କରିବାକୁ ହେଲେ ଭକ୍ତଙ୍କୁ ଆଗୁଆ ଅନ୍‌ଲାଇନ୍‌ରେ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ। ଏହି ସ୍ଲଟ୍ ବୁକିଂ ପାଇଁ ଆଗୁଆ ଟଙ୍କା ଖର୍ଚ୍ଚ କରିବେ ଶ୍ରଦ୍ଧାଳୁ, ଯାହାକୁ ନେଇ ଏବେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି।

**● ପ୍ରସ୍ତାବରେ ମୋହର ବାଜିଲେ କ୍ଷୁଣ୍ଣ ହେବ ଭକ୍ତଙ୍କ ଅଧିକାର**
**● ମହାପ୍ରଭୁଙ୍କ ଦର୍ଶନ ପାଇଁ ଖର୍ଚ୍ଚ କରିବାକୁ ପଡ଼ିବ ଟଙ୍କା**

ନିକଟରେ ଗଜପତି ମହାରାଜା ଦିବ୍ୟସିଂହଦେବ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି, ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ସ୍ଲଟ ବୁକିଂର ପ୍ରସ୍ତାବ ଦିଆଯାଇଛି। ଅର୍ଥାତ୍ ଯେଉଁମାନେ ମନ୍ଦିରକୁ ଆସିବାକୁ ଚାହିଁବେ, ସେମାନେ ପ୍ରଥମେ ମୋବାଇଲ କିମ୍ବା କମ୍ପ୍ୟୁଟରରେ ସ୍ଲଟ ବୁକିଂ କରିବେ। ସମୟ ଅନୁସାରେ ଭକ୍ତ ଅଭ୍ୟର୍ଥନା କେନ୍ଦ୍ରକୁ ପ୍ରବେଶ କରିବେ। ସେହିଠାରୁ ଦର୍ଶନ ଲାଗି ବନ୍ଦୋବସ୍ତ କରାଯିବ। ହେଲେ ଏହା ଚୂଡ଼ାନ୍ତ ହୋଇନାହିଁ; ପ୍ରସ୍ତାବ ଆକାରରେ ରହିଛି ବୋଲି କହିଛନ୍ତି ଗଜପତି ମହାରାଜା। ତେବେ ଏହାକୁ ନେଇ ଏବେ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଲାଣି। ଏଭଳି ବ୍ୟବସ୍ଥା ହେଲେ ସେମାନଙ୍କ ଅଧିକାର କ୍ଷୁଣ୍ଣ ହେବ। ଏପରିକି ସ୍ଲଟ୍ ବୁକିଂ ପାଇଁ ସେମାନଙ୍କୁ ଟଙ୍କା ବି ଖର୍ଚ୍ଚ କରିବାକୁ ପଡ଼ିବ। ଗରିବର ଦେବତା କୁହାଯାଉଥିବା ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ପାଇଁ କ'ଣ ଆଗୁଆ ଟଙ୍କା ଖର୍ଚ୍ଚ କରିବା ନିହାତି ଦରକାର ବୋଲି ପ୍ରଶ୍ନ କଲେଣି ଭକ୍ତ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମୟ ଅନୁସାରେ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥାରେ ଆସିଥିଲା ପରିବର୍ତ୍ତନ। ୧୦/୧୫ ବର୍ଷ ପଛକୁ ଫେରିଗଲେ ସେତେବେଳେ ଯେତେ ସଂଖ୍ୟାରେ ଭକ୍ତ ଆସୁଥିଲେ ଏବେ ତାହାର ୫ରୁ ୧୦ ଗୁଣ ଅଧିକ ଆସୁଛନ୍ତି। ଫଳରେ ବିଭିନ୍ନ ସମୟରେ ଅସମ୍ଭାଳ ଭିଡ଼ ଯୋଗୁ ବେଳେ ବେଳେ ଦଳାଚକଟା ଭଳି ସ୍ଥିତି ଉପୁଜିଥିଲା। ଏପରିକି ନୀତିକାନ୍ତିରେ ବିଶୃଙ୍ଖଳା ହେଉଥିଲା। ତେଣୁ ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ପାଇଁ ୨୦୧୬ ଜୁଲାଇ ୨୩ ତାରିଖରେ ଗଠିତ ହୋଇଥିଲା ଜଷ୍ଟିସ ବି.ପି. ଦାସ କମିସନ। ମହାପ୍ରଭୁଙ୍କ ନୀତିକାନ୍ତି, ସେବାପୂଜା, ଶୃଙ୍ଖଳିତ ଦର୍ଶନ, ପରମ୍ପରା ସୁରକ୍ଷା, ସେବାୟତଙ୍କ ଆଚରଣ, ଜଗନ୍ନାଥ ସଂସ୍କୃତିର ପ୍ରସାର ଓ ପ୍ରଶାସନିକ ସଂସ୍କାରକୁ କମିସନରେ ଧ୍ୟାନ ଦିଆଯାଇଥିଲା। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେଥିଲାଗି ଜଷ୍ଟିସ୍ ବି.ପି. ଦାସ କମିଶନଙ୍କ ରିପୋର୍ଟ ଆଧାରରେ ଗୋଟିଏ ଦ୍ୱାର ଦେଇ ଭକ୍ତ ଭିତରକୁ ଯାଉଥିବା ବେଳେ ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରୁଥିଲେ। ପରବର୍ତ୍ତୀ ସମୟରେ ପୁରୀବାସୀଙ୍କ ସମସ୍ୟାକୁ ନଜରରେ ରଖି ସେମାନଙ୍କୁ ପଶ୍ଚିମ ଦ୍ୱାରରେ ପ୍ରବେଶ ଅନୁମତି ଦିଆଯାଇଥିଲା।

ହେଲେ ବିଜେପି ସରକାର ଆସିବା ପରେ ଆଉ ଦୁଇଟି ଦ୍ୱାର (ଦକ୍ଷିଣ ଏବଂ ଉତ୍ତର)ରେ ଭକ୍ତଙ୍କୁ ପ୍ରବେଶ ଅନୁମତି ମିଳିଛି। କିନ୍ତୁ ଭିତର ଦର୍ଶନ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେଣୁ ଚାରିଦ୍ୱାର ଦେଇ ଭିତରକୁ ପ୍ରବେଶ କଲା ପରେ ସ୍ଥିତି ଅସମ୍ଭାଳ ହୋଇଥିଲା। ବିଶେଷକରି ପର୍ବପର୍ବାଣି ଏବଂ ଛୁଟି ଦିନରେ ଅଚେତ ହୋଇଥିଲେ ଅନେକ ଭକ୍ତ। ଏହାର ସମାଧାନ ବାଟ ବାହାରି ନଥିବା ବେଳେ ହଠାତ୍ ଗଜପତି ମହାରାଜାଙ୍କ ସ୍ଲଟ ବୁକିଂ ସାକ୍ଷାତ୍‌କାରକୁ ନେଇ ଆରମ୍ଭ ହୋଇଯାଇଛି ବିରୋଧାଭାଷ।

ଭକ୍ତ ରଞ୍ଜିତ ମହାପାତ୍ର କହିଛନ୍ତି, ଭଗବାନଙ୍କୁ ଦର୍ଶନ କରିବା ଭକ୍ତର ଅଧିକାର। ଦର୍ଶନ ପାଇଁ ସ୍ଲଟ ବୁକିଂ ବ୍ୟବସ୍ଥା ଲାଗୁ ହେଲେ ଭକ୍ତର ଅଧିକାର କ୍ଷୁଣ୍ଣ ହେବ। ଗାଁ ଗହଳିର ଗରିବ ଭକ୍ତଟିଏ ସ୍ଲଟ ବୁକିଂ ସୁବିଧା ପାଇବ କିପରି? ଏଥିପାଇଁ ତାଙ୍କୁ ଅନ୍ୟ କାହା ପାଖକୁ ଦୌଡ଼ିବାକୁ ପଡ଼ିବ। ନଚେତ୍ କମ୍ପ୍ୟୁଟର ସେଣ୍ଟର କିମ୍ବା କାଫେକୁ ଯାଇ ସ୍ଲଟ ବୁକିଂ କରିବାକୁ ହେଲେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏ ବ୍ୟବସ୍ଥା ଆଦୌ ଲାଗୁ ହେବା ଉଚିତ ନୁହେଁ। ମହାପ୍ରଭୁଙ୍କୁ ଗରିବଙ୍କ ଦେବତା କୁହାଯାଏ। ହେଲେ ସ୍ଲଟ ବୁକିଂ ବ୍ୟବସ୍ଥା ହେଲେ ଗରିବ ଭକ୍ତମାନେ ଦର୍ଶନରୁ ବଞ୍ଚିତ ହେବେ।

ଅନ୍ୟ ଜଣେ ଶ୍ରଦ୍ଧାଳୁ ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ଭାରତର ଅନ୍ୟ ମନ୍ଦିରଠାରୁ ଶ୍ରୀମନ୍ଦିର ଭିନ୍ନ। ଏହା ନୀତିବହୁଳ ମନ୍ଦିର। ସ୍ଲଟ୍ ବୁକିଂ ବ୍ୟବସ୍ଥା ଏଠାରେ ନିୟମ ଅନୁସାରେ କାର୍ଯ୍ୟକାରୀ ହୋଇପାରିବ ନାହିଁ। ବହୁ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହେବେ। ଏ ବ୍ୟବସ୍ଥାକୁ ମନରୁ ବାହାର ଭକ୍ତମାନେ କିପରି ଭିତରେ ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ତାହା ଚିନ୍ତା କରିବା ଦରକାର। କୌଣସି ବ୍ୟବସ୍ଥା ନକରି ତରବରିଆ ଭାବେ ଚାରିଦ୍ୱାର ଖୋଲି ଏବେ ସ୍ଲଟ ବୁକିଂ କଥା ଉଠାଯିବା ଦୁର୍ଭାଗ୍ୟଜନକ।

**■ ସାର୍ଟିଫାଏଡ୍ ନକଲ ପାଇଁ ୧୦ ହଜାର ଲାଞ୍ଚ**

## ଭିଜିଲାନ୍ସ ଜାଲରେ ପଟ୍ଟାମୁଣ୍ଡାଇ ତହସିଲ ମୁଖ୍ୟ କିରାଣି

**ପଟ୍ଟାମୁଣ୍ଡାଇ, ୨୯।୬ (ସମିସ):** ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପଟ୍ଟାମୁଣ୍ଡାଇ ତହସିଲର ମୁଖ୍ୟ କିରାଣି ଜନ୍ ୱିଲିୟମ୍ସ ବରାଳ। ଭିଜିଲାନ୍ସ ତାଙ୍କୁ ଗିରଫ କରି କଟକ ନେଇଯାଇଛି। ଅପରପକ୍ଷେ, ଏହି ଘଟଣାରେ ତହସିଲର ଅନ୍ୟ ଜଣେ କର୍ମଚାରୀଙ୍କୁ ମଧ୍ୟ ଭିଜିଲାନ୍ସ ଅଟକ ରଖିଛି। ସୂଚନାନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସିଦ୍ଧବାଲି ଗ୍ରାମର ବିଘ୍ନେଶ୍ୱର ଦାସ ତାଙ୍କ ନିଜ ଜମିଜମା ସଂକ୍ରାନ୍ତୀୟ ଫଇସଲା ବାବଦରେ



୨୦୧୬ ମସିହାରେ ପଟ୍ଟାମୁଣ୍ଡାଇ ତହସିଲରେ ଏକ ମିସ୍ କେସ୍ କରିଥିଲେ। ଏହି କେସ୍‌ର ସାର୍ଟିଫାଏଡ୍ ନକଲ ବାହାର କରିବା ପାଇଁ କିରାଣି ଜନ୍ ୱିଲିୟମ୍ସ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଶ୍ରୀ ଦାସ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବା ପାଇଁ ଯୋଜନା ହୋଇଥିଲା। ଯୋଜନାନୁଯାୟୀ, ଆଜି ତହସିଲ୍ ଅଫିସ୍ ମଧ୍ୟରେ ବିଘ୍ନେଶ୍ୱରଙ୍କଠାରୁ ୧୦ ହଜାର ଟଙ୍କା ନେଉଥିବା ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ କିରାଣି ଜନ୍ ୱିଲିୟମ୍ସଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ରସାୟନବୋଳା ୧୦ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ କଟକ ଭିଜିଲାନ୍ସ ପକ୍ଷରୁ କେସ୍ ନଂ- ୧୫/୨୪ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଶ୍ରୀବରାଳଙ୍କ ସହ ରେକର୍ଡ-କିପର୍ ଦାୟିତ୍ୱରେ ଥିବା ଅନ୍ୟ ଜଣେ କର୍ମଚାରୀଙ୍କୁ ଭିଜିଲାନ୍ସ ଅଟକ ରଖିଛି।

## ସାରଥୀଙ୍କ ନିର୍ଦ୍ଦେଶରେ ରଥ ଚଳାନ୍ତି ଅଶ୍ୱ

**ପୁରୀ, ୨୯।୬(ସମିସ):** ଅଖିଳ ବ୍ରହ୍ମାଣ୍ଡନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରତିବର୍ଷ ତିନିରଥ ନିର୍ମାଣ କରାଯାଏ। ପବିତ୍ର ଘୋଷଯାତ୍ରାରେ ଏହି ତିନିରଥ ଶ୍ରୀମନ୍ଦିର ସିଂହଦ୍ୱାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନିଆଯାଏ। ଲକ୍ଷଲକ୍ଷ ଭକ୍ତଙ୍କ ଗହଳି ମଧ୍ୟରେ ବଡ଼ଦାଣ୍ଡର ବୁକୁ ଚିରି ଘୋର ଘର୍ଘର ନାଦରେ ଗଡ଼ିଚାଲେ ତିନିରଥ। ଆଉ ଏହି ରଥକୁ ଠିକଣା ପଥରେ ଆଗେଇ ନିଅନ୍ତି ସାରଥୀ। ଏହି ସାରଥୀଙ୍କ ନିର୍ଦ୍ଦେଶରେ ହିଁ ଅଶ୍ୱମାନେ ରଥ ଚଳାନ୍ତି ବୋଲି ବିଶ୍ୱାସ ରହିଛି।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପ୍ରତ୍ୟେକ ରଥରେ ସାରଥୀ ନିର୍ଦ୍ଦିଷ୍ଟ ସ୍ଥାନରେ ରଥକୁ ସଞ୍ଚାଳନ କରିବା ଭଙ୍ଗୀରେ ଅବସ୍ଥାନ କରିଥାନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ସାରଥୀଙ୍କ ନାମ ମାତଳୀ। ସେ ସୁସଜ୍ଜିତ ଭାବେ ଉପବେଶନ କରି ରଥ ସଞ୍ଚାଳନ ନିମନ୍ତେ ନିର୍ଦ୍ଦେଶ ଦେଇଥାନ୍ତି। ମାତଳୀ ହେଉଛନ୍ତି ଦେବରାଜ ଇନ୍ଦ୍ରଙ୍କ ସାରଥୀ। ଏହାଙ୍କର କନ୍ୟା ଗୁଣକେଶୀ। ସୁମୁଖ ନାମକ ନାଗକୁ ସେ ବିବାହ କରିଥିଲେ। ରଥ ଚାଳନା କରିବାର ସମସ୍ତ କୌଶଳ ମାତଳୀ ଜାଣନ୍ତି। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ସାରଥୀଙ୍କ ନାମ ଦାରୁକ। ମହାଭାରତର ମୂଷଳ ପର୍ବରେ ଦାରୁକଙ୍କ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ସେ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ସାରଥୀ। ଯଦୁବଂଶ ଧ୍ୱଂସ ସମୟରେ ଶ୍ରୀକୃଷ୍ଣଙ୍କ ଅନ୍ତିମ ବାର୍ତ୍ତା ଦାରୁକ ଅର୍ଜୁନଙ୍କୁ ଜଣାଇଥିଲେ। ରଥ ଚାଳନାରେ ତାଙ୍କର ଦକ୍ଷତା ଅପ୍ରତିମ। ସେ ହିଁ ନନ୍ଦିଘୋଷ ରଥର ସଞ୍ଚାଳନ ଦାୟିତ୍ୱ ବହନ କରିଛନ୍ତି।




ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ସାରଥୀଙ୍କ ନାମ ଅର୍ଜୁନ। ଅର୍ଜୁନ ହେଉଛନ୍ତି ମଧ୍ୟମ ପାଣ୍ଡବ। ଦେବରାଜ ଇନ୍ଦ୍ରଙ୍କ ଔରସରୁ କୁନ୍ତୀଙ୍କ ଗର୍ଭଜାତ। ସେ ଥିଲେ ଦ୍ୱାପର ଯୁଗର ଜଣେ ଅଦ୍ୱିତୀୟ ବୀର। ସେ ଶ୍ରୀକୃଷ୍ଣଙ୍କ ଭଗିନୀ ସୁଭଦ୍ରାଙ୍କୁ ବିବାହ କରିଥିଲେ। ସୁଭଦ୍ରା ଏବଂ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ସପ୍ତରଥୀଙ୍କ ଦ୍ୱାରା ମହାଭାରତ ଯୁଦ୍ଧରେ ପ୍ରାଣ ହରାଇଥିଲେ। ତାଙ୍କର ଅନେକ ନାମ ଯଥା ଅର୍ଜୁନ, ଫାଲ୍‌ଗୁନି, ଶ୍ୱେତବାହାନ, କିରୀଟି, ସବ୍ୟସାଚୀ, ଧନଞ୍ଜୟ, ପାର୍ଥ ଇତ୍ୟାଦି। ସେ ଜଣେ ମହାନ ରଥଚାଳକ। ତେଣୁ ସେ ସୁଭଦ୍ରାଙ୍କ ରଥରେ ସାରଥୀ ଭାବେ ଅବସ୍ଥାପିତ ହୋଇଛନ୍ତି। ଏହି ସାରଥୀମାନଙ୍କ ନେତୃତ୍ୱରେ ପ୍ରତ୍ୟେକ ରଥରେ ସଂଯୋଜିତ ୪ଟି ଲେଖାଏଁ ଘୋଡ଼ା ରଥକୁ ଟାଣି ନିଅନ୍ତି।

ଶ୍ରୀବଳଭଦ୍ରଙ୍କ ରଥରେ ସଂଯୋଜିତ ଅଶ୍ୱମାନେ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ମତାନ୍ତରେ ବି ଦୁଇପ୍ରକାର ତୀବ୍ର, ଘୋର, ଦୀର୍ଘ ଓ ସ୍ୱର୍ଣ୍ଣନାଭ ଏବଂ ସ୍ଥିରା, ଧୃତି, ସ୍ଥିତି ଓ ପ୍ରଜ୍ଞା ରହିଛି। ଏମାନଙ୍କର ବର୍ଣ୍ଣ କୃଷ୍ଣ ବା କଳା। ଶ୍ରୀଜଗନ୍ନାଥଙ୍କ ରଥରେ ସଂଯୋଜିତ ଘୋଡ଼ାମାନଙ୍କର ନାମ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ। ମତାନ୍ତରେ ଏମାନଙ୍କ ନାମ ସୁଗ୍ରୀବ, ମେଘ, ପୁଷ୍ପ ଓ ବଳାହକ। ଏମାନଙ୍କ ରଙ୍ଗ ଶୁକ୍ଳ ବା ଧଳା।



ସେହିପରି ଦେବୀ ସୁଭଦ୍ରାଙ୍କ ରଥର ଅଶ୍ୱ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା। ମତାନ୍ତରେ ପ୍ରଜ୍ଞା, ଅନୁଜ୍ଞା, ଘୋରା ଓ ଅଘୋରା। ଏମାନଙ୍କର ବର୍ଣ୍ଣ ରକ୍ତବର୍ଣ୍ଣ ବା ନାଲି। ରଥରେ ଗଜପତି ମହାରାଜା ଛେରାପହଁରା କରିସାରିବା ପରେ ଚାରମାଳ ଫିଟାଯାଏ। ଏହାପରେ ଘୋଡ଼ାମାନଙ୍କୁ ସଂଯୋଗ କରାଯାଏ। ଏହି ବଳିଷ୍ଠ ଅଶ୍ୱମାନେ ବଳପୂର୍ବକ ରଥମାନଙ୍କୁ ନେଇ ଯଥା ସ୍ଥାନରେ ପହଞ୍ଚାଇ ଦେଇଥାନ୍ତି ବୋଲି ଗବେଷକ ଡ. ଦାଶ କହିଛନ୍ତି।

**କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ**

## ଚଣ୍ଡିଖୋଲ-ଡୁବୁରୀ ରାସ୍ତାର ନିର୍ମାଣ ଶୀଘ୍ର ଶେଷ ହେଉ

**ଭୁବନେଶ୍ୱର, ୨୯।୬ (ସମିସ):** ୫୩ ନଂ ଜାତୀୟ ରାଜପଥର ୩୯ କିମି ଦୀର୍ଘ ଚଣ୍ଡିଖୋଲଠାରୁ ଡୁବୁରୀ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ବ୍ରାହ୍ମଣୀ ନଦୀ ଉପରେ କବାଟବନ୍ଧଠାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ପାଇଁ କେନ୍ଦ୍ର ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ଏଥିସହ ଏହି ଜାତୀୟ ରାଜପଥର କାମାକ୍ଷାନଗର-ଡୁବୁରୀ ରାସ୍ତାର ସୁକିନ୍ଦାଗଡ଼ଠାରେ ଏକ ଫ୍ଲାଏଓଭର ନିର୍ମାଣ ପାଇଁ ଶ୍ରୀ ଘଡ଼ାଇ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଚଣ୍ଡୀଖୋଲ-ଡୁବୁରୀ ରାଜପଥକୁ ଚାରିଥାକିଆ ରାସ୍ତାରେ ପରିଣତ କରିବା ପାଇଁ ଦୀର୍ଘ ୧୨ ବର୍ଷ ହେଲା କାମ ଚାଲିଥିଲେ ସୁଦ୍ଧା ଅଧା କାମ ବି ଶେଷ ହୋଇପାରିନାହିଁ। ଫଳରେ ଦୈନିକ ତାଳଚେରର କୋଇଲା ଖଣି, ସୁକିନ୍ଦା କ୍ରୋମ ଭ୍ୟାଲି, ଦୈତାରୀ, ବଡ଼ବିଲ,

**କବାଟବନ୍ଧଠାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ଦାବି**

ଯୋଡ଼ାର ଖଣି ଅଞ୍ଚଳ ଏବଂ କଳିଙ୍ଗ ନଗର ଶିଳ୍ପାଞ୍ଚଳରୁ ପାରାଦ୍ୱୀପ ବନ୍ଦର, ଭାଇଜାଗ ବନ୍ଦର, ଧାମରା ବନ୍ଦର ଏବଂ ଦେଶର ବିଭିନ୍ନ ସ୍ଥାନକୁ ଯାଉଥିବା ଭାରୀଯାନ ତଥା ସ୍ଥାନୀୟ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। କାମାକ୍ଷାନଗର-ଡୁବୁରୀ ରାସ୍ତାର ସୁକିନ୍ଦାଗଡ଼ଠାରେ ଏକ ଫ୍ଲାଏଓଭର୍ ନିର୍ମାଣ ହୋଇ ନଥିବା ବେଳେ ଏହି ରାସ୍ତାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହା ଉପରେ ଯଥାଶୀଘ୍ର ପଦକ୍ଷେପ ନେବା ଲାଗି ଡ. ଘଡାଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି।

**ନାରାୟଣପାଟଣାରେ ଅଜଣା ରୋଗରେ ୬ ଶିଶୁଙ୍କ ମୃତ୍ୟୁ ଘଟଣା**

## ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କଲେ ଦୁଇଜଣିଆ ଟିମ୍

**ନାରାୟଣପାଟଣା, ୨୯।୬ (ସମିସ):** ନାରାୟଣପାଟଣା ବ୍ଲକ୍‌ର ବିଭିନ୍ନ ଗାଁରେ ଅଜଣା ରୋଗରେ ୧୦ଦିନ ଭିତରେ ୬ଜଣ ଶିଶୁଙ୍କ ମୃତ୍ୟୁ ହେବା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଏହାର ତଦନ୍ତ କରିବାକୁ ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଦୁଇଜଣିଆ ଏକ ଟିମ୍ ଏଠାରେ ପହଞ୍ଚି ଶିଶୁମୃତ୍ୟୁର କାରଣ

**ଡିପଥେରିଆ ପରୀକ୍ଷା ପାଇଁ ନମୁନା ପଠାଯାଇଛି**

ଖୋଜିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶିଶୁରୋଗ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଆଦିତ୍ୟ ମହାପାତ୍ର ଏବଂ ଇମ୍ୟୁନାଇଜେସନ୍ କନସଲଟାଣ୍ଟ ଅନୀଲ ପଟ୍ଟନାୟକଙ୍କୁ ନେଇ ଗଠିତ ଏହି ଟିମ୍ ନାରାୟଣପାଟଣାରେ ପହଞ୍ଚିବା ପରେ ମୃତ ଶିଶୁଙ୍କ ଗାଁରେ ପହଞ୍ଚି ମୃତ୍ୟୁର କାରଣ ଖୋଜିଛନ୍ତି।

ସେମାନେ ପ୍ରଥମେ ବାଲିପେଟା ପଞ୍ଚାୟତ ଗତିଗୁଡ଼ା ଗାଁରେ ପ୍ରାଣ ହରାଇଥିବା ତିନି ଶିଶୁଙ୍କ ପରିବାରବର୍ଗଙ୍କୁ ଭେଟି ମୃତ୍ୟୁର କାରଣ ପଚାରି ବୁଝିଥିଲେ। ବ୍ଲକ୍ ସଦରଠାରୁ ୬କି.ମି ଦୂରରେ



ଥିବା ଗତିଗୁଡ଼ା ଗାଁରେ ଡିପଥେରିଆ ବ୍ୟାପିଥିବା ନେଇ ହେଉଥିବା ଗୁଜବକୁ ତଦନ୍ତକାରୀ ଦଳ ସମ୍ପୂର୍ଣ୍ଣ ମିଥ୍ୟା ଓ ଗୁଜବ ବୋଲି କହିଛନ୍ତି। ଏଯାଏ କୌଣସି ଡିପଥେରିଆ ରୋଗୀ ଚିହ୍ନଟ ହୋଇନାହାନ୍ତି ବୋଲି ସେମାନେ କହିଛନ୍ତି। ମୃତ ଶିଶୁଙ୍କୁ ରକ୍ତ ନମୁନା ପରୀକ୍ଷା ପଠାଯାଇଛି। ସେଥିମଧ୍ୟରୁ ଦୁଇଜଣଙ୍କ ଲକ୍ଷଣ ଦେଖି ଡିପଥେରିଆ ସନ୍ଦେହ କରାଯାଉଛି। ସେହିପରି ଗତିଗୁଡ଼ା ଗାଁର ଅନନ୍ତ ମାଉକାଙ୍କ ୬ ମାସର ଶିଶୁପୁତ୍ର ନିମୋନିଆରେ ଆକ୍ରାନ୍ତ ହୋଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ୨୨ ତାରିଖରେ ଗତିଗୁଡ଼ା ଗାଁର ରାଉତ ମେଲେକାଙ୍କ ୮ବର୍ଷର ପୁଅ ଲାଜର ମେଲେକାର ମଧ୍ୟ ମୃତ୍ୟୁ ଅନୁରୂପ ଭାବେ ହୋଇଥିବା ତଦନ୍ତକାରୀ ଟିମ୍ କହିଛନ୍ତି। କିନ୍ତୁ ଏହାକୁ ବାଦ୍ ଦେଇ ଅନ୍ୟ ୪ ଜଣ ଶିଶୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ତଦନ୍ତକାରୀ ଟିମ୍ କହିଛନ୍ତି।

**■ ଡିପ୍‌ଥେରିଆରେ ୫ ଶିଶୁଙ୍କ ମୃତ୍ୟୁ ପ୍ରସଙ୍ଗ**

## ମୁନୁଷ୍‌ପଦରରେ ୫ଜଣିଆ କେନ୍ଦ୍ରୀୟ ଟିମ୍

**ଟିକିରି,୨୯।୬(ସମିସ):** ଜାତୀୟ ସ୍ୱାସ୍ଥ୍ୟ ବିଭାଗର ଡେପୁଟି କମିସନର୍ ଡାକ୍ତର ଆଶିଷ ଚକ୍ରବର୍ତ୍ତୀ, ଉପନିର୍ଦ୍ଦେଶକ ଡାକ୍ତର ରମେଶ ଚନ୍ଦ୍ରା ଏବଂ ଏପିଡୋମାଲୋଜିଷ୍ଟ ଡାକ୍ତର ଆରତି ନରେଡାଙ୍କ ନେତୃତ୍ୱରେ ୫ ଜଣିଆ ଏକ ଟିମ୍ ଆଜି ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର



ଡଙ୍ଗାସିଲ ପଞ୍ଚାୟତର ମୁନୁଷପଦର ଗ୍ରାମରେ ପହଞ୍ଚିଛନ୍ତି। ଏହି ଟିମ୍ ଡିପଥେରିଆରେ ପ୍ରାଣ ହରାଇଥିବା ଓ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ରୋଗୀ ଏବଂ ଗ୍ରାମର ଅନ୍ୟମାନଙ୍କ ନିକଟକୁ ଯାଇ ସ୍ଥିତି ନିରୀକ୍ଷଣ କରିଛନ୍ତି। ସେମାନଙ୍କୁ ବିଭିନ୍ନ ବିଷୟରେ ପଚରାଉଚରା କରିବା ସହ ତଥ୍ୟ ସଂଗ୍ରହ କରିଛନ୍ତି।

ଏହି ଟିମ୍ ପ୍ରଥମେ ଡଙ୍ଗାସିଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ଗାଁକୁ ଚାଲିଚାଲି ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ଦିଆଯାଇଥିବା ଇଞ୍ଜେକ୍ସନ୍‌ର

**ଆକ୍ରାନ୍ତ ଓ ମୃତକଙ୍କ ପରିବାରକୁ ଭେଟିଲେ**

ପ୍ରଭାବ କିଭଳି ରହିଛି ଏବଂ ରୋଗ ବ୍ୟାପିବାର କାରଣ ଉପରେ ଅନୁଧ୍ୟାନ କରିଥିଲେ। ଏହାକୁ ଭିତ୍ତି କରି ଜାତୀୟ ସ୍ତରରେ ଏହି ରୋଗ ନିୟନ୍ତ୍ରଣ ପାଇଁ ଯୋଜନା କରାଯିବ ବୋଲି ଜଣାପଡ଼ିଛି। ଏହି ଟିମ୍ ଶୁକ୍ରବାର ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କ ସହ ଆଲୋଚନା କରିଥିଲେ।

## ହାତୀ ଆକ୍ରମଣରେ ଜଣେ ମୃତ

**ତୁରୁମୁଙ୍ଗା/ପାଟଣା, ୨୯।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ୍ ପୁରୁଣାପାଣି ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ପୁରୁଣାପାଣି ଗ୍ରାମର ସମରା ମୁଣ୍ଡା (୫୫)। ଆଜି ଅପରାହ୍ଣରେ ସେ ସମରା ଜଙ୍ଗଲରେ ପତ୍ର ଗୋଟାଉଥିବା ବେଳେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ସମରାଙ୍କୁ ଶୁଣ୍ଢରେ ଯେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ବନପାଳ ଭୂପତି ସେଠୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସପ୍ତାହେ ହେଲା, ୨୭ ଟିକିଆ ଏକ ଝାଡ଼ଖଣ୍ଡୀ ହାତୀପଲ ପାଟଣା ବନ ରେଞ୍ଜ ଅଞ୍ଚଳରେ ଧସେଇ ପଶି ଉପଦ୍ରବ ଜାରି ରଖିଛନ୍ତି। ଏହି ହାତୀ ପଲ ମଧ୍ୟରେ ଦଳେ ଏରେଣ୍ଡେଇ ନଦୀ କୂଳରେ ଥିବା ଜଙ୍ଗଲରେ ଡେରା ପକାଇଥିବା ବେଳେ ୩ଟି ହାତୀ ପୁରୁଣାପାଣି ଜଙ୍ଗଲରେ ଡେରା ପକାଇଛନ୍ତି।

## ବାଳକକୁ ଟାଣିନେଲା କୁମ୍ଭୀର

**ଅନୁଗୋଳ/ଜଗନ୍ନାଥପୁର, ୨୯।୬(ସମିସ):** ଅନୁଗୋଳ ଜିଲ୍ଲା ସାତକୋଶିଆ ଗଣ୍ଡ ନିକଟ ଟିକରପଡ଼ା ଗାଁରେ ଆଜି ଏକ ଅଘଟଣ ଘଟିଛି। କୁମ୍ଭୀର ଆକ୍ରମଣରେ ୧୩ ବର୍ଷର ଜଣେ ବାଳକର ମୃତ୍ୟୁ ହୋଇଛି। ମୃତ ବାଳକ ହେଲା, ଟିକରପଡ଼ା ଘାଟସାହିର ସମୀର ନାୟକ। ସୂଚନା ମୁତାବକ, ସମୀର ଟିକରପଡ଼ା ଘାଟ ସାହି ନଦୀ ପାଖରେ ଖେଳୁଥିବା ବେଳେ ଗୋଟିଏ କୁମ୍ଭୀର ତାକୁ ନଦୀକୁ ଟାଣି ନେଇଥିଲା। ଏହା ଦେଖି ସେଠାରେ

**୬ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଖେଳୁଥିବା ଅନ୍ୟ ପିଲାମାନେ ପାଟି କରିବା ସହ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଖବର ପାଇ ଗାଁ ଲୋକେ ଡଙ୍ଗାରେ ନଦୀକୁ ଯାଇ କୁମ୍ଭୀର ମୁହଁରୁ ସମୀରକୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ଡେରି ହୋଇଯାଇଥିଲା। ସମୀରର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟିକରପଡ଼ା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକର ପରିବାରକୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି।

## ପତ୍ନୀହନ୍ତାକୁ ଆଜୀବନ

**ବାରିପଦା,୨୯ ।୬ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧) ସତ୍ୟନାରାୟଣ ପାତ୍ର ଶନିବାର ଏକ ମହିଳା ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲା ସାଗରଦିଘି ଥାନା ଅଞ୍ଚଳର ସେକ ସମ୍ରାଟ (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ୨୨ଜଣ ସାକ୍ଷୀ, ତଦନ୍ତ ଓ ଡାକ୍ତରୀ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ୨୦୨୦ ମସିହାରେ ସେକ ସମ୍ରାଟ ସହିତ ଚୁମକି ଖାତୁନଙ୍କ ବିବାହ ହୋଇଥିଲା। ସମ୍ରାଟ କାମ ଅନ୍ୱେଷଣରେ ଆସି ବାରିପଦାର ସୁନଗଡ଼ିଆଠାରେ ଭଡ଼ାରେ ରହୁଥିଲେ। ସେଠାରେ ଜଣେ ଯୁବତୀ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସମ୍ରାଟ ନିଜକୁ ଅବିବାହିତ ବୋଲି କହି ଉକ୍ତ ଯୁବତୀଙ୍କୁ ବିବାହ କରିବା ପାଇଁ ଯୋଜନା କରିଥିଲା। ତେବେ କୌଣସି ସୂତ୍ରରୁ ଚୁମକିଙ୍କ କାନରେ ଏକ କଥା ପଡ଼ିବାରୁ ଏ ସଂପର୍କରେ ସେ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଆପୋସ ସମାଧାନ ମାଧ୍ୟମରେ ଫଇସଲା ହୋଇଥିଲା। କିନ୍ତୁ ଏହି କଥାକୁ ନେଇ ସମ୍ରାଟ ଭିତରେ ଭିତରେ ଉଗ୍ର ହୋଇଉଠିଥିଲା ଏବଂ ପତ୍ନୀ ଚୁମକିଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲା। ଗତ ୨୦୨୧ ମସିହାରେ ସେ ଚୁମକିଙ୍କୁ ହତ୍ୟା କରି କେନ୍ଦୁଖାଲ ପୋଲ ନିକଟରେ ଫିଙ୍ଗି ଫେରାର୍ ହୋଇଯାଇଥିଲା। ଏନେଇ ବେତନଟୀ ପୁଲିସ୍ ନମ୍ବର ୧୭୦/୨୧ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ସମ୍ରାଟ ହିଁ ଚୁମକିଙ୍କ ହତ୍ୟାକାରୀ। ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ଏହି ମାମଲା ପରିଚାଳନା କରୁଥିଲେ।

## ବାଲେଶ୍ୱର ଗୋଷ୍ଠୀ ସଂଘର୍ଷ: ଆଉ ଘଣ୍ଟାଏ କୋହଳ ହେଲା କର୍ଫ୍ୟୁ ଅବଧି

**ବାଲେଶ୍ୱର, ୨୯ ।୬(ସମିସ):** ଗୋଷ୍ଠୀ ସଂଘର୍ଷକୁ ନେଇ ବାଲେଶ୍ୱର ସହରରେ ଲାଗିଥିବା କର୍ଫ୍ୟୁକୁ ଆହୁରି କୋହଳ କରି ଦିଆଯାଇଛି। କର୍ଫ୍ୟୁଛାଡ଼ ଅବଧିକୁ ଆଉ ଘଣ୍ଟାଏ ବୃଦ୍ଧି କରାଯାଇଛି। ଆସନ୍ତାକାଲି (ରବିବାର) ଠାରୁ ଟାଉନ ଥାନା ଓ ସହଦେବଖୁଣ୍ଟା ଥାନା ଅଞ୍ଚଳରେ କର୍ଫ୍ୟୁ ଅଧିକ ଘଣ୍ଟାଏ କୋହଳ ହେବ। ରାତି ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ରହିବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ଆଜି ଶାନ୍ତି କମିଟି ବୈଠକରେ ସୂଚନା ଦେଇଛନ୍ତି। ଗତ ବୁଧବାରଠାରୁ ଏହି ଦୁଇ ଥାନା ଅଞ୍ଚଳରେ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିଲା। ଅନ୍ୟପଟେ ପୁଲିସ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ମୋଟ ୨୪ଟି ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ମୋଟ ୯୧ଜଣ ଗିରଫ ହୋଇଛନ୍ତି। ସେହିପରି ଗୋଟିଏ ସାଇବର ମାମଲାରେ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।



# ଶବ

**ମୂଳ ହିନ୍ଦୀ- ଶ୍ରବଣ କୁମାର**

**ଅନୁବାଦ : କନକ ମଞ୍ଜରୀ ପଟ୍ଟନାୟକ**

ଘଟଣା ବିହୀନ ହେତୁ ଜୀବନ ତାକୁ ରସଶୂନ୍ୟ ବୋଧ ହୋଉଥିଲା। ତା'ର ଅନୁଭୂତି ତନ୍ତୁ ମଧ ଯେପରି ଶିଥିଳ ପଡ଼ି ଆସୁଥିଲା।

ଥଣ୍ଡା ପଡୁଥିଲା। ସେ ନିରୁଦ୍ଦେଶ ଭାବେ ବୁଲିବୁଲି ଘରକୁ ଫେରୁଥିଲା। ତା' ମନ ଶୂନ୍ୟ ଥିଲା। ନିତାନ୍ତ ଶୂନ୍ୟ।

ଚାଲୁଚାଲୁ ସେ ଆକାଶର ତୁଳାକୁଢ଼ ଭଳି ଘୂରୁଥିବା ମୋ ଆଡ଼କୁ ଚାହିଁଲା। ସାୟଂକାଳୀନ ସୂର୍ଯ୍ୟର ରକ୍ତିମ ଆଭା ତା' ମନରେ ଏକ ଷୋଡ଼ଶୀର ସ୍ୱପ୍ନ ଭଳି ଗୁଛି ହୋଇ ରହିଥିଲା। ସେ କିଛି ସମୟ ପାଇଁ ଏଇମିତି ପ୍ରକୃତିର ଛଟାକୁ ନିରେଖିବାକୁ ଲାଗିଲା। ଅଚାନକ ତା' ସମ୍ମୁଖରେ ଜୀବନର ସ୍ଥୂଳ ବାସ୍ତବିକତାମାନ ଘେରିଗଲେ। ତା' ମନରେ ପୁନଃ ଶୂନ୍ୟତା ଭରିଗଲା। ସେ ଆକାରବିହୀନ ଶୂନ୍ୟ।

ସେ ଜଣେ କଳାକାର ଥିଲା।

ଏ ସଭ୍ୟ ଦୁନିଆଠାରୁ ମୋର ଆପଣାପଣ ଛଡ଼ାଇନେଇ ମତେ ଏକ ସାମାନ୍ୟତାରେ ପରିବର୍ତ୍ତିତ କରି ଚାଲିଛି। ମତେ ଆକାରହୀନ କରିଚାଲିଛି। ଏହି ବିଚାର ତା' ମସ୍ତିଷ୍କକୁ ଆସୁଆସୁ ତା' ଭିତରେ ଝଂଜାବାତ ଉଠିଲା ଭଳି ବୋଧ ହେଲା। ଘରେ ପହଞ୍ଚି ସେ ପାଗଳଙ୍କ ଭଳି ଚକ୍‌କର କାଟିବାକୁ ଲାଗିଲା।

ମୃତ୍ୟୁ।

ହଁ, ସେ ମୃତ୍ୟୁ ଚାହୁଁଛି। ଜଣେ କଳାକାର ମୃତ୍ୟୁ ଚାହୁଁଛି।

ସେହି ମୁହୂର୍ତ୍ତରେ ତା' ସମ୍ମୁଖରେ ସମୁଦ୍ରର ଦୃଶ୍ୟ ଓଟାରି ହୋଇଆସିଲା। ସାୟଂକାଳ। ନିରବ, ଏକାନ୍ତ, ପ୍ରଶାନ୍ତ ସମୁଦ୍ର ତଟ। ମଇଁଷିର କଳାପିଠି ଭଳି ଏକ ପଥର। ଧରିନିଅ ସଭ୍ୟତାର ଶବ। ତା' ସମ୍ମୁଖରେ ଉକ୍ତ ପଥରର ଆକାର ସ୍ପଷ୍ଟ ହୋଇ ଉଠୁଥିଲା। ଚିତ୍ତର ଅନୁପମ ଏକାଗ୍ରତା। ଆତ୍ମଲୀନ।

ସେ ଆତ୍ମଲୀନ ହୋଇ ଶୀଘ୍ର ଶୀଘ୍ର ତା' ଆଡ଼କୁ ଆଗୋଉଥିଲା। ସେ ସଭ୍ୟତାର ଶବକୁ ଦଳିମକଚି ଆଗକୁ ବଢୁଥିଲା। ମୃତ୍ୟୁ। ଜୀବନର ନିଷ୍ପତ୍ତି। ଅକଂପ ଦୀପଶିଖା ତୁଲ୍ୟ ମୃତ୍ୟୁ ତା' ସମ୍ମୁଖରେ ଛିଡ଼ାହୋଇ ତାକୁ ଆହ୍ୱାନ କରୁଥିଲା। ସେ ତା' ଆଡ଼କୁ ବଢୁଥିଲା।

ଅତଳ ସମୁଦ୍ର।

ଅଚାନକ ତା' ପାଦ ଅଟକି ଗଲା। ସମଗ୍ର ଶରୀର ସ୍ୱେଦ ଜର୍ଜର ହୋଇଉଠିଲା। ସେ ଭିତରେ ଭିତରେ କଂପିବାକୁ ଲାଗିଲା... ନାହିଁ, ନାହିଁ, ଏବେ ନୁହେଁ।

ସଭ୍ୟତା,

ଅନ୍ୟନାମ- ଆତ୍ମ ପ୍ରବଞ୍ଚନା

'ପ୍ରେମ କର ତ ନୀତିନିୟମକୁ ଜାଣି କର।'

'ଘୃଣା କର ଅନ୍ୟର ଦୃଷ୍ଟି ଆଢୁଆଳରେ।'

ସଭ୍ୟତା।

ଅନ୍ୟନାମ- ସମ୍ପାଦକ।

ତୃତୀୟ ନାମ- ପରବଶତା।

'ସଭ୍ୟତାର ଦୌଡ଼ରେ ଆମେ ପଛରେ ରହିବାକୁ ଚାହୁଁନା।'

'ଆମ ପାଇଁ ପ୍ରସ୍ତୁତ କରାଯାଇଥିବା କଳାକୃତି ସବୁ ଏହିଭଳି ହେବା ଉଚିତ।'

ସୃଜନଶୀଳତା

ନାହିଁ, ନାହିଁ, ଆଡ଼ମ୍ବର।

ଦଳିମକଚି ଦିଅ ଏହି ସଭ୍ୟତାକୁ।

ସେ ଦୌଡ଼ିଲା। ଚତୁର୍ଦ୍ଦିଗରେ ନିବିଡ଼ ଅନ୍ଧକାର। ମନ ଭିତରେ ମଧ ଅନ୍ଧକାର। ସେ କିଛି ବୁଝିପାରୁ ନଥିଲା। ପାଦେପାଦେ ଆଘାତ ପାଉଥିଲା।

ଏହି ଅନ୍ଧକାର ମଧ୍ୟରେ ଜ୍ୟୋତିରିଙ୍ଗଣମାନଙ୍କ ପ୍ରକାଶ। ହଁ, ଏମାନେ ହିଁ ତାକୁ ରାସ୍ତା ଦେଖାଇବେ। ଏମାନେ ହିଁ ତାକୁ ରାସ୍ତା ଦେଖାଇବେ।

ସେ ସେମାନଙ୍କ ଆଡ଼କୁ ବଢ଼ିଲା। ପୁନଃ ଚିତ୍ତର ଏକାଗ୍ରତା। ଆତ୍ମବିଭୋର। ସେ ଆତ୍ମବିଭୋର ହୋଇ ସେମାନଙ୍କ ଆଡ଼କୁ ବଢ଼ିଲା। ସେ ସେମାନଙ୍କ ପାଖରେ ପହଞ୍ଚିପାରିଲା ନାହିଁ। ଆହୁରି ତୀବ୍ର ବେଗରେ... ତୀବ୍ର ବେଗରେ।

ଦ୍ୱାର।

ଦ୍ୱାର ଖୋଲା ଅଛି। ସେହି ଦ୍ୱାର ଦେଇ ଏକ ଶୁଭ୍ର ଜ୍ୟୋତି ମାନବୀର ଆବିର୍ଭାବ। ସଖୀ। ଆତ୍ମା। ହଁ, ଇଏ ହିଁ ତ ତା' ଜୀବନର ଏକମାତ୍ର ଅବଲମ୍ବନ। ଇଏ ତ ତା'ର ସମ୍ବଳ।

ସେ ନିଃଶବ୍ଦ, ନିର୍ନିମେଷ ଛିଡ଼ା ହୋଇଛି।

'ମତେ ଚିହ୍ନିପାରିଲ ନାହିଁ।' କଳାକାରର କରୁଣ ସ୍ୱର। 'କିଏ ତୁମେ ?' ଜିଜ୍ଞାସା ଭରା ପ୍ରକଂପ ସ୍ୱର। 'ଜୀବନ ସହ ଘୋର ସଂଘର୍ଷ କରିଛି, ଆତ୍ମାଦେବୀ। କିନ୍ତୁ ଏବେ... ।'

ଗୋଟିଏ ମୁହୂର୍ତ୍ତର ଅନ୍ତରାଳ।

ଉକ୍ତ ସଖୀ-ଆତ୍ମାର ତରଳ ଆଖିରୁ ଅବିରଳ ଅଶ୍ରୁ ନିର୍ଗତ ହେବାରେ ଲାଗିଥାଏ। ସଂବେଦନାର ନଦୀ ଉଛୁଳି ଉଠିଲା।

କଳାକାର ମଧ ନିଜ ଅଶ୍ରୁ ରୋକି ପାରିଲା ନାହିଁ। ତା' ମନରେ ଯେଉଁ କୁଣ୍ଠା ଥିଲା, ସଂଭବତ ତାହା ହିଁ ତରଳି ଅଶ୍ରୁ ରୂପେ ବହିଗଲା।

ସ୍ପର୍ଶ-ସୌହାର୍ଦ୍ଦ୍ୟ। ଉତ୍ତପ୍ତ ଶ୍ୱାସ। ଅତିମାନବୀୟ ଆଲିଙ୍ଗନ ଉଭୟଙ୍କ ଆଖିରୁ ଅଶ୍ରୁ। ଜୀବନର ସଞ୍ଚାର। ଜୀବନର ସ୍ପନ୍ଦନ... ଜୀବନର ସ୍ପନ୍ଦନ... ।

ଜଣେ କଳାକାର ଚିତ୍କାର କରି ଉଠିଲା, 'ମୁଁ ମୃତ୍ୟୁ ଚାହେଁ ନାହିଁ, ମୁଁ ଜୀବନ ଚାହେଁ... ମୁଁ ଜୀବନ ଚାହେଁ। ■

ପ୍ଲଟ୍ ନଂ-୩,
କେଦାରଗୌରୀ କମ୍ପ୍ଲେକ୍ସ, ଗୌରୀବିହାର
ଭୁବନେଶ୍ୱର, ମୋ: ୯୪୩୮ ୭୦୫୧୫୪

## ଏ ସପ୍ତାହର କବିତା

### ମଇଳା ଗଦାରେ ଜରିମୁଣା



**ମୂଳ ହିନ୍ଦୀ : ଅନାମିକା**

**ଅନୁସୃଜନ : ସୁଜିତ କୁମାର ସତପଥି**

ଇଚ୍ଛାମାନଙ୍କର ଟ୍ରାଫିକ୍ ଜାମ୍‌ରେ ଫସିରହି
ଯେବେ ବିତିଗଲା ମୋର ସମଗ୍ର ଜୀବନ
ବସରୁ ମୁଁ ଓହ୍ଲେଇ ପଡ଼ିଲି ଓ
ଜନସମୁଦ୍ରରେ ପହଁରି ବାହାରିଗଲି
ଆଉ ଗୋଟେ ସଡ଼କରେ
ବସରେ ହିଁ ରହିଗଲା ମୋର
ଅସ୍ତିତ୍ୱର ଗଣ୍ଠିଲି ତରବରରେ

ଆଙ୍ଗୁଠିରେ ଫିଟେଇଦେଲି କେଶର ଗଣ୍ଠି ଓ
ବାନ୍ଧିଦେଲି ଇତସ୍ତତଃ ସ୍ମୃତିର ଖୋଷା
ବାରିକର ଦୋକାନରେ ଝୁଲୁଥିବା ଜହ୍ନକୁ ଦେଖି
କଷିଦେଲି ଅଣ୍ଟାର ବନ୍ଧନକୁ

କିଛି ସାମାନ ନଥିଲା ହେଲେ କାମ ଥିଲା ଅନେକ
ଗତକାଲି କିଛି ବିସ୍ଫୋଟ ହେଇଥିଲା କି ଏଠି
ଭିତରେ ବାହାରେ
ବାହାରେ ଭିତରେ ସଫେଇ ଦରକାର
ଭଗ୍ନାବଶେଷ ହିଁ ଭଗ୍ନାବଶେଷ ସବୁଠି

ଭଲ ହେଲା, ରହିଗଲା ପଛରେ ହିଁ
ମୋର ଅସ୍ତିତ୍ୱର ଗଣ୍ଠିଲି
ଏହା ବି ଦିନେ ନା ଦିନେ ଛୋଟ ହିଁ
ପଡ଼ିଯାଇଥାଆନ୍ତା
ସଂସାରର ସବୁ ଗଣ୍ଠିଲି ପରି

କେଉଁଠୁ କେଉଁଠୁ ବାଛିବି
ସଂସଦ-କଚେରି-ମନ୍ଦିର କି ଅଗଣା
ମସ୍‌ଜିଦ କି ଗୁରୁଦ୍ୱାର
କେଉଁଠୁ ଆରମ୍ଭ କରିବି
ସବୁଆଡ଼େ, ନିଆଁଝୁଲ, ଜଳାପୋଡ଼ା ଗନ୍ଧ
ତଥାପି ଅଛି ଧୈର୍ଯ୍ୟ ଅନନ୍ତ
ସଂସାରକୁ ସଫା କରିବାକୁ
ଧୂମକେତୁଠୁ ମାଗିଛି ଝାଡୁ ଓ
ରଖିଦେଇଛି ଏଇ ଟୋକେଇରେ ଦିଗନ୍ତ ■



### ଇତିହାସ

ବୁଢ଼ୀ ପାଟରାଣୀ ପରି
ଗୋଟେ ଦୁଃଖ ବସିଛି ମୋ ଭିତରେ
କେବେ ସେ ତା'ର ଦ୍ୱାର ଖୋଲେ ନାହିଁ
ଶୂନ୍ୟତାର ମହଲରେ ବସିରହେ ଗୁମସୁମ ହେଇ
କୁହେ ନାହିଁ କେବେ କାହାକୁ କିଛି
ନୂଆ ଯୁବା ଯେତେ ସବୁ କଷ୍ଟ
ମାନନ୍ତି ତାକୁ
ତା'ର ସେ କୋପଭବନ ପଟକୁ ଦେଖନ୍ତି ହିଁ ନାହିଁ
ଖେଳୁଥାନ୍ତି ଚକାଚକା ଭଉଁରୀ
କେବେ କେବେ ସେ ପୁରୁଣା ଦୁଃଖ ହିଁ
ଝରକାରୁ ରହିଥାଏ ଚାହିଁ

ଜଣେ ଥିଲା ରାଜା ଜଣେ ଥିଲା ରାଣୀ
ଦୁହେଁ ମରିଗଲେ ସରିଲା କାହାଣୀ
ଆରେ ନାଇଁ ନାଇଁ
କାହାଣୀ ତ ଏଇଠୁ ଆରମ୍ଭ
ଆମର ଏଇ ଲୋକତନ୍ତ୍ରର
ହୋଇଥାଏ ଯାହା ଯାଏ ନାହିଁ କାହିଁ
ଅଦୃଶ୍ୟ ହୋଇଯାଏ ଧୀରେ ଧୀରେ
ଭାଙ୍ଗିଯାଉଥିବା କାନ୍ଥର ସେପାଖରେ ରହି
ସେମିତି ହିଁ ଘୁମେଇପଡ଼େ
ଗୋଟେ ଜାତିର ସ୍ମୃତି
ଧୂଳିର ଓଢ଼ଣା ଦେଇ ■

ବାଗାଶ୍ରିତା, ସାଲେଭଟା, ବଲାଙ୍ଗିର
ମୋ: ୭୦୦୮ ୦୩୯ ୭୦୧

## ପତ୍ରିକା ପରିଚୟ

### ରେବତୀ

**ସଂପାଦିକା: ସୁବାସିନୀ ଜେନା**



ଓଟି ରୋଡ୍, ବାଲେଶ୍ୱର
ମୂଲ୍ୟ: ୫୦ ଟଙ୍କା

'ରେବତୀ' ଆମ ମାଟିର ସ୍ୱରର ଷଷ୍ଠ ବର୍ଷ, ଅଷ୍ଟମ ସଂଖ୍ୟା ଜୁନ୍ – ୨୦୨୪ ଆମର ହସ୍ତଗତ ହୋଇଛି। ଏହି ସଂଖ୍ୟାରେ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ପାର୍ବଣର ରାଣୀ ରଜ'ରେ ରଜର ଇତିହାସ, ପରମ୍ପରା, ମହତ୍ତ୍ୱ, ଖେଳ, ଗୀତ, ପିଠା,ପାନ ଆଦିକୁ ନେଇ ଏକ ମର୍ମସ୍ପର୍ଶୀ ଆଲେଖ୍ୟ ପ୍ରକାଶ ପାଇଛି। ସେହିପରି ସୌଭାଗ୍ୟବନ୍ତ ମହାରଣାଙ୍କ 'ଫୁଲ ଫୁଟୁ କି ନଫୁଟୁ ଆଜି ବସନ୍ତ'ରେ ଓଡ଼ିଆ ସାହିତ୍ୟର ବୈପ୍ଳବିକ ଓ ବିଦ୍ରୋହୀ କବି ବସନ୍ତ ମୁଦୁଲିଙ୍କ ଜୀବନ ଓ ସୃଜନ ସଂପର୍କରେ ଚମତ୍କାର ବର୍ଣ୍ଣନା କରାଯାଇଛି। 'ଭ୍ରମଣ କାହାଣୀ'ରେ ପ୍ରଫେସର ଦାଶରଥି ଭୂୟାଁଙ୍କ 'ସୀମାନ୍ତର ଶେଷ ଗାଁ', ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ 'ଦକ୍ଷିଣୀ ଦେବଭୂମି', ରେବା ପଟ୍ଟନାୟକଙ୍କ 'ମନ୍ଦିରର ମହକ' ଆଦି ଭ୍ରମଣ କାହାଣୀ ହୃଦୟସ୍ପର୍ଶୀ ହୋଇଛି। ସେହିପରି କବି ଆଶୁତୋଷ ପରିଡ଼ାଙ୍କ 'ବିଶ୍ୱାସ ଦେ' ପୃଥ୍ୱୀ', ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ସବୁ ପାଇଚିର ଦେଶ ଶାନ୍ତିନିକେତନ', ଅପର୍ଣ୍ଣା ମହାନ୍ତିଙ୍କ 'ସବୁ ପାଇବା ହରାଇବାର ଶେଷକଥା', ଅଜୟ ପ୍ରଧାନଙ୍କ 'ମଧ୍ୟସ୍ଥ', ସୁଚିତ୍ରା ପାଣିଗ୍ରାହୀଙ୍କ 'ଆସ ଏଥର' ଆଦି କବିତା ମନଛୁଆଁ ହୋଇଛି। ସେହିପରି ସୁକାନ୍ତି ମହାପାତ୍ରଙ୍କ 'ବିଦୀର୍ଣ୍ଣ ବସନ୍ତ' ଓ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ହାଟ' ଗପ ମାର୍ମିକ ହୋଇଛି। ସେପଟେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ସ୍ମୃତି ରୋମନ୍ଥନରେ ରାମ ପ୍ରସାଦ', ସୁଶାନ୍ତଙ୍କ 'ସବୁ ଆଜି ସୁନୀଳ ସୁନୀଳ' ପ୍ରଭୃତି ଆଲେଖ୍ୟ ମାର୍ମିକ ହୋଇଛି। 'ସଂପାଦକୀୟ'ଠାରୁ ଆରମ୍ଭ କରି 'ଶେଷପୃଷ୍ଠା' ପର୍ଯ୍ୟନ୍ତ 'ରେବତୀ'ର ସମସ୍ତ ନିୟମିତ ବିଭାଗ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଶୋଭନା

**ସଂପାଦକ: ବିଧୁଭୂଷଣ ପଟ୍ଟନାୟକ**



ୟୁନିଟ୍- ୯, ଭୁବନେଶ୍ୱର
ମୂଲ୍ୟ: ୩୫ ଟଙ୍କା

ମହିଳା ପତ୍ରିକା 'ଶୋଭନା'ର ଜୁନ୍ ୨୦୨୪ ସଂଖ୍ୟା ପାଠକମାନଙ୍କ ପାଖରେ ପହଞ୍ଚି ସାରିଛି। ଏହି ସଂଖ୍ୟା ଗଳ୍ପ ବିଶେଷ ଭାବରେ ପ୍ରକାଶ ପାଇଛି। ଓଡ଼ିଶାର ବହୁ ପ୍ରତିଷ୍ଠିତ ଓ ପ୍ରବୀଣ ଗାଳ୍ପିକଙ୍କ ଗପରେ ଏହି ସଂଖ୍ୟାଟି ସମୃଦ୍ଧଶାଳୀ ହୋଇଛି। ଗାଳ୍ପିକ ଗିରୀଶ ସାହୁଙ୍କ 'ଜୀବନ ସଂଗୀତ', ପରେଶ କୁମାର ପଟ୍ଟନାୟକଙ୍କ 'ହରିଶ୍ଚନ୍ଦ୍ରର ଦୁଃଖ', ଜୟନ୍ତୀ ରଥଙ୍କ 'ପାଖରେ ପର୍ବତ', କ୍ଷୀରୋଦ ଦାସଙ୍କ 'ଦି' ଟୋପା ଲୁହ', ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କ 'ସହାବସ୍ଥାନ', ସୀତେଶ ତ୍ରିପାଠୀଙ୍କ 'ଜଟାୟୁ: ଏକ ପ୍ରେମଗଳ୍ପ', ମାୟାଧର ସାହୁଙ୍କ 'ନିମଗଛ ତଳର ଲଣ୍ଠନ', ରବି ପଣ୍ଡାଙ୍କ 'ସ୍ୱପ୍ନଭଙ୍ଗ' ଆଦି ଗପ ହୃଦୟସ୍ପର୍ଶୀ ହୋଇଛି। ଏହି ସବୁ ଗପରେ ମଣିଷ ଜୀବନ ଦ୍ୱନ୍ଦ୍ୱ, ସଂଘର୍ଷ, ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ ପ୍ରତିଫଳିତ ହୋଇଛି। ସେହିପରି ମୋନାଲିସା ମିଶ୍ରଙ୍କ 'ନଦୀ ଫେରେ...', ସୁନୀଲ ମିଶ୍ର 'ମୈତ୍ରେୟ'ଙ୍କ 'ଗୁଣ୍ଡା', ଅରୁଣ କୁମାର ପଟ୍ଟନାୟକଙ୍କ 'ଦୃଷ୍ଟ-ଅଦୃଷ୍ଟ', ମଞ୍ଜୁ ପଣ୍ଡାଙ୍କ 'କମ୍ରେଡ୍' ଆଦି ଗପ ମଧ ମନଛୁଆଁ ହୋଇଛି। 'ଅନନ୍ୟ ପରମ୍ପରା' ବିଭାଗରେ ଡକ୍ଟର ଭାସ୍କର ମିଶ୍ରଙ୍କ 'ଶ୍ରୀକ୍ଷେତ୍ରର ଅନନ୍ୟ ସଂକୀର୍ତ୍ତନ ପରମ୍ପରା'ରେ ଉତ୍କଳୀୟ ସଂସ୍କୃତି ଓ ଶ୍ରୀକ୍ଷେତ୍ରରେ କିଭଳି ସଂକୀର୍ତ୍ତନ ପରମ୍ପରା ସମୃଦ୍ଧଶାଳୀ ହୋଇଛି ରହିଛି, ସେ ସଂପର୍କରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି। କବିତା ବିଭାଗରେ ରବିପ୍ରିୟ ଦାଶଙ୍କ 'ଚିତ୍ରଲେଖାର ସ୍ୱପ୍ନ' କବିତାଟି ଭଲ ହୋଇଛି। ସେହିପରି 'ଲୋକକଥା'ରେ ସୁଶ୍ରୀ ସଙ୍ଗୀତା ଚମ୍ପତିଙ୍କ 'କାଳିଆ ବରକୁ ନୁଖୁରା ବାଳ' ବେଶ୍ ହାସ୍ୟର ଖୋରାକ ଯୋଗାଇଛି। 'ଶୋଭନା'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ ଗଳ୍ପରେ ସୂକ୍ଷ୍ମ ଜୀବନାନୁଭୂତି

**ଡକ୍ଟର ଶେଷନ ବିଶି**



ବଙ୍ଗଳା କଥା ସାହିତ୍ୟ ଜଗତର ଜଣେ ବରେଣ୍ୟ ଓ ସୁପ୍ରସିଦ୍ଧ କଥାଶିଳ୍ପୀ ହେଉଛନ୍ତି ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟ। ପଶ୍ଚିମବଙ୍ଗ ଚବିଶ ପ୍ରାଗଣା ଅନ୍ତର୍ଗତ ମୁରାତିପୁର ଗ୍ରାମରେ ୧୮୯୪ ମସିହା ସେପ୍‌ଟେମ୍ବର ୨୨ ତାରିଖରେ ଜନ୍ମିତ ବିଭୂତିଭୂଷଣ ଥିଲେ ମାନବ ଜୀବନର ଜଣେ ବିମୁଗ୍ଧ ଉପାସକ ଓ ସତ୍ୟର ଯଥାର୍ଥ ରୂପକାର। ସେ ମଣିଷର ଜୀବନଧାରାକୁ ଧ୍ୟାନସ୍ଥ ହୋଇ ପର୍ଯ୍ୟବେକ୍ଷଣ କରିଥିବା ଜଣେ ଦିବ୍ୟସ୍ରଷ୍ଟା କଥାକାର। ଜଣେ ସଚେତନ ଓ ସତ୍ୟ ଅନ୍ୱେଷୀ କଥାସ୍ରଷ୍ଟା ଭାବେ ବଙ୍ଗଳା ସାହିତ୍ୟରେ ସେ ଅଳଙ୍କୃତ କରିଛନ୍ତି ଏକ ସ୍ୱତନ୍ତ୍ର ଓ ସମ୍ମାନନୀୟ ଆସନ। ମାନବ ଜୀବନର ବହୁବିଧ ରହସ୍ୟ ଉଦ୍‌ଘାଟନରେ ତାଙ୍କର ଆନ୍ତରିକତା ଓ ବିଚକ୍ଷଣତା ଚେତନଶୀଳ ପାଠକ ଓ ରସାନ୍ୱେଷୀ ସମୀକ୍ଷକଙ୍କୁ ହତବିମ୍ବ କରିଛି। ସେ ଜଣେ ମାନବପ୍ରେମୀ ଓ ସମ୍ବେଦନଶୀଳ ସାରସ୍ୱତ ସାଧକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର ବା କଲ୍ଲୋଳ ଯୁଗର ସେ ଜଣେ ସ୍ୱନାମଧନ୍ୟ କଥାସ୍ରଷ୍ଟା ହୋଇଥିଲେ ମଧ ତାଙ୍କ ସାହିତ୍ୟରେ ସମବେଦନାହୀନ ମଣିଷର ନିଃସଙ୍ଗତା ଅବା ଏକ୍‌ଲାପଣର ଚିତ୍ର ଅତ୍ୟନ୍ତ ନିଷ୍ପ୍ରଭ। ସେ ଅନୁଭବ କରିଥିଲେ, "ଶିଳ୍ପ କୃତିତ୍ୱର ପରମ ସଫଳତାର ସୌନ୍ଦର୍ଯ୍ୟ ଶିଖରକୁ ପହଞ୍ଚିବାକୁ ହେଲେ ପ୍ରଥମେ ଜୀବନର ସମଗ୍ର ରୂପକୁ ସଂପୂର୍ଣ୍ଣ ଭାବେ ଉପଲବ୍ଧ କରିବାକୁ ହେବ ଏବଂ ଜୀବନର ସେହି ରସକୁ ଉପଭୋଗ ମଧ କରିବାକୁ ପଡ଼ିବ, ନଚେତ୍ ଲକ୍ଷ୍ୟସ୍ଥଳଟି ଦୁରାଧିଗମ୍ୟ ହୋଇଯିବ।" ତାଙ୍କର ଏଭଳି ଅନୁଭବ ବଙ୍ଗଳା କଥା ଜଗତକୁ ଏକ ଭିନ୍ନ ଦୀପ୍ତିରେ ଉଦ୍‌ଭାସିତ କରିବା ସହ କରିଛି ସୌନ୍ଦର୍ଯ୍ୟବିମଣ୍ଡିତ। ବିଭୂତିଭୂଷଣ କଥାଜଗତ ହେଉଛି ତ' ଏକ ରହସ୍ୟମୟ ଗୁମ୍ଫା। ସେ ଭିତରକୁ ପ୍ରବେଶ କରିବା ମାତ୍ରେ ଅସାଧାରଣ ଚରିତ୍ର, ଅସାମାନ୍ୟ ଅନୁଭବର ଝଲକ ପ୍ରତିଟି ପୃଷ୍ଠାରେ ପ୍ରତ୍ୟକ୍ଷ କରିହୁଏ। ୧୯୨୧ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ଉପେକ୍ଷିତ' ବଙ୍ଗଳା ଭାଷାର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ପ୍ରବାସୀ'ରେ ପ୍ରକାଶିତ ହୋଇଥିଲା। ତା'ପରେ ବଙ୍ଗଳା ସାହିତ୍ୟର ଜଣେ ପରମ ବିସ୍ମୟ ଭାବେ ଆବିର୍ଭୂତ ହୋଇ ସେ ବଙ୍ଗଳା କଥା ସାହିତ୍ୟ ଜଗତକୁ ମହତ୍ତ୍ୱପୂର୍ଣ୍ଣ ଦୀପ୍ତିରେ କରିଥିଲେ ଭାସ୍ୱର ଓ ଦିଗନ୍ତପ୍ରସାରୀ। 'ପଥେର ପାଞ୍ଚାଳୀ', 'ଆଦର୍ଶ ହିନ୍ଦୁ ହୋଟେଲ', 'ଦେବଯାନ', 'ଇଚ୍ଛାମତୀ', 'ଆରଣ୍ୟକ', 'ଅପରାଜିତ', 'ଅନୁବର୍ତ୍ତନ', 'ଦମ୍ପତି', 'ବିପିନେର୍ ସଂସାର' ପ୍ରଭୃତି ବିଭୂତିଭୂଷଣଙ୍କ ପାଠକୀୟ ସ୍ୱୀକୃତି ଲାଭ କରିଥିବା ଉପନ୍ୟାସ। ଉପନ୍ୟାସ ପରି କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ମଧ ସେ ଅର୍ଜନ କରିଛନ୍ତି ଅବର୍ଣ୍ଣନୀୟ ସଫଳତା। 'ଅସାଧାରନ୍', 'ଛାୟାଛବି', 'ବିଧୁ ମାଷ୍ଟର', 'ଜନ୍ମ ଓ ମୃତ୍ୟୁ', 'କିନ୍ନରଦଳ', 'ରୂପ ହଲୁଦ', 'ଉପଲ୍‌ଖଣ୍ଡ', 'ମୌରୀ ଫୁଲ', 'ନବାଗତ', 'ବେନିଜିର୍ ଫୁଲବାଡ଼ୀ', 'ଅନୁସନ୍ଧାନ', 'ମେଘ ମହ୍ଲାର' ଆଦି ଉଚ୍ଚକୋଟୀର ଗଳ୍ପଗ୍ରନ୍ଥରେ ବିଭୂତିଭୂଷଣଙ୍କ ଜଗତ ଓ ଜୀବନ ପ୍ରତି ସୂକ୍ଷ୍ମାନୁଭବ ଯେପରି ସାର୍ଥକ ଭାବେ ବିନ୍ୟସ୍ତ ହୋଇଛି, ସେହିପରି ପ୍ରଭାବଶାଳୀ ପ୍ରକୃତି ଏବଂ ମାନବ ଜୀବନ ପ୍ରତି ପ୍ରକାଶ ପାଇଛି ଅଫୁରନ୍ତ ଅଙ୍ଗୀକାରବଦ୍ଧତା।

ସାହିତ୍ୟର ପ୍ରକୃତ ସଂପଦ ହେଉଛି ସୂକ୍ଷ୍ମ ଜୀବନାନୁଭୂତି। ସ୍ଥୂଳ ଜୀବନ ସ୍ରୋତର ଅନ୍ତରାଳକୁ ପ୍ରବେଶ କରିବାରେ ଯେଉଁ ସାରସ୍ୱତ ଶିଳ୍ପୀ ଯେତିକି ସମର୍ଥ ତାଙ୍କ ସାହିତ୍ୟରେ ଜୀବନର ଅନ୍ତର୍ଗତ ଦୃଶ୍ୟ ସକଳ ସେତିକି ଦୀପ୍ତ। ଯେ କୌଣସି ଭାଷାର ଗଳ୍ପ ସାହିତ୍ୟ ମଧ୍ୟରେ ଏହି ସୁଗଭୀର ଅନୁଭବର ଶକ୍ତିଶାଳିତା ମଣିଷର ଅନୁଭବକୁ କରିଛି ପ୍ରାଜ୍ଞ ଓ ପରିପକ୍ୱ। ଭାରତୀୟ ଗଳ୍ପଗୁଡ଼ିକରେ ଅଲୌକିକ ଚରିତ୍ର ଓ ଘଟଣାର ବିନ୍ୟାସ ଅତ୍ୟନ୍ତ ବଳିଷ୍ଠ। ବଙ୍ଗଳା ଗଳ୍ପ ସାହିତ୍ୟ ଏ ଦୃଷ୍ଟିରୁ ସଫଳତାର ଯେଉଁ ସୀମାରେ ଉପନୀତ ଏବଂ ଯେଉଁ ଉଚ୍ଚ ସୌଷ୍ଠବରେ ବର୍ଣ୍ଣାଢ଼୍ୟ, ତହିଁରେ ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ ରହିଛି ଉଲ୍ଲେଖନୀୟ ଅବଦାନ। ଯେଉଁ ପରିବେଶରେ ତାଙ୍କ ସ୍ରଷ୍ଟା ମାନସ ଗଠିତ ହୋଇଥିଲା, ତହିଁରେ ଭରି ରହିଥିଲା ବିପୁଳ ପ୍ରାଣ ପ୍ରାଚୁର୍ଯ୍ୟ। ସେଠି କେବଳ ଦୃଶ୍ୟମାନ ଜୀବନ ନୁହେଁ, ଅନେକ ଅଦୃଶ୍ୟ ଜଗତର ସୌନ୍ଦର୍ଯ୍ୟ ଓ ରହସ୍ୟ ସ୍ୱତଃ ଉନ୍ମୁକ୍ତ। ବିଭୂତିଭୂଷଣ ସେଥିପାଇଁ ଜୀବନର ଅନେକ ସୂକ୍ଷ୍ମସ୍ତରକୁ ଆରୋହଣ କରିପାରିଛନ୍ତି ଅପୂର୍ବ ଆନ୍ତରିକତା ଓ ସାହସିକତା ନେଇ। ତାଙ୍କ ଅଧିକାଂଶ ଗଳ୍ପ ତେଣୁ ଅଲୌକିକ ରସାଶ୍ରିତ ଏବଂ ତହିଁରେ ବିଭୂତିଭୂଷଣଙ୍କ ସୂକ୍ଷ୍ମ ଜୀବନାନୁଭବର ପ୍ରତିଫଳନ ଅତ୍ୟନ୍ତ ସ୍ପଷ୍ଟ। ଯେପରିକି ଏହା ତାଙ୍କ ଗଳ୍ପର ଏକ ଅବିଚ୍ଛେଦ୍ୟ ଅଂଶ। ସୂକ୍ଷ୍ମ ଓ ଅଲୌକିକ ଭାବନାକୁ ଛାଡ଼ି ତେଣୁ ତାଙ୍କ ଗଳ୍ପର ଯଥାର୍ଥ ବିଚାର ସମ୍ଭବ ହୁଏନା। ମରଣ ପରବର୍ତ୍ତୀ ଜୀବନର ରହସ୍ୟ ପ୍ରତି ବିଭୂତିଭୂଷଣଙ୍କ ଜିଜ୍ଞାସା ଓ ଅନୁସନ୍ଧିତ୍ସା ହିଁ ଅତୀବ ପ୍ରଭାବଶାଳୀ। ମୃତ୍ୟୁ ପରବର୍ତ୍ତୀ ଜୀବନ ସମ୍ବନ୍ଧିତ ଅନେକ ଚମତ୍କାର ଘଟଣା ଓ ପରିବେଶ ତାଙ୍କ ଗଳ୍ପରାଜ୍ୟକୁ କରିଛି ବହୁ ଭାବରେ ଅର୍ଥପୂର୍ଣ୍ଣ ଓ ଅଭିନବ ସନ୍ଦେଶ ବହନ କରିବାରେ ସକ୍ଷମ। କେଉଁଠି ଅତୃପ୍ତ ଆତ୍ମାର ଆର୍ତ୍ତଚିତ୍କାର ରୂପାୟିତ ତ' ଅନ୍ୟ କେଉଁଠି ମର୍ତ୍ତ୍ୟ ଜଗତ ପ୍ରତି ତା'ର ମଧୁର ଆକର୍ଷଣର ବର୍ଣ୍ଣନା ଏକାନ୍ତ ହୃଦ୍ୟ। ପ୍ରତିଶୋଧ ପରାୟଣ ପ୍ରେତର ହିଂସାତ୍ମକ ଆଚରଣକୁ ଲେଖିବାରେ ବିଭୂତିଭୂଷଣ ଯେମିତି ସିଦ୍ଧହସ୍ତ ଅସହାୟ ଓ ଅତ୍ୟାଚାରିତ ଆତ୍ମାର ଅନ୍ତର୍ଭେଦୀ କ୍ରନ୍ଦନକୁ ରୂପ ଦେବାରେ ସେମିତି ସମର୍ଥ। ତାଙ୍କ ବହୁ ଗଳ୍ପରେ ଏକ ଅଲୌକିକ ଅନୁଭୂତିମୟ ଜଗତ ପ୍ରତି ତାଙ୍କର ବିଶ୍ୱାସ କେତେ ପ୍ରଗାଢ଼, ତାହା ସହଜରେ ମର୍ମଜ୍ଞ ପାଠକ ଚିହ୍ନଟ କରିପାରେ। ଅଲୌକିକ ଅନୁଭବର ଅଭିଜ୍ଞାନ ଲାଭ କରି ପାଠକ ପ୍ରତିଟି ମୁହୂର୍ତ୍ତରେ ସେଠି ହୋଇଯାଏ ସ୍ତବ୍ଧ ଓ ଅନ୍ତର୍ମୁଖୀ।

ବିଭୂତିଭୂଷଣ ଥିଲେ ମାନବପ୍ରେମୀ। ଏହି ପ୍ରେମ ସମ୍ବନ୍ଧ ହିଁ ସତ୍ୟ ଆବିଷ୍କାରରେ ତାଙ୍କୁ ଅଭିନିବିଷ୍ଟ କରିଛି। ଅଦୃଶ୍ୟ ଜଗତ ପ୍ରତି ଥିଲେ ସେ ଉନ୍ମୁଖ। ସ୍ଥୂଳ ଜଗତ ଅନ୍ତରାଳରେ ବିଦ୍ୟମାନ ସୂକ୍ଷ୍ମ ଜୀବନଧାରାର ଦିବ୍ୟାଲୋକ ତାଙ୍କୁ ସ୍ପର୍ଶ କରିଥିଲା। ତେଣୁ ସେ ସହଜରେ ଭାବବିନିମୟ କରିଛନ୍ତି ପରଲୋକ ବିହାରୀ ଆତ୍ମାମାନଙ୍କ ସହ। ଏହି ଅନୁଭୂତିର ସମୁଜ୍ଜ୍ୱଳ ପ୍ରକାଶ ବିଭୂତିଭୂଷଣ ଗଳ୍ପଜଗତକୁ କରିଛି ବୈଚିତ୍ର୍ୟମଣ୍ଡିତ। ଜୀବନର ରହସ୍ୟ ଭେଦ କରିବାରେ ତାଙ୍କ ସ୍ରଷ୍ଟା ମାନସର ସିଦ୍ଧି ଥିଲା ଅପୂର୍ବ। ତାଙ୍କ 'ଅଭିଶପ୍ତ' ଗଳ୍ପରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା କୀର୍ତ୍ତି ରାୟଙ୍କ ପରିବାରବର୍ଗ ସେହି ପାପପଙ୍କିଳ ପରିବେଶରୁ ମୁକ୍ତିଲାଭ ପାଇଁ ଯେଉଁ ଆକୁଳ ନିବେଦନ କରିଛନ୍ତି, ତାହା ଅତ୍ୟନ୍ତ ମର୍ମଭେଦୀ। ପଥିକ ଓ ନୌକାଯାତ୍ରୀମାନଙ୍କୁ ସେହି ମୁକ୍ତି ପ୍ରୟାସୀ ସତ୍ତାମାନେ ବିକଳ ଅନୁରୋଧ ଓ ପ୍ରାର୍ଥନା କରି କହିଛନ୍ତି "ଓଗୋ ପଥଯାତ୍ରୀରା, ଓଗୋ ନୌକାଯାତ୍ରୀରା ଆମାର୍ ଯେ ଏଖାନେ ଶ୍ୱାସରୁଦ୍ଧ ହୟେ ମାରା ଗେଲାମ...ଦୟାକର ଆମାଦେର ତୋଲ...ଓଗୋ ଆମାଦେର ତୋଲ।' ଅଶରୀରୀ ସତ୍ତାମାନଙ୍କ ଏପରି ମୁକ୍ତିକାମୀ ଉଚ୍ଚାଟିତ ଭାବନା ଭିତରେ କଥାକାର ବିଭୂତିଭୂଷଣଙ୍କ ମାନବାତ୍ମା ପ୍ରତି ଥିବା ସମ୍ବେଦନଶୀଳ ସ୍ପନ୍ଦନ ଅନୁରଣିତ ହୁଏ। ସେହିପରି 'ବଉଚଣ୍ଡୀର ମାଠ' ଗଳ୍ପରେ ପତିତପାବନ ଚୌଧୁରୀଙ୍କ ନବବଧୂ ଆକସ୍ମିକ ଭାବେ ନିରୁଦ୍ଦିଷ୍ଟ ହୋଇଯିବା ଏବଂ ଗ୍ରାମବାସୀ ଗାଁ ମଠ ପାଖରେ ସେହି ଅଦୃଶ୍ୟ ସତ୍ତାକୁ ଦେଖି ବଉଚଣ୍ଡୀ ଭାବେ ପୂଜା କରିବା ଭିତରେ ନେପଥ୍ୟ ଜଗତର ସୂକ୍ଷ୍ମ ସତ୍ତାମାନେ କିପରି ମର୍ତ୍ତ୍ୟବାସୀଙ୍କ ଶୁଭଚିନ୍ତକ, ତାହା ଆକର୍ଷଣୀୟ ଭାବେ ଅନ୍ତର୍ଗୁମ୍ଫିତ। କଥାକାର ବିଭୂତିଭୂଷଣ ପ୍ରେତସତ୍ତାମାନଙ୍କ କଲ୍ୟାଣକାମୀ ମୂର୍ତ୍ତିକୁ ଯେପରି ଦେଖିଛନ୍ତି, ସେହିପରି ସେମାନଙ୍କଠାରୁ ଅଲୌକିକ ଶକ୍ତି ପ୍ରାପ୍ତ ହେବାର ରଖିଛନ୍ତି ଦୃଢ଼ ବିଶ୍ୱାସ। ତାଙ୍କର 'ନୁଟି ମନ୍ତର୍' ଗଳ୍ପ ସେହି ଭାବଚେତନାର ଯଥାର୍ଥ ନିଦର୍ଶନ। ଏହି ଗଳ୍ପରେ ହାବୁ ଅଦୃଶ୍ୟ ସତ୍ତାଙ୍କଠାରୁ ଅଲୌକିକ ଶକ୍ତି (ଅଦୃଶ୍ୟ ହୋଇଯିବାର ନୁଟି ମନ୍ତ୍ର) ଲାଭ କରି ତାକୁ ମହତ୍ତର କାର୍ଯ୍ୟରେ ବିନିଯୋଗ ନ କରି, ବ୍ୟୟ କରିଛି ଚୌର୍ଯ୍ୟ ବୃତ୍ତିରେ। ନିଜର ସଂକୀର୍ଣ୍ଣ ସ୍ୱାର୍ଥସାଧନ ନିମିତ୍ତ ତତ୍ପର ହୋଇ ସେ ଯେଉଁ ଅସହାୟ ଓ ବିପଦଜନକ ପରିସ୍ଥିତି ଲାଭ କରିଛି, ତାହା କଥାଶିଳ୍ପୀ ବିଭୂତିଭୂଷଣ ଉପସ୍ଥାପନ କରିଛନ୍ତି ମାର୍ମିକ ଭାବେ।

ଜୀବନର ଅନ୍ତର ରହସ୍ୟ ରୂପାୟନରେ କଥାକାର ବିଭୂତିଭୂଷଣ ଲାଭ କରିଛନ୍ତି ଅଜସ୍ର ସ୍ୱୀକୃତି ଓ ସଫଳତା। ସୂକ୍ଷ୍ମଲୋକର ସତ୍ୟକୁ ପ୍ରତିଷ୍ଠା କରିବା ନିମନ୍ତେ ସେ ପ୍ରତିଜ୍ଞାବଦ୍ଧ ହୋଇ ଲେଖିଛନ୍ତି ଓ ଆକର୍ଷଣୀୟ କରିଛନ୍ତି ନିଜ ଗଳ୍ପଜଗତକୁ। ତାଙ୍କ 'ଅଭିଶପ୍ତ', 'ଗଙ୍ଗାଧରେର୍ ବିପଦ','କବିରାଜେର୍ ବିପଦ', 'ହସି', 'ଅଭିଶାପ', 'ଅଶରୀରୀ', 'ଆରକ' ପ୍ରଭୃତି ଗଳ୍ପରେ ଜୀବନର ରହସ୍ୟ ଉନ୍ମୋଚନ କରିବାରେ ଗାଳ୍ପିକ ବିଭୂତିଭୂଷଣଙ୍କ ସଫଳତା ଅନନ୍ୟ ଓ ଅବିସମ୍ବାଦିତ। ତାଙ୍କ ଗଳ୍ପ ପଠନ ପାଠକଙ୍କୁ ଜ୍ଞାନଦୀପ୍ତ କେବଳ କରେ ନାହିଁ, ତା'ର ମହନୀୟ ସ୍ପର୍ଶରେ ଜାଗ୍ରତ ଓ ସତେଜ ହୋଇଯାଏ ତା'ର ଅନୁଭୂତିମୟ ଶକ୍ତି। ସୂକ୍ଷ୍ମଲୋକର ସତ୍ୟକୁ ପ୍ରତିଷ୍ଠିତ କରିବାରେ ଯେଉଁ ଶିଳ୍ପୀ ସଂକଳ୍ପବଦ୍ଧ, ତା'ର ସାହିତ୍ୟ ଅନନ୍ୟ ଆକର୍ଷଣର ବିଷୟ। ବିଭୂତିଭୂଷଣଙ୍କ ଗଳ୍ପ ସମଗ୍ର ସେଥିପାଇଁ ସହୃଦୟଙ୍କୁ ଆକର୍ଷିତ କରନ୍ତି ନିବିଡ଼ ଭାବେ। ତାଙ୍କ ଗଳ୍ପର ବହୁ ବର୍ଣ୍ଣନା ପାଠକକୁ ବିସ୍ମୟ ରସରେ ଆପ୍ଳୁତ କରିବା ସହିତ ଜୀବନର ଅର୍ଥ ଅବବୋଧରେ କରିଦିଏ ଏକାନ୍ତ ଅନ୍ତର୍ମୁଖୀ। ■

ସହକାରୀ ପ୍ରଫେସର ଓ ବିଭାଗ ମୁଖ୍ୟ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼
ମୋ: ୯୯୩୭୯୧୩୮୩୨

■ ଜନନୀ ଯନ୍ତ୍ରଣାର ଆଉ ଏକ ବିକଳ ଚିତ୍ର

## ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ; ଖଟିଆରେ ବୁହାହେଲେ ଗର୍ଭବତୀ

**ରାୟଗଡ଼ା/କାଶୀପୁର/ଟିକିରି,୨୯।୬(ସମିସ):** କାଶୀପୁର ବ୍ଲକରୁ ଆଜି ପୁଣି ଜନନୀ ଯନ୍ତ୍ରଣାର ବିକଳ ଚିତ୍ର ସାମ୍ନାକୁ ଆସିଛି । ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନଥିବାରୁ କାଦୁଅ ପଚପଚ ଖାଲଢିପ ରାସ୍ତାରେ ଜଣେ ଗର୍ଭବତୀ ମହିଳାଙ୍କୁ



ଖଟିଆରେ ବୋହି ବୋହି ଆଣି ଆମ୍ବୁଲାନ୍ସରେ ମେଡିକାଲକୁ ନିଆଯାଇଛି । ମହିଳାଙ୍କୁ ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଅଧାବାଟରେ ଆମ୍ବୁଲାନ୍ସରେ ହିଁ ସେ ଏକ ଶିଶୁକନ୍ୟାକୁ ପ୍ରସବ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ବେଳେ ଉଭୟ ମାଆ ଓ ନବଜାତ ଶିଶୁକନ୍ୟା ଉଭୟେ ସୁସ୍ଥ ଥିବା ଜଣାପଡ଼ିଛି ।

କାଶୀପୁର ବ୍ଲକ୍ ଅଡାଜୋର ଗ୍ରାମ ପଞ୍ଚାୟତ କୋଡ଼ିପାରି ନିକଟସ୍ଥ ମରାଫାସ ଗ୍ରାମର କୁନି ମାଝୀଙ୍କର ଆଜି ସକାଳେ ପ୍ରସବ ଯନ୍ତ୍ରଣା ହୋଇଥିଲା । ପରିବାରଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ପ୍ରାୟ ୩୫କିମି ଦୂର ବାଟ ଅତିକ୍ରମ କରିବା ପରେ ଗର୍ଭବତୀ କୁନି ମାଝୀଙ୍କ ଗ୍ରାମଠାରୁ ୧ କି.ମି. ପୂର୍ବରୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ଭଲ ନ ଥିବାରୁ ଆମ୍ବୁଲାନ୍ସଟି ଆଗକୁ ଗଡ଼ି ପାରି ନଥିଲା । ଫଳରେ ତାଙ୍କୁ ପରିବାରବର୍ଗଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ସବିତା ନାୟକ ଓ ଆଶା ଦିଦି ସଂଯୁକ୍ତ ନାଏକ ଏକ ଖଟିଆ ସାହାଯ୍ୟରେ ଗାଁଠାରୁ ୧ କି.ମି ଦୂରରେ ଠିଆ ହୋଇଥିବା ଆମ୍ବୁଲାନ୍ସ ନିକଟକୁ ଖାଲଢିପ, କାଦୁଅ ପଚପଚ ବିପଦପୂର୍ଣ୍ଣ ମାଟି ଓ ପଥୁରିଆ ରାସ୍ତାରେ ବୋହି ଆଣିଥିଲେ ।

## ଦମ୍ପତିଙ୍କ ସମେତ ୧୨ ନକ୍ସଲଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୯।୬(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବସ୍ତର ରେଞ୍ଜରେ ଆଜି ୧୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ଏକ ମାଓ-ଦମ୍ପତି ଥିବା ଜଣାଯାଇଛି । ସେମାନେ ହେଲେ, ମୁନା ମୋଡିୟମ, ଜନନୀ ମୋଡିୟମ, ରାଜୁ ପୁନେମ, ନନ୍ଦୁ ମାଡବି, କୈଳାସ କାରମ, ଯୋଗୀ ମୁଚାକି, ମଙ୍ଗୁ ଓରଫ ଗୋଡଲି ହେମଲା, ଚେତୁ ପୁନେମ, ରାମଲୁ ପୁନେମ, ଫାଗୁ ପୁନେମ, ସୁଖଲାଲ ପୁନେମ, ବୁଧରାମ ପୁନେମ । ଏହି ନକ୍ସଲମାନେ ଦୀର୍ଘ ଦିନ ଧରି ନକ୍ସଲ ସଂଗଠନରେ ସକ୍ରିୟ ରହିବା ସହ ରାଜ୍ୟର ବିଭିନ୍ନ ନକ୍ସଲ ହିଂସାକାଣ୍ଡରେ ସମ୍ପୃକ୍ତ ରହିଥିଲେ ।

ବୃଦ୍ଧାଙ୍କୁ ଦୁଷ୍କର୍ମ ମାମଲା

## ଦୋଷୀକୁ ଆଜୀବନ ଜେଲ୍

**କୁଚିଣ୍ଡା, ୨୯।୬ (ସମିସ):** କୁଚିଣ୍ଡା ଅତିରିକ୍ତ ଜିଲ୍ଲା ଜଜ୍ ରାଜକିଶୋର ଲେଙ୍କା ଶନିବାର ଏକ ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧୀନସ୍ଥ ପଣ୍ଡିଆଢିପା ଗ୍ରାମରେ ଜଗଦୀଶ ବାଦୀ (୪୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଗତ ୨୦୧୯ ମସିହା ଜୁଲାଇ ୧୮ ତାରିଖରେ ଜଗଦୀଶ ସେହି ଗ୍ରାମର ଜଣେ ୬୭ବର୍ଷୀୟ ବୃଦ୍ଧାଙ୍କ ଘରକୁ ମଦ ନେଇ ଯାଇଥିଲେ । ବୃଦ୍ଧାଜଣକ ଘରେ ଏକାକୀ ଥିବା ସମୟରେ ତାଙ୍କୁ ମଦ ପିଇବା ପାଇଁ କହିଥିଲେ । ହେଲେ ସେ ଅମଙ୍ଗ ହେବାରୁ ତାଙ୍କୁ ଜବରଦସ୍ତ ମଦ ପିଆଇ ଦୁଷ୍କର୍ମ କରିଥିଲେ । ପରେ ବୃଦ୍ଧାଙ୍କ ଯୌନାଙ୍ଗରେ ଏକ ବାଡ଼ି ପୂରାଇ ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ପରିବାରଲୋକ ତାଙ୍କୁ କୁଚିଣ୍ଡା ଓ ପରେ ବୁର୍ଲା ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏନେଇ ପରିବାର ଲୋକେ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ । ଅତିରିକ୍ତ ପିପି ରବୀନ୍ଦ୍ର କୁମାର ନାୟକ ମାମଲା ପରିଚାଳନା କରୁଥିଲେ ।

## ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ଲଦାଖରେ ନଦୀରେ ଭାସିଯାଇ ଭାରତୀୟ ସେନାର ୫ ଯବାନ ସହିଦ ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସାଂସଦ ମାନସ ମଙ୍ଗରାଜ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ସୁରକ୍ଷା ପାଇଁ ପ୍ରତିରକ୍ଷାବାହିନୀ ସର୍ବଦା ପ୍ରସ୍ତୁତି ଅଭ୍ୟାସ କରିଥାଏ । ସହିଦ ଯବାନମାନଙ୍କ ବଳିଦାନ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ । ଦେଶବାସୀ ସେମାନଙ୍କ ବଳିଦାନକୁ କେବେ ଭୁଲିବେ ନାହିଁ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସହିଦ୍ ଯବାନଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

ପାତ୍ରପଡ଼ା ଜମି ଦୁର୍ନୀତି ମାମଲା

## ନାଗେଶ୍ୱର ଆକ୍ରୋଶରୁ ଅଭିଯୋଗ କରୁଛନ୍ତି: ମାରିକ୍

**ଭୁବନେଶ୍ୱର, ୨୯।୬(ସମିସ):** ପାତ୍ରପଡ଼ା ସରକାରୀ ଜମି ହଡପ୍ ମାମଲାରେ ଆଜି ସାମ୍ବାଦିକ ସମ୍ମିଳନୀ କରି ମତ ରଖିଛନ୍ତି ପୂର୍ବତନ ଡିଜିପି ସଞ୍ଜୀବ ମାରିକ୍ । ମାରିକ କହିଛନ୍ତି ତାଙ୍କ ପୁଅ ମାତ୍ର ୩ ଗୁଣ୍ଠ ଜମି ନୃସିଂହ ସୁନ୍ଦରାୟ ନାମକ ବ୍ୟକ୍ତିଙ୍କଠାରୁ ୩ ଲକ୍ଷ ଟଙ୍କାରେ ୨୦୦୯ ମସିହାରେ କିଣିଥିଲେ । ଯାହାର ସମସ୍ତ କାଗଜପତ୍ର ସେତେବେଳେ ଠିକ୍ ଥିଲା, ଏମିତିକି ତାହା ସରକାରୀ ଜମି ବୋଲି ବି ଜାଣିନଥିଲେ । ଏମିତିକି ତାଙ୍କ ପ୍ଲଟ୍ ପାଖରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଜମି କିଣିବାକୁ କାହାକୁ ବି କେବେ କହି ନାହାନ୍ତି ବୋଲି ସଫା ସଫା କହିଛନ୍ତି । ତେବେ ନାଗେଶ୍ୱର ତାଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ- ସେ ତଥ୍ୟ ସଂଗ୍ରହ କରିଛନ୍ତି, ଯେଉଁଥିରେ ୯ ଲକ୍ଷ ଟଙ୍କା ଦେଇ ପାଖାପାଖି ୬ ଗୁଣ୍ଠ ଜମି ନାଗେଶ୍ୱର ୨୦୧୧ ମସିହାରେ କିଣିଥିଲେ । ତେବେ ଜମି କିଣି ଫସିଥିବା ଜାଣି ନିଜେ ନାଗେଶ୍ୱର ୨୦୧୫ ନଭେମ୍ବର ୫ ତାରିଖରେ ଏ ସମ୍ପର୍କରେ ଇଓଡବ୍ଲୁରେ

**ମାନହାନି ମାମଲା କରିବାକୁ ଦେଲେ ଧମକ**

ଏକ ଅଭିଯୋଗ ମଧ୍ୟ ଦାଖଲ କରିଥିବା ଦର୍ଶାଇଛନ୍ତି ମାରିକ୍ । ଆଉ ଏବେ ନିଜକୁ ବଞ୍ଚାଇବାକୁ ସେ ମୋ ଉପରେ ଦୋଷ ଲଦୁଥିବା କହିଛନ୍ତି ମାରିକ । ତେଣୁ ତାଙ୍କ ନାମରେ ମାନହାନୀ ମୋକଦ୍ଦମା କରିବି । ସେ ଆକ୍ରୋଶରୁ ଏମିତି ଅଭିଯୋଗ କରୁଛନ୍ତି । ବଡ଼ ପଦରେ ଥାଇ ନିଜ ଅସୁବିଧାକୁ ଅଣଦେଖା କଲେ । ୯ ଲକ୍ଷରୁ କିଣି ସେ ୯୦ ଲକ୍ଷ ଚାହୁଁଛନ୍ତି । ମୁଁ କାଗଜ ଦେଖି କିଣିଥିଲି, କାହାରିକୁ ବିକ୍ରି କରିନି । ତଦନ୍ତ ହେଉ ମୁଁ ସବୁ ସହଯୋଗ କରିବି ବୋଲି କହିଛନ୍ତି ମାରିକ୍ । ମାରିକଙ୍କ ଅଭିଯୋଗ ଉପରେ ଆଜି ଯଦିଓ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ନାଗେଶ୍ୱର ରାଓ ମୁହଁ ଖୋଲିନାହାନ୍ତି, ତେବେ ପୂର୍ବରୁ ଗଣମାଧ୍ୟମ ଆଗରେ ଓ ସୋସିଆଲ ମିଡିଆରେ ଏହାର ପୋଲ ଖୋଲିଥିଲେ । କିଭଳି ଭାବେ ଜମି ହଡପକାରୀଙ୍କ ସହ ପୂର୍ବତନ ଡିଜିପି ସଞ୍ଜୀବ ମାରିକ ଓ ଅତିରିକ୍ତ ପୋଲିସ ଡିଜି ଶ୍ୟାମସୁନ୍ଦର ହାଂସଦାଙ୍କ ସମ୍ପର୍କ ରହିଥିଲା ବୋଲି କହିଥିଲେ ।

## ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲରେ ସୁଜିତ କୁମାର



**ଭୁବନେଶ୍ୱର, ୨୯।୬ (ସମିସ):** ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲରେ ସ୍ଥାନ ପାଇଛନ୍ତି ବିଜେଡି ସାଂସଦ ସୁଜିତ କୁମାର । ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖର ୮ ଜଣ ଉପାଧ୍ୟକ୍ଷଙ୍କୁ ନେଇ ପ୍ୟାନେଲ ଗଠନ କରିଥିବା ବେଳେ ଏଥିରେ ଶ୍ରୀ କୁମାର ସ୍ଥାନ ପାଇଛନ୍ତି । ଏଥିରେ ୫୦% ସ୍ଥାନ ମହିଳା ସାଂସଦଙ୍କୁ ମିଳିଛି ।

● ତଞ୍ଚକତା କରି ବିକିଥିଲେ ରେଳ ସମ୍ପତ୍ତି

## ଇନ୍ସପେକ୍ଟରଙ୍କ ସମେତ ୩ ନିଲମ୍ବିତ

**ଭୁବନେଶ୍ୱର, ୨୯।୬(ସମିସ):** ୧୮ ଲକ୍ଷ ଟଙ୍କାର ରେଳୱେ ସମ୍ପତ୍ତିକୁ ତଞ୍ଚକତା କରି ବିକ୍ରି କରିବା ଅଭିଯୋଗରେ ଆର୍‌ପିଏଫ୍ ଇନ୍ସପେକ୍ଟରଙ୍କ ସମେତ ୩ଜଣ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ଏଥିରେ ସମ୍ପୃକ୍ତ ରହିଥିବା ଖଡ଼ଗପୁର ଡିଭିଜନ୍‌ରେ ଇନ୍ସପେକ୍ଟରଙ୍କ ସମେତ ୩ଜଣଙ୍କୁ ବିରୋଧରେ ଆରପି (ୟୁପି)

**ମାମଲା ରୁଜୁ ହେବା ସହ ଜରିମାନା ଆଦାୟ ଲାଗି ପଦକ୍ଷେପ**

ଅଧିନିୟମ ଅନୁଯାୟୀ ଏକ ଅପରାଧିକ ମାମଲା ରୁଜୁ ହୋଇଛି । ଏଥିସହ ବିଭାଗୀୟ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କଠାରୁ ଜରିମାନା ଆଦାୟ ଲାଗି ପଦକ୍ଷେପ ନେବାକୁ କୁହାଯାଇଛି ।

ସୂଚନା ଅନୁଯାୟୀ, ଆରପିଏଫ୍ ଦକ୍ଷିଣ-ପୂର୍ବ ରେଳୱେ ଖଡ଼ଗପୁର ଡିଭିଜନ୍‌ର ଗାର୍ଡେନ ରିଚ୍ ଅଧୀନରେ ଥିବା ଆର୍‌ପିଏଫ୍‌ରେ ୨୦୨୨ରେ ମସିହାରେ କମ୍ପ୍ୟୁଟର କାର୍ଯ୍ୟ ଲାଗି ବିଭିନ୍ନ ସାମଗ୍ରୀ କିଣାଯାଇଥିଲା । ଦୁଇ ଇନ୍ସପେକ୍ଟରଙ୍କ ମଧ୍ୟରେ ଷ୍ଟୋରର ଦାୟିତ୍ୱ ହସ୍ତାନ୍ତର ସମୟରେ ୟୁପିଏସ୍ ୟୁନିଟ୍ ଓ ଆନୁଷଙ୍ଗିକ ସାମଗ୍ରୀରେ ହେରଫେର ହୋଇଥିବା ଜଣାପଡ଼ିଥିଲା । ନୂଆ କରି ଷ୍ଟୋର୍ ଦାୟିତ୍ୱ ନେଇଥିବା ଇନ୍ସପେକ୍ଟର୍ ଏ ସମ୍ପର୍କରେ ପକ୍ଷରୁ ଦକ୍ଷିଣ-ପୂର୍ବ ରେଳୱେର ଆରପିଏଫ୍ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ । ତାଙ୍କ ଅଭିଯୋଗ ଆଧାରରେ ରେଳବାଇ ଆଭ୍ୟନ୍ତରୀଣ ଭିଜିଲାନ୍ସ ଗ୍ରୁପ୍ (ଆଇଭିଜି) ପକ୍ଷରୁ ତଦନ୍ତ କରାଯାଇଥିଲା । ଅନୁସନ୍ଧାନକାରୀ ଟିମ୍ ତଦନ୍ତରୁ ସମ୍ପତ୍ତି ହଡ଼ପର ପ୍ରମାଣ ମିଳିଥିଲା । ଗତ ୨୦ ତାରିଖରେ ଏହି ତଦନ୍ତକାରୀ ଟିମ୍ ରେଳୱେ ବିଭାଗକୁ ରିପୋର୍ଟ ଦେଇଥିଲା । ମୋଟ ୧୭ ଲକ୍ଷ ୬୫ହଜାର ୪୫୬ ଟଙ୍କାର ରେଳ ସମ୍ପତ୍ତି ହେରଫେର୍ ହୋଇଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଥିଲା । ପ୍ରାଥମିକ ତଦନ୍ତ ପରେ ସେମାନଙ୍କ ସମ୍ପୃକ୍ତି ଜଣାପଡ଼ିବାରୁ ଏଥିରେ ଜଣେ ଇନ୍ସପେକ୍ଟର, ଜଣେ ସବ୍-ଇନ୍ସପେକ୍ଟର ଓ ଜଣେ ହେଡ୍ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି ।

■ ପାହାଡ଼ ଉପରେ ଗୁଳିକାଣ୍ଡ

## ମାଆ ମୃତ, ଝିଅ ଗୁରୁତର

**ଥୁଆମୂଳ ରାମପୁର, ୨୯।୬ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଧୀନ ଗୁଣପୁର ପଞ୍ଚାୟତର ରଣପୁରରେ ଗୁଳିକାଣ୍ଡ ଘଟିଛି । ଏହି ଅପରାଧିକ ଘଟଣାରେ ମାଆ ପ୍ରାଣ ହରାଇଥିବା ବେଳେ ଝିଅ ଗୁରୁତର ହୋଇଛନ୍ତି । ମୃତକଙ୍କ ନାମ ଜେମାଦେଇ (୩୯) । ତାଙ୍କର ୯ବର୍ଷର ଝିଅ ଦିବ୍ୟା ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପୁଲିସ୍ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ୬ଟାରେ ରଣପୁର ଗ୍ରାମର ବନ ମାଝୀ (୪୫)ଙ୍କ ସ୍ତ୍ରୀ ଜେମାଦେଇ ଓ ଝିଅ ଦିବ୍ୟା ଗାଁ ନିକଟ ପାହାଡ଼ ଉପରେ କରାଯାଇଥିବା ନିଜ ଚାଷକୁ ଦେଖିବା ପାଇଁ ଯାଇଥିଲେ । ସେଠାରେ ସେମାନେ ଗୁଳିକାଣ୍ଡର ଶିକାର ହୋଇ ଗୁରୁତର ହୋଇଥିଲେ । ସେମାନଙ୍କୁ ପ୍ରଥମେ ଭବାନୀପାଟଣା ଏବଂ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା । ଆଜି ଜେମାଦେଇଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବୁର୍ଲା ଡାକ୍ତରଖାନା ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଛି । ରବିବାର କର୍ଲାପାଟ ପୁଲିସ ବୁର୍ଲାରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ସୂଚନା ମିଳିଛି ।

ତେବେ ପାହାଡ଼ ଉପରେ କିଏ ଓ କାହିଁକି ମା-ଝିଅଙ୍କୁ ଗୁଳି କଲା, ତାହା ଜଣାପଡ଼ିନାହିଁ । ପୁଲିସ ଏ ନେଇ ତଦନ୍ତ ଚଳାଇଛି । ଖୁବ୍‌ଶୀଘ୍ର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ୍ କହିଛି । ଅପରପକ୍ଷେ, ରବିବାର ସକାଳୁ କର୍ଲାପାଟ ପୁଲିସ ସୂଚନା ପାଇ ରଣପୁର ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ବନ ମାଝୀକୁ ଆଣି ଘଟଣା ସମ୍ପର୍କରେ ପଚରାଉଚରା କରୁଛି ।

## ପୂର୍ବତନ ଏଲ୍ଏସ୍ଇଓଙ୍କୁ ୨ ବର୍ଷ ଜେଲ୍

**ବ୍ରହ୍ମପୁର, ୨୯।୬ (ସମିସ):** ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ବିଚାର କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଡ. ଅରୁଣକୁମାର ସାହୁ ଜଣେ ମହିଳା ସାମାଜିକ ଶିକ୍ଷା ଅଧିକାରୀ (ଏଲଏସଇଓ)ଙ୍କୁ ୨ବର୍ଷ ଜେଲ୍ ଓ ୭ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ । ଦୋଷୀ ସାବ୍ୟସ୍ତ ହୋଇଥିବା ମହିଳାଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକର ତତ୍କାଳୀନ ମହିଳା ସାମାଜିକ ଶିକ୍ଷା ଅଧିକାରୀ ତଥା ବ୍ରହ୍ମପୁର ଅଶୋକ ୯ମ ଲାଇନ୍ ବାସିନ୍ଦା ପି. ଆଦିଲକ୍ଷ୍ମୀ(୮୦) । ୧୯୯୭ ମସିହାରେ ପି. ଆଦିଲକ୍ଷ୍ମୀ ପୁରୁଷୋତ୍ତମପୁର

**ସରକାରୀ ଅର୍ଥ ଆତ୍ମସାତ ମାମଲା**

ବ୍ଲକରେ ଏଲଏସଇଓ ଭାବେ କାର୍ଯ୍ୟ କରୁଥିଲେ । ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ରାଜ୍ୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ଏହି ବ୍ଲକର ୨୬ଟି ପଞ୍ଚାୟତ ଓ ଗୋଟିଏ ଏନଏସିରେ ରହୁଥିବା ହିତାଧିକାରୀଙ୍କ ଦାୟିତ୍ୱରେ ସେ ରହିଥିଲେ । ଭତ୍ତା ପ୍ରଦାନ ପାଇଁ ସେହିବର୍ଷ ଜାନୁଆରୀ ୨ରୁ ଡିସେମ୍ବର ୧୦ ତାରିଖ ମଧ୍ୟରେ ପି. ଆଦିଲକ୍ଷ୍ମୀ ବ୍ଲକ କାର୍ଯ୍ୟାଳୟରୁ ମୋଟ ୧୨ଲକ୍ଷ ୫୮ହଜାର ଟଙ୍କା ଗ୍ରହଣ କରିଥିଲେ । ହେଲେ ପରବର୍ତ୍ତୀ ସମୟରେ ମୋଟ ଟଙ୍କାରୁ ୨ ଲକ୍ଷ ୨୦୦ ଟଙ୍କାର ହିସାବ ଦେଇନଥିଲେ । ଏହି ୨ ଲକ୍ଷ ୨୦୦ ଟଙ୍କା ସେ ଆତ୍ମସାତ କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା । ଏନେଇ ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା । ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ଅବଶିଷ୍ଟାଂଶ...

### ଗୁଜରାଟର ୭ ସ୍ଥାନରେ...

୨୦୧୪ ପୂର୍ବରୁ ମଧ୍ୟ ଏଭଳି ମାମଲା ସାମ୍ନାକୁ ଆସିଥିଲା । କିନ୍ତୁ ଏହା ଉଚିତ ବୋଲି ଶିକ୍ଷାମନ୍ତ୍ରୀ କହିନାହାନ୍ତି । ଏନ୍‌ଟିଏକୁ ନୂଆ ନେତୃତ୍ୱ ମିଳିଛି । ଇସ୍ରୋର ପୂର୍ବତନ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏନ୍‌ଟିଏରେ ସୁଧାର ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହି ମାମଲାର ସମାଧାନ ଲାଗି ନୂଆ ଆଇନ ଅଣାଯାଇଛି । ସମ୍ପୂର୍ଣ୍ଣ ମାମଲା ସିବିଆଇକୁ ଦିଆଯାଇଛି । ଆଗାମୀ ଦୁଇ ଦିନ ମଧ୍ୟରେ ନିଟ୍-ପିଜିର ନୂଆ କାର୍ଯ୍ୟକ୍ରମର ଘୋଷଣା କରାଯିବ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ।

ସେହିପରି କଂଗ୍ରେସ ନେତା ଶକ୍ତି ସିଂହ କହିଛନ୍ତି ଯେ ନିଟ୍ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଜାଲିଆତି ହୋଇଥିଲା । ଏଥିରେ ବିଜେପି ନେତା ସାମିଲ ଅଛନ୍ତି । ଗୁଜରାଟର ଜୟ ଜଲାରାମ ସ୍କୁଲ୍ ବିଜେପିକୁ ଚାନ୍ଦା ଦେଇଛି । କିଛି ପ୍ରାର୍ଥୀଙ୍କୁ ଏହି ପରୀକ୍ଷା କେନ୍ଦ୍ର ବାଛିବାକୁ କୁହାଯାଇଥିଲା । ଅଭିଭାବକଙ୍କଠାରୁ ବ୍ଲାଙ୍କ ଚେକ୍ ଏବଂ ଟଙ୍କା ନିଆଯାଇଛି । ଏହି ସ୍କୁଲ୍‌ର କାର୍ଯ୍ୟକ୍ରମରେ ସ୍ମୃତି ଇରାନୀ ସାମିଲ ହୋଇଥିଲେ ।

### ଓଡ଼ିଶାର ସ୍ୱାର୍ଥ ସହ...

ଏବଂ ଅନ୍ୟ ନେତୃତ୍ୱଙ୍କୁ ଭେଟିଛନ୍ତି । ବିକଶିତ ଓଡ଼ିଶା ସମ୍ପର୍କରେ ସେମାନେ ଦିଲ୍ଲୀରେ ଆଲୋଚନା କରିବେ ବୋଲି କହିକି ଯାଇଥିଲେ । ଆଜି ସେମାନେ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ବିକଶିତ ଓଡ଼ିଶା ପାଇଁ ସେମାନେ ଦିଲ୍ଲୀରେ କ'ଣ ଆଲୋଚନା କଲେ ଏବଂ ଓଡ଼ିଶା ପାଇଁ କେନ୍ଦ୍ରଠାରୁ କି ପ୍ରତିଶ୍ରୁତି ନେଇ ଆସିଲେ, ତାହା ଜାଣିବା ପାଇଁ ରାଜ୍ୟବାସୀ ଅପେକ୍ଷା କରି ରହିଛନ୍ତି । କେନ୍ଦ୍ର ସରକାର ବିକଶିତ ଓଡ଼ିଶା ଗଠନ ପାଇଁ ପୂବ ସରକାର ରଖିଥିବା ଉପରୋକ୍ତ ଦୁଇଟି ଦାବିକୁ କେନ୍ଦ୍ର ସରକାର ତୁରନ୍ତ ପୂରଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ୨୪ ବର୍ଷର ଶାସନ କାଳରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସବୁକ୍ଷେତ୍ରରେ ଅନେକ ଅଗ୍ରଗତି କରିଛି । ବିକଶିତ ଓଡ଼ିଶା ଗଠନ କରିବାକୁ ହେଲେ ଅର୍ଥନୀତିକୁ ଆହୁରି ସମୃଦ୍ଧ କରିବାକୁ ପଡ଼ିବ । ତେଣୁ ବିକଶିତ ଓଡ଼ିଶା ଗଠନ ପାଇଁ ଯାହା ଆବଶ୍ୟକ, ସେ ସମସ୍ତ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କ ପରାମର୍ଶକ୍ରମେ ଗ୍ରହଣ କରିବା ନେଇ ସମସ୍ତଙ୍କର ଆଶା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ ଆହୁରି କହିଛନ୍ତି ଯେ ଓଡ଼ିଶା ଏକ ଖଣି ପ୍ରାଧାନ୍ୟ ରାଜ୍ୟ ହୋଇଥିବା ବେଳେ ଏଠାରେ କୋଇଲା ବ୍ୟାପକ ପରିମାଣରେ ମିଳେ । ବହୁଦିନରୁ ଓଡ଼ିଶା ସରକାର ଏବଂ ସମସ୍ତ ରାଜନୈତିକ ଦଳ କୋଇଲା ରାଜଭାଗ ବୃଦ୍ଧି ପାଇଁ ଦାବି କରି ଆସୁଛନ୍ତି । ଆଗରୁ ପ୍ରତି ୩ ବର୍ଷରେ ଥରେ କେନ୍ଦ୍ର ସରକାର କୋଇଲାର ରାଜଭାଗ ବୃଦ୍ଧି କରୁଥିଲେ । ମାତ୍ର ୨୦୧୩ ମସିହାଠାରୁ କୋଇଲାର ରାଜଭାଗ ବୃଦ୍ଧି ହୋଇନାହିଁ । ବିଦାୟୀ ବିଜେଡି ସରକାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ବାରମ୍ବାର ଅନୁରୋଧ କରିବା ସହ ପ୍ରଧାନମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ କୋଇଲା ରାଜଭାଗ ବୃଦ୍ଧି ପାଇଁ ଚିଠି ଲେଖିଛନ୍ତି । ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଏନେଇ ଦାବି କରିଛନ୍ତି । ଓଡ଼ିଶା ବିଧାନସଭାର ସବୁ ଦଳର ଦାବି ସତ୍ତ୍ୱେ ଏଯାବତ୍ କୋଇଲା ରାଜଭାଗ ବୃଦ୍ଧି ହୋଇପାରିଲା ନାହିଁ । ବିକଶିତ ଓଡ଼ିଶା ଗଠନ ପାଇଁ ଯେଉଁ ଅର୍ଥର ଆବଶ୍ୟକତା ହେବ, କୋଇଲା ରାଜଭାଗ ବୃଦ୍ଧି ହେଲେ ଅନେକ ପରିମାଣରେ ସେହି ଆଶା ପୂରଣ ହେବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ପାଇଁ ଓଡ଼ିଶା ବିଧାନସଭାଠାରୁ ଆରମ୍ଭ କରି ରାଜନୈତିକ ଦଳ, ସାଧାରଣ ଲୋକେ ଏନେଇ ବହୁ ଦିନରୁ ଦାବି କରି ଆସୁଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏନେଇ କେନ୍ଦ୍ର ସହ ବାରମ୍ବାର ଆଲୋଚନା କରିଛନ୍ତି । ରାଜ୍ୟ ନେତୃମଣ୍ଡଳୀ ଏନେଇ କେନ୍ଦ୍ର ସହ ନିଶ୍ଚିତ ଆଲୋଚନା କରିଥିବା ନେଇ ଆମେ ଆଶା ରଖିଛୁ ।

ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଧାନସଭାରେ ସବୁବେଳେ ବିଜେଡି ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରି ଆସିଛି । ଓଡ଼ିଶାବାସୀଙ୍କ ପାଇଁ ବିଜେଡି ସବୁବେଳେ ଆଗରେ ରହିବ, ସାଧାରଣ ଲୋକଙ୍କ ସ୍ୱର ସାଜିବ । ଯେତେବେଳେ ସାଧାରଣ ଲୋକଙ୍କ ସ୍ୱାର୍ଥ ବାଧାପ୍ରାପ୍ତ ହେବ, ଦଳ ରାଜରାସ୍ତାକୁ ଓହ୍ଲାଇବ । ଆମେ ଯେଭଳି ସାଧାରଣ ଲୋକଙ୍କ ପାଇଁ ଲଢ଼େଇ କରୁଥିଲୁ, ଆଗାମୀ ଦିନରେ ତାହା ଜାରି ରହିବ ବୋଲି ଶ୍ରୀମତି ମଲ୍ଲିକ କହିଛନ୍ତି ।

### ଜେସିଓଙ୍କ ସମେତ...

ବେଳେ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ସେନାର ଜଣେ ପ୍ରମୁଖ ଅଧିକାରୀ କହିଛନ୍ତି । ଲେହ ଠାରୁ ପ୍ରାୟ ୧୪୮ କିମି ଦୂରରେ ଏହି ଦୁର୍ଘଟଣା ଘଟିଛି । ସମସ୍ତ ମୃତକ ଭାରତୀୟ ସେନାର ଲେହ ଠାରେ ଅବସ୍ଥିତ ୧୪ କର୍ପସ ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ ଥିଲେ ବୋଲି ଜଣାପଡ଼ିଛି । ଏହି ଘଟଣାକୁ ନେଇ ଭାରତୀୟ ସେନା ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଥିଲା ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସହିଦ ହୋଇଥିବା ସମସ୍ତ ଯବାନଙ୍କ ପରିବାର ପ୍ରତି ରାଜନାଥ ସମବେଦନା ଜଣାଇଛନ୍ତି ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**CHANGE OF NAME**

I, Naaz Afreen (Old Name), W/o- Shaikh Sarfraj Tulla, R/o. Vill /PO/PS: Gop, Dist: Puri (Odisha) changing my name from Naaz Afreen (Old Name) To **NAZ AFREEN (New Name),** W/o-Shaikh Sarfraj Tulla. Hence forth being called as **NAZ AFREEN (New Name)** for all purposes.

**CHANGE OF NAME**

I, Saikh Imran Ali (Old Name), S/o- Shaikh Tafazul Ali, R/o. Vill/PO : Bishanpur, PS: Krushnanandapur, Dist: Jagatsinghpur (Odisha) changing my name from Saikh Imran Ali (Old Name) To **SHAIKH IMRAN ALI (New Name),** S/o-Shaikh Tafazul Ali, Henceforth being called as **SHAIKH IMRAN ALI** (New Name) for all purposes.

**CHANGE OF NAME**

I, Golama Hasan, (Old Name), S/o- Shaikh Abutaher, R/o. AT: Arangh, PO: Purastampur, Dist: Jajpur, PIN: 755001, (Odisha) changing my name from Golama Hasan (Old Name) To **SHAIKH GULAM HASSEN (New Name),** S/o-Shaikh Abutaher, Henceforth being called as **SHAIKH GULAM HASSEN (New Name)** for all purposes.

**AFFIDAVIT**

I, Kumari Sumitra Mallick, W/o-Saswat Kumar Das, resident of Plot No.74, Phase-1, Prachi Enclave Lane, Chandrasekharpur, Bhubaneswar, Dist- Khordha, Pin-751016, Odisha declare by this affidavit No.385, Dated - 26/06/2024, that now onwards I shall be known as **SUMITRA DAS** for all future purposes.

**AFFIDAVIT**

By virtue of an affidavit, I Reema Parida, D/o. Ramachandra Parida, At. Hiratikiri, Near B.C.E.T. college, PO. Sergharh, PS. Khantapada, Dist. Balasore in Voter Identity card my name is maintained Damayanti Parida. That both of above noted as same and one person for all the purposes.

**AFFIDAVIT**

MRS. SHAIK NOOR JAHAN, aged about 41 years, wife of Shaik Abdul Rahim and Married daughter of M.D. Ahamad, the permanent resident of At: Gadabaguda, Po/Ps/ Dist: Nabarangpur, State of Odisha do hereby solemnly affirm on oath and state as follows: Previously I have obtained an Aadhaar card in the name of "Shaik Noor Jahan, D/o- M.D. Ahamad",bearing No: 8402 3478 0994 and then after I have been rectified my Aadhaar card and obtained a new Aadhaar card in the name of "Nurjahan, D/o- O.K Ahamad". My actual name is "Shaik Noor Jahan" which is mentioned in my old Aadhaar Card, Bearing No: 8402 3478 0994, my Voter Id card, bearing No: ZSZ0097915, Resident certificate, bearing Misc Case No: E-RES/2024/1511341 and Family ROR, Vide Khata No: 1352 of Sadasibapur Mouza of Nabarangpur Tahasil, Dist: Nabarangpur. accordingly in my all over documents my name has been mentioned as "Shaik Noor Jahan", therefore now I intends to rectify my name in the Aadhaar card and to obtain Aadhaar card in the name of "Shaik Noor Jahan, W/o- Shaik Abdul Rahim" (as per my all relevant documents) to avoid my future litigations.I swear this affidavit in order to produce it before The Competent Authority for rectification of Aadhaar card. hence in the Court of the Exicutive Magistrate Nabarangpur this affidavit dt - 28/06/2024 .

**AFFIDAVIT**

By virtue of an affidavit before the Notary public padampur, I safina wahab A, resident of padampur, Rajborasambar, Bargarh declared that in my aadhar card my name has been mentioned as Safina Wahab A & in my passport my name has been mentioned as Safina Abdul Wahab. Safina Wahab A & Safina Abdul Wahab is the same & one person and shall be known for all purposes.

**AFFIDAVIT**

I Umesh Jena, aged 64 years, S/o- Nimain Jena, At/Po- Gunupur, Ps- Pattamundai, Dist.- Kendrapara, Odisha, declared by this affidavit no.- 12, Dated 10.06.2024 that now onwards I shall be known as **Umesh Chandra Jena** for all future purposes.

**AFFIDAVIT**

I, Shasanka Sekhar Swain, S/o- Saroj Kumar Swain, resident of At/Po-Patalada, Ps-Astaranga, Dist- Puri, Pin- 752109, Odisha declare by this affidavit No.6327, Dated 29/06/2024, that now onwards I shall be known as **SASHANK SEKHAR SWAIN** for all future purposes.

**AFFIDAVIT**

I, Darshana Kotecha, W/o- Dinesh Kumar Sanghvi, resident of AT: Vivekananda Marg, Balasore, PS: Town, Dist: Balasore, PIN: 756001, Odisha, declare by this affidavit No.1107, Date: 29/06/2024 that now onwards I shall be known as **DARSHANA SANGHVI** for all future purposes.

**Nayagarh (Autonomous) College, Nayagarh**

**Quotation Call Notice**

Sealed quotations are invited from registered reputed Firms/ Dealers/Suppliers having valid GST Registration, PAN and IT clearance etc. for supply of equipmenVchemicals under MRIP-2023. Quotations should be sent to Dr. Deepak Ranjan Sahoo, Principal Investigator (MRIP-2023 Sponsored by DHE, ODISHA) and Lecturer, Dept. of Zoology, Nayagarh (Autonomous) College, Nayagarh, Odisha-752069. The details of specifications of the items can be downloaded from college Website: www.ngrautocol.ac.in. The quotations must reach on or before 5.00 P.M. of 10th July 2024 by Speed Post/Registered Post only and the quotations will be opened on 11th July 2024 at 11.30 A.M. The undersigned reserve the rights to accept or reject any or all quotations without assigning any reason thereof.

Sd/- Principal
Nayagarh (Autonomous) College, Nayagarh

**OFFICE OF THE SUPERINTENDENT,CHC,NAUGAON, JAGATSINGHPUR** E-76

**Tender Call Notice for hiring of RBSK Vehicle**

**Advt. No: 738** **Dated:- 29.06.2024**

Sealed Tenders are invited from interested eligible bidders (individuals/Tour Operators / travel Agency) for hiring of vehicles (Mahindra Bolero/ Max/ Marshal/ Tata Sumo/Victa etc.) for CHC, Naugaon, Jagatsinghpur block on a monthly basis. The eligible criteria, the terms of reference and the formats for submission of bids are available in Jagatsinghpur district website, i.e www.jagatsinghpur.nic.in. The details of proposal(s) complete in all respect super scribing "Tender for hiring of vehicles on rental (Monthly basis) for **CHC Naugaon** / Purpose RBSK Vehicle" on the envelope should reach the office of the Superintendent, CHC, Naugaon, Jagatsinghpur on or before Dt: 17.07.2024 **till 12 Noon** through speed post / regd. Post / courier only. The technical & Financial bids shall be opened at the office of the Superintendent, CHC, Naugaon, Jagatsinghpur on Dt: 19.07.2024 at **11 AM.** The authority reserves the right to reject any or all proposals without assigning any reason thereof.

Sd/-
Superintendent ,CHC, Naugaon, Jagatsinghpur

OIPR-10138/11/0001/2425

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର







ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସୁନ୍ଦରଗଡ଼ ଜିଲ୍ଲା। ସେଥିମଧ୍ୟରୁ ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଖଣ୍ଡାଧାର ଜଳପ୍ରପାତ।ବଣ ଜଙ୍ଗଲ ପରିବେଷ୍ଟିତ ପରିବେଶରେ କୁଳୁକୁଳୁ ନାଦ କରି ଖଣ୍ଡା ସଦୃଶ ପାହାଡ଼ ଉପରୁ ତଳକୁ ବହି ଆସୁଥିବା ଖଣ୍ଡାଧାର ଜଳପ୍ରପାତ ଓ ପ୍ରାକୃତିକ ପରିବେଶର ଅପୂର୍ବ ଶୋଭା ସଭିଙ୍କୁ ଆକୃଷ୍ଟ କରିଥାଏ। ରାଜ୍ୟ ତଥା ଦେଶ ବିଦେଶର ପ୍ରକୃତିପ୍ରେମୀ ପର୍ଯ୍ୟଟକଙ୍କୁ ସମ୍ମୋହିତ କଲା ଭଳି ସବୁ ଉପାଦାନ ଭରପୁର ଅଛି ଖଣ୍ଡାଧାରରେ।

## ସୁନ୍ଦରୀ ରାଣୀ ଖଣ୍ଡାଧାର



ଲୋକନାଥ ସାମଲ
ବଣାଇ

ଏହାର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ପ୍ରତିବର୍ଷ ଅକ୍ଟୋବର ମାସରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ଏଠାକୁ ପର୍ଯ୍ୟଟକଙ୍କ ଆତଯାତ ଲାଗି ରହିଥାଏ। ରାତିଯାପନ, ବୁଲାବୁଲି, ଓ ବଣଭୋଜି ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ପାଇଁ ଏହା ଅନ୍ୟତମ ପ୍ରକୃଷ୍ଟ ସ୍ଥାନ। ସୁନ୍ଦରଗଡ଼ ଜିଲ୍ଲା ବଣାଇ ସହର ଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ ଏହି ଜଳପ୍ରପାତ ନିକଟରେ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ଯାଇଛି ଇକୋ ଟୁରିଜିମ ସେଣ୍ଟର। ଜଳ ପ୍ରପାତର ଉଭୟ ପାର୍ଶ୍ୱରେ ସବୁଜ ଘଞ୍ଚ ଜଙ୍ଗଲ ପ୍ରକୃତି ପ୍ରେମୀଙ୍କୁ ବିମୋହିତ କରିଥାଏ।ପ୍ରାୟ ୮୦୦ ଫୁଟ ଉଚ୍ଚତାରୁ ପାଣି ପଡୁଥିବା ସ୍ଥାନରେ ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରିଥାଏ। ଏହି ଜଳପ୍ରପାତ ବର୍ଷ ତମାମ ଚିରସ୍ରୋତା ହୋଇଥିବା ବେଳେ ସୂର୍ଯ୍ୟାସ୍ତ ବେଳର ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥାଏ। ଏହି ସମୟରେ ପର୍ଯ୍ୟଟକମାନେ ସେଲଫି ଉଠେଇବାର ମଜା ନେଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ବଣାଇ ବନଖଣ୍ଡ ପକ୍ଷରୁ ଖଣ୍ଡାଧାର ଜଳପ୍ରପାତ ନିକଟରେ ଇକୋ ଟୁରିଜମ ସେଣ୍ଟର ନିର୍ମାଣ କରାଯାଇଛି। ୧୪ଟି ଶୀତତାପ ନିୟନ୍ତ୍ରିତ କଟେଜ ସହ ଉନ୍ନତମାନର ଡାଇନିଙ୍ଗ ହଲ୍ର ବ୍ୟବସ୍ଥା କରାଯାଇଛି। ପାଦ ଦେଶରେ ଥିବା ଶିଶୁ ଉଦ୍ୟାନ ସହ ବଣଭୋଜି ପାଇଁ ବିରାଟ ବିରାଟ ବୃକ୍ଷ ମୂଳରେ ପିଣ୍ଡିର ବ୍ୟବସ୍ଥା ଥିବା ବେଳେ ସକାଳୁଆ ପରିଭ୍ରମଣ ପାଇଁ ସାଇକଲର ସୁବିଧା ମଧ୍ୟ କରାଯାଇଛି। ଜଳପ୍ରପାତକୁ ଯିବା ପାଇଁ ମୁଣ୍ଡ ପିଛା ୨୫ ଟଙ୍କା ଟିକଟ ଦର ଥିବାବେଳେ, ଦୁଇ ଚକିଆ ଯାନ ପାଇଁ ୩୦ ଟଙ୍କା, ଚାରିଚକିଆ ଯାନ ପାଇଁ ୬୦ ଏବଂ ୧୦୦ ଟଙ୍କା, ଏବଂ ବଡ ବଡ ବସ୍ମାନଙ୍କ ପାଇଁ ୨୨୦ ଟଙ୍କା ଦର ରଖାଯାଇଛି।

### ରହଣୀ ବ୍ୟବସ୍ଥା

ଏଠାରେ ରାତିଯାପନ ପାଇଁ ତିନି ପ୍ରକାରର କଟେଜର ବ୍ୟବସ୍ଥା ରହିଛି। ପ୍ରତି ଡବଲ ବେଡ଼ ଶୀତତାପ ନିୟନ୍ତ୍ରିତ କଠୋରୀ ଭଡ଼ା ୪, ୫୦୦ ଟଙ୍କା ଦେଇ ଓଡ଼ିଶା ଇକୋଟୁର ୱେବ୍ସାଇଟ୍ରେ ରୁମ୍ ବୁକ୍ କରିପାରିବେ। ଏହି ଭଡ଼ାରେ ୨୪ ଘଣ୍ଟା ପର୍ଯ୍ୟନ୍ତ ପରିବାରର ତିନିଜଣଙ୍କ ପାଇଁ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ରାତି ଭୋଜନ, ଚା ଓ କଫି ଅନ୍ତର୍ଭୁକ୍ତ ରହିଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ସମୁଦାୟ ୧୪ଟି କଟେଜ ରହିଛି। ବଣାଇଁ ବନବିଭାଗ ତରଫରୁ ପର୍ଯ୍ୟଟନ ସ୍ଥଳର ରକ୍ଷଣାବେକ୍ଷଣ ଓ ପର୍ଯ୍ୟଟକମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ତାଳବାହାଳୀ ପଞ୍ଚାୟତ ସମେତ ସ୍ଥାନୀୟ ଅଞ୍ଚଳର ବନ ସୁରକ୍ଷା ସମିତିର ୪୦ରୁ ଊର୍ଦ୍ଧ୍ୱ ଆଦିବାସୀ ଯୁବକ ଯୁବତୀଙ୍କୁ ଏଠାରେ ନିୟୋଜିତ କରି ରୋଜଗାରର ପନ୍ଥା ଯୋଗାଇ ଦିଆଯାଉଛି। ଗତ ୨୦୨୨/୨୩ ରେ ଏକ ଲକ୍ଷ ୫୬ ହଜାର ୨୭୫ ଜଣ ପର୍ଯ୍ୟଟକଙ୍କ ଆଗମନ ହୋଇଥିବା ବେଳେ ଚଳିତ ବର୍ଷ ଫେବ୍ରୁଆରୀ ଶେଷ ସୁଦ୍ଧା ଏକ ଲକ୍ଷ ୪୨ ହଜାର ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି।

### ଯିବେ କିପରି

ବିମାନ ଯୋଗେ ଆସିଲେ ଝାରସୁଗୁଡ଼ା ବିମାନବନ୍ଦରରେ ଓହ୍ଲାଇ କାର୍ କିମ୍ବା ଟ୍ୟାକ୍ସି ଯୋଗେ ଭାୟା କୁଚିଣ୍ଡା ଦେଇ ୧୩୦ କିମି ବଣାଇ ଖଣ୍ଡାଧାର ଆସିପାରିବେ। ସେହିପରି ରାଉରକେଲା ଷ୍ଟିଲ ସିଟି ରେଲଷ୍ଟେସନରେ ଓହ୍ଲେଇ ବସ୍ କିମ୍ବା କାର ଯୋଗେ ବଣାଇ ଦେଇ ୮୦ କିମି ଖଣ୍ଡାଧାର ଆସିପାରିବେ। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରୁ ଏହାର ଦୂରତା ୩୦୦ କିମି ଥିବା ବେଳେ ଜିଲ୍ଲା ସଦରମହକୁମା ସୁନ୍ଦରଗଡ଼ ଠାରୁ ଏହା ର ଦୂରତା ୧୮୦ କିମି ରହିଛି।



---

## ୪ ବର୍ଷରେ ୪ଟି ବୃହତ୍ ଜଙ୍ଗଲ



କାନନ ବିହାରୀ ନାୟକ
ଫୁଲନଖରା

**ଚାରାରୋପଣକୁ ନିଜର ବ୍ରତ ରୂପେ ଗ୍ରହଣ କରିଛନ୍ତି। ହିନ୍ଦୁସ୍ଥାନ ହେଲ୍ପିଂ ହ୍ୟାଣ୍ଡ୍ସ ଅର୍ଗାନାଇଜେସନ୍ ସଦସ୍ୟମାନେ ମାନସ ରଞ୍ଜନ ନାୟକ ଓ ଅତୁଲ୍ୟ କୁମାର ସାମଲଙ୍କ ନେତୃତ୍ୱରେ ୪ଟି ବୃହତ୍ ଜଙ୍ଗଲ ସୃଷ୍ଟି ହୋଇପାରିଛି। ନିଜ ପକେଟ୍ ଖର୍ଚ୍ଚରୁ ସ୍ୱେଚ୍ଛାକୃତ ଦାନ ମାଧ୍ୟମରେ ଏକର ଏକର ଜମିରେ ଚାରାରୋପଣ କରି ପ୍ରତ୍ୟେକ ଚାରାର ଯତ୍ନ ନେବାରେ କେବେ କୁଣ୍ଠାବୋଧ କରିନାହାଁନ୍ତି ଅନୁଷ୍ଠାନର ସଦସ୍ୟମାନେ।**







ନିଃସ୍ୱାର୍ଥପର ସମାଜସେବା ମନୋବୃତ୍ତି ନେଇ କିଛି ଉଦୀୟମାନ ଯୁବକ ପରିବେଶ ପ୍ରତି ସଚେତନ ହେବା ସହିତ କଟକ ଜିଲ୍ଲା ଫୁଲନଖରା ଅଞ୍ଚଳରେ ହିନ୍ଦୁସ୍ଥାନ ହେଲପିଂ ହ୍ୟାଣ୍ଡସ ଅର୍ଗାନାଇଜେସନ ନାମକ ଏକ ଅନୁଷ୍ଠାନ ମାଧ୍ୟମରେ ଚାରାରୋପଣକୁ ନିଜର ବ୍ରତ ରୂପେ ଗ୍ରହଣ କରିଛନ୍ତି। ଏଯାବତ୍ ୧୫ ହଜାରୁ ଊର୍ଦ୍ଧ୍ୱ ଚାରାରୋପଣ କରିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟଶୈଳୀ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବା ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଯୁବକ ଅନୁଷ୍ଠାନ ସହିତ ନିଜକୁ ସାମିଲ କରି ଚାରାରୋପଣ ଓ ନୂତନ ଚାରା ସୃଷ୍ଟି କରିବାରେ ଗର୍ବ ଅନୁଭବ କରୁଛନ୍ତି। ସଦସ୍ୟମାନେ ନାଳବନ୍ଧ, ନଦୀବନ୍ଧ ଠାରୁ ଆରମ୍ଭ କରି ବିଭିନ୍ନ ନଦୀ ପଠା ଓ ସରକାରୀ ଅନୁଷ୍ଠାନର ଖୋଲା ସ୍ଥାନ ଗୁଡିକରେ ଚାରାରୋପଣ କରି ସେଗୁଡିକର ଯତ୍ନ ନେଇ ଏକ ବୃକ୍ଷରେ ପରିଣତ କରିବାର ସ୍ୱପ୍ନକୁ ସାକାର କରିପାରିଛନ୍ତି ଏହି ଅନୁଷ୍ଠାନ ମାଧ୍ୟମରେ। ଅନୁଷ୍ଠାନର ପ୍ରତିଷ୍ଠାତା ବାସୁଦେବ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନ ଏବଂ ସଭାପତି ମାନସ ରଞ୍ଜନ ନାୟକ ଓ ସମ୍ପାଦକ ଅତୁଲ୍ୟ କୁମାର ସାମଲଙ୍କ ନେତୃତ୍ୱରେ ୪ଟି ବୃହତ୍ ଜଙ୍ଗଲ ସୃଷ୍ଟି ହୋଇପାରିଛି। ନିଜ ପକେଟ୍ ଖର୍ଚ୍ଚରୁ ସ୍ୱେଚ୍ଛାକୃତ ଦାନ ମାଧ୍ୟମରେ ଏକର ଏକର ଜମିରେ ଚାରାରୋପଣ କରିବା ସହିତ ପ୍ରତ୍ୟେକ ଚାରାର ଯତ୍ନ ନେବାରେ କେବେ କୁଣ୍ଠାବୋଧ କରିନାହାଁନ୍ତି ଅନୁଷ୍ଠାନର ସଦସ୍ୟମାନେ। ପ୍ରତ୍ୟେକ ବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ବୃହତ୍ ଜଙ୍ଗଲର ପରିକଳ୍ପନା ନେଇ ଜମି ଚିହ୍ନଟ କରିବା ସହିତ ନିଜସ୍ୱ ଖର୍ଚ୍ଚରେ ଜମି ସମତୁଲ, ଚତୁଃପାର୍ଶ୍ୱରେ ସିମେଣ୍ଟ ଖୁଣ୍ଟ ଓ ତାରବାଡ ଆଦି ବୁଲାଇ ଚାରାରୋପଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯାଇଥାଏ। ୨୦୨୦ ମସିହାରେ ନଦୀ ଓ ନାଳ ବନ୍ଧ ମଧ୍ୟବର୍ତ୍ତୀ ଖୋଲା ସ୍ଥାନରେ ପ୍ରାୟ ୧ଏକର ଜମିରେ 'ଫ୍ରୁଟ୍ ଜୋନ୍' ନାମକ ଏକ ଜଙ୍ଗଲ ସୃଷ୍ଟି କରାଯାଇଛି। ଯେଉଁଥିରେ ୧୦୦୦ରୁ ଊର୍ଦ୍ଧ୍ୱ ଫଳ ଗଛ ଲାଗିଛି ଏବଂ ସେଗୁଡିକ ଏବେ ଫଳ ଦେବା ମଧ୍ୟ ଆରମ୍ଭ କଲେଣି। ୨୦୨୧ ମସିହାରେ ଅଢ଼େଇ ଏକର ପରିମିତ ଜମିରେ 'ଦ ଲିଟିଲ ଆମାଜନ' ନାମକ ଏକ ଜଙ୍ଗଲ ସୃଷ୍ଟି କରାଯାଇଛି। ଯେଉଁଥିରେ ପ୍ରାୟ ୨୨୦୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ବୃକ୍ଷରୋପଣ କରାଯାଇଛି। ୨୦୨୨ ମସିହାରେ ୪ ଏକର ଜମିରେ 'ଦି ହୋଲିଉଡ୍' ନାମକ ଏକ ଜଙ୍ଗଲ ସୃଷ୍ଟି କରାଯାଇଛି। ଯେଉଁଥିରେ ପ୍ରାୟ ୨୫ଶହରୁ ଊର୍ଦ୍ଧ୍ୱ ବୃକ୍ଷ ନିଜସ୍ୱ କ୍ଷମତାରେ ବଢ଼ିବାରେ ଲାଗିଛନ୍ତି। ୨୦୨୩ ମସିହାରେ ରାଷ୍ଟ୍ରପତିଙ୍କ ନାମରେ 'ଦ୍ରୌପଦୀ ମୁର୍ମୁ ଜଙ୍ଗଲ' ନାମରେ ୩ ଏକର ଜମିରେ ବହୁ ମୂଲ୍ୟବାନ ଚାରାରୋପଣ କରାଯିବା ସହ ସେଗୁଡିକର ଯତ୍ନ ଅନୁଷ୍ଠାନ ଦ୍ୱାରା ଏଯାବତ୍ ଚାଲୁ ରହିଛି। ଚାରାରୋପଣ ପରେ ସଦସ୍ୟମାନଙ୍କ ଦ୍ୱାରା ପ୍ରତ୍ୟେକ ରବିବାର ଭୋର ୫ଟାରୁ ଏକତ୍ରିତ ହୋଇ ହିନ୍ଦୁସ୍ଥାନ ହେଲପିଂ ହ୍ୟାଣ୍ଡସର ନିଜସ୍ୱ ଗାଡିରେ ଜଳପୂର୍ଣ୍ଣ ପାଣି ଟାଙ୍କି ସହ ପ୍ରତ୍ୟେକ ଗଛର ଯତ୍ନ ନିଆଯାଇଥାଏ। ଗଛଗୁଡିକ ବଞ୍ଚିବାର ନିଜସ୍ୱ କ୍ଷମତା ହାସଲ କରିବା ପର୍ଯ୍ୟନ୍ତ ଏହିଭଳି କାର୍ଯ୍ୟ ଅନୁଷ୍ଠାନ ଦ୍ୱାରା ବଳବତ୍ତର ରହିଥାଏ। ଚଳିତ ବର୍ଷ ଜୁଲାଇ ୭ତାରିଖ ବା ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ କଟକ ସଙ୍ଖତ୍ରାସ ନିକଟସ୍ଥ କାଠଯୋଡି ନଦୀପଠାରେ 'ନିୟୁ ସୁନ୍ଦରବନ' ନାମକ ଏକ ଜଙ୍ଗଲ ସୃଷ୍ଟି କରିବାର ପ୍ରୟାସ ଜାରି ରହିଛି। ୧୦ଏକର ପରିମିତ ଜମିରେ ପ୍ରାୟ ୧୦ହଜରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବା ପାଇଁ ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

---

**ଶ୍ରୀମନ୍ଦିର ଭିତରେ ଥିବା ବିମଳା ମନ୍ଦିର ପଛ ପାଖରେ ରହିଛି ମୁକ୍ତି ମଣ୍ଡପର ପାଠାଗାର। ଏହି ପାଠାଗାରକୁ ଲାଗି ରହିଛି ପଣ୍ଡା ନିଯୋଗ ସଂସ୍କୃତ ଟୋଲ(ସ୍କୁଲ) ।ଆଗରୁ ପୂଜା କରିବା ପାଇଁ ଏହି ସ୍ଥାନରେ ବେଦ, ମନ୍ତ୍ର ଆଦି ଶିକ୍ଷା ଦିଆଯାଉଥିଲା। କାଳକ୍ରମେ ୧୮୦୨ ମସିହାରେ ଏହ ସ୍କୁଲଟି ସ୍ଥାପନ କରାଯାଇଥିଲା। ସ୍କୁଲଟି ମନ୍ଦିର ଭିତରେ କରିବାର କାରଣ ହେଲା ମନ୍ଦିରରେ ପୂଜା କରୁଥିବା ପଣ୍ଡା, ସୁଆର, ପଡ଼ିଆରୀ ଓ ଆନ୍ୟାନ୍ୟ ସେବାୟତଙ୍କ ପିଲାମାନେ ବେଦ, ମନ୍ତ୍ର ଆଦି ଶିକ୍ଷା ଗ୍ରହଣ କରିପାରିବେ। ମନ୍ଦିର କାର୍ଯ୍ୟରେ ନିଯୋଜିତ ହୋଇପାରିବେ।**



ରଞ୍ଜନା ନାୟକ
ଭୁବନେଶ୍ୱର



## ଶ୍ରୀମନ୍ଦିରରେ ଶିକ୍ଷାନୁଷ୍ଠାନ
## ଦେବାଳୟରେ ବିଦ୍ୟାଳୟ

ମନ୍ଦିର ଭିତରେ ସରକାରୀ ସ୍କୁଲ! ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ପୁରୀ ଶ୍ରୀମନ୍ଦିର ଭିତରେ ରହିଛି ପିଲାମାନଙ୍କ ପାଠ ପଢ଼ିବା ସ୍କୁଲ। ଗୋଟିଏ ପଟେ ଆଧାତ୍ମିକତାର ମନ୍ତ୍ର ଧ୍ୱନି ଶୁଭୁଥିବା ବେଳେ ଆଉ ଗୋଟିଏ ପଟେ ବିଦ୍ୟା ଶିକ୍ଷାର ମନ୍ତ୍ର ଦିଆଯାଉଛି। ଶହ ଶହ ଲୋକ ଏକା ସାଙ୍ଗରେ ଭିତରକୁ ପ୍ରବେଶ କରୁଛନ୍ତି। ତାଙ୍କ ମଧ୍ୟରୁ କିଛି ପିଲା ଓ କିଛି ଶିକ୍ଷକ ବିଦ୍ୟାଳୟ ଭିତରକୁ ଗଲାବେଳେ ଆଉ ସମସ୍ତେ ମନ୍ଦିର ଭିତରକୁ ଦର୍ଶନ କରିବାକୁ ଯାଉଛନ୍ତି। ଶ୍ରୀମନ୍ଦିର ଭିତରେ ଥିବା ବିମଳା ମନ୍ଦିର ପଛ ପାଖରେ ରହିଛି ମୁକ୍ତି ମଣ୍ଡପର ପାଠାଗାର। ଏହି ପାଠାଗାରକୁ ଲାଗି ରହିଛି ପଣ୍ଡା ନିଯୋଗ ସଂସ୍କୃତ ଟୋଲ(ସ୍କୁଲ) ।ଆଗରୁ ପୂଜା କରିବା ପାଇଁ ଏହି ସ୍ଥାନରେ ବେଦ, ମନ୍ତ୍ର ଆଦି ଶିକ୍ଷା ଦିଆଯାଉଥିଲା। କାଳକ୍ରମେରେ ୧୮୦୨ ମସିହାରେ ଏହ ସ୍କୁଲଟି ସ୍ଥାପନ କରାଯାଇଥିଲା। ସ୍କୁଲଟି ମନ୍ଦିର ଭିତରେ କରିବାର କାରଣ ହେଲା ମନ୍ଦିରରେ ପୂଜା କରୁଥିବା ପଣ୍ଡା, ସୁଆର, ପଡ଼ିଆରୀ ଓ ଆନ୍ୟାନ୍ୟ ସେବାୟତଙ୍କ ପିଲାମାନେ ବେଦ, ମନ୍ତ୍ର ଆଦି ଶିକ୍ଷା ଗ୍ରହଣ କରିପାରିବେ। ଏବଂ ମନ୍ଦିର କାର୍ଯ୍ୟରେ ନିଯୋଜିତ ହୋଇପାରିବେ। ହେଲେ ଏହି ସ୍କୁଲଟି ୨୦୦୫ ମସିହାରେ ବିଦ୍ୟାଳୟଟି ସର୍ବଶିକ୍ଷା ଅଭିଯାନ ଅଧୀନକୁ ଗଲା। ଅନ୍ୟ ସ୍କୁଲମାନଙ୍କରେ ସବୁ ଧର୍ମର ପିଲା ପାଠ ପଢୁଥିବା ବେଳେ ଏହି ସ୍କୁଲରେ ହିନ୍ଦୁ ଧର୍ମର ବିଭିନ୍ନ ଜାତିର ପିଲାମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ସ୍କୁଲଟିରେ ଷଷ୍ଠଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଉଛି। ଷଷ୍ଠ ଓ ସପ୍ତମ ଦୁଇ ଶ୍ରେଣୀକୁ ପ୍ରଥମା କୁହାଯାଏ ଯାହାକି ଏବେ ସରକାରୀ ଅଧୀନରେ ରହିଛି। ସେହିପରି ଅଷ୍ଟମ, ନବମ, ଦଶମକୁ ମଧ୍ୟମା କୁହାଯାଏ। ଯାହା ପଣ୍ଡା ନିଯୋଗ ଅଧୀନରେ ରହିଅଛି। ସ୍କୁଲରେ ପୂଜା ସରସ୍ୱତୀ ପୂଜା, ଗଣେଷ ପୂଜା ହେଲେ ପଟି ଦିଅଁଙ୍କୁ ପୂଜା କରାଯାଏ। ସାଧାରଣତନ୍ତ୍ର ଦିବସ, ଅଗଷ୍ଟ ପନ୍ଦରରେ ମନ୍ଦିରରେ ପତକା ଉତ୍ତୋଳନ କରାଯାଏ ନାହିଁ। ଜାତୀୟ ସଙ୍ଗୀତ ବୋଲାଯାଏ ଏବଂ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଏ ସମୁଦ୍ରକୂଳ କିମ୍ବା ଅନ୍ୟ ଏକ ଖୋଲା ସ୍ଥାନରେ ପତକା ଉତ୍ତୋଳନ କରାଯାଇଥାଏ। ବିଦ୍ୟାଳୟରେ କିଛି ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଏ। ଅନ୍ୟ ବିଦ୍ୟାଳୟ ଭଳି ଏହି ସ୍କୁଲରେ ମଧ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଏ। ଉତ୍ତର ପାର୍ଶ୍ୱ ମଠ ପରିସରରେ ଏକ ଗୃହ କରାଯାଇ ସେଇଠି ପିଲାମାନଙ୍କୁ ଖାଇବାକୁ ଦିଆଯାଉଛି। ସରକାରଙ୍କ ପକ୍ଷରୁ ଷଷ୍ଠ, ସପ୍ତମ, ଅଷ୍ଟମ ପିଲାଙ୍କୁ ଖାଇବାକୁ ମିଳୁଥିବା ବେଳେ ଅଷ୍ଟମ, ନବମ, ଦଶମଙ୍କୁ ନିଯୋଗ କମିଟି ପକ୍ଷରୁ ଦିଆଯାଇଥାଏ

ସିଲାବସ୍କୁ ଯଦି ଦେଖାଯାଏ ତେବେ ଅନ୍ୟ ବିଦ୍ୟାଳୟଠାରୁ ଟିକେ ଭିନ୍ନ ରହିଛି। ସଂସ୍କୃତ ଉପରେ ଟିକେ ଅଧିକ ଗୁରୁତ୍ୱ ଦିଆଯାଏ। ଏହି ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଶ୍ରେଣ ପିଲାମାନେ ସମୁଦାୟ ୫୫୦ ମାର୍କର ପରୀକ୍ଷା ଦେଇଥାନ୍ତି। ସଂସ୍କୃତ ବ୍ୟକରଣ-୧୦୦, କର୍ମକାଣ୍ଡ, ଆୟୁଯୋଗ, ଯୋଗ-୧୦୦, ଜ୍ୟୋତିଷ, ଦର୍ଶନ-୧୦୦, ଗଣିତ-୫୦, ସାଧାରଣ ଜ୍ଞାନ-୫୦, ଇଂରାଜୀ-୫୦, ସାହିତ୍ୟ-୫୦, ଇତିହାସ-୨୫ ଓ ଭୂଗୋଳ-୨୫ ମାର୍କ ରହିଛି।

ଅଷ୍ଟମ, ନବମ, ଦଶମ ପିଲା ୭୫୦ ମାର୍କର ପରୀକ୍ଷା ଦେଇଥାନ୍ତି। ସଂସ୍କୃତ ବ୍ୟକରଣ ୧୦୦, କର୍ମକାଣ୍ଡ, ଆୟୁଯୋଗ, ଯୋଗ-୧୦୦, ଜ୍ୟୋତିଷ, ଦର୍ଶନ-୧୦୦, ଗଣିତ-୭୫, ସାଧାରଣ ଜ୍ଞାନ-୭୫, ଇଂରାଜୀ-୧୦୦, ସାହିତ୍ୟ-୧୦୦, ଇତିହାସ-୫୦ ଓ ଭୂଗୋଳ-୫୦ ମାର୍କ ରହିଛି। ଷଷ୍ଠ, ସପ୍ତମ ପାଇଁ ଦୁଇଜଣ ଶିକ୍ଷକ ଥିବା ବେଳେ ଅଷ୍ଟମ, ନବମ, ଦଶମ ପାଇଁ ପାଞ୍ଚ ଜଣ ଶିକ୍ଷକ ରହିଛନ୍ତି। ଜଣେ ପିଅନ ରହିଛନ୍ତି। ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀମାନେ ଅସୁବିଧା ସମୟରେ ବିଦ୍ୟାଳୟକୁ ଆସନ୍ତି ନାହିଁ। ପରେ ଯେତିକି ପାଠ ରହିଥାଏ ଶିକ୍ଷକମାନେ ନିଜର ସମୟ ବାହାର କରି ସେହି ଛାତ୍ରୀମାନଙ୍କୁ ବୁଝାଇଥାନ୍ତି।

# ଗୁଡ଼ ମର୍ଣ୍ଣିଂ ଓଡ଼ିଶା





ଜୁଲାଇ ପହିଲାରୁ ସମଗ୍ର ଦେଶରେ ଲାଗୁହେବାକୁ ଯାଉଛି ତିନିଟି ନୂଆ ଅପରାଧିକ ଆଇନ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ। ବ୍ରିଟିଶ୍ ଅମଳର ୧୬୦ ବର୍ଷ ଆଇନକୁ ପରିବର୍ତ୍ତନ କରି ଭାରତ ସରକାର ନୂଆ ଆଇନ କାର୍ଯ୍ୟକାରୀ କରିବେ। ଏହି ଆଇନ ଲାଗୁ ହେବା ପରେ ଅପରାଧୀମାନେ ଏକ ପ୍ରକାର ସାବାଡ଼ ହେବେ ବୋଲି ଆଶା କରାଯାଉଛି।

**ବଦଳିବ ୧୬୦ ବର୍ଷର ଆଇନ**

## ନୂଆ ଆଇନର ଫାଶ;

# ମିଳିବ କଠୋର ଦଣ୍ଡ

### ବିନା ସହାୟତାରେ ଗରିବଙ୍କୁ ମିଳିବ ଜାମିନ

ଏହି ନୂଆ ଆଇନର ସୁବିଧା ନେଇପାରିବେ ଗରିବ ଶ୍ରେଣୀର ଲୋକ। ସେମାନେ ଓକିଲଙ୍କ ବିନା ସହାୟତାରେ ଜାମିନ ପାଇପାରିବ। ଜେଲ୍‌ରେ ଥିବା ବହୁ ଗରିବ ଲୋକଙ୍କ ପାଖରେ ଟଙ୍କା ନ ଥିବାରୁ ସେମାନେ ଓକିଲଙ୍କୁ ନିୟୋଜିତ କରି ଜାମିନ ପାଇବାରୁ ବଞ୍ଚିତ ହେଉଥିଲେ। ଏବେ ଏଭଳି ଲୋକଙ୍କୁ ଜାମିନ୍ ପାଇଁ ଅଦାଲତଙ୍କୁ ଜେଲ୍ ଅଧୀକ୍ଷକ ଜଣାଇବେ।

### ପୀଡ଼ିତା ପାଇବେ ତ୍ୱରିତ୍ ନ୍ୟାୟ

ଏହି ନୂଆ ଆଇନ ବଳରେ ମାମଲାର ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ କରାଯାଇଛି। ଯାହା ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଫଳରେ ମହିଳା ଏବଂ ଶିଶୁ ଅଧିକ ଉପକୃତ ହେବେ। ସେମାନଙ୍କ ପ୍ରତି ଘଟୁଥିବା ଅପରାଧ ୯୦ ଦିନ ମଧ୍ୟରେ ଚାର୍ଜଫ୍ରେମ୍ ହୋଇ ଶୁଣାଣି ହେବ। ପ୍ରାଥମିକ ସ୍ତରରେ ତଦନ୍ତ ଅଧିକାରୀ ଏବଂ ଆଇନଜୀବୀଙ୍କୁ ସମସ୍ୟ ହେବ। ହେଲେ ନୂଆ ଆଇନ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପରେ ସବୁ କିଛି ଠିକ୍ ଚାଲିବ ବୋଲି ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

### ଚାଲିଥିଲା ୮୨ ବର୍ଷ ତଳର କଲୋନିଆଲ ନିୟମ

ଦୀର୍ଘବର୍ଷ ଧରି ପୁଲିସ ବ୍ୟବସ୍ଥାରେ ଚାଲିଛି ୮୨ ବର୍ଷ ତଳର କଲୋନିଆଲ ତଥା ଔପନିବେଶବାଦ ନିୟମ। ଦେଶ ସ୍ୱାଧୀନ ପୂର୍ବରୁ ୧୮୬୧ ମସିହାର ପୁଲିସ ଆକ୍ଟ ଅନୁସାରେ ୧୯୪୦ ମସିହାରେ ପ୍ରସ୍ତୁତ ହୋଇଥିବା ପୁଲିସ ମାନୁଆଲରେ ତଥା ଛୋଟ ଘୋଡ଼ାର ବ୍ୟବାହାର କରିବାକୁ ପୁଲିସ ମାନୁଆଲରେ ରହିଛି। ଯାହା ଏବେବି କାର୍ଯ୍ୟକ୍ଷମ ଅଛି। ଏହି ମାନୁଆଲ୍ ଅନୁଯାୟୀ ସବ୍-ଇନ୍ସପେକ୍ଟରଙ୍କୁ ଏହି ଖଚରରେ ବସି ତଦନ୍ତ କରିବା ପାଇଁ ଯିବାକୁ କୁହାଯାଇଛି। ତଦନ୍ତକାରୀ କାର୍ଯ୍ୟ କରାଯାଉଛି। ବର୍ତ୍ତମାନ ପୁଲିସ ବ୍ୟବହାର କରୁଥିବା ଏସ୍‌ୟୁଭି, ସ୍କର୍ପିଓ ଭଳି ବଡ଼ ବଡ଼ କାର୍ ପରିବର୍ତ୍ତେ ଖଚର ଅଫିସର୍ ଏବଂ ଅପରାଧିକ ମାମଲାର ତଦନ୍ତ କରୁଥିବା ଇନ୍ସପେକ୍ଟରମାନଙ୍କୁ ବିଭିନ୍ନ ମାମଲାରେ ତଦନ୍ତପାଇଁ ଯାଉଥିବା ଖର୍ଚ୍ଚ ବାବଦକୁ ମାସିକ ୨୩ ଟଙ୍କା ଦେବାକୁ ମାନୁଆଲ୍‌ରେ ଉଲ୍ଲେଖ ରହିଛି।

### ଯୌନ ନିର୍ଯାତନା ପାଇଁ କଠୋର ଦଣ୍ଡ



ବାଲି ଓ ପଥର ମାଫିଆ, ଏସିଡ୍ ଆକ୍ରମଣ, ଛିନ୍‌ତାଇ, ସାଇବର୍ ଅପରାଧ, ଯୌନ ନିର୍ଯାତନା, ମହିଳା ଓ ଶିଶୁ ଚାଲାଣ, ଆତଙ୍କବାଦୀ, ଭିଡ଼ି ହିଂସା, ଏସିଡ୍ ଆକ୍ରମଣ, ପଥର ମାଫିଆ ଭଳି ସଂଗଠିତ ଅପରାଧ ଉପରେ ଅଙ୍କୁଶ ଲଗାଇବା ପାଇଁ ନୂଆ ଆଇନରେ କଠୋର ବ୍ୟବସ୍ଥା ରହିଛି। ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥା ଦ୍ୱାରା ଯେକୌଣସି ଥାନାରେ ମାମଲା ରୁଜୁ ହୋଇପାରିବ।



### ଆଇନ ପାଠ ପଢ଼ିବେ ପୁଲିସ, ପିପି, ଆଇନଜୀବୀ

ନୂଆ ଆଇନ ଜୁଲାଇରୁ ଲାଗୁ ହେବା ପରେ ସବୁ ସରକାରୀ ପିପି, ଆଇନଜୀବୀ ଏବଂ ପୁଲିସ କର୍ମଚାରୀମାନେ ମଧ୍ୟ ନୂଆ ଆଇନ ପାଠ ପଢ଼ିବେ। କୋର୍ଟରେ ନୂଆ ଆଇନ ଅନୁସାରେ ଦଣ୍ଡବିଧାନ ହେବ। ତେଣୁ ଆଇନ ଲଢୁଥିବା ସରକାରୀ ପିପି ଏବଂ ଆଇନଜୀବୀମାନେ ଏହି ପାଠ ପଢ଼ିବେ। ଏପରିକି ଅନେକ ସିଆର୍‌ପିସି, ଏଭିଡେନ୍ସ ଏବଂ ଆଇପିସି ବହି କଣିବାକୁ ପଡ଼ିବ।

### କୋର୍ଟରେ କମିବ ମାମଲା ସଂଖ୍ୟା

ବ୍ରିଟିଶ୍ ଆଇନ୍ ଯୋଗୁଁ କୋର୍ଟ ଏବଂ ଥାନାରେ ମାମଲା ସଂଖ୍ୟା ବଢ଼ୁଥିଲା। ୭ ବର୍ଷରୁ କମ୍ ସଜାରେ ଥାନାରୁ ସିଆର୍‌ପିସି ୪୧ରେ ନୋଟିସ୍ କରି ଛାଡ଼ିବାର ନିୟମ ରହିଥିଲା। କିନ୍ତୁ ପୁଲିସ ଥାନାରୁ ଜାମିନରେ ଛାଡ଼ିବା ବଦଳରେ କୋର୍ଟକୁ ପଠାଉଥିଲେ। ଯେଉଁଥି ପାଇଁ କୋର୍ଟରେ ମାମଲା ସଂଖ୍ୟା ବଢ଼ୁଥିଲା। ନୂଆ ଆଇନରେ ୭ ବର୍ଷରୁ କମ୍ ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ଛୋଟ ଅପରାଧ ସ୍ୱୀକାର କରିବା କ୍ଷେତ୍ରରେ ଦୋଷୀଙ୍କ ଜେଲ୍ ଦଣ୍ଡାଦେଶ ହ୍ରାସ କରିବା ଲାଗି ବ୍ୟବସ୍ଥା ହୋଇଛି। ଦୋଷ ସ୍ୱୀକାର କଲେ ଅଭିଯୁକ୍ତକୁ ଥାନାରୁ ଛାଡ଼ି ଦିଆଯାଇପାରିବ। ଫଳରେ ଅଦାଲତରେ ମାମଲା ହ୍ରାସ ପାଇବାର ଆଶା କରାଯାଉଛି।

### ରେଳବାଇ ପରିଧିକୁ ଗାଈ ପଶିଲେ ବାନ୍ଧିବା ନିୟମ

ପୁରୁଣା ପୁଲିସ ମାନୁଆଲ୍ ଅନୁଯାୟୀ ଗାଈ ଯଦି ରେଳ ସମ୍ପତ୍ତି ଅବା ରେଳବାଇ ପରିଧି ମଧ୍ୟକୁ ପ୍ରବେଶ କରେ ତାକୁ ବାନ୍ଧି ରଖାଯାଇପାରିବ। ସେହିପରି କୌଣସି ରୋଗ ସଂକ୍ରମିତ ବ୍ୟକ୍ତିଙ୍କୁ ଟ୍ରେନ୍‌ରୁ ବାହାର କରିଦେବା ପାଇଁ ମଧ୍ୟ ଏଥିରେ ଉଲ୍ଲେଖ ରହିଛି। ଏହି ମାନୁଆଲ ଅନୁଯାୟୀ, କୌଣସି ଭୁଲ ପାଇଁ ଅଭିଯୁକ୍ତମାନଙ୍କୁ ଶାରୀରିକ ଦଣ୍ଡ ଦେବାକୁ ନିୟମ ରହିଛି, ଯାହା ଏବେ ମାନବ ଅଧିକାର ନିୟମର ଉଲ୍ଲଙ୍ଘନ କରୁଛି। ଏଭଳି ପୁରୁଣା ମାନୁଆଲରେ ଅନେକ ତ୍ରୁଟି ରହିଥିବା ଆଇନ ବିଶେଷଜ୍ଞମାନେ କହିଛନ୍ତି।



### ଦଫାରେ ବଡ଼ ପରିବର୍ତ୍ତନ

ପୂର୍ବରୁ ସିଆର୍‌ପିସିରେ ୪୮୪ଟି ଧାରା ରହିଥିବା ବେଳେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଧାରା ସଂଖ୍ୟା ୫୩୧କୁ ବୃଦ୍ଧିପାଇଛି। ଆଇପିସିରେ ୫୧୧ଟି ଧାରା ରହିଥିବା ବେଳେ ଭାରତୀୟ ନ୍ୟାୟ ସଂହିତାରେ ୩୫୮ ଧାରା ଏବଂ ପୁରୁଣା ଭାରତୀୟ ସାକ୍ଷ୍ୟ ଆଇନରେ ୧୭୦ଟି ଧାରା ରହିଥିବା ବେଳେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୬୭ ଧାରା ରହିଛି। ପୂର୍ବରୁ ହତ୍ୟା ଦଫା ୩୦୨ ଥିବା ବେଳେ ତାହା ୧୦୩ ହୋଇଛି। ସେହିପରି ୩୦୪ ଦଫା ୧୦୬ ରହିଛି। ଦଫା ୩୦୪ ଏବେ ୮୦ ହୋଇଛି। ସେହିପରି ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫା ୩୦୬ ଏବେ ୧୦୮ ହୋଇଛି। ସେହିପରି ୩୦୭ ଦଫା ୧୦୯ ହୋଇଛି। ୨୮୬ ଦଫର ୨୮୭ ହୋଇଛି। ୩୨୪ ଦଫା ନୂଆ ଆଇନରେ ୧୧୮ ହୋଇଛି।

### ପୁରୁଣା ଦଫା ପାଇଁ କମୁଛି ଦଣ୍ଡହାର

ଅନେକ ଅପରାଧିକ ମାମଲାରେ ପୁଲିସ ଦଣ୍ଡହାର ଆଖିଦୃଶିଆ ହେଉନାହିଁ। ଜଣେ ଅପରାଧୀ ଅପରାଧ ଘଟାଇ ଜେଲ୍ ଯାଉଛି। କିନ୍ତୁ ପୁରୁଣା ମାନୁଆଲ ଅନୁସାରେ ଲଗା ଯାଉଥିବା ଦଫା ଅଭିଯୁକ୍ତ ପାଇଁ ପ୍ରଜୁର୍ଯ୍ୟ ହେଉନି। ଫଳରେ ଜଘନ୍ୟ ଅପରାଧ ପାଇଁ କୋହଳ ଦଫା ଲାଗୁଛି। ଯେଉଁଥିପାଇଁ ଅପରାଧୀ ଜେଲ୍ ଯାଇ ସହଜରେ ଜାମିନ୍‌ରେ ପଳାଇ ଆସୁଛି। ଯାହାର ପ୍ରଭାବ ଦଣ୍ଡ ହାର ଉପରେ ପଡୁଛି। କିନ୍ତୁ ତାହା ଏହି ନୂଆ ନିୟମରେ ସମ୍ଭବ ହେବ ନାହିଁ। ଅପରାଧ ପାଇଁ ଏଥିରେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି।

# ନୂଆ ଫୌଜଦାରୀ ଆଇନରେ ଭାରତୀୟତାର ଛାପ

**ବିଭୁ ପ୍ରସାଦ ତ୍ରିପାଠୀ**

ସ୍ୱାଧୀନତା ପରର ଭାରତବର୍ଷରେ ବ୍ରିଟିଶ ଅମଳର ପ୍ରଣୀତ ଫୌଜଦାରୀ ଆଇନରେ ପରିବର୍ତ୍ତନ ଲାଗି ଭିନ୍ନଭିନ୍ନ ସ୍ତରରେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ତାହାର ପ୍ରତିଫଳନ ସ୍ୱରୂପ ଜୁଲାଇ ପହିଲାରୁ ଦେଶରେ ନାଗରିକ କୈନ୍ଦ୍ରିକ ଭାରତୀୟ ନାଗରିକ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମର କାର୍ଯ୍ୟକାରିତା ଦେଖିବାକୁ ମିଳିବ। ଭାରତୀୟ ଆଇନ କମିଶନ ସେମାନଙ୍କର ଭିନ୍ନ ଭିନ୍ନ ରିପୋର୍ଟରେ ଭାରତୀୟ ପିଙ୍ଗଳ କୋଡ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର କେତେକ ଧାରାରେ ପରିବର୍ତ୍ତନ ଲାଗି ମଧ୍ୟ ସେମାନଙ୍କୁ ପରାମର୍ଶ ଦେଇ ଆସୁଥିଲେ। ଠିକ ସେହିଭଳି ନ୍ୟାୟମୂର୍ତ୍ତି ଭି. ଏସ୍. ମାଲିୟଥଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୨୦୦୩ ମସିହାରେ ଓ ନ୍ୟାୟମୂର୍ତ୍ତି ଜେ. ଏସ. ବର୍ମା ୨୦୧୩ ମସିହାରେ ତ୍ୱରିତ ଫୌଜଦାରୀ ନ୍ୟାୟିକ ପ୍ରକ୍ରିୟା ପାଇଁ ଫୌଜଦାରୀ ଆଇନରେ ବ୍ୟାପକ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଥିଲେ। ଏବେ ସଂପୂର୍ଣ୍ଣ ଭାବେ ଆମ ଦେଶରେ ଫୌଜଦାରୀ ଆଇନରେ ଯେଉଁ ବ୍ୟାପକ ପରିବର୍ତ୍ତନ କରାଯାଇଛି ତାହା ସହିତ ଜନସାଧାରଣଙ୍କୁ ଅବଗତ କରାଇବାର ସାମୂହିକ ଦାୟିତ୍ୱ ଆମ ସମାଜର ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କର ରହିଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଏହି ନୂଆ ଫୌଜଦାରୀ ଆଇନ ସଂପର୍କରେ ନିଜକୁ ଅବଗତ କରାଇବା ଲାଗି ଏହି ଆଇନର ମୂଳ ବ୍ୟବହାରକାରୀ ପୋଲିସ୍, ନ୍ୟାୟପାଳିକା ଓ ନାଗରିକଗଣ ଏବେ ମଧ୍ୟ ଏହି ଆଇନରେ ଥିବା ବିଷୟଗୁଡ଼ିକର ତର୍ଜମା କରିବାର ଆବଶ୍ୟକତା ରହିଛି। ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ହିଂସାକୁ ଏହି ଆଇନରେ ଗୋଟିଏ ସ୍ୱତନ୍ତ୍ର ବିଭାଗରେ ରଖାଯାଇଛି। ଷୋହଳ ବର୍ଷରୁ କମ୍ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ସର୍ବନିମ୍ନ କୋଡ଼ିଏ ବର୍ଷ ଜେଲଦଣ୍ଡରୁ ଆଜୀବନ କାରାଦଣ୍ଡର ଦଣ୍ଡାଦେଶ କରିବା ନିମନ୍ତେ ବ୍ୟବସ୍ଥା ରହିଛି। ଠିକ୍ ସେହିପରି ବାରବର୍ଷରୁ କମ୍ ବୟସ୍କ ଶିଶୁଙ୍କୁ ଦୁଷ୍କର୍ମ କ୍ଷେତ୍ରରେ ଆଜୀବନ କାରାଦଣ୍ଡରୁ ଫାଶୀ ଦଣ୍ଡାଦେଶ ପର୍ଯ୍ୟନ୍ତ ଏହି ଆଇନରେ ଉଲ୍ଲେଖ ରହିଛି। କୌଣସି ମହିଳାଙ୍କୁ ପ୍ରତାରଣା କିମ୍ବା ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବା କ୍ଷେତ୍ରରେ ଦଶବର୍ଷରୁ ଅଧିକ ଜେଲଦଣ୍ଡ ହେବାର ଆଇନ ରହିଛି। ପ୍ରତାରଣା ଶବ୍ଦର ସଂଜ୍ଞା ନିରୂପଣ କରି କୌଣସି ମହିଳାଙ୍କୁ ଚାକିରି ପଦୋନ୍ନତି କିମ୍ବା ନିଜର ପ୍ରକୃତ ପରିଚୟକୁ ଗୁପ୍ତ ରଖି ଶାରୀରିକ ସମ୍ପର୍କ ରଖିବାକୁ ଏଥିରେ ସ୍ଥାନ ଦିଆଯାଇଛି। ଏହି ନୂତନ ଆଇନରେ ଗଣଦୁଷ୍କର୍ମ କ୍ଷେତ୍ରରେ କୋଡ଼ିଏ ବର୍ଷ ଜେଲଦଣ୍ଡ ଓ ଅଠର ବର୍ଷରୁ କମ୍ ମହିଳାଙ୍କୁ ଗଣଦୁଷ୍କର୍ମ କ୍ଷେତ୍ରରେ ଦୋଷୀମାନଙ୍କୁ ସର୍ବନିମ୍ନ ୨୦ ବର୍ଷ ଜେଲଦଣ୍ଡରୁ ଆରମ୍ଭ କରି ଫାଶୀ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଜଣେ ମହିଳା ମଧ୍ୟ କୌଣସି ମହିଳାଙ୍କୁ ଅସଦାଚରଣ କରିବା କିମ୍ବା ଯୌନ ଉଦ୍ଦୀପକ କାର୍ଯ୍ୟରେ ନିୟୋଜିତ କରିବାକୁ ଏହି ଆଇନରେ ଅପରାଧ ଭାବେ ପରିଗଣନା କରାଯାଇଛି। ଏହି ଆଇନ କ୍ଷେତ୍ରରେ କେବଳ ପୁରୁଷ ନୁହେଁ, ମହିଳାମାନଙ୍କୁ ମଧ୍ୟ ଅପରାଧୀ ଭାବେ ବିବେଚନା କରିବା ନୂଆ ଆଇନର ପ୍ରଗତିଶୀଳ ଦିଗକୁ ଉନ୍ମୋଚିତ କରିଛି। ସମାଜରେ ନ୍ୟାୟ ପ୍ରତିଷ୍ଠା ପାଇଁ ଏହି ଆଇନରେ ଦଣ୍ଡାଦେଶ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟାଟିକୁ ନୂତନ ଭାବେ ସଂଯୁକ୍ତ କରାଯାଇଛି।

ସଂଗଠିତ ଅପରାଧ ଓ ସନ୍ତ୍ରାସବାଦୀକୁ ଏହି ଆଇନରେ ନୂତନ ରୂପ ଦିଆଯାଇଛି। ଯଦିଓ ଦେଶଦ୍ରୋହ ଦଫାଟିକୁ ଏହି ଆଇନରେ ବାଦ୍ ଦିଆଯାଇଛି, କିନ୍ତୁ ଦେଶର ସାର୍ବଭୌମତ୍ୱ, ସଂହତି ଓ ଏକତା ବିରୁଦ୍ଧରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ସନ୍ତ୍ରାସବାଦୀର ସଂଜ୍ଞା ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ଆଇନରେ ଜିରୋ ପ୍ରାଥମିକ ଏତାଲାର ବିଷୟଟି ପୋଲିସ୍‌ମାନଙ୍କ ମଧ୍ୟରେ ଉତ୍ତର ଦାୟିତ୍ୱର ଭାବନାକୁ ସକ୍ରିୟ କରିବ। କୌଣସି ଅପରାଧର ଶିକାର ହେଉଥିବା ବ୍ୟକ୍ତି ଏବେ ନିଜ ଅଞ୍ଚଳର ଥାନାରେ ମଧ୍ୟ ପ୍ରାଥମିକ ଏତଲା ଦେଇପାରିବେ। କୌଣସି ଥାନାର ପଦାଧିକାରୀ ଘଟିଥିବା ଅପରାଧଟି ତାଙ୍କ ଅଞ୍ଚଳରେ ଘଟି ନଥିବାରୁ ପ୍ରାଥମିକ ଏତଲାଟିକୁ ଗ୍ରହଣ କରିବାକୁ ଅସ୍ୱୀକାର କରିପାରିବେ ନାହିଁ। ଯଦି କୌଣସି କ୍ଷେତ୍ରରେ ପୋଲିସ ପ୍ରାଥମିକ ଏତଲା ପଞ୍ଜୀକୃତ ନ କରେ ତେବେ ସେ କ୍ଷେତ୍ରରେ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କୁ ଏ ସମ୍ପର୍କରେ ରେଜିଷ୍ଟ୍ରି ପୋଷ୍ଟରେ ଜଣାଇବା ପରେ କୋର୍ଟରେ ମକଦ୍ଦମା କରାଯାଇ ପାରିବ। ପୋଲିସ୍ ରିମାଣ୍ଡ କ୍ଷେତ୍ରରେ ମଧ୍ୟ ନୂଆ ଆଇନରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଯଦିଓ ପୋଲିସ୍ ରିମାଣ୍ଡର ଅବଧି ୧୫ ଦିନ ମଧ୍ୟରେ ସୀମିତ ରଖାଯାଇଛି କିନ୍ତୁ ପୋଲିସ୍ ଅନୁସନ୍ଧାନର ୬୦ ଦିନ କିମ୍ବା ୯୦ ଦିନ ମଧ୍ୟରେ ପୋଲିସ ଯେକୌଣସି ସମୟରେ ପୋଲିସ ରିମାଣ୍ଡ ପାଇଁ ଆବେଦନ କରିପାରିବେ। ଏଭଳି କ୍ଷମତାର ଅନେକ କ୍ଷେତ୍ରରେ ଦୁରୁପଯୋଗ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ବିଚାର ଚାଲିଥିବା ବେଳେ ମଧ୍ୟ ପୋଲିସ୍‌କୁ ଅଧିକ ଅନୁସନ୍ଧାନ କରିବାର କ୍ଷମତା ଦିଆଯାଇଛି କିନ୍ତୁ ଏଭଳି କ୍ଷେତ୍ରରେ ମାଜିଷ୍ଟ୍ରେଟଙ୍କର ଅନୁମତି ନେବାର ଆବଶ୍ୟକତା ରହିଛି।

ନୂତନ ଆଇନରେ ସରକାରୀ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦିଆଯାଇଛି। କୌଣସି ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ସେମାନଙ୍କ ସରକାରୀ କାର୍ଯ୍ୟ କରୁଥିବା ସମୟରେ ଯଦି କୌଣସି ଅପରାଧିକ ମାମଲା କୌଣସି ବ୍ୟକ୍ତିବିଶେଷ ଘରୋଇ ଭାବେ ମାଜିଷ୍ଟ୍ରେଟଙ୍କ ନିକଟରେ ମକଦ୍ଦମା ଦାଖଲ କରନ୍ତି, ତେବେ ସେହି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମକଦ୍ଦମାଟିକୁ ବିଚାର ପାଇଁ ଗ୍ରହଣ କରିବା ପୂର୍ବରୁ ସେହି ସରକାରୀ କର୍ମଚାରୀଙ୍କୁ ନିଜସ୍ୱ ମନ୍ତବ୍ୟ ରଖିବା ପାଇଁ ସୁଯୋଗ ଦେବା ଓ ତାଙ୍କ ଉପରିସ୍ଥ ଅଫିସରଙ୍କ ଠାରୁ ଏହି ଘଟଣା ସମ୍ପର୍କରେ ଗୋଟିଏ ରିପୋର୍ଟ ମାଗିବା ନିମନ୍ତେ ଏହି ଆଇନରେ ବନ୍ଦୋବସ୍ତ କରାଯାଇଛି। ଏହି ନୂତନ ଆଇନରେ ଅଭିଯୋଗ ଫର୍ଦ୍ଦ ୯୦ଦିନ ମଧ୍ୟରେ କିମ୍ବା ଅତି ବେଶୀରେ ୧୮୦ ଦିନ ମଧ୍ୟରେ କୋର୍ଟରେ ଦେବାର ନିୟମ ରହିଥିବା ବେଳେ ସାକ୍ଷ୍ୟ ଗ୍ରହଣ ଓ ଅଭିଯୁକ୍ତର ବୟାନର ବିଚାରର ତିରିଶ ଦିନ ମଧ୍ୟରେ ରାୟ ପ୍ରଦାନ କରିବାର ବନ୍ଦୋବସ୍ତ ରହିଛି। ପୋଲିସ୍ କେଉଁ ଅପରାଧିମାନଙ୍କ କ୍ଷେତ୍ରରେ ହାତକଡ଼ା ପକାଇବ ସେଥିପାଇଁ ମଧ୍ୟ ଏହି ଆଇନରେ ସବିଶେଷ ତଥ୍ୟ ଦିଆଯାଇଛି। ନୂଆ ଆଇନରେ ଜାମିନ୍ ବ୍ୟବସ୍ଥାକୁ ସରଳ କରିବା ଲାଗି ପ୍ରଚେଷ୍ଟା କରାଯାଇଛି।

ବିଚାର ବିଭାଗୀୟ ଅଫିସର, ଓକିଲ, ପୋଲିସ ପ୍ରଶାସନରେ ଏକ ନୂଆ ଧାରା ସହିତ ନିଜକୁ ଅବଗତ କରିବା ବିଶେଷ ଜରୁରୀ। ଏଥିପାଇଁ ନୂଆ ଫୌଜଦାରୀ ଆଇନକୁ ବାରମ୍ବାର ଅଧ୍ୟୟନ କରିବା ଯେତିକି ଜରୁରୀ ସରକାରଙ୍କ ପକ୍ଷରୁ ସେଥିପାଇଁ ପ୍ରଶିକ୍ଷଣ ଶିବିରର ବନ୍ଦୋବସ୍ଥ କରିବା ସେତିକି ଆବଶ୍ୟକ। ଆମ ରାଜ୍ୟରେ ଆଇନଜୀବିମାନଙ୍କୁ ନୂଆ ଆଇନ ସଂପର୍କରେ ପ୍ରଶିକ୍ଷଣ ଦେବା ପାଇଁ ଆଡଭୋକେଟ ଏକାଡେମୀକୁ କାର୍ଯ୍ୟକ୍ଷମ କରିବା ସହିତ ଆଗାମୀ କିଛି ବର୍ଷ ପାଇଁ ଜିଲ୍ଲା ଓ ଗ୍ରାମାଞ୍ଚଳ କୋର୍ଟରେ ଥିବା ଆଇନଜୀବୀ ସଂଘଗୁଡ଼ିକରେ ନୂଆ ଫୌଜଦାରୀ ଆଇନ ସଂପର୍କରେ ନିରନ୍ତର ସଚେତନତା ଆଲୋଚନାଚକ୍ର ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ସହଯୋଗିତା ଏହି ଆଇନର ସୁଫଳକୁ ସାଧାରଣ ଲୋକଟି ନିକଟରେ ପହଞ୍ଚାଇପାରିବ। 'ଆଇନ ଲୋକଙ୍କ ପାଇଁ' - ଏହି ଭାବଧାରା ଓ ଆଦର୍ଶରେ ପ୍ରଣିତ ଆଇନର ସଫଳ କାର୍ଯ୍ୟକାରିତା କେବଳ ସରକାରଙ୍କ ନୁହେଁ ଏଥିପାଇଁ ସମଗ୍ର ସମାଜର ସାମୁହିକ ଦାୟିତ୍ୱ ରହିଛି।




*ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ*
*(ଭାରତବର୍ଷର ନୂତନ ଫୌଜଦାରୀ ଆଇନ୍ ସଚେତନତା ଦିବସ ଅବସରରେ)*

# ଝାରସୁଗୁଡ଼ାରେ ଖୋଲିବ ୩ ନୂଆ ରାଜସ୍ୱ କାର୍ଯ୍ୟାଳୟ

**ଝାରସୁଗୁଡ଼ା, ୨୯।୬(ସମିସ)**

ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକରେ ୨ଟି ଓ ବ୍ରଜରାଜନଗର ମ୍ୟୁନିସିପାଲଟି ପାଇଁ ଗୋଟିଏ ନୂଆ ରାଜସ୍ୱ କାର୍ଯ୍ୟାଳୟ ଖୋଲିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିପାଇଁ ୩ ଜଣ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇଛି। ଆସନ୍ତା ଜୁଲାଇ ପହିଲାରୁ ଏହି ନୂଆ ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକ କାର୍ଯ୍ୟକ୍ଷମ ହେବ ବୋଲି ଶୁକ୍ରବାର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବ୍ରଜରାଜନଗର ମ୍ୟୁନିସିପାଲଟିକୁ ଲାଗି ରହିଥିବା ରାଜପୁରଠାରେ ଖୋଲିବାକୁଥିବା ରାଜସ୍ୱ କାର୍ଯ୍ୟାଳୟରେ ଲୋଇସିଂ, ରାଜପୁର, ଚାନ୍ଦନିମାଲ ପଞ୍ଚାୟତ ଓ ବ୍ରଜରାଜନଗର ଅଞ୍ଚଳ ରହିବ। ଏଥିପାଇଁ ନୂତନ ଅତିରିକ୍ତ ତହସିଲଦାର ଓଡ଼ିଶା ପ୍ରଶାସନିକ ସେବାର ନାସି ଖାଲ୍‌କୋଙ୍କୁ ନିଯୁକ୍ତ କରାଯାଇଛି। ଲଖନପୁର ବ୍ଲକ କନକତୋରାରେ ଖୋଲିଥିବା ରାଜସ୍ୱ କାର୍ଯ୍ୟାଳୟର ସୀମା ୧୯ ଖଣ୍ଡ ମୌଜାର କନକତୋରା, ଚାଞ୍ଚିପାଲି ଓ ଭିଖମପାଲି ପଞ୍ଚାୟତ ଯାଏ ରହିବ। ଏଥିପାଇଁ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ କୁଳମଣି ଦଳାଇଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ବନ୍ଧବାହାଲରେ ଖୋଲିଥିବା ରାଜସ୍ୱ କାର୍ଯ୍ୟାଳୟରେ ବନ୍ଧବାହାଲ, କୁମ୍ଭାରବନ୍ଧ ଓ ପଣ୍ଡରି ପଞ୍ଚାୟତ ରହିବ। ଏଥିପାଇଁ ଓଡ଼ିଶା ରାଜସ୍ୱ ସେବାର ଅଧିକାରୀ ଦୁଷ୍ମନ୍ତ କୁମାର ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ଲଖନପୁର ବ୍ଲକର ଲଖନପୁରରେ କେବଳ ତହସିଲ କାର୍ଯ୍ୟାଳୟ ଥିବାରୁ ବନ୍ଧବାହାଲରୁ ୨୪ କିମି, ଚାଞ୍ଚିପାଲିରୁ ୫୦ କିମି ଯିବାକୁ ପଡୁଥିଲା। ସେହିଭଳି ବ୍ରଜରାଜନଗର ଲୋକ ତଥା ଝାରସୁଗୁଡ଼ା ବ୍ଲକର ଲୋଇସିଂ, ରାଜପୁରରୁ ଝାରସୁଗୁଡ଼ା ତହସିଲ କାର୍ଯ୍ୟାଳୟକୁ ୧୫ କିମିରୁ ଅଧିକ ଦୂର ଆସିବାକୁ ପଡୁଥିଲା।

# ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି ଯୁବପିଢି

**ଝାରସୁଗୁଡ଼ା, ୨୯।୬(ସମିସ):** ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି ଯୁବପିଢି। ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗତ କିଛି ବର୍ଷ ହେବ ଯୁବପିଢି ଦ୍ରୁତ ଗତିରେ ବାଇକ୍ ଓ ସ୍କୁଟି ଚଳାଉଥିବା ଅଭିଯୋଗ ହେଉଛି। ସହରର ସରବାହାଲ ଠାରୁ ବେହେରା ମାଳ ଓ ବିଟିଏମ ଠାରୁ ବଢେଇମୁଣ୍ଡା ମୁଖ୍ୟ ରାସ୍ତା ଉପରେ ଯୁବପିଢି ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା ସହିତ ଜୀବନ ଯାଉଛି। ସହରର ମୁଖ୍ୟ ରାସ୍ତା ଅଣଓସାରିଆ ସହିତ ଅସ୍ଥାୟୀ ଦୋକାନ ଲାଗିବା ସହିତ ଟ୍ରାଫିକ ସମସ୍ୟା ଗୁରୁତର ହେବା ଫଳରେ ଗାଡ଼ି ଚାଳକ ବୀପରିତ ଦିଗରେ ଗାଡ଼ି ଚାଳକ ଗାଡ଼ି ଚଳାଉଥିବା ବେଳେ ମଧ ଦୁର୍ଘଟଣା ଘଟୁଥିବାର ପରିଲକ୍ଷିତ ହେଉଛି। ଅନ୍ୟପଟେ ସହର ମଧ୍ୟରେ ହେଲମେଟ ବାଧ୍ୟତାମୂଳକ ନ କରି ସହରର ବାଇପାସ୍‌ଠାରେ ହେଲମେଟ ତଦାରଖ କରିବାପାଇଁ ଦାବି ହେଉଛି। ଅନ୍ୟପଟେ ସହରର ମୁଖ୍ୟରାସ୍ତା ଉପରେ ଅଳ୍ପବୟସର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ବିଦ୍ୟାଳୟ ସମେତ ମହାବିଦ୍ୟାଳୟକୁ ବାଇକ୍ ସ୍କୁଟିରେ ପାଠ ପଢ଼ିବା ପାଇଁ ଯାଉଥିବା ବେଳେ ଆରଟିଓ ନୀରବ ରହୁଥିବାର ପରିଲକ୍ଷିତ ହେଉଛି। ଛାତ୍ର ଛାତ୍ରୀ ମାନେ ପାଠ ପଢ଼ିବା ପାଇଁ ଯିବା ଆସିବା ସମୟରେ ଦୁର୍ଘଟଣା ଘଟୁଥିବାର ପରିଲକ୍ଷିତ ହେଉଛି। ଏଥିପ୍ରତି ଆରଟିଓ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣ ରେ ଦୀର୍ଘ ଦିନରୁ ଦାବି ହେଉଛି।

## କାର୍ ଧକ୍କାରେ ବସ୍ ଚାଳକ ଗୁରତର

**ଝାରସୁଗୁଡ଼ା, ୨୯୬(ଇମିସ):** ଝାରସୁଗୁଡ଼ା ସଦର ଥାନା ଅଧୀନ ହୋଟେଲ ଆର୍ଯ୍ୟନ୍ ନିକଟରେ ଏକ ଘରୋଇ ବସ୍ ଡ୍ରାଇଭରଙ୍କୁ ଏକ କାର୍ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଆହତ ବସ୍ ଚାଳକଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ୧ରୁ ଜନ ଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା, ୨୯।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନପକ୍ଷରୁ ଆସନ୍ତା ୧ ତାରିଖରୁ ଜନଅଭିଯୋଗ ସୁଣାଣି ଅନୁଷ୍ଠିତ ହେବ। ଏନେଇ ଜିଲ୍ଲା ପ୍ରଶାନ ପକ୍ଷରୁ ଜଣଶୁଣାଣି ତାରିଖ ଓ ସ୍ଥାନ ଘୋଷଣା କରାଯାଇଛି। ଆସନ୍ତା ୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୮ ତାରିଖରେ ବ୍ରଜରାଜନଗର ପୌର ପରିଷଦ, ୧୫ ତାରିଖରେ କିର୍ମିରା ବ୍ଲକ, ୨୨ ତାରିଖରେ କୋଲାବିରା ବ୍ଲକ ଓ୨୯ ତାରିଖରେ ଲଇକେରା ବ୍ଲକରେ ଜଣଶୁଣାଣି ଅନୁଷ୍ଠିତ ହେବ। ତେବେ ୩୩ ପଞ୍ଚାୟତ ବିଶିଷ୍ଟ ଲଖନପୁର ବ୍ଲକ ଓ ବେଲପାହାଡ଼ ପୋର ପରିଷଦରେ ଜିଲ୍ଲା ପ୍ରଶାସନ ଜନଶୁଣାଣି କରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## କାର୍ଯ୍ୟାଳୟ ପାଇଁ ଜମି ଦାବିକଲା ଜିଲ୍ଲା ଡ୍ରାଇଭର ମହାସଂଘ

**ଝାରସୁଗୁଡ଼ା, ୨୯।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ଡ୍ରାଇଭର ମହାସଂଘ ପକ୍ଷରୁ କାର୍ଯ୍ୟାଳୟ ପାଇଁ ଜମି ଯୋଗାଇଦେବାକୁ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାୟ୨ ହଜାର ସଦସ୍ୟ ଥିବା ଏହି ମହାସଂଘଟ ନିଜସ୍ୱ କାର୍ଯ୍ୟାଳୟ ନଥିବାରୁ ଏକ ଭଡ଼ା ଘରେ କାର୍ଯ୍ୟାଳୟ ଚାଲିଛି। ତେଣୁ ୪୯ ନଂ ଜାତୀୟ ରାଜପଥ କଡ଼ରେ ଏକ ଜମି ଯୋଗାଇଦେବାକୁ ମହାସଂଘ ପକ୍ଷ ଦାବି କରାଯାଇଛି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ମହାସଂଘର କର୍ମକର୍ଷ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଭେଟି ମଧ ଦାବି ଜଣାଇଥିଲେ।

## ବଢ଼ୁଛି ଛୁଟି କମୁଛି ଶିକ୍ଷାଦାନ

**ଝାରସୁଗୁଡ଼ା, ୨୯।୬(ସମିସ):** ଝାରସୁଗୁଡା ବର୍ଦ୍ଧିତ ଗ୍ରୀଷ୍ମପ୍ରବାହ ପାଇଁ ବିଗତ କିଛି ବର୍ଷ ହେଲା ବିଦ୍ୟାଳୟର ଶିକ୍ଷାଦାନ ଉପରେ ବେଶ୍ ପ୍ରଭାବ ପଡୁଛି। ଖରାଯୋଗୁଁ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଉଛି। ଅନ୍ୟପଟେ ଠିକ୍ ସମୟରେ ବିଦ୍ୟାଳୟଗୁଡ଼ିକ ଖୋଲି ପାରୁନାହିଁ। ଚଳିତବର୍ଷ ପ୍ରବଳ ଗରମ୍ ଓ ଗୁଳୁଗୁଳି ଯୋଗୁଁ ଠିକ୍ ସମୟରେ ସ୍କୁଲ ଗୁଡ଼ିକ ନ ଖୋଲି ଛୁଟି ବଢ଼ାଇ ଦିଆଯାଇଥିବା ଜଣାପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ର ଛାତ୍ରୀ ମାନେ ପାଠ ପଢ଼ିବା ପାଇଁ କମ୍ ଦିନ ପାଇବେ ଏଥିରେ ସନ୍ଦେହ ନାହିଁ। ଚଳିତବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗିରହିଥିବା ବେଳେ ଗତକାଲି ସନ୍ଧ୍ୟାରେ ପ୍ରବଳ ବର୍ଷା ହୋଇଥିବା ବେଳେ କେତେକ ଜିଲ୍ଲାରେ ପ୍ରବଳ ଗରମ୍ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ଚଳିତବର୍ଷ ଗ୍ରୀଷ୍ମପ୍ରବାହ ଯୋଗୁଁ ବାର ଦିନ ପୂର୍ବରୁ ବିଦ୍ୟାଳୟଗୁଡ଼ିକ ଛୁଟି ଘୋଷଣା କରାଯାଇଥିଲା। ଏହି ଦିନ ମିଶାଇ ପନ୍ଦର ଦିନ ଅଧିକ ଛୁଟି ହୋଇଛି। ପରିବର୍ତ୍ତିତ ଜଳବାୟୁକୁ ଅନୁଧାନ କଲେ ଆଗକୁ ଆହୁରି ଖରା ପ୍ରକୋପ୍ ଓ ବଢ଼ିବ ବୋଲି ପାଣିପାଗ ପକ୍ଷରୁ ସୂଚନା ମିଳୁଛି।

## ଶିବ ମନ୍ଦିରରୁ ଚୋରି

**ବ୍ରଜରାଜନଗର, ୨୯।୬(ସମିସ):** ବ୍ରଜରାଜନଗର ଜିଏମ୍ କମ୍ପ୍ଲେକ୍ସସ୍ଥିତ ଶିବ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳେ ପ୍ରତ୍ୟେକ ଦିନ ଭଳି ଜିଏମ୍ କମ୍ପ୍ଲେକ୍ସରେ ରହୁଥିବା ଅଭୟ ସାହୁ ମନ୍ଦିରରେ ଝାଡୁ ମାରୁଥିଲେ। ଝାଡୁ ମାରିବା ସମୟରେ ମୁଖ୍ୟ ଗେଟ୍‌ରେ ତାଲା ଭଙ୍ଗା ଯାଇଥିବା ତାଙ୍କ ନଜର ପଡ଼ିଥିଲା। ଏନେଇ ସେ ପୂଜାରୀ ଚିନ୍ମୟ ତ୍ରିପାଠୀଙ୍କୁ ଖବର ଦେଇଥିଲେ। ମନ୍ଦିର ପୂଜାରୀ ଶ୍ରୀ ତ୍ରିପାଠୀ ଆସି ଦେଖିଲା ପରେ ମନ୍ଦିରରେ ଥିବା ଠାକୁରଙ୍କ ସମସ୍ତ ବାସନ ଓ କପଡ଼ା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପରିଚାଳନା କମିଟି ସଦସ୍ୟ ସୂଚନା ଦେଇଛନ୍ତି। ପୁଲିସ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ଜୁଲାଇ ୧ରୁ ଜିଲ୍ଲାପାଳଙ୍କ ଜନଶୁଣାଣି

**ଦେବଗଡ଼, ୨୯।୬(ସମିସ):** ମାସର ପ୍ରତି ସୋମବାର ଆୟୋଜିତ ହୋଇଆସୁଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମ ଜୁଲାଇ ୧ରୁ ଆରମ୍ଭ ହେବ। ଜୁଲାଇ ୧ରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ଜୁଲାଇ ୮ ରେ ତିଲେଇବଣୀ ବ୍ଲକ ସମ୍ମିଳନୀ କକ୍ଷ, ଜୁଲାଇ ୧୫ ରେ ବାରକୋଟ ବ୍ଲକ ବିଜୟନଗର ପଞ୍ଚାୟତର ସମ୍ମିଳନୀ କକ୍ଷ, ୨୨ରେ ରିଆମାଳ କୋଲବସା ପଞ୍ଚାୟତର ସମ୍ମିଳନୀ କକ୍ଷ, ୨୯ରେ ବାରକୋଟ ବ୍ଲକ ସଇଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ସୋମବାର ସରକାରୀ ଛୁଟି ଥିଲେ ପରବର୍ତ୍ତୀ ମଙ୍ଗଳବାର ଦିନ ଏହି ଶିବିର ଆୟୋଜିତ ହୋଇଥାଏ। ମିଳିତ ଜନଶୁଣାଣି ଶିବିରରେ ଆପତ୍ତି ଅଭିଯୋଗ ନେଇ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇବାକୁ ଚାହୁଁଥିବା ଜିଲ୍ଲାର ସର୍ବସାଧାରଣ ଏହି କାର୍ଯ୍ୟସୂଚୀ ଅନୁଯାୟୀ ସୁଯୋଗ ନେଇପାରିବେ।

## ବିଧାୟକଙ୍କ ପୋଖରୀ ପରିଦର୍ଶନ



**ଝାରସୁଗୁଡ଼ା, ୨୯।୬(ସମିସ):** ଝାରସୁଗୁଡା ପୌରାଞ୍ଚଳ ୱାର୍ଡନମ୍ବର ୧୨ ମାଲିମୁଣ୍ଡା ଗାଁର ପୋଖରୀକାମ ନିମ୍ନମାନର ହେଉଥିବା ଅଭିଯୋଗ ପାଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଆଜି ଝାରସୁଗୁଡା ପୌର ପରିଷଦର ମାଲିମୁଣ୍ଡା ଏବଂ ବିଟିଏମ ଠାରେ ଜଳାଶୟ ପରିଦର୍ଶନ କରିଛନ୍ତି। ଲୋକଙ୍କ ସମସ୍ୟାର ସମାଧାନ ତାଙ୍କର ପ୍ରାଥମିକତା ବୋଲି କହିଛନ୍ତି ବିଧାୟକ କହିଛନ୍ତି। ୧ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ପୋଖରୀ ନିମ୍ନମାନର କାମ କରୁଥିବା ସମ୍ପୃକ୍ତ ଠିକାଦାର ବିରୋଧରେ ଅଭିଯୋଗ କରିଥିଲେ ଗାଁ ଲୋକେ। ଅଭିଯୋଗ ପାଇବା ପରେ ବିଧାୟକ ଶ୍ରୀ ତ୍ରିପାଠୀ ମାଲିମୁଣ୍ଡା ଯାଇ ଗାଁ ଲୋକଙ୍କ ସହିତ ଆଲୋଚନା କରିବା ସହିତ ପୋଖରୀକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ପୋଖରୀ କାମ ଯେପରି ଉନ୍ନତମାନର ହୋଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକ। ବିଧାୟକଙ୍କ ପରିଦର୍ଶନ ସମୟରେ ପୌରପରିଷଦର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ପୌରନିର୍ବାହୀ ଯନ୍ତ୍ରୀ ମନୋଜ ପାତ୍ର, ବିଭାଗୀୟ ଅଧିକାରୀଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗୁଣିଗାରେଡ଼ି କରି ଛାତରୁ ଡେଇଁବା ମାମଲା
## ଭାଇରାଲ ହେଉଛି ମହିଳାଙ୍କ ଭିଡ଼ିଓ

**ଝାରସୁଗୁଡ଼ା, ୨୯।୬(ସମିସ):** ଶୁକ୍ରବାର ଝାରସୁଗୁଡ଼ା ଚୌକିପଡ଼ା ଗୁଆଲାପଡ଼ା ଠାରେ ଗୁଣି ଗାରେଡ଼ି ପାଇଁ ଛାତରୁ ଡେଇଁ ମା' ସହିତ ଦୁଇ ଝିଅ ମୋଟ ୩ ଜଣ ମହିଳା ରାସ୍ତା ଉପରେ ଅର୍ଦ୍ଧଲଗ୍ନ ଅବସ୍ଥାରେ ପଡ଼ିଥିବାବେଳେ ଏବେ ମହିଳାମାନଙ୍କ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ଭିଡିଓଟି ଶୁକ୍ରବାର ରାତି ୪ଟା ସମୟର ବୋଲି ଅନୁମାନ କରାଯାଇଛି। ଗୁଆଲାପଡ଼ା ରାସ୍ତାରେ ୩ ଜଣ ମହିଳା ଅନ୍ଧାରରେ ପଡ଼ି ଚିତ୍କାର କରୁଥିବାବେଳେ ଜଣେ ବ୍ୟକ୍ତି ରାସ୍ତାରେ ପଡ଼ିଥିବା ମହିଳାମାନଙ୍କୁ ଘଟଣା ସମ୍ପର୍କରେ ପଚାରୁଛନ୍ତି। ତନ୍ମଧ୍ୟରୁ ଜଣେ ମହିଳା ତାଙ୍କୁ କେତେକ ବ୍ୟକ୍ତି ବାଳାତ୍କାର କରିଥିବା ମହିଳା ଜଣକ ବଡ଼ପାଟିରେ କହୁଛି। ଏହି ବ୍ୟକ୍ତିମାନେ ତାଙ୍କ ଉପରେ ପାଶବିକ ଅତ୍ୟାଚାର କରିଥିବାନେଇ ରାସ୍ତା ଉପରେ ପଡ଼ିଥିବା ମହିଳା ଜଣକ କହିଛନ୍ତି। ଏହା ଯଦି ସତ୍ୟ ହୋଇଥାଏ ତେବେ ସମ୍ପୂର୍ଣ୍ଣ ଭାବରେ ସାଂଘାତିକ ଅପରାଧ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଝାରସୁଗୁଡ଼ା ପୁଲିସ ଅବଶ୍ୟ ତନାଘନା ଆରମ୍ଭ କରିଛି। ମହିଳାମାନେ ବିଳମ୍ବିତ ରାତିରେ ଅର୍ଦ୍ଧଲଗ୍ନ ଅବସ୍ଥାରେ ରାତି ୪ଟାରୁ ସକାଳ ୮ଟା ଯାଏ ରାସ୍ତା ଉପରେ ପଡ଼ିଥିବାବେଳେ ମହିଳାମାନଙ୍କୁ ୮ଟା ପରେ ଝାରସୁରୁଡ଼ା ପୁଲିସ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା।

## ଟିଆରଏଲ୍ କ୍ରୋସାକିର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ୧୩୫ ଚିକିତ୍ସିତ

**ଝାରସୁଗୁଡ଼ା, ୨୯।୬ (ସମିସ):** ବେଲପାହାଡ଼ ସହରସ୍ଥିତ ଟିଆରଏଲ କ୍ରୋସାକି କମ୍ପାନୀର ସିଏସ୍‌ଆର ବିଭାଗ ଓ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ପ୍ରୋଜେକ୍ଟ 'ଆରୋଗ୍ୟ' ଅଧୀନରେ ଖମାରପଡ଼ାଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ବେଲପାହାଡ଼ ସହରର ବରିଷ୍ଠ ନାଗରିକ ସମେତ ପୁରୁଷ ଓ ମହିଳା ମିଶି ମୋଟ ୧୩୫ ଜଣ ଚିକିତ୍ସିତ ହେବାସହ ସେମାନଙ୍କୁ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥି ଭାବେ ପୌର କାଉନ୍‌ସିଲର କହ୍ନେଇ ଚରଣ ସେଠ ଓ ସଞ୍ଜୟ ଯାଦବ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଶେଷଜ୍ଞ




ଡାକ୍ତରଙ୍କ ମଧ୍ୟରୁ ଦୀପ୍ତି ସୋରେନ, ରୋମୀ ଆର୍ଣ୍ଣଲ୍ଡ ଓ ରୁପାଞ୍ଜଳି ଆଚାର୍ଯ୍ୟ ରୋଗୀଙ୍କ ଚିକିତ୍ସା କରିଥିଲେ। ଟିଆରଏଲ କ୍ରୋସାକି ସିଏସ୍‌ଆର ବିଭାଗର ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ। ଟିଆରଏଲ କ୍ରୋସାକି ସିଏସଆର ବିଭାଗର ଅଧିକାରୀ ଦୀପକ ସାହୁଙ୍କ ସମେତ ବ୍ରଜବନ୍ଧୁ ଶତପଥୀ, ଭାସ୍କର ରଣା, ଅକ୍ଷୟ ସିଂ, ସରୋଜ ମେହେର ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ସ୍କୁଟି ଆରୋହୀ ମୃତ

**ଝାରସୁରୁଡ଼ା, ୨୯।୬ (ସମିସ):** ଶନିବାର ରାତି ୮ଟା ସମୟରେ ୪୯ ନମ୍ବର ଜାତୀୟ ରାଜପଥ ବେଲପାହାଡ଼ ନିକଟସ୍ଥ ଗ୍ରୀନ ପାର୍କ ଢ଼ାବା ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ବେଳେ ଆଉଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ସୁନ୍ଦରଗଡ଼ର ରୂପେନ ମୁଣ୍ଡା (୧୮) ଓ ଗୁରୁତର ଜଣଙ୍କ ହେଉଛନ୍ତି ବୁଡ଼ିଜାମ ଗ୍ରାମର ସାହିଲ ମୁଣ୍ଡା। ରୂପେନ ଓ ସାହିଲ ଏକ ସ୍କୁଟି ଯୋଗେ ଯାଉଥିବା ବେଳେ ୪୯ ନମ୍ବର ଜାତୀୟ ରାଜପଥର ଗ୍ରୀନପାର୍କ ଢ଼ାବା ନିକଟରେ ଏକ ଅଜଣା ଗାଡ଼ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବେଲପାହାଡ଼ ପୁଲିସ ପହଞ୍ଚି ଉଭୟ ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ରୂପେନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

### ପୌର ପରିଷଦ କଳି

## ଉପନଗରପାଳଙ୍କୁ ଜାତିଆଣ ଆକ୍ଷେପ ଓ ହତ୍ୟା ଧମକ ଅଭିଯୋଗ

**ଦେବଗଡ଼, ୨୯।୬ (ସମିସ):** ଉପନଗରପାଳ ପ୍ରଜିତ ଭୋଜଙ୍କୁ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଇ, ତାଙ୍କ ପୁଅ ରାଜକିଶୋର ଦାଶ ଓ ୫ନମ୍ବର ୱାର୍ଡ କାଉନ୍‌ସିଲର ଯତୀନ ନାୟକ ଜାତିଆଣ ଆକ୍ଷେପ କରିବା ସହିତ ହତ୍ୟାଧମକ ଦେଇଥିବା ନେଇ ସେ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।




ସୂଚନା ଅନୁସାରେ ପୌର କାର୍ଯ୍ୟାଳୟରେ ଶୁକ୍ରବାର ପୌରପରିଷଦର କାଉନ୍‌ସିଲ ବୈଠକ ହୋଇଥିଲା। ଉକ୍ତ ବୈଠକରେ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ନେଇ ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ କାଉନସିଲର ଯତୀନ ନାଏକ ଏବଂ ଉପନଗରପାଳ ଶ୍ରୀ ଭୋଜଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବୈଠକ ପରେ ଉପନଗରପାଳ ଶ୍ରୀ ଭୋଜ ବାହାରକୁ ଆସିବାପରେ ତାଙ୍କୁ ପୌରାଧକ୍ଷା ଶାନ୍ତି ମଞ୍ଜରୀ, ତାଙ୍କ ପୁଅ ରାଜକିଶୋର ଦାଶ ଓ କାଉନସିଲର ଯତୀନ କୁମାର ନାୟକ ଜାତିଆଣ ଆକ୍ଷେପ କରିବା ସହିତ ହତ୍ୟାଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା



**ଝାରସୁଗୁଡ଼ା, ୨୯।୬(ସମିସ):** ସରସ୍ୱତୀ ଶିଶୁମନ୍ଦିର ସରବାହାଲରେ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ସନ୍ତୋଷ କୁମାର ପଟେଲ, ଚାଟାର୍ଡ ଆକାଉଣ୍ଟାଣ୍ଟ ମହେନ୍ଦ୍ର କେଡିଆ ଯୋଗ ଦେଇଥିଲେ। ଆୟୋଜିତ ଏହି ପ୍ରଶିକ୍ଷଣରେ ଝାରସୁଗୁଡ଼ା ସଙ୍କୁଳର ମୋଟ ୮ ଟି ଶିଶୁମନ୍ଦିରର ୧୨୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ଦିଆଯାଇଥିଲା। ଏହି ଅବସରରେ ସରବାହାଲ ଶିଶୁମନ୍ଦିରର ପୂର୍ବତନ ଛାତ୍ର ହୃଦ୍‌ରୋଗ ବିଶେଷଜ୍ଞ ଡ. ସୌରଭ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଦାଶ, ଅଶୋକ ସାକୁନିଆ, ସମ୍ବଲପୁର ବିଭାଗ ନିରୀକ୍ଷକ ଜୟ କିଶୋର ପଣ୍ଡା, ସଙ୍କୁଳ ସଂଯୋଜକ ବାବୁଲାଲ ସାହୁ, ସହ ସଂଯୋଜକ ଗୋକୁଳ ଚନ୍ଦ୍ର ଷଡ଼ଙ୍ଗୀ, ଦିଲୀପ ଶତପଥୀ, ସସ୍ମିତା ପାଣିଗ୍ରାହୀ, ରିନିତା ଦାସ, ଅଚ୍ୟୁତାନନ୍ଦ କରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର ଏବଂ ସମସ୍ତ ଗୁରୁଜୀ ଗୁରୁମା ଓ ସେବିକା ଯୋଗଦେଇଥିଲେ।

## ଫେରାର ଅଭିଯୁକ୍ତ ପଣ୍ଡିଚେରୀରୁ ଗିରଫ

**ଦେବଗଡ଼, ୨୯।୬(ସମିସ):** ରିଆମାଳ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ଫେରାର ମାରିଥିବା ଅଭିଯୁକ୍ତକୁ ୧ ବର୍ଷ ପରେ ରିଆମାଳ ଥାନା ପୁଲିସ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ରିଆମାଳ ପୁଲିସ



ପଣ୍ଡିଚେରୀକୁ ଯାଇ ଗତକାଲି ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତ ଜଣକ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ ଡାହିମାଲ ଗ୍ରାମର ନୀଳାଦ୍ରି ମିର୍ଦ୍ଧା (୨୨)। ଗତବର୍ଷ ଫେବୃଆରୀରେ ସେ ନାବାଳିକାକୁ ଦୁଷ୍କର୍ମକରି ଫେରାର ହୋଇଯାଇଥିଲା। ଦୁଷ୍କର୍ମ ପୀଡ଼ିତା ଜଣଙ୍କ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ବେଳେ ଅଭିଯୁକ୍ତ ଜଣକ ଦୁଷ୍କର୍ମ ପରେ ଫେରାର ହୋଇ ପଣ୍ଡିଚେରୀରେ ଲୁଚି ଥିବା ସୂଚନା ପାଇ ରିଆମାଳ ଥାନା ଏସ୍ ଆଇ ନୀଳକଣ୍ଠ ପାତ୍ର ଓ ରାଇଟର୍ ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ପଣ୍ଡିଚେରୀକୁ ଯାଇ ଆସାମୀକୁ ଗିରଫ କରିବାରେ ସଫଳ ହୋଇଥିଲେ।

## ପରିମଳ ବ୍ୟବସ୍ଥାକୁ ଘରୋଇକରଣ ନ କରିବା ପାଇଁ ସଫେଇ କର୍ମଚାରୀ ସଂଘର ଦାବି

**ଦେବଗଡ଼, ୨୯।୬(ସମିସ)**

ପୌର ପରିଷଦ ପକ୍ଷରୁ ସହରର ପରିମଳ ବ୍ୟବସ୍ଥାକୁ ଘରୋଇକରଣ କରିବା ପାଇଁ ଯୋଜନା କରାଯାଉଥିବା ବେଳେ ଏହାକୁ ସଫେଇ କର୍ମଚାରୀ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଶନିବାର ସଂଘ ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହାର ଏକିକତା ନକଲ ନଗର ଉନ୍ନୟନ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ପୌର କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୌର ପରିଷଦର ନବମ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସହରର



ପରିମଳ ବ୍ୟବସ୍ଥାକୁ ଘରୋଇକରଣ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହାକୁ ଉପନଗରପାଳ ପ୍ରଜିତ ଭୋଜ ଓ ସ୍ୱାଧିନ କାଉନସିଲର ଧର୍ମେନ୍ଦ୍ର ଦେବତା ବିରୋଧ କରିଥିଲେ। ପୌର କାର୍ଯ୍ୟାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀ ସଂଘ ପକ୍ଷରୁ ମଧ୍ୟ ବିରୋଧ କରାଯାଇଛି। ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି କରିବା ପରିବର୍ତ୍ତେ ପରିମଳ ବ୍ୟବସ୍ଥାକୁ ପୌର କାର୍ଯ୍ୟାଳୟ ପକ୍ଷରୁ ଘରୋଇ କରଣ କରିବା ପାଇଁ ଯୋଜନା କରୁଥିବାରୁ ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଅନ୍ୟ ପକ୍ଷରେ ଆଗାମୀ ଦିନରେ ପରିମଳ ବ୍ୟବସ୍ଥାକୁ ଘରୋଇ କରଣ କରାଗଲେ ଆନ୍ଦୋଳନ କରାଯିବା ନେଇ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ଆଜି ସଂଘର ସଭାପତି ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ସଫେଇ କର୍ମଚାରୀମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିବା ସହ ପରିମଳ ବ୍ୟବସ୍ଥାକୁ ଘରୋଇକରଣ ନ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

## ପୌର କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବ୍ରଜରାଜନଗର, ୨୯।୬(ସମିସ):** ବ୍ରଜରାଜନଗର ପୌରପରିଷଦରେ କାର୍ଯ୍ୟରତ ଦୁଇଜଣ କର୍ମଚାରୀଙ୍କୁ ପୌରପରିଷଦ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପୌରପରିଷଦରେ କାର୍ଯ୍ୟରତ ଥିବା ଇଶ୍ୱରଚନ୍ଦ୍ର ମହାକୁଡ଼ ଓ କୈଳାସ ଚନ୍ଦ୍ର ପଟେଲ୍‌ଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପୌରପରିଷଦ ସଭା ଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନାସଭାରେ ପୌରନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ପୌରାଧକ୍ଷା ଯାଜ୍ଞସେନୀ ଓରାମ ଯୋଗ ଦେଇ ଦୁଇଜଣ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୌର ଯନ୍ତ୍ରୀ ସୁବାସଚନ୍ଦ୍ର ମିଶ୍ର ଓ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।



## ବିଜେପି ଜିଲ୍ଲା ସଭାପତିଙ୍କ କାର୍ଯ୍ୟାଳୟ ଅକ୍ତିଆର ଘଟଣା

# ବଂଶବାଦ୍ ରାଜନୀତି ଚାଲିଛି: ଗିରୀଶ ପଟେଲ

**ସମ୍ବଲପୁର, ୨୯।୬(ସମିସ):** ସମ୍ବଲପୁର ବିଜେପି କାର୍ଯ୍ୟାଳୟଠାରେ ଶୁକ୍ରବାର ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ କାର୍ଯ୍ୟାଳୟର ତାଲା ଭାଙ୍ଗି ନିଜ ଅକ୍ତିଆରକୁ ନେଇଥିଲେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଝିଅ ଶୁଭଶ୍ରୀ। ଏହି ଘଟଣା ନେଇ ଜିଲ୍ଲା ବିଜେପିରେ ଏକ ପ୍ରକାର ହଟଚମଟ ଲାଗି ରହିଛି।

ଏନେଇ ଜିଲ୍ଲା ସଭାପତି ଗିରିଶ ପଟେଲ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ବଂଶବାଦ୍ ରାଜନୀତିକୁ ଆଗକୁ ନେବାପାଇଁ ଶୁଭଶ୍ରୀ ମିଶ୍ର ଏଭଳି କାମ କରିଛନ୍ତି। ଜିଲ୍ଲା ସଭାପତିଙ୍କ ପ୍ରକୋଷ୍ଠରେ ତାଲା ଭାଙ୍ଗିବା ସହ ସଭାପତିଙ୍କ ଚୌକିରେ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଁ ନ ଥିବା ସମୟରେ ଶୁଭଶ୍ରୀ ତାଙ୍କ ସମର୍ଥକଙ୍କ ସହ ମୋ ପ୍ରକୋଷ୍ଠ ତାଲା ଭାଙ୍ଗି ରୁମ୍‌ରେ ପଶିଥିଲେ। ଏ ବିଷୟରେ ଉପରେ ସମସ୍ତଙ୍କୁ ଜଣାଇ ଦେଇଛି।

ପ୍ରକାଶ ଥାଉକି, ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ ମଧ୍ୟରେ ଗତ କିଛିମାସ ଧରି ତିକ୍ତତା ଲାଗି ରହିଛି। ଏପରିକି ଜିଲ୍ଲା ବିଜେପି ଦୁଇ ଗୋଷ୍ଠୀରେ ପରିଣତ ହୋଇଛି। ଏହାର ଫଳସ୍ୱରୁପ ବିଧାୟକଙ୍କ ଝିଅ ଜିଲ୍ଲା ସଭାପତିଙ୍କ ପ୍ରକୋଷ୍ଠ ଦଖଲ କରିବା ଦଳୀୟ କନ୍ଦଳକୁ ପଦାରେ ପକାଇଛି। ଶୁକ୍ରବାର ବିଜେପି କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟକ୍ରମ ଥିଲା। ଏହା ସରିବା ପରେ ସଭାପତି ଗିରୀଶ ନିଜ ପ୍ରକୋଷ୍ଠରେ ତାଲା ପକାଇ ଚାଲିଯାଇଥିଲେ। କିଛି ସମୟ ପରେ ବିଧାୟକ ଜୟନାରାଣ ମିଶ୍ରଙ୍କ ଝିଅ ଶୁଭଶ୍ରୀ ନିଜ ସମର୍ଥକଙ୍କ ସହ ଆସି ସଭାପତିଙ୍କ ପ୍ରକୋଷ୍ଠରେ ଲାଗିଥିବା ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ବୈଠକ କରିଥିଲେ। ଶେଷରେ ସେ ଉକ୍ତ ପ୍ରକୋଷ୍ଠରେ ଏକ ତାଲାପକାଇ ଚାଲିଯାଇଥିଲେ।

# ବରଗଡ଼ ସାମ୍ବାଦିକ ସଂଘ ଉପର ମହଲା କୋଠା ପାଇଁ ଭିତ୍ତିପ୍ରସ୍ତର

**ବରଗଡ଼, ୨୯।୬(ସମିସ)**

ନୂତନ ସରକାର ଗଠନ ହୋଇଛି, ଜନସାଧାରଣଙ୍କ ବହୁ ଆଶା ଓ ଆକାଂକ୍ଷା ରହିଛି ଏହି ସରକାର ଉପରେ। ନୂତନ ସରକାରରେ ନୂତନ ଓଡ଼ିଶା ଗଠନ କରିବାର ପ୍ରୟାସ କରାଯିବ, ଜନସାଧାରଣ ସହଯୋଗର ହାତ ବଢ଼ାନ୍ତୁ ବୋଲି ଶନିବାର ବରଗଡ଼ ସାମ୍ବାଦିକ ସଂଘର ଉପର ମହଲା କୋଠା ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ମନ୍ତ୍ରୀ ପୂଜାରୀ ଏହି ଅବସରରେ ଓଡ଼ିଶାକୁ ଏକ ସମୃଦ୍ଧ ଓ ନିଶାମୁକ୍ତ ବାତାବରଣଯୁକ୍ତ ରାଜ୍ୟରେ ପରିଣତ କରାଯିବ ଏବଂ ବରଗଡ଼ ଜିଲ୍ଲାରୁ ଏହି ଅଭିଯାନ ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ। ରାଜ୍ୟକୁ ସମ୍ପୂର୍ଣ୍ଣ ବିକଶିକ କରିବାରେ ଚତୁର୍ଥ ସ୍ତମ୍ଭର ସହଯୋଗ ଅପରିହାର୍ଯ୍ୟ ଏବଂ ଏ ଦିଗରେ ସାମ୍ବାଦିକମାନେ ସହଯୋଗର ହାତ ବଢ଼ାଇବେ ଓ ସମୟ ସମୟରେ ଉଚିତ ପରାମର୍ଶ ଦେବେ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ସହରକୁ ସମୃଦ୍ଧ ଓ ଏକ ନିଶାମୁକ୍ତ ସହର ଭାବେ ଗଢ଼ି ତୋଳିବାକୁ ସେ



ସଂକଳ୍ପବଦ୍ଧ ବୋଲି କହିବା ସହ ତାଙ୍କୁ ଏହି କାର୍ଯ୍ୟରେ ସାମ୍ବାଦିକମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଅନୁରୋଧ କରିଥିଲେ। ସାମ୍ବାଦିକ ସଂଘ ଜରିଆରେ ଜନସାଧାରଣଙ୍କୁ ପ୍ରତିଶୃତି ଦେଇଥିଲେ ଯେ, କୌଣସି ନିଶା କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତି ବା ଗୋଷ୍ଠୀକୁ ସେ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମର୍ଥନ କରିବେ ନାହିଁ ବୋଲି କହିଥିଲେ। ମନ୍ତ୍ରୀ ପୂଜାରୀ ପ୍ରାରମ୍ଭରେ ସମ୍ବଲପୁର ମହାନଦୀ କୋଲ୍ଡଫିଲଡର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ପ୍ରଦତ୍ତ ରାଶିରେ ନିର୍ମାଣ ହେବାକୁ ଥିବା ସଂଘର ଉପର ମହଲା କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ, ବିଧାୟକ ଷଡଙ୍ଗୀ ଙ୍କ ଏମସିଏଲର ଜେନେରାଲ ମେନେଜର(ସିଏସଆର) ସଞ୍ଜୟ କୁମାର ସିହ୍ନା, ଡେପୁଟି ମେନେଜର (ସିଏସଆର) ଅଇନୁଲ ହୁ‡ା, ଡେପୁଟି ମେନେଜର ଅରବିନ୍ଦ ସାହୁ, ପୂର୍ତ୍ତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପାଣ୍ଡେ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର ହୋତାଙ୍କ ସଭାପତିତ୍ୱ ଓ ସମ୍ପାଦକ ପ୍ରେମାନନ୍ଦ ଖମାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ପୂର୍ବତନ ସଭାପତି ଶଙ୍କର ବଲ୍ଲଭ ମିଶ୍ର, ବରିଷ୍ଠ ସଦସ୍ୟ ପ୍ରସନ୍ନ ମିଶ୍ର, ଅଶୋକ ମିଶ୍ର, ଉମେଶ ବିଶ୍ୱାଲ, ରବି ପଣ୍ଡା, ଦିପକ ଶର୍ମା, ବ୍ୟୋମକେଶ କର, ରାଜେଶ ସରାଫ, ବଦ୍ରି ପ୍ରସାଦ ସାହୁ, ରମଣୀ ରଞ୍ଜନ ବେହେରା, ଲଲାଟେନ୍ଦୁ ଦାଶ, ପ୍ରବୀଣ ସାହୁ, ମହେନ୍ଦ୍ର ସାହୁ, ଜିଭି ରାଓ, ଧ୍ରୁବ କର୍ମୀ, ପ୍ରଦୀପ ପାଢ଼ୀ, ସୁଦାମ ଭୋଇଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ। ପରିଶେଷରେ ଉପସଭାପତି ବିରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଭାଙ୍ଗିଲା ଘର



**ଦେବଗଡ଼, ୨୯।୬(ସମିସ):** ଦେବଗଡ଼ ବନଖଣ୍ଡ ପଲସମା ଫରେଷ୍ଟ ସେକ୍ସନ ଅଧୀନ ଚିରଗୁଣୀକୁଦର ଗ୍ରାମରେ ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ବାସଗୃହ ଭାଙ୍ଗିଥିବା ସୂଚନା ମିଳିଛି। ଗାଁରେ ହାତୀପଲ କିଛିଦିନ ଧରି ଉତ୍ପାତ ଚଳାଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଗ୍ରାମର ଦୁର୍ଯ୍ୟୋଧନ ନାୟକଙ୍କ ଗୃହ ଭାଙ୍ଗି ଦେଇଛି। ଫଳରେ ପରିବାର ଲୋକେ ଖୋଲା ଆକାଶ ତଳେ ବର୍ଷା ରାତିରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ସୂଚନା ପାଇ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# ଦେଓପାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି

**ଲଖନପୁର, ୨୯।୬(ସମିସ):** ଲଖନପୁର ବ୍ଲକ ମଟିଦା ପଞ୍ଚାୟତ ଦେଓପାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ



ମାତ୍ର ଜଣେ ଶିକ୍ଷକରେ ପାଠପଢ଼ା ଚାଲିଛି। ଆବଶ୍ୟକ ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ଏହି ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମେହେର ଗତ ଜାନୁଆରୀ ୩୧ରେ ଚାକିରୀରୁ ଅବସସର ଗ୍ରହଣ କଲାପରଠୁ ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟଟି ଜଣେ ମାତ୍ର ଶିକ୍ଷକରେ ଚାଲିଛି। ଶିକ୍ଷା ବ୍ୟବସ୍ଥାର ସଂଗୀନ ସ୍ଥିତିକୁ ଦେଖି ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ

**ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ**

ସଦସ୍ୟ ସଦସ୍ୟା ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାର ଗୁରୁତ୍ୱକୁ ଦେଖି ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସୋସିଆଲ କ୍ଲବ୍ କମ୍ୟୁନିଟି ହଲ୍‌ର ଶିଳାନ୍ୟାସ

**ବରଗଡ଼, ୨୯। ୬(ସମିସ):** ବରଗଡ଼ ସୋସିଆଲ କ୍ଲବର କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ବରଗଡ଼ ସାଂସଦ ଥିବା ସମୟରେ ଏମ୍‌ସିଏଲ ସିଏସ ଆର ଫଣ୍ଡରୁ ୬୦ ଲକ୍ଷ ଟଙ୍କା କମ୍ୟୁନିଟି ସେଣ୍ଟର୍ ନିର୍ମାଣ ପାଇଁ ଅନୁଦାନ ବ୍ୟବସ୍ଥା କରି ଦେଇଥିଲେ। ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସୋସିଆଲ କ୍ଲବ ସଭାପତି ନିଧିବନ ବିହାରି ପ୍ରସାଦ ପଣ୍ଡା, ସମ୍ପାଦକ ଯୁଗଲ ସିଂ, ସହ ସମ୍ପାଦକ ବୀରେନ ହାତୀ, ଉପ ସଭାପତି ଦିଲୀପ ଦାଶ, ଅଶୋକ ଯୋଶୀ, ପ୍ରହ୍ଲାଦ ଦୋରା, ରମେଶ ନନ୍ଦ, ମଧୁସୂଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲାର ସର୍ବ ପୁରାତନ କ୍ଲବ ହେଉଛି ସୋସିଆଲ କ୍ଲବ୍। ୧୯୩୩ ମସିହା ଭାରତ ସ୍ୱାଧିନ ହେବା ପୂର୍ବରୁ ଏହି କ୍ଲବ ଗଠନ କରାଯାଇଥିଲା। ପ୍ରଥମେ ଜର୍ଜ ହାଇସ୍କୁଲ ସାମନାରେ ଥିବା ଏକ ଜାଗାରେ କ୍ଲବ ଥିଲା। ଏବେ ସେଠାରେ ବିଜୁ ପଟ୍ଟନାୟକ ଟାଉନ ହଲ ଅଛି। ୧୯୬୦ ମସିହାରେ ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ବରଗଡ଼ କଚେରୀ ପାଖରେ ଏକ ଜାଗାରେ କ୍ଲବର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ସମୟରେ ସୋସିଆଲ କ୍ଲବକୁ ଜମି ହସ୍ତାନ୍ତର କରିଥିଲେ। ସ୍ୱର୍ଗତ ଯୋଗେଶ ପାଢ଼ୀ, ସ୍ୱର୍ଗତ ପଦ୍ମଲୋଚନ ପଣ୍ଡା, ଭାରତ ଚନ୍ଦ୍ର ହୋତା, ରାମ ପ୍ରସାଦ ମିଶ୍ର, ଗୋପାଳ କୃଷ୍ଣ ମିଶ୍ର, ଦୟଲାଲ ଯୋଶୀ, କୃଷ୍ଣଚନ୍ଦ୍ର ପୁଝାରୀ, ଧର୍ମରାଜ୍ ସିଂହ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏହି କ୍ଲବ ଗଠିତ ହୋଇ ସହରର ବହୁ ଉନ୍ନୟନ କାର୍ଯ୍ୟ ସେ ସମୟରେ ହୋଇଥିଲା।

# ଅଙ୍ଗନୱାଡି କର୍ମୀଙ୍କୁ ନେଇ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର କର୍ମଶାଳା

**ସମ୍ବଲପୁର, ୨୯।୬(ସମିସ):** ଜେଏସଡବ୍ଲୁ ଫାଉଣ୍ଡେସନ ଓ ଚାଇଲ୍ଡ ଇନ୍ ଆବଶ୍ୟକତା ପ୍ରତିଷ୍ଠାନ ( ସିଆଇଏନଆଇ) ସହଯୋଗରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶ୍ରୀପୁରା କମ୍ୟୁନିଟି ସେଣ୍ଟରରେ ତିନି ଦିନିଆ ଅଭିବୃଦ୍ଧି ମନିଟରିଂ କର୍ମଶାଳା ସଫଳତାର ସହିତ ହୋଇଥିଲା। ୩୩ ଅଙ୍ଗନୱାଡି କର୍ମୀ ଏହି ପ୍ରକଳ୍ପରେ ଜୋଡି ହୋଇଥିବା ୧୦ ଜଣ କର୍ମଚାରୀ ଯୋଗଦେଇଥିଲେ। କର୍ମଶାଳାରେ ଦକ୍ଷତା ବୃଦ୍ଧି ଉପରେ ଆଲୋଚନାଳ ହୋଇଥିଲା। ଶିଶୁଙ୍କ ଓ ଗର୍ଭବତୀ, ପ୍ରସୂତିଙ୍କୁ ପୁଷ୍ଟିକର ଖାଦ୍ୟ ସହିତ ଘର ଭିତ୍ତିକ ସନ୍ତୁଳିତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଭଳି ବିଷୟଗୁଡିକ ଉପରେ ସଚେତନତା କରାଯାଇଥିଲା। ଖାଦ୍ୟ ନିରାପତ୍ତା, ଖାଦ୍ୟ ସ୍ୱଚ୍ଛତା ବଜାୟ ରଖିବା, ଘରେ ସୁସ୍ଥ ଖାଇବା ଅଭ୍ୟାସ, କୀଟନାଶକ ବର୍ଣ୍ଣନ, ଆୟୋଡିନ୍, ଭିଟାମିନ୍ ଏ, ବ୍ୟବହାର କରିବା କ୍ୟାଲୋରୀ-ଘନ, ମାଇକ୍ରୋନ୍ୟୁଟ୍ରିଏଣ୍ଟ-ଦୁର୍ଗଯୁକ୍ତ ଖାଦ୍ୟ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିବିଧ ଉତ୍ପାଦ, ଏବଂ ଡାଇରିଆ ଭଳି ରୋଗ ସମୟରେ ଖାଇବା ଅଭ୍ୟାସକୁ ସମ୍ବୋଧିତ କରାଯାଇଥିଲା। ସିଆଇଏନଆଇର ସ୍ନେହାପ୍ରଭା ମହାପାତ୍ର, ଏଏସଡବ୍ଲୁବିପିଏସଏଲ ବିଶାଳ ରାଜ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଲିଙ୍ଗଭିତ୍ତିକ ସମତା ପାଠ୍ୟକ୍ରମ ଉପରେ ସଚେତନତା

**ସମ୍ବଲପୁର, ୨୯।୬(ସମିସ):** ସମ୍ବଲପୁର ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ସାମାଜିକ ଲିଙ୍ଗ ଭିତ୍ତିକ ସମତା ଓ ପାଠ୍ୟକ୍ରମ ସଂଯୋଗୀକରଣ ଉପରେ ଜିଲ୍ଲାସ୍ତରୀୟ ସାଧନ କର୍ମୀଙ୍କ ପାଇଁ ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସମଗ୍ରଶିକ୍ଷା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଡ. ଗୀତାଞ୍ଜଳୀ ଭୋଇ, ଜିଲ୍ଲାଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ, ଉତ୍ତରାଞ୍ଚଳ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ, ପ୍ରତ୍ୟେକ ବିଦ୍ୟାଳୟରେ କେମିତି ପହଞ୍ଚିପାରିବ ଓ ଲିଙ୍ଗଭିତ୍ତୀକ ସମତା ବଳରେ ବିଦ୍ୟାଳୟସ୍ତରରେ ଏକ ବ୍ୟାପକ ସଚେତନତା ସୃଷ୍ଟିପୂର୍ବକ ଆମେ ଏକ ସୁନ୍ଦର ସମାଜ ଗଠନ କରିପାରିବା ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ସାଧନ କର୍ମୀଙ୍କୁ ଶେଷରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ସମସ୍ତ ସରକାରୀ ବିଦ୍ୟାଳୟରେ ସାମାଜିକ ଲିଙ୍ଗଭିତ୍ତିକ ସମତା କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଏକ ଅନବଦ୍ୟ ପ୍ରୟାସ। ୨୦୨୨ ମସିହା ଅଗଷ୍ଟ ୮ରୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଆରମ୍ଭ କରାଯାଇଥିଲା। ସାମାଜିକ ଲିଙ୍ଗ ବିଷୟରେ ସକରାତ୍ମକ ମନୋଭାବ ଓ ଆଚରଣକୁ ପ୍ରୋତ୍ସାହିତ କରି ସମ୍ବେଦନଶୀଳ ନାଗରିକ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଉଦ୍ଦେଶ। ଏହି କାର୍ଯ୍ୟକ୍ରମଟି ବ୍ରେକ୍‌ଥ୍ରୁ ଟ୍ରଷ୍ଟ, ଜେ-ପାଲ-ସାଉଏସିଆ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସହଭାଗିତାରେ କାର୍ଯ୍ୟକାରୀ ହେଉଛି। ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରରେ ସାଧନକର୍ମୀଙ୍କ ମାଧ୍ୟମରେ ସବୁ ବିଦ୍ୟାଳୟର ସାମାଜିକ ପାଠ ପଢାଉଥିବା ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ସାମାଜିକ ଲିଙ୍ଗଗତଅବଧାରଣା ଓ ପାଠ୍ୟକ୍ରମ ଶିକ୍ଷାଦାନ ଉପରେ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମଟି ସମ୍ବଲପୁର ସମେତ ଓଡ଼ିଶାର ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟକାରୀ ହେବ। ପ୍ରଥମଦିନ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ଜୟଶ୍ରୀ ଦୋରା କାର୍ଯ୍ୟକ୍ରମକୁ ଉଦ‡ାଟନ କରି ସାମାଜିକ ପାଠ ବହିରେ ଥିବା ସାମାଜିକ ଲିଙ୍ଗଗତ ସମତା ଆଧାରିତ ପଠ୍ୟକ୍ରମ ମାଧ୍ୟମରେ ଷଷ୍ଠରୁ ଦଶମ ଶ୍ରେଣୀର ବାଳିକା ଓ ବାଳକଙ୍କ ମଧ୍ୟରେ କେମିତି ସକରାତକ ମନୋଭାବ ଓ ଆଚରଣ ସୃଷ୍ଟି କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରେକ୍ଥ୍ରୁ ଟ୍ରଷ୍ଟ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଜ୍ଞାପାରମିତା ବଢ଼ିଆ ଓ ସୁଜାତା ମହାପାତ୍ର ପର୍ଯ୍ୟବେକ୍ଷକ ରୂପେ ଯୋଗଦେଇଥିଲେ। ସବିର କୁମାର ନାଥ, ଶ୍ରୀରୂପା ନାୟକ ତଥା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଆଜାଦ୍ ଶେଖର ପ୍ରଧାନ ପ୍ରଶିକ୍ଷକର ଦାୟିତ୍ୱ ନିର୍ବାହ କରିଥିଲେ। ଜିଲ୍ଲା ବାଳିକାଶିକ୍ଷା ସଂଯୋଜକ ଅବିନାଶ ସାହୁ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



# ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସମୀକ୍ଷା ବୈଠକ

**ଝାରସୁଗୁଡ଼ା, ୨୯।୬(ସମିସ):** ଗ୍ରାମାଞ୍ଚଳରେ ପ୍ରତି ଗାଁକୁ ନଭେମ୍ବର ମାସ ଶେଷ ଓ ଡିସେମ୍ବର ଆରମ୍ଭ ସୁଦ୍ଧା ପାନୀୟଜଳ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ। ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଗ୍ରାମଞ୍ଚଳକୁ ପାନୀୟ ଜଳ ଯୋଗାଣର ସ୍ଥିତି ନେଇ ସମୀକ୍ଷା କରିବା ସହ ଧାର୍ଯ୍ୟସମୟ ମଧ୍ୟରେ ପ୍ରତି ଗାଁକୁ ପାନୀୟଜଳ ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀ ଯତ୍ନବାନ ହେବାକୁ ବିଧାୟକ ସତର୍କ କରାଇଛନ୍ତି। ସେହିପରି ସହରାଞ୍ଚଳର ଯେଉଁ ଯେଉଁ ଅଞ୍ଚଳରେ ପାନୀୟଜଳ ଯୋଗାଇବା ପାଇଁ ପାଇପ ପଡ଼ି ନାହିଁ ତଥା ପାଇପ ଯୋଗେ ଜଳ ଯୋଗାଣ ହୋଇନାହିଁ ସେହି ସବୁ ଅଞ୍ଚଳର ଲୋକେ ପିଏଚ୍‌ଡି କାର୍ଯ୍ୟାଳୟରେ ଆଗାମୀ ୭ ଦିନ ମଧ୍ୟରେ ଦରଖାସ୍ତ ଦାଖଲ କରି ଜଣାଇବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହେବ ସେଥିପାଇଁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆର ଡବ୍ଲ୍ୟୁଏସ୍‌ଏସ୍, ପିଏଚ୍‌ଡି ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ସାମ୍ବାଦିକମାନଙ୍କୁ ପୁରେଇ ନଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବାଳେ ଏହାକୁ ନେଇ ଜିଲ୍ଲାର ସାମ୍ବାଦିକମାନେ ଜିଲ୍ଲାପାଳଙ୍କ ଏହି ମନ୍ତବ୍ୟକୁ ବିରୋଧ କରିଥିଲେ।



# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତଞ୍ଜଳି ଯୋଗ ସମିତି ପକ୍ଷରୁ ସମ୍ବର୍ଦ୍ଧନା



**ସମ୍ବଲପୁର, ୨୯।୬(ସମିସ):** ସହଯୋଗନଗର ରାଧାକୃଷ୍ଣ ମନ୍ଦିରରେ ଭାରତ ସ୍ୱାଭିମାନ ପତଞ୍ଜଳି ଯୋଗ ସମିତି, ଯୁବା ଭାରତ, ଓ କିଷାନ ସେବା ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଥିଲା। ରାଧା କୃଷ୍ଣ ମନ୍ଦିରର ପୂଜକ ମନ୍ତ୍ର ଉଚ୍ଚାରଣ ପୂର୍ବକ ରାଧା କୃଷ୍ଣଙ୍କ ଦର୍ଶନ କରିଥିଲେ। ଯୁବା ପ୍ରଭାରୀ ନୀଳାମ୍ବର ସାହୁ, ଯୋଗ ଓ ଆୟୁର୍ବେଦକୁ ସରକାର ଉପଯୁକ୍ତ ସ୍ଥାନ ଦେବାପାଇଁ ଅନୁରୋଧ କରିଥିଲେ। ରଞ୍ଜନ ବେହେରା, ଭୀମସାରର ସମସ୍ତ ପଦ ପଦବୀକୁ ଯଥା ଶୀଘ୍ର ପୂରଣ କରିବା ପାଇଁ ଅନୁରୋଧ କରିଥିଲେ। ପତଞ୍ଜଳି ପରିବାରର ଅନୁରୋଧ ରକ୍ଷା କରି ଯୋଗ କକ୍ଷକୁ ଆସିଥିବାରୁ ପତଞ୍ଜଳି ପରିବାରର ସମସ୍ତ ଯୋଗନିଷ୍ଠ ଭାଇଭଉଣୀ ମାନେ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ନୂଆଖାଇ ଭେଟ ଘାଟ ପାଇଁ ନିମନ୍ତ୍ରଣକୁ ସ୍ୱୀକାର କରିଥିଲେ। ମୁଖ୍ୟ ସଂଯୋଜକ ଗୋଲକ ବିହାରୀମିଶ୍ର ସମସ୍ତଙ୍କୁ ଧନନ୍ୟବାଦ ସହ ଶୁଭକାମନା ଜଣାଇଥିଲେ।

# ବରଗଡ଼ରେ ରାଜସ୍ୱ ମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା

**ବରଗଡ଼, ୨୯।୬(ସମିସ)**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପାଣିଛତର ଠାରେ ଜିଲ୍ଲାର ବରିଷ୍ଠ ବିଜେପି କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଭାରତୀୟ ଜନତା ପାର୍ଟି ର କାର୍ଯ୍ୟକର୍ତ୍ତା ମାନେ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ସ୍ୱାଗତ କରି ଭଟଲି ଛକ ନିକଟସ୍ଥ ଡି. ଡି ପେଲେସ କୁ ପାଛୋଟି ନେଇଥିଲେ। ସେଠାରେ ତାଙ୍କୁ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରଗଡ଼ ଜିଲ୍ଲା ବିଜେପି କାର୍ଯ୍ୟକାରୀ ସଭାପତି ଡ.ଅରୂପାନନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସହ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ନଗର ସଭାପତି ଅକ୍ରୁର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ନିଜର ଭାଷଣରେ କହିଥିଲେ ଯେ, ମୁଁ ଏହି ସମ୍ବର୍ଦ୍ଧନା ପାଇଁ ଆସିନାହିଁ, ମତେ ଆପଣ ମାନେ ସାଂସଦ ଭାବରେ ଯେଉଁ ପାଞ୍ଚ ବର୍ଷ ପାଇଁ ସୁଯୋଗ




ଦେଇଥିଲେ। ସେହି ସମୟରେ ଅଞ୍ଚଳ ର ଉନ୍ନତି କଳ୍ପେ ମୁଁ ମୋର ସାଧ ମତେ ବହୁ କିଛି କାର୍ଯ୍ୟ କରିବାରେ ସଫଳତା ପାଇ ପାରିଥିଲି। ସେହି ଯେଉଁ ସୁଯୋଗ ଦେଇଥିଲେ, ସେଥିପାଇଁ କୃତଜ୍ଞତା ଦେବା ପାଇଁ ମୁଁ ବରଗଡ଼ ଆସିଛି। ସେ ଆହୁରି କହିଥିଲେ ଯେ ଏବେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ହେବାପରେ ମୋର ଗୁରୁ ଦାୟିତ୍ୱ ବଢ଼ିଯାଇଛି ଏବଂ ବରଗଡ଼ ପାଇଁ ମଧ ମୋର ଉତ୍ତର ଦାୟିତ୍ୱ ବଢ଼ିଯାଇଛି। ବରଗଡ଼ ମୋର ଜନ୍ମ ମାଟି ହୋଇଥିବାରୁ ମୁଁ ଏହି ମାଟିର ଋଣୀ। ଏହି ନାଗରିକ ସମ୍ବର୍ଦ୍ଧନାରେ ବରଗଡ଼ ଜିଲ୍ଲା ଓକିଲ ସଂଘ, ସମଲେଶ୍ୱରୀ ସଂଘ, ଅବସରପ୍ରାପ୍ତ ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘ, ବ୍ରହ୍ମ କୁମାରୀ ସଂସ୍ଥା, ସତସଙ୍ଗ ମନ୍ଦିର, ବରଗଡ଼ ପ୍ରାଇଭେଟ୍ ସ୍କୁଲ ସଂଘ, ବରଗଡ଼ କନ୍ୱାରି ସଂଘ, ଗୁରୁଦ୍ୱାରା ପ୍ରବନ୍ଧକ କମିଟି, ସିନ୍ଧି ସମାଜ, ବରଗଡ଼ ମହିଳା ସମିତି, ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ଭାରତ କିସାନ ସଂଘ, ବରଗଡ଼, ଗାୟତ୍ରୀ ପରିବାର, ବରଗଡ଼, ଅଟୋ ରିକ୍ସା ଚାଳକ ସଂଘ, ଆୟୁଷ ଡାକ୍ତର ସଂଘ, ଭଗବାନ ସାହୁ ସ୍ମୃତି କମିଟି, ମିଲ ମାଲିକ ସଂଘ, ଜିଲ୍ଲା କ୍ରୀଡା ସଂସଦ, ବିୟୁଟି ପାର୍ଲର ସଂଘ, ନିଷ୍ଠା ପରିବାର, ସଂକଳ୍ପ ପରିବାର, ଜି ବି ଏସ ଏସ ସି ଗ୍ରୁପ, ଜାଗୃତି ଶାଖା ମହିଳା ସମିତି, ଅଗ୍ରୱାଲ ମହାସଭା, ମାରୱାଡ଼ି ମହିଳା ସମିତି, ଓଡ଼ିଶା ଆଉଟ୍ ସୋର୍ଶିଂ ମହାସଂଘ, ଆର ଏସ ଏସ ସଂଘ ପରିବାର, ଜିଲ୍ଲା କ୍ରିକେଟ ଏସୋସିଏସନ୍, ଠିକାଦାର ସଂଘ, ପୂର୍ବତନ ସୈନିକ ସଂଘ, ଲାୟନସ କ୍ଲବ୍, ମାରୱାଡ଼ି ଯୁବ ମୋର୍ଚ୍ଚା, ମାରୱାଡ଼ି ସମ୍ମେଳନ, ତୈଳିକ ସମାଜ, ଗୁଜୁରାଟି ସମାଜ, ଭଗବାନ ମିଶ୍ର ସ୍ମୃତି କମିଟି, ନିଖିଳ ଓଡ଼ିଶା ଜେଲ କର୍ମଚାରୀ ସଂଘ, ପ୍ରାଇଭେଟ ବସ ମାଲିକ ସଂଘ, ରାଷ୍ଟ୍ରୀୟ କବି ସଙ୍ଗମ, ରାମଜୀ ମନ୍ଦିର କମିଟି, ଲିଗାଲ ସେଲ, ଶ୍ରୀମା ସମତି, ଅଟୋ ଚାଳକ ସଂଘ, ବିହାରୀ ସମାଜ, କୁଲତା ସମାଜ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ସଂଘ, ବ୍ୟବସାୟୀ ସଂଘ, ସିନ୍ଧି ସମାଜ ପ୍ରମୁଖ ସଂଘର କର୍ମକର୍ତ୍ତା ମାନେ ମନ୍ତ୍ରୀ ଓ ନୂତନ ବିଧାୟକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳ ସାମୂହିକ କାର୍ଯ୍ୟଶାଳା



**ହୀରାକୁଦ, ୨୯।୬(ସମିସ):** ସରସ୍ୱତୀ ଶିଶୁ ମନ୍ଦିରରେ ବୁର୍ଲା ସଙ୍କୁଳର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳାର ସମାରୋପ କାର୍ଯ୍ୟକ୍ରମ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ଡମ୍ବରୁଧର ପଟ୍ଟନାୟକ ଯୋଗଦେଇଥିଲେ। ଭାରତୀୟ ଚିନ୍ତନ ଆଧାରରେ ଆଚାର୍ଯ୍ୟ ଜୀବନଶୈଳୀ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ଅଶୋକ କୁମାର ପଣ୍ଡା କାର୍ଯ୍ୟଶାଳାର ଆଲୋଚ୍ୟ ବିଷୟ ବିନ୍ଦୁ ଶିଶୁ ମାନଙ୍କ କ୍ଷେତ୍ରରେ ପ୍ରୟୋଗ କରିବାକୁ କହିଥିଲେ। ସଙ୍କୁଳ ସଂଯୋଜକ ଦେବରାଜ ତ୍ରିପାଠୀ କାର୍ଯ୍ୟଶାଳାର ବୃତ୍ତ ପଠନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟଶାଳାରେ ବୁର୍ଲା ସଙ୍କୁଳର ସାତୋଟି ବିଦ୍ୟାଳୟର ୧୨୪ ଜଣ ଗୁରୁଜୀ ଗୁରୁମା ଯୋଗଦେଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ।

### ଚେନ୍ନାଇରେ ଦ.ଆଫ୍ରିକାର ସଂଘର୍ଷ ଜାରି

# ମହିଳା ଟେଷ୍ଟରେ ଭାରତର ବିଶ୍ୱରେକର୍ଡ ସ୍କୋର

**ଚେନ୍ନଇ, ୨୯।୬ (ଏଜେନ୍ସି):** ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଭାରତ ଦୃଢ଼ ସ୍ଥିତିରେ ରହିଛି। ଭାରତୀୟ ମହିଳା କ୍ରିକେଟ୍ ଦଳର ପ୍ରଥମ ପାଳି ବିଶ୍ୱ ରେକର୍ଡ ସ୍କୋର ୬୦୩/୬ (ଘୋଷଣା)ର ଜବାବରେ ଦକ୍ଷିଣ ଆଫ୍ରିକା ଶନିବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ୭୨ ଓଭରରେ ୪ ୱିକେଟ୍‌ରେ ୨୩୬ ରନ କରିଛି। ହାତରେ ୬ ୱିକେଟ ସୁରକ୍ଷିତ ରହିଥିବାବେଳେ ଦକ୍ଷିଣ ଆଫ୍ରିକା ଫଲୋଅନରୁ ବର୍ତ୍ତିବା ଲାଗି ୧୬୭ ଓ ପାଳି ଅଗ୍ରଣୀ ଲାଗି ଆହୁରି ୩୬୮ ରନ ଆବଶ୍ୟକ କରୁଛି।



### ୬୦୩ରେ ପାଳି ଘୋଷଣା କଲା ଭାରତ

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ଶୁକ୍ରବାର ପ୍ରଥମ ଦିବସରେ ୪ ୱିକେଟ୍ ହରାଇ ରେକର୍ଡ ୫୨୫ ରନ କରିଥିଲା। ମହିଳା ଟେଷ୍ଟ କ୍ରିକେଟ୍‌ରେ ଏହା ଗୋଟିଏ ଦିନରେ ସର୍ବାଧିକ ଦଳଗତ ସ୍କୋର ଥିଲା। ଓପନର ଶେଫାଳି ବର୍ମା ମହିଳା ଟେଷ୍ଟରେ ଦ୍ରୁତତମ ଦ୍ୱିଶତକ ପାଳି ଖେଳି ୨୦୫ ଓ ସ୍ମୃତି ମନ୍ଧାନା ୧୪୯ ରନ କରି ଆଉଟ୍ ହୋଇଥିଲେ। ପୂର୍ବ ଦିନର ଏହି ଅସମାପ୍ତ ପ୍ରଥମ ପାଳି ସ୍କୋରରୁ ଶନିବାର ଖେଳ ଆରମ୍ଭ କରି ଭାରତ ୧୧୫.୧ ଓଭରରେ ୬ ୱିକେଟ୍ ହରାଇ ୬୦୩ ରନ କରି ପାଳି ଘୋଷଣା କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟିକା ହରମନପ୍ରୀତ୍ କୌର ୬୯ ଓ ୱିକେଟ୍‌ରକ୍ଷକ ରିଚା ଘୋଷ ୮୬ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୫୫, ଦୀପ୍ତି ଶର୍ମା ୨* ଓ ଶୁଭା ସତୀଶ ୧୫ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡେଲମି ଟକର ୨ଟି ଏବଂ ଏନ୍. ଡି କ୍ଲାର୍କ, ତୁମି ସେଖୁଖୁନେ ଓ ଏନ୍. ମାଲବା ଗୋଟିଏ ଲେଖାଏ ୱିକେଟ୍ ଅକ୍ତିଆ କରିଥିଲେ। ଭାରତୀୟ ଦଳ କରିଥିବା ୬୦୩ ରନ ମହିଳା ଟେଷ୍ଟ କ୍ରିକେଟ୍‌ରେ ଗୋଟିଏ ପାଳିରେ ସର୍ବାଧିକ ଦଳଗତ ସ୍କୋର ହେବାର ବିଶ୍ୱରେକର୍ଡ ହୋଇଛି। ଚଳିତ ବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ୯ ୱିକେଟ୍‌ରେ ୫୭୫ ରନ କରି ବିଶ୍ୱରେକର୍ଡର ଅଧିକାରୀ ରହିଥିଲା। ଯାହାକୁ ଏବେ ଭାରତୀୟ ଦଳ ଟପିଯାଇଛି।

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ୪ ୱିକେଟ୍‌ରେ ୨୩୬ ରନ କରିଛି। ମାରିଜନେ କାପ୍ପ ସର୍ବାଧିକ ୬୯ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁନେ ଲସ୍ ୬୫, ଆନେକେ ବୋଷ୍ଟ ୩୯, ଅଧିନାୟିକା ଲୌରା ୱଲଭର୍ଡଟ ୨୦, ଡି କ୍ଲାର୍କ ୨୭* ରନ କରିଛନ୍ତି। ବୋଲିଂରେ ଘରୋଇ ଦଳ ପକ୍ଷରୁ ସ୍ନେହ ରାଣାଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଛି।

### ସଂକ୍ଷିପ୍ତ ସ୍କୋର୍

ଭାରତ ପ୍ରଥମ ପାଳି: ୬୦୩/୬(ଘୋଷଣା), ୧୧୫.୧ ଓଭର (ଶେଫାଳି- ୨୦୫, ମନ୍ଧାନା- ୧୪୯, ରିଚା- ୮୬, ହରମନପ୍ରୀତ୍- ୬୯, ଟକର- ୨/୧୪୧)।

ଦ.ଆଫ୍ରିକା ପ୍ରଥମ ପାଳି: ୨୩୬/୪, ୭୨ ଓଭର (କାପ୍ପ- ୬୯*, ସୁନେ ଲସ୍- ୬୫, ବୋଷ୍ଟ- ୩୯, ସ୍ନେହ ରାଣା- ୩/୬୧)।

**ମହିଳା ଟେଷ୍ଟ ଗୋଟିଏ ପାଳିରେ ସର୍ବାଧିକ ସ୍କୋର**

| ଦଳ | ସ୍କୋର | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଭାରତ | ୬୦୩/୬(ଘୋ) | ଦ.ଆଫ୍ରିକା | ୨୦୨୪ |
| ଅଷ୍ଟ୍ରେଲିଆ | ୫୭୫/୯(ଘୋ) | ଦ.ଆଫ୍ରିକା | ୨୦୨୪ |
| ଅଷ୍ଟ୍ରେଲିଆ | ୫୬୯/୯(ଘୋ) | ଇଂଲଣ୍ଡ | ୧୯୯୮ |
| ଅଷ୍ଟ୍ରେଲିଆ | ୫୨୫ | ଭାରତ | ୧୯୮୪ |
| ନ୍ୟୁଜିଲାଣ୍ଡ | ୫୧୭/୮(ଘୋ) | ଇଂଲଣ୍ଡ | ୧୯୯୬ |

### ଜାତୀୟ ମହିଳା ହକି ପ୍ରଶିକ୍ଷଣ ଶିବିର

## ୩୩ ଜଣିଆ ଦଳରେ ୪ ଓଡ଼ିଆ

**ବେଙ୍ଗାଲୁରୁ,୨୯।୬(ଏଜେନ୍ସି):** ସ୍ଥାନୀୟ ସାଇ ସେଣ୍ଟରରେ ପହିଲାରୁ ଅଗଷ୍ଟ ୩୧ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଜାତୀୟ ମହିଳା ହକି ପ୍ରଶିକ୍ଷଣ ଶିବିର ପାଇଁ ଶନିବାର ଦଳ ଘୋଷିତ ହୋଇଛି। ହକି ଇଣ୍ଡିଆନ ଏହି ଶିବିର ପାଇଁ ୩୩ ଜଣିଆ ଦଳ ଘୋଷଣା କରିଛି। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ପ୍ରୋ ଲିଗ୍ ଖେଳିବାର ପରେ ଏକ ସଂକ୍ଷିପ୍ତ ବିଶ୍ରାମ ନେଇ ଭାରତୀୟ ମହିଳା ଖେଳାଳିମାନେ ପୁଣି ପଡିଆକୁ ଫେରିବେ। ଏହି ଦଳରେ ୪ ଜଣ ଓଡ଼ିଆ ସ୍ଥାନ ପାଇଛନ୍ତି। ସେମାନେ ହେଲେ ମାଧୁରୀ କିଣ୍ଡୋ, ଜ୍ୟୋତି ଛତ୍ରୀ, ଆଜମିନା କୁଜୁର ଓ ସୁନେଲିତା ଟପ୍ପୋ ।

**ଘୋଷିତ ଦଳ**

**ଗୋଲରକ୍ଷକ:** ସବିତା, ବିଚୁ ଦେବୀ ଖରିବାମ୍, ବନସାରୀ ସୋଲାଙ୍କି, ମାଧୁରୀ କିଣ୍ଡୋ।
**ରକ୍ଷଣଭାଗ:** ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ, ମୋନିକା, ରେପନୀ କୁମାରୀ, ମହିମା ଚୌଧୁରୀ, ଜ୍ୟୋତି ଛତ୍ରୀ, ପ୍ରୀତି।
**ମଧ୍ୟଭାଗ:** ସାଲିମା ଟେଟେ, ମାରିନା ଲାଲରମନଘାକୀ, ବୈଷ୍ଣବୀ ବିଥାଲ ଫାଲକେ, ନେହା, ଜ୍ୟୋତି, ଏଡୁଲା ଜ୍ୟୋତି, ବଲଜିତ କୌର, ମନୀଷା ଚୌହାନ, ଅକ୍ଷତା ଆବାସୋ ଡେକାଲେ, ଆଜମିନା କୁଜୁର।
**ଅଗ୍ରଭାଗ:** ସୁନେଲିତା ଟପ୍ପୋ, ମମତାଜ ଖାନ୍, ଲାଲରେମସିଆମି, ସଂଗୀତା କୁମାରୀ, ଦୀପିକା, ଶର୍ମିଳା ଦେବୀ, ନବନୀତ କୌର, ଦୀପିକା ସାରେଙ୍ଗ, ପ୍ରୀତି ଦୁବେ, ବନ୍ଦନା କାଟାରିୟା ଓ ଋତୁଜା ଦାଦାସୋ ପିସାଲ।

ଏହି ଦଳରେ ଗୋଲରକ୍ଷକ ସବିତା, ବିଚୁ ଦେବୀ ଖରିବାମ୍, ବନାସାରୀ ସୋଲାଙ୍କି ଓ ମାଧୁରୀ କିଣ୍ଡୋ ସାମିଲ ହୋଇଛନ୍ତି। ସେହିପରି ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ, ମୋନିକା, ରୋପନୀ କୁମାରୀ, ମହିମା ଚୌଧୁରୀ, ଜ୍ୟୋତି ଛତ୍ରୀ ଓ ପ୍ରୀତିଙ୍କ ଭଳି ଡିଫେଣ୍ଡରଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି। ସେହିପରି ସାଲିମା ଟେଟେ, ମାରିନା ଲାଲରମନଘାକୀ, ବୈଷ୍ଣବୀ ଫାଲକେ, ନେହା, ଜ୍ୟୋତି, ଏଡୁଲା ଜ୍ୟୋତି, ବଲଜିତ କୌର, ମନୀଷା ଚୌହାନ, ଅକ୍ଷତା ଅବାସୋ ଡେକାଲେ, ଆମମିନା କୁଜୁରଙ୍କ ଭଳି ମିଡ୍‌ଫିଲ୍ଡରଙ୍କୁ ମଧ୍ୟ ନିଆଯାଇଛି। ସେହିପରି ଓଡ଼ିଶାର ସୁନେଲିତା ଟପ୍ପୋ, ମମ୍‌ତାଜ ଖାନ, ଲାଲରେମିସିଆମି, ସଂଗୀତା କୁମାରୀ, ଦୀପିକା, ଶର୍ମିଳା ଦେବୀ, ନବନୀତ କୌର, ଦୀପିକା ସୋରେଙ୍ଗ, ପ୍ରୀତି ଦୁବେ, ବନ୍ଦନା କାଟାରିୟା ଓ ଋତୁଜା ଦାଦାସୋ ପିସାଲଙ୍କ ଭଳି ଫରୱାର୍ଡ ଏହି ପ୍ରଶିକ୍ଷଣ ଶିବିରରେ ଭାଗ ନେବେ। ଏହି ପ୍ରଶିକ୍ଷଣ ଶିବିରରେ ଖେଳାଳିମାନେ ନିଜର ଦକ୍ଷତା ଓ ପ୍ରତିଭାକୁ ଆହୁରି ଶାଣିତ କରିବେ ଓ ଆଗକୁ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବେ ବୋଲି ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂ କହିଛନ୍ତି।

### ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ

## ସେମିଫାଇନାଲରେ ମାଳବିକା



**ଟେକ୍ସାସ,୨୯।୬(ଏଜେନ୍ସି):** ଏଠାରେ ଚାଲିଥିବା ଏକ କୋଟି ୭୫ ଲକ୍ଷ ୬ ହଜାର ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ୟୁଏସ୍ ଓପନ ସୁପର ୩୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଉଦୀୟମାନ ଭାରତୀୟ ମହିଳା ଖେଳାଳି ମାଳବିକା ବାନସୋଦ୍ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଏକକ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ୨୨ ବର୍ଷୀୟା ମାଳବିକା ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜୟିନୀ ସ୍କଟଲାଣ୍ଡର କ୍ରିଷ୍ଟି ଗିଲମୋରଙ୍କୁ ୧୦-୨୧, ୨୧-୧୫, ୨୧-୧୦ରେ ପରାସ୍ତ କରି ସେମରେ ପ୍ରବେଶ କରିଛନ୍ତି। ସେମିରେ ବାନସୋଦ ଜାପାନର ଷଷ୍ଠ ସିଡ୍ ଖେଳାଳି ନାତସୁକ ନିଦାଇରାଙ୍କୁ ଭେଟିବେ। ପ୍ରଥମ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ସେ ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ଗେମ୍‌ରେ ବିଜୟୀ ହୋଇ ବାଜି ମାରିଥିଲେ। କିଛିଦିନ ତଳେ ସେ ଆଜରବୈଜାନ ଅନ୍ତର୍ଜାତୀୟ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଥିଲେ। ଅପରପକ୍ଷରେ ପୁରୁଷ ଏକକ ପ୍ରତିଯୋଗିତାରେ ଭାରତର ପ୍ରିୟାଂଶୁ ରାଜାୱତ୍ କ୍ୱାର୍ଟର ଫାଇନାଲରେ ୨୧-୧୫, ୧୧-୨୧, ୧୮-୨୧ରେ ଚୀନ୍‌ର ଚତୁର୍ଥ ସିଡ୍ ଖେଳାଳି ଲେଇ ଲାନ୍ ଜିଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅନ୍ୟପଟେ ମହିଳା ଯୁଗଳ ପ୍ରତିଯୋଗିତାରେ ଭାରତର ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜୋଲି ୧୭-୨୧, ୨୧-୧୭, ୧୯-୨୧ରେ ଜାପାନର ଷଷ୍ଠ ସିଡ୍ ଯୋଡି ରୁଇ ହିରୋକାମି ଓ ୟୁନା କୋଟାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### କଟକରେ ଜାତୀୟ ଟାଏକ୍ୱୋଣ୍ଡୋ ଉଦ୍‌ଘାଟିତ

## ଓଡ଼ିଶାରୁ ୨୨, ଭାରତରୁ ୭୩୧ ପ୍ରତିଯୋଗୀ



**କଟକ,୨୯।୬ (ସମିସ) :** ଓଡ଼ିଶା ଟାଏକ୍ୱୋଣ୍ଡୋ ଆନୁକୂଲ୍ୟରେ ତୃତୀୟ କନିଷ୍ଠ ଓ ବରିଷ୍ଠ ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ ସ୍ଥାନୀୟ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ରବିବରୀ କ୍ରୀଡ଼ାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷରୁ ଉଭୟ କ୍ୟୁରୋଗୀ ଓ ପୁମ୍‌ସେ କାଟାଗୋରୀ ୭୩୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଆୟୋଜକ ଓଡ଼ିଶାରୁ ୨୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ୩ଦିନ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୨୮ରେ ପଞ୍ଜୀକରଣ କରାଯାଇଥିଲା ବେଳେ ଶନିବାର ଓ ରବିବାର ପ୍ରତିଯୋଗିତା ଆୟୋଜିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଇଣ୍ଡିଆ ଟାଏକ୍ୱୋଣ୍ଡୋ ସଭାପତି ନାମଦେବ ଶିରଗାଓଁକର, ସଂଯୋଜକ କିଆରାଶ ବାରୀ, କଟକ ଜିଲ୍ଲା କ୍ରୀଡ଼ାଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଆୟୋଜକ ଓଡ଼ିଶା ଟାଏକ୍ୱୋଣ୍ଡୋ ସଭାପତି ଚିନ୍ମୟ କୁମାର ସାହୁ, ସମ୍ପାଦକ ଚିନ୍ମୟ ବେହେରା, କଟକ ଟାଏକ୍ୱୋଣ୍ଡୋ ସଭାପତି ପ୍ରସନ୍ନ କୁମାର ରାଉତଭୁବନେଶ୍ୱର ଟାଏକ୍ୱୋଣ୍ଡୋ ସଭାପତି ସୁଦୀପ୍ତା ନନ୍ଦ ଓ ସମାଜସେବୀ ଅଭୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା ହଂକଂରେ ହେବାକୁ ଯାଉଥିବା ବିଶ୍ୱ ଟାଏକ୍ୱୋଣ୍ଡୋ



ପୁମ୍‌ସେ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତା ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ୍

## ମୟୂରଭଞ୍ଜ, ଭୁବନେଶ୍ୱର-ବି'ର ବଡ଼ ବିଜୟ






**ଭୁବନେଶ୍ୱର, ୨୯।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତାରେ ଶନିବାର ୫ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭୁବନେଶ୍ୱର-ବି ୨୩୩ ରନରେ ବୌଦ୍ଧକୁ ଏବଂ ମୟୂରଭଞ୍ଜ ୨୩୯ ରନରେ ରାୟଗଡ଼ାକୁ ବଡ଼ ବ୍ୟବଧାନରେ ପରାସ୍ତ କରିଛି। ସେହିଭଳି ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, କଟକ-ଏ ନିଜ ନିଜ ମ୍ୟାଚରେ ବିଜୟ ଲାଭ କରିଛନ୍ତି।

ରେଭେନଶା ଗ୍ରାଉଣ୍ଡ-୨ରେ ଭୁବନେଶ୍ୱର-ବି ପ୍ରଥମେ ବ୍ୟାଟିଂ କରି ଆୟୁଷ ସୂତାରଙ୍କ ୧୬୧ ରନ ବଳରେ ୪୫ ଓଭରରେ ୯ ୱିକେଟ୍ ହରାଇ ୩୩୮ ରନ କରିଥିଲା। ଜବାବରେ ବୌଦ୍ଧ ୩୮.୫ ଓଭରରେ ମାତ୍ର ୧୦୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ସେହିଭଳି ଗ୍ରାଉଣ୍ଡ-୨'ରେ ଜୟ କୁମାରଙ୍କ ୧୪୨ ରନ ବଳରେ ମୟୂରଭଞ୍ଜ ପ୍ରଥମେ ବ୍ୟାଟିଂ କରି ୪୫ ଓଭରରେ ୯ ୱିକେଟ୍‌ରେ ୩୩୫ ରନ କରିଥିଲା। ଏହି ବିଶାଳ ଲକ୍ଷ୍ୟକୁ ପିଛା କରି ରାୟଗଡ଼ା ୯୬ ରନରେ ସୀମିତ ରହିଥିଲା। ବିଜୟୀ ଦଳର ସାହିଲ ମହାନ୍ତ ୪ଟି ଓ ଏ. ରାଜା ୨ଟି ୱିକେଟ୍ ନେଇଥିଲେ। ସନସାଇନ ଗ୍ରାଉଣ୍ଡରେ କଟକ-ଏ ୧୩୦ ରନରେ ନୟାଗଡ଼କୁ ହରାଇଦେଇଛି। ବିଜୟୀ ଦଳର ସମ୍ବିତ ବେଜ ୧୦୫ ରନ ମ୍ୟାଚର ଦର୍ଶନୀୟ ପାଳି ଖେଳିଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୬ ୱିକେଟ୍‌ରେ ନୂଆପଡ଼ାକୁ ହରାଇଦେଇଛି। କେନ୍ଦ୍ରାପଡ଼ାର ଅସୀମ ବରାଡ଼ ୪ ୱିକେଟ୍ ହାସଲ କରିଥିଲେ। ସେହିଭଳି ଡ୍ରିମ୍ସ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ଡିଏଲ୍ ପଦ୍ଧତିରେ ୬୦ ରନରେ କିଟ୍‌କୁ ହରାଇଦେଇଛି।

## ଆନ୍ଧ୍ରରୁ ପୁଣି ଖେଳିବେ ହନୁମା



**ବିଶାଖାପାଟଣା, ୨୯।୬(ଏଜେନ୍ସି):** ଆନ୍ଧ୍ରପ୍ରଦେଶରେ ସରକାର ବଦଳିବା ପରେ ତାରକା ଖେଳାଳି ହନୁମା ବିହାରୀଙ୍କ ମନ ବଦଳିଛି। ଆନ୍ଧ୍ରପ୍ରଦେଶ କ୍ରିକେଟ ସଂଘ ଓ ତତ୍କାଳୀନ ସରକାରରେ ଥିବା ଜଣେ ରାଜନେତାଙ୍କ ପୁଅ ସହ ମନୋମାଳିନ୍ୟ ହେବାରୁ ହନୁମା ଆଉ କେବେ ବି ଆନ୍ଧ୍ର ପକ୍ଷରୁ ଖେଳିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। କିନ୍ତୁ ଗତ ନିର୍ବାଚନରେ ସରକାର ବଦଳିଯିବା ପରେ ବର୍ତ୍ତମାନ ସରକାର ଗଠନ କରିଥିବା ତେଲୁଗୁଦେଶମ ପାର୍ଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପରେ ହନୁମା ନିଜ ମନ ବଦଳାଇଛନ୍ତି। ଏଥର ସେ ପୁଣିଥରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ଖେଳିବେ ଓ ଏହି ଦଳର ନେତୃତ୍ୱ ନେବେ ବୋଲି ସ୍ପଷ୍ଟ ହୋଇଯାଇଛି। ଆନ୍ଧ୍ରପ୍ରଦେଶ କ୍ରିକେଟ ଆସୋସିଏସନ ସମ୍ପାଦକ ତଥା ମନ୍ତ୍ରୀ ଲୋକେଶ ନାରାଙ୍କ ପ୍ରଚେଷ୍ଟା ଯୋଗୁଁ ଏହା ସମ୍ଭବ ହୋଇଛି। ଏବେ ଦଳରେ କୌଣସି ରାଜନୈତିକ ହସ୍ତକ୍ଷେପ ହେବ ନାହିଁ ବୋଲି ନାରା କହିଛନ୍ତି।

### କୋପା ଆମେରିକା ଫୁଟବଲ

# କୋଷ୍ଟାରିକାକୁ ହରାଇ କ୍ୱାର୍ଟରରେ କଲମ୍ବିଆ

**ଆରିଜୋନା,୨୯।୬(ଏଜେନ୍ସି):** ଦକ୍ଷିଣ ଆମେରିକାର ଅନ୍ୟତମ ଫୁଟବଲ ପାୱାର ହାଉସ୍ କୋଲମ୍ବିଆ ଚଳିତ କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍ ଡି' ମୁକାବିଲାରେ କଲମ୍ବିଆ ୩-୦ ଗୋଲରେ କୋଷ୍ଟାରିକାକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦୁଇଟି ମ୍ୟାଚ୍ ଦୁଇଟି ବିଜୟ ସହ ୬ ପଏଣ୍ଟ ହାସଲ କରି କଲମ୍ବିଆ ଗ୍ରୁପ୍ ଡି' ଶୀର୍ଷରେ ରହି ଅଗ୍ରଗତି କରିଛି। କଲମ୍ବିଆ ଏବେ ତା'ର ତୃତୀୟ ତଥା ଅନ୍ତିମ ଗ୍ରୁପ୍ ମୁକାବିଲାରେ ୩ ତାରିଖ ବୁଧବାର ବ୍ରାଜିଲକୁ ଭେଟିବ। ପୂର୍ବରୁ କଲମ୍ବିଆ ତା'ର ପ୍ରଥମ ମୁକାବିଲାରେ ୨-୧ ଗୋଲରେ ପାରାଗୁଏକୁ ପରାସ୍ତ କରିଥିଲା। ଅନ୍ୟପଟେ କୋଷ୍ଟାରିକା ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୧ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। କଲମ୍ବିଆ ୨୦୦୧ରେ ଆୟୋଜକ ଭାବେ କୋପା ଆମେରିକା ଟାଇଟଲ ଜିତିଥିଲା। ସେହିପରି ୧୯୭୫ରେ ପେରୁଠାରୁ ଫାଇନାଲରେ ପରାସ୍ତ ହେଇ କଲମ୍ବିଆ ରନର୍ସଅପ୍ ହୋଇଥିଲା।

ଶନିବାର ସକାଳେ ସ୍ଥାନୀୟ ଗ୍ଲେଣ୍ଡେଲସ୍ଥିତ ୟୁନିଭର୍ସିଟି ଅଫ୍ ଫୋଏନିକ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଏକପାଖିଆ ମ୍ୟାଚ୍‌ରେ କଲମ୍ବିଆ ସମ୍ପୂର୍ଣ୍ଣରୂପେ ପ୍ରଭାବ ବିସ୍ତାର କରି ଖେଳିଥିଲା। ପାଖାପାଖି ଦୁଇଗୁଣା ସମୟ କଲମ୍ବିଆ ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲା। ପାସ୍ ଓ ପାସ୍ ଆକ୍ୟୁରେସିରେ କଲମ୍ବିଆ ଚମତ୍କାର ପ୍ରଦର୍ଶନ କରିଥିଲା। ସଟ୍ ଓ ସଟ୍ ଅନ୍ ଟାର୍ଗେଟ୍‌ରେ ମଧ୍ୟ କଲମ୍ବିଆ ଯଥେଷ୍ଟ ଆଗରେ ରହିଥିଲା। କୋଷ୍ଟାରିକାର ଡିଫେନ୍ସକୁ ଭେଦ କରି କଲମ୍ବିଆ ଖେଳାଳି ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲେ। ୩୧ତମ ମିନିଟ୍‌ରେ ଲୁଇସ୍ ଡିଆଜ୍ ପେନାଲ୍ଟି ଜରିଆରେ ଗୋଲ ସ୍କୋର କରି କଲମ୍ବିଆକୁ ଅଗ୍ରଣୀ କରାଇଥିଲେ। ଏହାପରେ ଡେଭିନସନ ସାଞ୍ଚେଜ୍ ୫୯ ଓ ଜନ୍ କେର୍ଡୋବା ୬୨ତମ ମିନିଟ୍‌ରେ ଚମତ୍କାର ଫିଲ୍ଡ ଗୋଲ ଦେଇ ଦଳକୁ ଜିତାଇଥିଲେ।



### ପ୍ରଥମ ବିଜୟ ହାସଲ କଲା ବ୍ରାଜିଲ

କୋପା ଆମେରିକାରେ ୯ ଥର ଟାଇଟଲ ଜିତିଥିବା ଓ ୧୨ଥର ରନର୍ସଅପ୍ ହୋଇଥିବା ଲାଟିନ୍ ଆମେରିକାର ଶକ୍ତିଶାଳୀ ଫୁଟବଲ ଦଳ ବ୍ରାଜିଲ ଚଳିତ ସଂସ୍କରଣରେ ପ୍ରଥମ ବିଜୟ ହାସଲ କରିଛି। ଶନିବାର ସକାଳେ ନେଭାଡାର ଲସ୍ ଭେଗାସର ଆଲେଜାଏଣ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ ଡି' ମୁକାବିଲାରେ ବ୍ରାଜିଲ ୪-୧ ଗୋଲରେ ପାରାଗୁଏକୁ ପରାସ୍ତ କରିଛି। ବ୍ରାଜିଲ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ବ୍ରାଜିଲ ତା'ର ତୃତୀୟ ତଥା ଅନ୍ତିମ ଗ୍ରୁପ୍ ମୁକାବିଲାରେ ୩ ତାରିଖ ବୁଧବାର କଲମ୍ବିଆକୁ ଭେଟିବ। ପୂର୍ବରୁ କୋଷ୍ଟାରିକା ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ବ୍ରାଜିଲ ଗୋଲଶୂନ୍ୟ ଭାବେ ଅମୀମାଂସିତ ରଖି ଏକ ପ୍ରକାର ବିଫଳତାର ସମ୍ମୁଖୀନ ହୋଇଥିଲ। ଏଥର କିନ୍ତୁ ତ୍ରୁଟି ସୁଧାରି ବ୍ରାଜିଲ ବୃହତ ବିଜୟ ହାସଲ କରିଛି। ଅପରପକ୍ଷରେ ପାରାଗୁଏ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ପରାଜୟ ବରଣ କରି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛି। ପାରାଗୁଏ ପୂର୍ବରୁ ଦୁଇଥର (୧୯୫୩, ୧୯୭୯)ରେ ଚାମ୍ପିଅନ ହୋଇଥିଲା। ସେହିପରି ୬ଥର ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ବୁଧବାର ପାରାଗୁଏ ତା'ର ପରବର୍ତ୍ତୀ ମୁକାବିଲାରେ କୋଷ୍ଟାରିକାକୁ ଭେଟିବ।

### ଭିନିସିଅସଙ୍କ ଡବଲ୍ ଗୋଲ: ପାରାଗୁଏ ଆଉଟ୍

ପାରାଗୁଏ ବ୍ରାଜିଲକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ଅଧିକ ଗୋଲ ଦେବାର ସଫଳ ହୋଇ ନଥିଲା। ପାରାଗୁଏ ରକ୍ଷଣଭାଗ ଏକପ୍ରକାର ଫେଲ୍ ମାରିଥିଲା ଓ ଏହାର ଫାଇଦା ଉଠାଇଥିଲେ ବ୍ରାଜିଲ ଷ୍ଟ୍ରାଇକର। ୨୩ ବର୍ଷୀୟ ବାଜିଲ ଫରୱାର୍ଡ ଭିନସିଅସ ଜୁନିଅର ୩୫ ଓ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ୫ମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ସେହିପରି ସାଲଭୋ ୪୩ ଓ ଲୁକାସ ପାକ୍ୱେଟା ୬୫ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ୪୮ତମ ମିନିଟ୍‌ରେ ଓମାର ଅଲଡେରେଟ୍ ପାରାଗୁଏ ତରଫରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ସବୁ ବିଭାଗରେ ବ୍ରାଜିଲ ଉନ୍ନତ ପ୍ରଦର୍ଶନ କରିଥିଲା।

# ରଙ୍ଗ ସାଜିନି ବାଧକ

'କଳା' ବା 'ଶ୍ୟାମଳ' ରଙ୍ଗକୁ ନେଇ ଅନେକ ସମୟରେ ଝିଅମାନେ ସମାଲୋଚନାର ଶିକାର ହୋଇଥାନ୍ତି । ଏହି ରଙ୍ଗ ପାଇଁ ସେମାନଙ୍କୁ ଟାହିଟାପରା ତଥା ତାଚ୍ଛଲ୍ୟ ଭରା କଥା ଶୁଣିବାକୁ ପଡ଼ିଥାଏ; କିନ୍ତୁ, କିଛି ମହିଳା ଏପରି ଅଛନ୍ତି, ଯେଉଁମାନେ ଏସବୁକୁ ଭ୍ରୂକ୍ଷେପ ନ କରି ଗ୍ଲାମରସ୍ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ପାଞ୍ଚ ଜଣ ଶ୍ୟାମଳୀ ମଡେଲ୍‌ଙ୍କୁ ନେଇ ଆମର ଏହି ଉପସ୍ଥାପନା ।



## ନାଓମି କ୍ୟାମ୍ପବେଲ୍

ଲଣ୍ଡନରେ ଜନ୍ମଗ୍ରହଣ କରିଥିବା ନାଓମି କ୍ୟାମ୍ପବେଲ୍ ଜଣେ ହଲିଉଡ୍ ସୁପରମଡେଲ୍ ଭାବେ ବେଶ୍ ପରିଚିତ । ମାତ୍ର ୮ ବର୍ଷ ବୟସରେ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ତାଙ୍କୁ ଫ୍ୟାସେନ୍ ଉଦ୍ୟୋଗ ଓ ଅନ୍ତଃରାଷ୍ଟ୍ରୀୟ ପ୍ରେସ୍ ପକ୍ଷରୁ ସୁପରମଡେଲ ଭାବେ ଘୋଷଣା କରାଯାଇଥିଲା । ସେ ପ୍ରଥମ କଳା ମଡେଲ ଭାବେ ଟାଇମ୍ ଏବଂ ଭୋଗ୍ ଫ୍ରାନ୍ସ ପ୍ରଚ୍ଛଦ ପୃଷ୍ଠାରେ ନଜର ଆସିଥିଲେ । ମଡେଲିଂ ବ୍ୟତୀତ ସେ 'ଆର୍ ଆଣ୍ଡ ବି ଷ୍ଟୁଡିଓ ଆଲବମ୍' ସମେତ ଫିଲ୍ମ ଏବଂ ଟେଲିଭିଜନ ଜଗତରେ ମଧ୍ୟ ଅଭିନୟ କରିଛନ୍ତି । ମଡେଲିଂ ପ୍ରତିଯୋଗିତା ରିଆଲିଟି ଶୋ' 'ଦି- ଫେସ୍' ଓ ଏହାର ଅନ୍ତର୍ଜାତୀୟ ଅଫ୍‌ସୁଟ୍‌ରେ ସେ ହୋଷ୍ଟ ଥିଲେ । ଏଥି ସହିତ ବିଭିନ୍ନ ପ୍ରକାର ଚ୍ୟାରିଟି ଟ୍ରଷ୍ଟରେ ମଧ୍ୟ ତାଙ୍କର ଯୋଗଦାନ ରହିଛି ।

## ଡୋନ୍ୟାଲେ ଲୁନା



ଫେସନ୍ ଦୁନିଆରେ ମଡେଲମାନଙ୍କୁ ମଧ୍ୟ ନାନା ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହି କ୍ରମରେ ଡୋନ୍ୟାଲେ ଲୁନାଙ୍କୁ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଆମେରିକା ଡେଟ୍ରୟଟ୍‌ରେ ଜନ୍ମ ହୋଇଥିବା ଲୁନା ବିଶ୍ୱର ପ୍ରଥମ କଳା ସୁପରମଡେଲ ଭାବେ ପରିଚିତ । ସେ ପିଲାବେଳୁ ଫେସନ୍ ତଥା ଅଭିନୟ ପ୍ରତି ଖୁବ୍ ଉତ୍ସାହୀ ଥିଲେ । ତେଣୁ ହାଇସ୍କୁଲ ପାଠ ସରିବା ପରେ ୧୯୬୪ ମସିହାରେ ସେ ନିଜ ସ୍ୱପ୍ନ ପୂରଣ କରିବା ପାଇଁ ନ୍ୟୁୟର୍କ ଚାଲି ଯାଇଥିଲେ । ସେଠାରେ ସେ ହାର୍ପର ବଜାର ମାଗାଜିନ୍‌ରେ ସ୍ଥାନ ପାଇଲେ । ଏହିପରି ଭାବେ ଧୀରେ ଧୀରେ ସେ ମଡେଲିଂ ଦୁନିଆରେ ପ୍ରସିଦ୍ଧି ଲାଭ କଲେ । ଆମେରିକା ସମେତ ଲଣ୍ଡନ, ଇଟାଲି, ବିଭିନ୍ନ ଦେଶରେ ମଡେଲିଂ କରିବା ସମୟରେ ସେ ରଙ୍ଗଭେଦର ସମ୍ମୁଖୀନ ହୋଇଥିଲେ । ୧୯୬୬ରୁ ୧୯୭୫ ମଧ୍ୟରେ ସେ ନାମୀ ମାଗାଜିନ ତଥା ବ୍ରାଣ୍ଡ ପାଇଁ କାର୍ଯ୍ୟ କରିଥିଲେ । ଏଥିସହିତ ସେ କେତେକ ହଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଥିଲେ ।

## ବିପାଶା ବସୁ



ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ ବିପାଶା ବସୁ ପ୍ରଥମେ ମଡେଲ ଭାବରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ । ଏଥିରେ ସଫଳତା ପାଇବା ପରେ ଧୀରେ ଧୀରେ ଚଳଚ୍ଚିତ୍ର ଦୁନିଆରେ ପାଦ ଥାପିଲେ । ସେ ୨୦୦୧ ମସିହାରେ ନିର୍ମିତ ଥ୍ରୀଲର ଫିଲ୍ମ 'ଅଜନବୀ'ରେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ଏହି ଚଳଚ୍ଚିତ୍ର ପାଇଁ ନବାଗତା ଅଭିନେତ୍ରୀ ଭାବେ ଫିଲ୍ମ ଫେୟାର ପୁରସ୍କାରରେ ସମ୍ମାନିତ ହୋଇଥିଲେ । ସେହିପରି ୨୦୦୨ ମସିହାରେ ସେ 'ରାଜ୍' ଫିଲ୍ମରେ ମୁଖ୍ୟ ନାୟିକା ଭାବେ ନଜର ଆସିଥିଲେ । ଏଥିପାଇଁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଭାବେ ତାଙ୍କୁ ଫିଲ୍ମ ଫେୟାର ଆୱାର୍ଡ ପ୍ରଦାନ କରାଯାଇଥିଲା । ସେହିପରି ସେ 'କର୍ପୋରେଟ୍', 'ଫିର୍ ହେରା ଫେରି,' 'ବଚନା ଏ ହସିନୋ' ଭଳି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ।

## ନିଧି ସୁନିଲ



ମଡେଲ ତଥା ଅଭିନେତ୍ରୀ ଭାବେ ନିଧି ସୁନିଲ ବେଶ୍ ସୁନାମ ଅର୍ଜନ କରିଛନ୍ତି । କେରଳରେ ଜନ୍ମ ହୋଇଥିବା ସେ 'କାଶ' ଫିଲ୍ମରେ ସମୀରା ଭୂମିକାରେ ଅଭିନୟ କରି ଲୋକପ୍ରିୟତା ସାଉଁଟି ଥିଲେ । ସେ ଗତ ବର୍ଷ 'ଭୋଗ୍' ଇଣ୍ଡିଆ ମଡେଲ ଅଫ୍ ଦି ଇୟରର ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ସେ ବିଶ୍ୱସ୍ତରରେ ଲୋରିଆଲ ବ୍ରାଣ୍ଡର ଆମ୍ବାସଡର୍ ଭାବେ ପରିଚିତ । ୨୦୦୭ ମସିହାରେ ସେ ଗେଟ୍ ଗର୍ଜିଓସ ସିଜନ – ଚାରିରେ ଅଂଶଗ୍ରହଣ କରି ସେକେଣ୍ଡ ରନର୍ସ ଅପ୍ ହୋଇଥିଲେ । ଏହା ପରେ ସେ ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ରିକାରେ କାର୍ଯ୍ୟ କରିଥିଲେ । ସେ ଅଭିନେତ୍ରୀ ଭାବେ ଗଙ୍ଗୁବାଇରେ ମଧ୍ୟ ନଜର ଆସିଛନ୍ତି ।

## ଅନୋକ୍ ୟାଇ



ଅନୋକ୍ ୟାଇ ଜଣେ ସୁପ୍ରତିଷ୍ଠିତ ଆମେରିକୀୟ ସୁପର ମଡେଲ୍ । ନାଓମୀ କ୍ୟାମ୍ପ୍‌ବେଲ୍‌ଙ୍କ ପରେ 'ପ୍ରଦା ଫେସନ ସୋ'ରେ ସେ ଦ୍ୱିତୀୟ କଳା ସୁପରମଡେଲ୍ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଏଥି ସହିତ ଅନ୍ତଃରାଷ୍ଟ୍ରୀୟ ଭୋଗ୍ କଭର ତଥା ଆମେରିକା ଭଗ୍‌ରେ ସେ ତିନିଥର ସାମିଲ ହୋଇଛନ୍ତି । ମଡେଲ ଡଟ୍ କମ୍ ର୍‌ୟାଙ୍କ୍ ଅନୁସାରେ ତାଙ୍କୁ ଏବେର ନ୍ୟୁ - ସୁପର ଭାବେ ସ୍ଥାନ ଦିଆଯାଇଛି । ୨୦୨୩ ମସିହାରେ ତାଙ୍କୁ 'ମଡେଲ୍ ଅଫ୍ ଦି ଇୟର' ଭାବେ ଘୋଷଣା କରାଯାଇଛି । ସେହିପରି ୨୦୨୪ ମସିହାରେ ସେ ଯୁକ୍ତରାଷ୍ଟ୍ର ଆମେରିକା ଟପ୍ ମଡେଲ ଭାବରେ ଚୟନ ହୋଇଛନ୍ତି । ସେ ୨୦ ଡିସେମ୍ବର ୧୯୯୭ ଇଜିପ୍ଟ କାଇରୋରେ ଜନ୍ମ ହୋଇଥିଲେ । ଅକ୍ଟୋବର ମାସ ୨୦୧୭ ମସିହାରେ ଇନ୍‌ଷ୍ଟଗ୍ରାମରେ ତାଙ୍କର ଏକ ଫଟୋ ପୋଷ୍ଟ ମାଧ୍ୟମରେ ସେ ପ୍ରଥମ କରି ଲାଇମଲାଇଟ୍‌କୁ ଆସିଥିଲେ, ଯେଉଁଥିରେ ୨୦ ହଜାରରୁ ଉର୍ଦ୍ଧ୍ୱ ଲାଇକ୍ ମିଳିଥିଲା । ସେଇ ଫଟୋ ମାଧ୍ୟମରେ ବିଭିନ୍ନ ମଡେଲ ଏଜେନ୍ସି ତାଙ୍କ ସହ ଯୋଗାଯୋଗ କରିଥିଲେ ।

# ସ୍କାର୍ଫ ଫେସନ୍



**ଖରାଦିନେ ମହିଳାମାନେ ଗରମରୁ ନିଜକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଡିଜାଇନର ସ୍କାର୍ଫ ବ୍ୟବହାର କରିଥାନ୍ତି । ଏହା ବିଭିନ୍ନ ରଙ୍ଗ ତଥା ପ୍ରିଣ୍ଟରେ ଉପଲବ୍ଧ ରହିଥାଏ । ଯାହା ସବୁ ପ୍ରକାର ଆଉଟ୍‌ଫିଟ୍‌କୁ ଖୁବ୍ ସୁନ୍ଦର ମାନିଥାଏ । ଜାଣିବା କେତେକ ଲାଟେଷ୍ଟ ସ୍କାର୍ଫ ବିଷୟରେ...**

### କଟନ୍ ସ୍କାର୍ଫ

ବିଶେଷ କରି ଖରାଦିନେ କଟନ୍ ସ୍କାର୍ଫର ଅଧିକ ଚାହିଦା ରହିଥାଏ । ଏହା ହାଲୁକା ହୋଇଥିବାରୁ ଖୁବ୍ ଆରାମଦାୟକ ହୋଇଥାଏ । ଏହାକୁ ବିଭିନ୍ନ ଡିଜାଇନ କରି ପକାଇପାରିବେ । ଏହା ବଜାରରେ ୨୦୦ ଟଙ୍କାରେ ମିଳିଥାଏ ।

### ସିଲ୍‌କ ସ୍କାର୍ଫ

ଏ ପ୍ରକାର ସ୍କାର୍ଫ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ହାତ ତିଆରି ପ୍ରିଣ୍ଟ ହୋଇଥିବା ଏହି ସ୍କାର୍ଫର ଚାହିଦା ଅଧିକ ରହିଥାଏ । ଏହା ଅନ୍ୟ ସ୍କାର୍ଫ ତୁଳନାରେ ଏହାର ମୂଲ୍ୟ ଅଧିକ ରହିଥାଏ । ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ମିଳିଥାଏ ।

### ଟ୍ରାଙ୍ଗେଲ ସ୍କାର୍ଫ

ଏ ପ୍ରକାର ସ୍କାର୍ଫ ବିଶେଷ କରି ଖରାଦିନେ ଅଧିକ ବ୍ୟବହାର କରାଯାଇଥାଏ । ଏହାକୁ ଫେସନ ଆସେସୋରିଜ୍ ଭାବେ ବ୍ୟବହାର କରିପାରିବେ । ଏହି ଟ୍ରାଙ୍ଗେଲ୍ ସ୍କାର୍ଫ ଆକାରରେ ଟ୍ରାଙ୍ଗେଲ୍ ଭଳି ହୋଇଥାଏ ।

# ଗଜାମୁଗ-ମଖାନା ଟିକ୍କି

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ମଖାନା – ୨୦୦ ଗ୍ରାମ୍, ଗଜାମୁଗ – ଏକ କପ୍, ବେସନ – ଅଧା କପ୍, କଟା ପିଆଜ – ଏକ କପ୍, ଧନିଆ ପତ୍ର – ଅଧା କପ୍, ଅଦା ରସୁଣ – ପେଷ୍ଟ ଏକ ଚାମଚ, କଞ୍ଚାଲଙ୍କା – ଦୁଇଗୋଟି, ଲଙ୍କା ଗୁଣ୍ଡ – ଏକ ଚାମଚ, ଆମଚୁର ପାଉଡର – ଅଧା ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ଗ୍ରାଇଣ୍ଡିଂ ଜାରରେ ୨୦୦ ଗ୍ରାମ୍ ମଖାନା ଦେଇ ପାଉଡର ପ୍ରସ୍ତୁତ କରି ରଖନ୍ତୁ । ଏହାପରେ ଗଜାମୁଗ ଗ୍ରାଇଣ୍ଡିଂ କରି ସେହି ପାତ୍ରରେ ମିଶାଇ ଦିଅନ୍ତୁ । ସେଥିରେ ବେସନ, କଟା ପିଆଜ, ଧନିଆପତ୍ର, କଞ୍ଚାଲଙ୍କା, ଅଦା ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ଆମଚୁର ପାଉଡର, ଗରମମସଲା ଓ ଲୁଣ ପକାଇ ଭଲ ଭାବେ ହାତରେ ଗୋଳାଇ ନିଅନ୍ତୁ । ଏହାକୁ ହାତରେ ଛୋଟ ଛୋଟ ଗୁଳା କରି ପିଆଜି ଆକାର ଦେଇ ଥାଳିରେ ରଖନ୍ତୁ । ପରେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ସେହି ତାୱାରେ ଅଳ୍ପ ତେଲ ଦେଇ ପ୍ରସ୍ତୁତ କରି ରଖିଥିବା ମଖାନା ଟିକ୍କି ସବୁକୁ ଦେଇ ଦିଅନ୍ତୁ । ଗୋଟିଏ ପାଖ ସୁନେଲି ରଙ୍ଗ ହେବା ଯାଏ ଅପେକ୍ଷା କରନ୍ତୁ । ପରେ ଏହାକୁ ପିଠା ଖଡ଼ିକାରେ ଓଲଟାଇ ଆର ପାଖ ସୁନେଲି ରଙ୍ଗ ହେବାଯାଏ ଛାଡ଼ି ଦିଅନ୍ତୁ । ଦୁଇ ପାଖ ଭଲ ଭାବେ ଭାଜି ହୋଇଗଲା ପରେ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ୍ ସହିତ ପରଷି ଦିଅନ୍ତୁ ଗରମ ଗରମ 'ଗଜାମୁଗ ମଖାନା ଟିକ୍କି' ।

# ଏପରି ସଜାନ୍ତୁ ଝରକା

**ସାଧାରଣତଃ ଲୋକେ ଘରକୁ ସୁନ୍ଦର ଭାବେ ସଜାଇବା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି । କିନ୍ତୁ ସମୟ ସହ ଏହା ଧୀରେ ଧୀରେ ପୁରୁଣା ହୋଇଯାଏ । ଯାହା ଘରର ସୌନ୍ଦର୍ଯ୍ୟକୁ ବିଗାଡ଼ିଥାଏ । ତେବେ ଘରର ଝରକାକୁ କିଭଳି ଭାବେ ସଜାଇ ଘରର ସୁନ୍ଦରତାକୁ ଦୀର୍ଘ ସମୟ ବଜାୟ ରଖିପାରିବେ, ଜାଣିବା ସେ ବିଷୟରେ ।**

### ଝରକାରେ ଗଛ ଲଗାନ୍ତୁ

ଘରକୁ ସବୁଜ ଗଛଲତାରେ ସଜାଇବାକୁ ଚାହୁଁଥିଲେ, ଝରକାରେ ଗଛ ଲଗାଇ ଏକ ଭିନ୍ନ ଲୁକ୍ ଦେଇପାରିବେ । ଧ୍ୟାନ ରଖିବେ, ଝରକାରେ ଲଗାଉଥିବା ଗଛ ଯେପରି ଅଧିକ ବଡ଼ କିମ୍ବା ଅଧିକ ଛୋଟ ନ ହୁଏ ।

### ଷ୍ଟ୍ରିଙ୍ଗ୍ ଲାଇଟ୍‌ରେ ସଜାନ୍ତୁ

ଘରକୁ ହାଲୁକା ଲାଇଟ୍‌ରେ ସଜାଇବାକୁ ଚାହୁଁଥିଲେ, ଝରକାର ଚତୁଃପାର୍ଶ୍ୱ ବର୍ଡରରେ ଷ୍ଟ୍ରିଙ୍ଗ୍ ଲାଇଟ୍ ବ୍ୟବହାର କରିପାରିବେ । ଏଥି ସହିତ ଝରକାରେ ଲାଗିଥିବା ପରଦା ମଝିରେ ଛୋଟ ଛୋଟ ସାଇଜର ଫଟୋ ମଧ୍ୟ ଲଗାଇପାରିବେ । ଯାହା ସ୍ମୃତିକୁ ସ୍ମରଣୀୟ କରିବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।



### ଝୁଲାନ୍ତୁ ଫୁଲଦାନି

ଝରକାକୁ ଟିକେ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଛୋଟ ଛୋଟ କୁଣ୍ଡରେ ପ୍ଲାଷ୍ଟିକ୍ ଫୁଲ ଲଗାଇ ସଜାଇପାରିବେ । ଏହା ଘରକୁ ଏକ ରଙ୍ଗିନ୍ ଲୁକ୍ ଦେଇଥାଏ । ଏଥି ସହିତ ଚାହିଁଲେ ଧଳା କିମ୍ବା ସୁନେଲି ରଙ୍ଗର ନେଟ୍ ସ୍କ୍ରିନ୍ ମଧ୍ୟ ଲଗାଇପାରିବେ ।

# ଦାଗ ଦୂର ପାଇଁ ଡାଲଚିନି ତେଲ



**ସାଧାରଣତଃ ଘରେ ମସଲା ଭାବରେ ସମସ୍ତେ ଡାଲଚିନି ବ୍ୟବହାର କରିଥାନ୍ତି । ଯାହା ଖାଦ୍ୟର ସ୍ୱାଦକୁ ବଢ଼ାଇଥାଏ । ସେହିପରି ଡାଲଚିନି ତେଲରେ ମଧ୍ୟ ବହୁ ଔଷଧୀୟ ଗୁଣ ରହିଥାଏ । ଯାହା ବିଭିନ୍ନ ରୋଗ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ । ଚାହିଁଲେ ଡାଲଚିନି ତେଲକୁ ସ୍କିନ୍ କେୟାର ପ୍ରସାଧାନ ଭାବେ ବ୍ୟବହାର କରି କେଶ ତଥା ତ୍ୱଚାର ଯତ୍ନ ନେଇପାରିବେ ।**

### ଦାଗ ଓ ବ୍ରଣ ସମସ୍ୟାରୁ ମୁକ୍ତି

ତ୍ୱଚାରେ ଦାଗ, ବ୍ରଣ ଜନିତ ସମସ୍ୟା ଥିଲେ, ଡାଲଚିନି ତେଲ ବ୍ୟବହାର କରିପାରିବେ । ଏହାକୁ ମୁହଁରେ ସିଧାସଳଖ ନ ଲଗାଇ ଏକ ମାସ୍କ ପ୍ରସ୍ତୁତ କରି ଲଗାଇପାରିବେ । ଏଥିପାଇଁ ଗୋଟିଏ ଛୋଟ ଗିନାରେ ୨,୩ ବୁନ୍ଦା ଡାଲଚିନି ତେଲ ନିଅନ୍ତୁ । ସେଥିରେ ଏକ ଚାମଚ ମହୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଲଗାଇ ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ନିୟମିତ ଏହା କରିବା ଦ୍ୱାରା ସୁଫଳ ମିଳିଥାଏ ।

### ତ୍ୱଚାରେ ଚମକ

ଏହି ତେଲ ଲଗାଇବା ଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ବୃଦ୍ଧି ହୋଇଥାଏ । ଫଳରେ ତ୍ୱଚାରେ ଚମକ ଆସିଥାଏ । ଅନେକ ସମୟରେ ମହିଳାଙ୍କ ତ୍ୱଚା ତଥା ବେକ ରଙ୍ଗରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ତେଣୁ ଡାଲଚିନି ତେଲରେ ଏକ ଚାମଚ ଦହି ଓ ମହୁ ମିଶାଇ ତ୍ୱଚାରେ ଲଗାଇ ପାରିବେ । ଏହା ମୁହଁରେ ଚମକ ଆଣିଥାଏ ।



### ଦୂର ହୁଏ ଚର୍ମ ରୋଗ

ଏହା କେବଳ ତ୍ୱଚାରେ ଚମକ ଆଣେ ତାହା ନୁହେଁ, ବିଭିନ୍ନ ଚର୍ମ ରୋଗ ସମସ୍ୟାରୁ ମଧ୍ୟ ତ୍ୱଚାକୁ ସୁରକ୍ଷା ଦେଇଥାଏ ।

## କୋହଲି ଫାଇନାଲର ଓ ବୁମରା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି

# ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଜିତିଲା ଭାରତ


ଦ୍ୱିତୀୟ ଟି-୨୦ ବିଶ୍ୱକପ୍ ଟାଇଟଲ୍ ସହ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍


**ବିରାଟ କୋହଲି :** ଫାଇନାଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି


**ଯଶପ୍ରୀତ ବୁମ୍‌ରା :** ଟି-୨୦ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି

- **୨୦୦୭ରେ ପ୍ରଥମଥର ଟି-୨୦ ବିଶ୍ୱକପ୍ ଟାଇଟଲ୍ ହାସଲ କରିଥିଲା**
- **୨୦୧୧ରେ ଭାରତ ଶେଷଥର ବିଶ୍ୱକପ୍ (ଦିନିକିଆ) ଜିତିଥିଲା**
- **୨୦୧୩ରେ ଭାରତ ଶେଷଥର ଆଇସିସି ଟ୍ରଫି (ଚାମ୍ପିଅନ୍ସ) ଜିତିଥିଲା**

**ବ୍ରିଜ୍‌ଟାଉନ୍, ୨୯।୬(ଏଜେନ୍ସି):** ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଡେଥ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚମତ୍କାର ବୋଲିଂ ଓ ସୂର୍ଯ୍ୟକୁମାର ଯାଦବଙ୍କ ଅବିଶ୍ୱସନୀୟ କ୍ୟାଚ ବଳରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ୨୦୨୪ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ଦୀର୍ଘ ୧୧ ବର୍ଷ ପରେ ଭାରତ ଆଇସିସି ଦ୍ୱାରା ଆୟୋଜିତ ଯେ କୌଣସି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ୨୦୧୩ରେ ଭାରତ ଶେଷଥର ଆଇସିସି ଚାମ୍ପିଅନସିପ ଟ୍ରଫି ଟାଇଟଲ ଜିତିଥିଲା। ୨୦୦୭ ଉଦ୍‌ଘାଟନୀ ଟୁର୍ଣ୍ଣାମେଣ୍ଟ ପରେ ଭାରତ ଦ୍ୱିତୀୟଥର ଟି-୨୦ ବିଶ୍ୱକପ୍ ଜିତିବାରେ ସମର୍ଥ ହୋଇଛି। ଏହା ଛଡ଼ା ଭାରତ ମଧ୍ୟ ଦିନିକିଆ ବିଶ୍ୱକପ୍‌ରେ ୨ଥର ଟାଇଟଲ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଭାରତର କୋହଲିଙ୍କୁ ଶ୍ରେଷ୍ଠ ଖେଳାଳି ଓ ବୁମରାଙ୍କୁ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ଫାଇନାଲ ମ୍ୟାଚ୍‌ରେ କୋହଲି ୫୯ ବଲ୍‌ରେ ୭୬, ଅକ୍ଷର ୪୭ ଓ ଶିବମ ୨୭ ରନ୍ କରିବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୬ ରନ୍ କରିଥିଲା। ଜବାବରେ ହେନ୍‌ରିକ୍ କ୍ଲାସେନଙ୍କ ୨୭ ବଲ୍‌ରେ ୫୯ ରନ୍ ବଳରେ ଦକ୍ଷିଣ ଆଫ୍ରିକା ୧୫ ଓଭରରେ ୪ ୱିକେଟ ହରାଇ ୧୪୭ ରନ୍ କରିବା ସହ ବିଜୟର ଦ୍ୱାରଦେଶରେ ପହଞ୍ଚିଥିଲା। ଏହି ସମୟରେ ଭାରତୀୟ ପେସ ବୋଲର ବୁମ୍‌ରା (୧୬ ଓ ୧୮ ତମ ଓଭରରେ ୬ରନ୍), ୧୯ତମ ଓଭରରେ ଅର୍ଶଦୀପ ୪ ରନ୍ ଓ ୧୭ତମ ଓ ଶେଷ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା ୧୨ ରନ୍ ଦେବା ଫଳରେ ଭାରତ ଦକ୍ଷିଣ ଆଫ୍ରିକାଠାରୁ ବିଜୟ ଛଡ଼ାଇ ଆଣିଥିଲା। ୧୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୧୬୯ ରନ୍ କରିବାକୁ ସମର୍ଥ ହୋଇଥିଲା। ୨୦ତମ ଓଭରର ପ୍ରଥମ ବଲ୍‌ରେ ଡେଭିଡ ମିଲରଙ୍କ କ୍ୟାଚ୍ ନେଇ ସୂର୍ଯ୍ୟକୁମାର ଏହି ମ୍ୟାଚ୍‌କୁ ଛଡ଼ାଇ ଆଣିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୩ଟି, ଅର୍ଶଦୀପ ସିଂ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏଁ ୱିକେଟ ପାଇଥିଲେ।

### ଫାଇନାଲରେ କୋହଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ

୯ମ ଟି-୨୦ ବିଶ୍ୱକପ୍‌ର ଫାଇନାଲରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପାଳିର ଦ୍ୱିତୀୟ ଓଭରରେ ତାଙ୍କ ନିଷ୍ପତ୍ତି ଫେଲ ମାରିଯାଇଥିଲା। ଏହି ଓଭର ବୋଲିଂ କରିଥିବା ବାମହାତୀ ସ୍ପିନର କେଶବ ମହାରାଜ ଭାରତୀୟ ଅଧିନାୟକ ରୋହିତ ଶର୍ମା (୯) ଓ ୱିକେଟରକ୍ଷକ ଋଷଭ ପନ୍ତ (୦)ଙ୍କୁ ଆଉଟ କରି ଭାରତକୁ ଶକ୍ତ ଧକ୍କା ଦେଇଥିଲେ। ଏହି ସମୟରେ ଖେଳର ୫ମ ଓଭରରେ ସୂର୍ଯ୍ୟକୁମାର ଯାଦବ (୩)ଙ୍କୁ ଆଉଟ କରି କାଗିସୋ ରାବାଡାଙ୍କ ଭାରତର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ୪.୩ ଓଭରରେ ୩୪ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ବ୍ୟାଟିଂରେ ଆଗୁଆ ଆସିଥିବା ଅକ୍ଷର ପଟେଲ ଓ ବିରାଟ କୋହଲି ଚତୁର୍ଥ ୱିକେଟ ଭାଗୀଦାରିରେ ୫୪ ବଲ୍‌ରୁ ୭୨ ରନ୍ ଉଠାଇ ସ୍ଥିତି ସମ୍ଭାଳି ନେଇଥିଲେ। ସେ ୩୧ ବଲ୍‌ରେ ଗୋଟିଏ ଚୌକା ଓ ୪ଟି ବିଶାଳ ଛକା ସହ ୪୭ ରନ୍ କରିଥିଲେ। ଏହା ଭାରତକୁ ଫାଇଦାରେ ରଖିଥିଲା। ଏହା ପରେ କୋହଲି ଓ ଶିବମ ଦୁବେ ୫ମ ୱିକେଟ ଭାଗୀଦାରିରେ ୩୩ ବଲ୍‌ରୁ ୫୭ ରନ୍ ଉଠାଇ ଭାରତକୁ ଏକ ଲଢୁଆ ସ୍କୋର ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ସାରା ଉଭୟ ଖେଳାଳି ସଂଘର୍ଷ କରିଥିଲେ। କିନ୍ତୁ ଫାଇନାଲରେ ସେମାନେ କିଛିଟା ଲଢୁଆ ବ୍ୟାଟିଂ କରି ଦଳର ସମ୍ମାନ ରକ୍ଷା କରିଥିଲେ। ଦ୍ରୁତ୍ ରନ୍ ସଂଗ୍ରହ କରିବାକୁ ଯାଇ କୋହଲି ୭୬ ରନ୍‌ରେ ଆଉଟ ହୋଇଯାଇଥିଲେ। ଏଥିଲାଗି ସେ ୫୯ ବଲ୍‌ର ସାମନା କରି ୬ ଚୌକା ଓ ୨ଛକା ମାରିଥିଲେ। ଏହା ପୂର୍ବରୁ ଚଳିତ ବିଶ୍ୱକପ୍‌ରେ ସେ ୭ଟି ମ୍ୟାଚ୍‌ରୁ ମାତ୍ର ୭୫ ରନ୍ କରିଥିଲେ। ଅନ୍ୟପକ୍ଷରେ ଦୁବେ ମାତ୍ର ୧୬ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୨୭ ରନ୍ କରି ଅପରାଜିତ ରହିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୨ଟି ବଲ୍ ଖେଳି ୫ ରନ୍‌ରେ ଅପରାଜିତ ରହିଥିଲେ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ବୋଲରମାନେ ଆରମ୍ଭରୁ ଶେଷଯାଏ ନିୟନ୍ତ୍ରଣରେ ରହିଥିଲେ। ସବୁଠାରୁ ବଡ଼ କଥା ହେଲା, ଅଧିନାୟକ ମାର୍କରାମ ତାଙ୍କ ବୋଲରଙ୍କୁ ଚମତ୍କାର ଭାବରେ ବିନିଯୋଗ କରି ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ କେଶବ ମହାରାଜ ଓ କାଗିସୋ ରାବାଡା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ମାର୍କୋ ୟାନ୍‌ସେନ ୪୯ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ।

### ବିଶ୍ୱକପ୍ ପୁରସ୍କାର

- ଚାମ୍ପିଅନ: ଭାରତ
- ରନର୍ସଅପ୍: ଦକ୍ଷିଣ ଆଫ୍ରିକା
- ଫାଇନାଲର ଶ୍ରେଷ୍ଠ ଖେଳାଳି: ବିରାଟ କୋହଲି
- ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି: ଯଶପ୍ରୀତ ବୁମ୍‌ରା
- ସର୍ବାଧିକ ରନ ସ୍କୋରର: ରହମାନୁଲ୍ଲା ଗୁରବାଜ (୨୮୧)
- ସର୍ବାଧିକ ୱିକେଟ: ଫାଜଲହକ ଫାରୁକି ଓ ଅର୍ଶଦୀପ ସିଂ (୧୭ ଲେଖାଏ ୱିକେଟ)

### ସଂକ୍ଷିପ୍ତ ସ୍କୋର

**ଭାରତ:** ୧୭୬/୭, ୨୦ ଓଭର (କୋହଲି-୭୬, ଅକ୍ଷର- ୪୭, ଦୁବେ- ୨୭, ରୋହିତ୍- ୯, ସୂର୍ଯ୍ୟକୁମାର- ୩, ମହାରାଜ- ୨/୨୩, ନୋର୍ଜେ- ୨/୨୬)।
**ଦକ୍ଷିଣ ଆଫ୍ରିକା:** ୧୬୯/୮, ୨୦ ଓଭର (ଡି କକ୍,- ୩୯, ଷ୍ଟବ୍ସ- ୩୧, କ୍ଲାସେନ- ୫୨, ମିଲର- ୨୧, ମାର୍କରାମ- ୪, ପାଣ୍ଡ୍ୟା-୩/୨୦ ଅର୍ଶଦୀପ୍- ୨/୨୦, ବୁମ୍‌ରା- ୨/୧୮)।

# ଭାରତ ବିଜୟରେ ସମସ୍ତେ ଖୁସ୍

ୱେଷ୍ଟଇଣ୍ଡିଜ୍‌ର ବାର୍ବାଡୋସ ଦ୍ୱୀପପୁଞ୍ଜ ଅନ୍ତର୍ଗତ ବ୍ରିଜ୍‌ଟାଉନର କେନିସଙ୍ଗଟନ ଓଭାଲରେ ଶନିବାର ଅନୁଷ୍ଠିତ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ପରାସ୍ତ କରି ଭାରତ ଚାମ୍ପିଅନ ହୋଇଛି। ଭାରତର ଏହି ଟାଇଲ ବିଜୟରେ ସମସ୍ତେ ଖୁସି ହୋଇଛନ୍ତି। ଏହି ବିଶ୍ୱକପ୍‌ର ଆୟୋଜକ, ପ୍ରାୟୋଜକ, ବିଜ୍ଞାପନଦାତା, ବିସିସିଆଇ ଓ ଆଇସିସିର କର୍ମକର୍ତ୍ତା, ସମର୍ଥକ, ପ୍ରଶଂସକ ଓ କ୍ରିକେଟ ଖେଳକୁ ଭଲ ପାଉଥିବା ସମସ୍ତ ବ୍ୟକ୍ତିବିଶେଷ ଖୁସି ହୋଇଛନ୍ତି। ଏହା ମଧ୍ୟରେ ଖେଳାଳିଙ୍କ ଖୁସି ସବୁଠାରୁ ଅଧିକ। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ପ୍ରଥମ ଆଇସିସି ଟ୍ରଫି ବିଜୟୀ ହୋଇଛି। ଚଳିତ ସିଜନରେ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ପଦରୁ ହଟାଇବା ପରେ ତାଙ୍କ ନେତୃତ୍ୱରେ ଭାରତ ବିଶ୍ୱଚାମ୍ପିଅନ ହେବା ନିଶ୍ଚିତ ତାଙ୍କ ସମ୍ମାନ ରକ୍ଷା କରିବାରେ ସହାୟକ ହେବ। ସେହିପରି ଆଇପିଏଲ୍‌ରେ ବିରାଟ ସଫଳତା ପରେ ବିଶ୍ୱକପ୍‌ରେ ଫେଲ୍ ମାରିବା କୋହଲିଙ୍କୁ ଅପଦସ୍ଥ କରିଥିଲା। କିନ୍ତୁ ସେ ଫାଇନାଲରେ ସର୍ବାଧିକ ୭୬ ରନ୍ କରିବା ଓ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହେବା ତାଙ୍କସ୍ତରର ଖେଳାଳିଙ୍କ ଲାଗି ବିଶେଷ ଉପହାର। ସେହିପରି ଅନ୍ୟ ଦୁଇ ଖେଳାଳିଙ୍କ ମଧ୍ୟରୁ ଯଶପ୍ରୀତ୍ ବୁମ୍‌ରା ଏହି ଟୁର୍ଣ୍ଣାମେଣ୍ଟ ସାରା ଭଲ ବୋଲିଂ କରିଥିଲେ। ଫାଇନାଲରେ ଭାରତକୁ ଜିତାଇବାରେ ମଧ୍ୟ ତାଙ୍କର ଭୂମିକା ରହିଥିଲା ଓ ଶେଷରେ ଚଳିତ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସେ ମଧ୍ୟ ଖୁସି ହୋଇଥିଲେ। ରୋହିତଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ନିଯୁକ୍ତ ହେବା ପରେ ସମାଲୋଚିତ ହୋଇଥିଲେ। ଏହି ବିଶ୍ୱକପ୍ ସହ ଫାଇନାଲରେ ପାଣ୍ଡ୍ୟା ମ୍ୟାଚ୍ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପୂର୍ବର ସମସ୍ତ ଦୁଃଖକୁ ଭୂଲାଇ ଦେବାରେ ସମର୍ଥ ହୋଇଛନ୍ତି।



## ଭାରତ ଜିତିଲା ୬ଷ୍ଠ ଆଇସିସି ଟ୍ରଫି

ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଚାମ୍ପିଅନ ହେବା ସହ ଭାରତୀୟ କ୍ରିକେଟ୍ ଦଳ ୬ଷ୍ଠ ଆଇସିସି ଟ୍ରଫି ବିଜୟୀ ହୋଇଛି। କପିଳ ଦେବଙ୍କ ନେତୃତ୍ୱରେ ଭାରତ ୧୯୮୩ ଏକଦିବସୀୟ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ଭାରତୀୟ ଦଳ ପାଇଁ ଏହା ସର୍ବପ୍ରଥମ ଆଇସିସି ଟ୍ରଫି ଥିଲା। ଭାରତ ଏହାପରେ ୨୦୦୨ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଶ୍ରୀଲଙ୍କା ସହ ଯୁଗ୍ମବିଜେତା ହୋଇଥିଲା। ବର୍ଷା ଲାଗି ଏହାର ଫାଇନାଲ ଫଳାଫଳ ବାହାରିପାରି ନ ଥିଲା। ଏହାପରେ ୨୦୦୭ରେ ଅନୁଷ୍ଠିତ ପ୍ରଥମ ଟି-୨୦ ବିଶ୍ୱକପ୍‌ରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ଚାମ୍ପିଅନ ହୋଇଥିଲା। ସେହିଭଳି ଦୀର୍ଘ ୨୭ ବର୍ଷ ପରେ ଭାରତ ପୁଣିଥରେ ଏକଦିବସୀୟ ବିଶ୍ୱକପ୍ ଜିତିଥିଲା। ୨୦୧୧ରେ ଘରୋଇ ମାଟିରେ ଖେଳାଯାଇଥିବା ଫାଇନାଲରେ ପ୍ରତିପକ୍ଷ ଶ୍ରୀଲଙ୍କାକୁ ପରାସ୍ତ କରି ଧୋନିଙ୍କ ଦଳ ଏହି ସଫଳତା ପାଇଥିଲା। ଭାରତ ୨ୟଥର ଲାଗି ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୧୩ରେ ଜିତିଥିଲା। ଟି-୨୦ ଫର୍ମାଟ୍‌ରେ ଇଂଲଣ୍ଡରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଭାରତ ୫ ରନରେ ଘରୋଇ ଦଳକୁ ପରାସ୍ତ କରିଥିଲା।

# ଟି-୨୦ରୁ ବିରାଟଙ୍କ ଅବସର

**ବାର୍ବାଡୋସ,୨୯।୬(ଏଜେନ୍ସି):** ବ୍ୟାଟିଂ ଗ୍ଲୋବାଲ ସୁପରଷ୍ଟାର ବିରାଟ କୋହଲିଙ୍କୁ ଆଉ ଅନ୍ତର୍ଜାତୀୟ ଟି-୨୦ ଖେଳିବାର ଦେଖାଯିବେ ନାହିଁ। ଐତିହାସିକ ଟି-୨୦ ବିଶ୍ୱକପ୍ ବିଜୟର ମାତ୍ର କେତୋଟି ମୁହୂର୍ତ୍ତ ପରେ ସେ ଟି-୨୦ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଅବଶ୍ୟ ପୂର୍ବରୁ ଏହା ତାଙ୍କ କ୍ୟାରିୟରର ଅନ୍ତିମ ଟି-୨୦ ବିଶ୍ୱକପ୍ ବୋଲି କୁହାଯାଉଥିଲା। ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ କ୍ରିକେଟ ବିବେଚିତ ହେଉଥିବା କୋହଲି ବିଶ୍ୱକପ୍‌ରେ ପ୍ରଥମ ୭ଟି ମ୍ୟାଚ୍‌ରେ ସାଂଘାତିକ ଭାବେ ବିଫଳ ହୋଇଥିଲେ। ତେବେ ଫାଇନାଲ ମୁକାବିଲାରେ ନିର୍ଣ୍ଣାୟକ ଅର୍ଦ୍ଧଶତକୀୟ ପାଳି ଖେଳି ଭାରତକୁ ବିପଦ ମୁକ୍ତ କରିଥିଲେ। ଫାଇନାଲ ପୂର୍ବରୁ ପ୍ରଥମ ୭ଟି ପାଳିରେ ୩୫ ବର୍ଷୀୟ କୋହଲି ମୋଟ୍ ଉପରେ ୭୫ ରନ କରି ବେଶ୍ ସମାଲୋଚିତ ହୋଇଥିଲେ। ତେବେ ଫାଇନାଲ ମ୍ୟାଚ୍‌ରେ ୭୬ ରନ (୫୯ ବଲ, ୬ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳି ସମାଲୋଚକଙ୍କୁ ଚୁପ୍ କରିଛନ୍ତି। କୋହଲିଙ୍କୁ ମଧ୍ୟ ଫାଇନାଲ ମୁକାବିଲାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଏବେ ପରବର୍ତ୍ତୀ ପିଢିକୁ ସୁଯୋଗ ଦେବାର ସମୟ ଉପନୀତ ହୋଇଛି ବୋଲି ବିଜୟ ପରେ ସେ କହିଛନ୍ତି। ଏହି ଅବସରରେ ସେ ବେଶ୍ ଭାବପ୍ରବଣ ହୋଇ ପଡିଥିଲେ।



### ଟି-୨୦ କ୍ୟାରିୟର

ମ୍ୟାଚ:୧୨୫
ପାଳି: ୧୧୭
ରନ୍: ୪,୧୮୮
ଆଭରେଜ: ୪୮.୬୯
ସର୍ବାଧିକ ସ୍କୋର: ୧୨୨*
ଶତକ: ୧
ଅର୍ଦ୍ଧଶତକ: ୩୮
ୱିକେଟ: ୪

### ଜୁନ୍‌ରେ ଆରମ୍ଭ ଜୁନ୍‌ରେ ଶେଷ

ଦିଲ୍ଲୀର ଏକ ସାଧାରଣ ଗଳିରୁ ଆସି ବିଶ୍ୱ କ୍ରିକେଟରେ ରାଜ କରିଥିବା କୋହଲିଙ୍କ ଟି-୨୦ କ୍ୟାରିୟର ଜୁନ୍‌ରେ ଆରମ୍ଭ ହୋଇ ଏହି ମାସରେ ଶେଷ ହୋଇଛି। ୨୦୧୦ ଜୁନ୍ ୧୨ରେ ସେ ଭାରତ ପାଇଁ ଅନ୍ତର୍ଜାତୀୟ ଟି-୨୦ରେ ପଦାର୍ପଣ କରିଥିଲେ ଓ ଦୀର୍ଘ ୧୪ ବର୍ଷ ପରେ ଚଳିତ ଜୁନ୍‌ରେ ହିଁ ସନ୍ୟାସ ନେଇଛନ୍ତି। ଭାରତ ପାଇଁ ସେ ୧୨୫ଟି ଟି-୨୦ ମ୍ୟାଚ୍ ଖେଳି ୪୮.୬୯ ହାରରେ ଓ ୧୩୭.୦୪ ଷ୍ଟ୍ରାଇକ୍‌ରେଟ୍‌ରେ ୪୧୮୮ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ଗୋଟିଏ ଶତକ ଓ ୩୮ଟି ଅର୍ଦ୍ଧଶତକ ସାମିଲ ରହିଛି। ୧୨୨ ହେଉଛି ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର। ବୋଲିଂ କରି ସେ ୪ ୱିକେଟ ମଧ୍ୟ ଅକ୍ତିଆର କରିଛନ୍ତି। କେବଳ ସେତିକି ନୁହଁ ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ୧୨୯୨ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି। ସେ ବିଶ୍ୱକପ୍‌ରେ ସର୍ବାଧିକ ୧୫ଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁରୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ଟାଇଟଲ ହାସଲ କରି ନପାରି ସେ ବେଶ ସମାଲୋଚିତ ହୋଇଥିଲେ। ଏପରିକି ତାଙ୍କୁ ନେତୃତ୍ୱ ମଧ୍ୟ ଛାଡିବାକୁ ପଡିଥିଲ। ତେବେ ବର୍ତ୍ତମାନ ଏ ସବୁ କଥା ଇତିହାସ ହୋଇଛି।

## ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଭାରତ

| ଟୁର୍ଣ୍ଣାମେଣ୍ଟ | ବର୍ଷ | ଫଳାଫଳ |
|---|---|---|
| ଦିନିକିଆ ବିଶ୍ୱକପ୍ | ୧୯୮୩ | ଚାମ୍ପିଅନ |
| ଆଇସିସି ନକ୍‌ଆଉଟ୍ | ୨୦୦୦ | ରନର୍ସଅପ୍ |
| ଚାମ୍ପିଅନ୍ସ ଟ୍ରଫି | ୨୦୦୨ | ଯୁଗ୍ମ ଚାମ୍ପିଅନ |
| ଦିନିକିଆ ବିଶ୍ୱକପ୍ | ୨୦୦୩ | ରନର୍ସଅପ୍ |
| ଟି-୨୦ ବିଶ୍ୱକପ୍ | ୨୦୦୭ | ଚାମ୍ପିଅନ |
| ଦିନିକିଆ ବିଶ୍ୱକପ୍ | ୨୦୧୧ | ଚାମ୍ପିଅନ |
| ଟି-୨୦ ବିଶ୍ୱକପ୍ | ୨୦୧୪ | ରନର୍ସଅପ୍ |
| ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ | ୨୦୨୧ | ରନର୍ସଅପ୍ |
| ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ | ୨୦୨୩ | ରନର୍ସଅପ୍ |
| ଦିନିକିଆ ବିଶ୍ୱକପ୍ | ୨୦୨୩ | ରନର୍ସଅପ୍ |

### ଭାରତୀୟ କ୍ରିକେଟ ଦଳ ଦେଶକୁ ଗର୍ବିତ କରିଛି: ନବୀନ

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ଅବସରରେ ଚାମ୍ପିଅନ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। 'କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିଥିବା ଭାରତୀୟ ଦଳକୁ ଅଭିନନ୍ଦନ। ଭାରତୀୟ ଦଳ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଆଜି ସମଗ୍ର ଦେଶକୁ ଗର୍ବିତ କରିଛି। ସାବାସ୍ ଚାମ୍ପିଅନ।'

## ୨୦୨୪: ଶତକଶୂନ୍ୟ ଟି-୨୦ ବିଶ୍ୱକପ୍

ଟି-୨୦ ବିଶ୍ୱକପ୍ ଇତିହାସର ୯ମ ସଂସ୍କରଣ ଶେଷ ହୋଇଯାଇଛି। ଏଥିରେ ୫୫ ମ୍ୟାଚ୍ ଖେଳାଯାଇଥିବାବେଳେ ଗୋଟିଏ ହେଲେ ଶତକ ଦେଖିବାକୁ ମିଳି ନ ଥିଲା। ୱେଷ୍ଟଇଣ୍ଡିଜର ନିକୋଲସ ପୁରନ କରିଥିବା ୯୮ ରନ ଏହି ବିଶ୍ୱକପ୍‌ର ସର୍ବୋଚ୍ଚ ସ୍କୋର ରହିଥିଲା। ମୋଟ୍ ଉପରେ ୩ଜଣ ବ୍ୟାଟର୍ ୯୦ରୁ ଉର୍ଦ୍ଧ୍ୱ ସ୍କୋର କରିଥିଲେ ମଧ୍ୟ ଶତକ ପୂରଣ କରିପାରି ନ ଥିଲେ। ପୂରଣଙ୍କ ସମେତ ଆମେରିକାର ଆରୋନ ଜୋନ୍ସ ଅପରାଜିତ ୯୪ ଓ ଭାରତର ରୋହିତ୍ ଶର୍ମା ୯୨ ରନ କରିଥିଲେ। ଫଳରେ ଟି-୨୦ ବିଶ୍ୱକପ୍‌ର ଏହି ୯ମ ସଂସ୍କରଣ ଶତକ ଶୂନ୍ୟ ରହିଛି। ଟି-୨୦ ବିଶ୍ୱକପ୍ ଇତିହାସରେ ୨ଥର ଲାଗି ଗୋଟିଏ ସଂସ୍କରଣରେ ଶତକ ଦେଖିବାକୁ ମିଳିନାହିଁ। ପୂର୍ବରୁ ୨୦୦୯ରେ ଅନୁଷ୍ଠିତ ଦ୍ୱିତୀୟ ସଂସ୍କରଣରେ ମଧ୍ୟ କୌଣସି ଶତକ ହୋଇ ନ ଥିଲା। ୨୦୦୭ ସଂସ୍କରଣରେ କ୍ରିସ୍ ଗେଲ୍ (୧୧୭ ରନ), ୨୦୧୦ରେ ସୁରେଶ ରାଇନା (୧୦୧) ଓ ମାହେଲା ଜୟବର୍ଦ୍ଧନେ (୧୦୦), ୨୦୧୨ରେ ବ୍ରେଣ୍ଡନ ମ୍ୟାକ୍‌କୁଲମ (୧୨୩), ୨୦୧୪ରେ ଆଲେକ୍ସ ହେଲ୍ସ (୧୧୬*) ଓ ଅହମ୍ମଦ ଶେହଜାଦ୍ (୧୧୧*), ୨୦୧୬ରେ ତାମିମ ଇକବାଲ (୧୦୩*) ଓ କ୍ରିସ୍ ଗେଲ୍ (୧୦୦*), ୨୦୨୧ରେ ଜୋଶ୍ ବଟଲର୍ (୧୦୧*) ଏବଂ ୨୦୨୨ରେ ରିଲି ରୁଷୋ (୧୦୯*) ଓ ଗ୍ଲେନ ଫିଲିପ୍ (୧୦୪*) ଶତକ ଅର୍ଜନ କରିଥିଲେ।

## ରୋହିତଙ୍କ କଥା ରଖିଲେ କୋହଲି

ଶେଷରେ ନିଜ ଅଧିନାୟକ ରୋହିତ ଶର୍ମାଙ୍କ କଥା ବିରାଟ କୋହଲି ରଖିଛନ୍ତି। ଫାଇନାଲ ପୂର୍ବରୁ ଖରାପ ଫର୍ମ ଦେଇ ଗତି କରୁଥିବା କୋହଲିଙ୍କ ବ୍ୟାଟିଂକୁ ନେଇ ରୋହିତଙ୍କୁ ପ୍ରଶ୍ନ କରାଯାଇଥିଲା। କୋହଲି ଫାଇନାଲରେ ଭଲ ଖେଳିବେ ଓ ବହୁତ ରନ୍ ସଂଗ୍ରହ କରିବେ ବୋଲି ରୋହିତ ପୂର୍ବାନୁମାନ କରି କହିଥିଲେ। ଏବେ ରୋହିତଙ୍କ ଭବିଷ୍ୟବାଣୀ ସତ ହୋଇଛି ଓ କୋହଲି ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। କୋହଲି ଜଣେ କ୍ୱାଲିଟି ଖେଳାଳି। ତାଙ୍କ ଫର୍ମ ନଥଲେ ମଧ୍ୟ ସେ ଜଣେ ଉଚ୍ଚକୋଟୀର ଖେଳାଳି ଓ ଏଥିପାଇଁ ବ୍ୟସ୍ତ ହେବାର ନାହିଁ ବୋଲି ରୋହିତ କହିଥିଲେ। ଯାହା ସତରେ ପରିଣତ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA





# ଆମ ଦଳ ଘରକୁ ବିଶ୍ୱକପ୍ ଆଣିଲେ: ମୋଦୀ

ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଦ୍ୱିତୀୟଥର ଲାଗି ଭାରତ ଟି-୨୦ ବିଶ୍ୱକପ୍ ଜିତିବା ପରେ ସାରା ଦେଶ ଉତ୍ସବ ମୁଖର ହୋଇପଡ଼ିଛି। ଏହି ଅବସରରେ ସାରା ବିଶ୍ୱରୁ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛାର ବାର୍ତ୍ତାର ସୁଅ ଛୁଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୋଦି ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, 'ଚାମ୍ପିଅନ, ଆମ ଦଳ ଚମତ୍କାର ଶୈଳୀରେ ଟି-୨୦ ବିଶ୍ୱକପ୍ ଜିତି ଘରକୁ ଆଣିଛନ୍ତି। ଆମେ ଭାରତୀୟ ଦଳ ପାଇଁ ଗର୍ବିତ। ଏହି ମ୍ୟାଚ୍ ଐତିହାସିକ ଥିଲା।

## ୧୪୦ କୋଟି ଭାରତୀୟ ଖୁସି: ମୋହନ ମାଝୀ

'ଆଜି ଭାରତୀୟ କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦ୍ୱିତୀୟଥର ଲାଗି ଟି-୨୦ ବିଶ୍ୱକପ୍ ବିଜୟୀ ହୋଇଛି। ବିଶ୍ୱକପ୍ ବିଜେତା ସମସ୍ତ ଖେଳାଳି, ସହଯୋଗୀଙ୍କୁ ଅନେକ ଅନେକ ଅଭିନନ୍ଦନ। ଆଜିର ଏହି ବିଜୟ ୧୪୦ କୋଟି ଭାରତୀୟଙ୍କ ମନରେ ଖୁସି ଭରିଦେଇଛି। ଆଗକୁ ଭାରତୀୟ ଦଳ ଏହିପରି ଅନେକ ସଫଳତା ହାସଲ କରି ଦେଶକୁ ଗୌରବାନ୍ୱିତ କରୁ, ଏତିକି କାମନା କରିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



### ବିଶ୍ୱକପ୍‌ରୁ ଆରମ୍ଭ; ବିଶ୍ୱକପ୍‌ରେ ଶେଷ

# ଟି-୨୦କୁ ରୋହିତଙ୍କ ଅଲ୍‌ବିଦା

ବିରାଟ କୋହଲିଙ୍କ ପରେ ଅଧିନାୟକ ରୋହିତ୍ ଶର୍ମା ଏହି ସ୍ମରଣୀୟ ମୁହୂର୍ତ୍ତରେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟକୁ ଅଲ୍‌ବିଦା କରିଛନ୍ତି। ଶନିବାର ଟି-୨୦ ବିଶ୍ୱକପ୍ ଜିତିବା ପରେ ରୋହିତ ଟି-୨୦ କ୍ରିକେଟ୍‌ରୁ ଅବସର ନିଷ୍ପତ୍ତି ନେଇଥିଲେ। ଟି-୨୦ରୁ ଅବସର ନେଇଥିଲେ ମଧ୍ୟ ୩୭ ବର୍ଷୀୟ ରୋହିତ୍ ଭାରତ ପାଇଁ ଟେଷ୍ଟ ଓ ଏକଦିବସୀୟ ଫର୍ମାଟ୍‌ରେ ଖେଳ ଜାରି ରଖିବେ। 'ଏହା ମୋର ଶେଷ ମ୍ୟାଚ୍। ଅଲ୍‌ବିଦା କରିବା ଲାଗି ଏହାଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ଆଉ କିଛି ନାହିଁ। ମୁଁ ଏହି ଟ୍ରଫି ଚାହୁଁଥିଲି' ବୋଲି ରୋହିତ୍ ଫାଇନାଲ ଶେଷ ପରେ କହିଛନ୍ତି।

ଉଲ୍ଲେଖନୀୟ ଘଟଣାକ୍ରମେ ରୋହିତ୍ ତାଙ୍କ ଅନ୍ତର୍ଜାତୀୟ ଟି-୨୦ କ୍ୟାରିୟର ୨୦୦୭ ଟି-୨୦ ବିଶ୍ୱକପ୍‌ରେ ଆରମ୍ଭ କରିଥିଲେ। ୨୦୦୭ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ତାଙ୍କର ପ୍ରଥମ ଟି-୨୦ କ୍ୟାରିୟରର ପ୍ରଥମ ମ୍ୟାଚ୍ ଥିଲା। ଏବେ ୨୦୨୪ ବିଶ୍ୱକପ୍ ଜିତିବା ପରେ ସେ ଟି-୨୦ ବିଶ୍ୱକପ୍‌ରୁ ଅବସର ନେଇଛନ୍ତି। ଫଳରେ ଯେଉଁ ଟି-୨୦ ବିଶ୍ୱକପ୍‌ରୁ ରୋହିତ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ସେହି ଟି-୨୦ ବିଶ୍ୱକପ୍‌ରେ ଏହି ଫର୍ମାଟ୍‌କୁ ଅଲ୍‌ବିଦା ଜଣାଇଛନ୍ତି। ରୋହିତ୍ ୧୫୯ ଟି-୨୦ ମ୍ୟାଚ୍ ଖେଳି ୩୨ରୁ ଊର୍ଦ୍ଧ୍ୱ ଆଭରେଜରେ ୪୨୩୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫ ଶତକ ଓ ୩୨ ଅର୍ଦ୍ଧଶତକ ସାମିଲ ରହିଛି। ସେ ୨୦୫ ଛକା ଓ ୩୮୩ ଚୌକା ମାରିଛନ୍ତି।

# ଫାଇନାଲରେ '୦' : ପନ୍ତ ପ୍ରଥମ ଭାରତୀୟ

ବ୍ରିଜ୍‌ଟାଉନ୍, ୨୯।୬(ଏଜେନ୍ସି): ଦକ୍ଷିଣ ଆଫ୍ରିକା ସହ ଏଠାରେ ଶନିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତର ଋଷଭ ପନ୍ତ 'ଶୂନ' ରନ୍‌ରେ ଆଉଟ ହୋଇଛନ୍ତି। ବିଶ୍ୱକପ୍‌ରେ ଶୂନ୍‌ରେ ଆଉଟ ହେବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ବ୍ୟାଟର। ରୋହିତ ଶର୍ମାଙ୍କ ଆଉଟ ପରେ ନଂ-୩ରେ ବ୍ୟାଟିଂ କରିବାକୁ ଆସି ପନ୍ତ ମାତ୍ର ୨ଟି ବଲ ଖେଳି ବାମହାତୀ ସ୍ପିନର କେଶବ ମହାରାଜଙ୍କ ବୋଲିଂରେ ୱିକେଟ ରକ୍ଷକ କ୍ୱିଣ୍ଟନ ଡି କକ୍‌ଙ୍କ ଦ୍ୱାରା କଟ୍ ବିହାଇଣ୍ଡ ହୋଇଥିଲେ। ଏହି ସମୟରେ ଭାରତ ୨୩ ରନ୍‌ରେ ଦ୍ୱିତୀୟ ୱିକେଟ ହରାଇଥିଲା। ତାଙ୍କ ଆଉଟ ଯୋଗୁ ଭାରତ ଖରାପ ସ୍ଥିତିକୁ ଆସିଯାଇଥିଲା।

## ଟି-୨୦ ବିଶ୍ୱକପ୍ ପୁରସ୍କାର ରାଶି ଟଙ୍କାରେ

- ମୋଟ୍ ପୁରସ୍କାର ରାଶି: ୯୩.୮୦ କୋଟି
- ଚାମ୍ପିଅନ: ୨୦.୪୨ କୋଟି
- ରନର୍ସଅପ୍: ୧୦. ୬୭ କୋଟି
- ସେମିରେ ପରାଜିତ ଦଳ (ତୃତୀୟ/ଚତୁର୍ଥ): ୬.୫୬ କୋଟି
- ସୁପର-୮ ରେ ପ୍ରବେଶ କରିଥିବା ଅନ୍ୟ ୬ ଦଳ: ୩.୧୮ କୋଟି
- ୯ମରୁ ଦ୍ୱାଦଶ ସ୍ଥାନରେ ଥିବା ଦଳ: ୨.୦୬ କୋଟି
- ୧୩ତମରୁ ୨୦ତମ ସ୍ଥାନରେ ଥିବା ଦଳ: ୧.୮୭ କୋଟି

## ସମସ୍ତ ଫର୍ମାଟ ବିଶ୍ୱକପ୍‌ରେ ନେତୃତ୍ୱ ନେବାରେ ରୋହିତ ଦ୍ୱିତୀୟ

ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱକପ୍ ଫାଇନାଲରେ ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଏହା ଫଳରେ ସମସ୍ତ ପ୍ରକାର ଫର୍ମାଟ ଫାଇନାଲରେ ଗୋଟିଏ ଦଳର ନେତୃତ୍ୱ ନେବାରେ ସେ ହେଉଛନ୍ତି ବିଶ୍ୱର ଦ୍ୱିତୀୟ ଅଧିନାୟକ। ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଓ ଘରୋଇ ମାଟିରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ରୋହିତ ଭାରତର ନେତୃତ୍ୱ ନେଇଥିଲେ। ଏବେ ଟି-୨୦ ବିଶ୍ୱକପ୍ ଫାଇନାଲରେ ସେ ଦଳର ନେତୃତ୍ୱ ନେଇ ଏଭଳି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ତାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ଅଧିନାୟକ କେନ୍ ୱିଲିୟମସନ ଆଇସିସି ଦ୍ୱାରା ଆୟୋଜିତ ସମସ୍ତ ୩ଟି ଯାକ ବିଶ୍ୱକପ୍ ଫର୍ମାଟରେ ନେତୃତ୍ୱ ନେଇଥିଲେ।

## ବଲ୍ ହଜାଇଦେଲେ କୋହଲି

ଭଲ ଫର୍ମରେ ନ ଥାଇ ବାରମ୍ବାର ସମାଲୋଚିତ ହୋଇଥିବା ତାରକା ଖେଳାଳି ବିରାଟ କୋହଲି ଫାଇନାଲରେ ଫର୍ମକୁ ଫେରିଛନ୍ତି। ଏହି ମ୍ୟାଚ୍‌ରେ ସେ ଅର୍ଦ୍ଧଶତକ ହାସଲ କରିଥିଲବେଳେ ୨ଟି ଛକା ମାରିଥିଲେ। ଏହା ମଧ୍ୟରୁ ୧୯ତମ ଓଭରର ଚତୁର୍ଥ ବଲ୍‌ରେ ସେ ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର ମାର୍କୋ ୟାନ୍‌ସେନଙ୍କୁ ମାରିଥିବା ଛକାର ଦୂରତା ୯୫ ମିଟର ଥିଲା। କିନ୍ତୁ ଷ୍ଟାଡିୟମ୍ ଭିତରେ ବଲ୍‌ଟି ହଜିଯାଇଥିଲା। ଏହା ଫଳରେ ଅମ୍ପାୟାର ବଲ ପରିବର୍ତ୍ତନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଏହାର ପରବର୍ତ୍ତୀ ବଲ୍‌ରେ କୋହଲି ଆଉଟ ହୋଇଯାଇଥିଲେ।

## ଅର୍ଦ୍ଧଶତକରେ କୋହଲି ରେକର୍ଡ ସମକକ୍ଷ

ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ବିଶ୍ୱକପ୍ ଫାଇନାଲରେ ଅର୍ଦ୍ଧଶତକୀୟ ପାଳି ଖେଳି ଏକ ରେକର୍ଡ ସମକକ୍ଷ ହୋଇଛନ୍ତି। ସେ ୫୯ ବଲରୁ ୭୬ ରନ ସଂଗ୍ରହ କରି ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଟି-୨୦ ଫର୍ମାଟରେ ଅର୍ଦ୍ଧଶତକ ହାସଲ କରିବାରେ ସେ ଏହି ସଫଳତା ପାଇଛନ୍ତି। ସେ ମୋଟ ଉପରେ ୩୯ଟି ଅନ୍ତର୍ଜାତୀୟ ଟି-୨୦ ଅର୍ଦ୍ଧଶତକ ହାସଲ କରି ବାବରଙ୍କ ସମକକ୍ଷ ହୋଇଛନ୍ତି। ଏହିକ୍ରମରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ୩୭ଟି ଅର୍ଦ୍ଧଶତକ ହାସଲ କରି ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ପାକିସ୍ତାନର ମହମ୍ମଦ ରିଜୱାନ ୩୦ ଓ ନିକଟରେ ଅବସର ନେଇଥିବା ଅଷ୍ଟ୍ରେଲିଆ ଓପନର ଡେଭିଡ୍ ୱାର୍ଣ୍ଣର ୨୯ଟି ଶତକ ଅର୍ଜନ କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

## ଫେଲ୍ ମାରିଲା ରୋହିତ-କୋହଲି ଓପନିଂ ପରୀକ୍ଷା

ସଦ୍ୟସମାପ୍ତ ଟି-୨୦ ବିଶ୍ୱକ୍‌ପ୍‌ରେ ରୋହିତ ଶର୍ମାଙ୍କ ସହ ବିରାଟ କୋହଲିଙ୍କୁ ଓପନିଂ କରାଇବା ନେଇ ହୋଇଥିବା ପରୀକ୍ଷା ସାଂଘାତିକ ଭାବେ ଫେଲ୍ ମାରିଛି। ବିଶ୍ୱକପ୍‌ରେ ଦୁଇ ସୁପରଷ୍ଟାର ସାଥି ହୋଇ ସବୁ ୯ଟି ମ୍ୟାଚ୍‌ରେ ଓପନିଂ କରିଥିଲେ ମଧ୍ୟ ପ୍ରଥମ ୱିକେଟରେ ଥରେ ହେଲେବି ୫୦ ରନର ଅର୍ଦ୍ଧଶତକୀୟ ଭାଗୀଦାରି ସ୍ଥାପନ କରିପାରି ନାହାନ୍ତି। ତେବେ ଫାଇନାଲ ମୁକାବିଲାରେ ଦୁହେଁ ପ୍ରଥମ ଓଭରରେ ୧୫ ରନ ସଂଗ୍ରହ କରିଥିଲେ ଓ ଏହା ବିଶ୍ୱକପ୍ ଫାଇନାଲ ଇତିହାସର ସବୁଠାରୁ ବ୍ୟୟବହୁଳ ପ୍ରଥମ ଓଭର ସାବ୍ୟସ୍ତ ହୋଇଥିଲା। କୋହଲି ପ୍ରଥମ ଓଭରରେ ୩ଟି ଚୌକା ମାରିଥିଲେ। ବିଶ୍ୱକପ୍‌ରେ ପ୍ରଥମ ୮ଟି ପାଳିରେ ବିଫଳ ହୋଇଥିଲେ ମଧ୍ୟ କୋହଲି ଫାଇନାଲରେ ଅର୍ଦ୍ଧଶତକୀୟ ପାଳି (୭୬ ରନ, ୫୯ ବଲ, ୬ ଚୌକା, ୨ ଛକା) ଖେଳି ଦଳକୁ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା କରିଥିଲେ।

## ୱେଷ୍ଟଇଣ୍ଡିଜ, ଇଂଲଣ୍ଡ ସହ ଭାରତ ସମକକ୍ଷ

ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ପରେ ୩ୟ ଦଳ ଭାବେ ଭାରତ ଦୁଇ ଦୁଇଥର ଟି-୨୦ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ହାସଲ କରିଛି। ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ସର୍ବପ୍ରଥମ ଟି-୨୦ ବିଶ୍ୱକପ୍ ୨୦୦୭ରେ ଜିତିଥିଲା। ଏହାର ୧୭ ବର୍ଷ ପରେ ୨୦୨୪ ବିଶ୍ୱକପ୍ ବିଜୟୀ ହୋଇଛି। ପୂର୍ବରୁ ୱେଷ୍ଟଇଣ୍ଡିଜ ୨୦୧୨ ଓ ୨୦୧୬ ଏବଂ ଇଂଲଣ୍ଡ ୨୦୧୦ ଓ ୨୦୨୨ରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା।

## ପ୍ରଥମଥର ଅପରାଜେୟ ବିଜେତା

ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ଏକ ଅପରାଜେୟ ବିଜେତା ଦେଖିବାକୁ ମିଳିଛି। ଅର୍ଥାତ୍ ଗୋଟିଏ ହେଲେ ମ୍ୟାଚ୍ ନ ହାରି ଭାରତ ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିଛି। ଯାହା ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମ ଘଟଣା ହୋଇଛି। ୨୦୦୭ରୁ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍‌ର ୮ଟି ସଂସ୍କରଣରେ ଯେଉଁ ଦଳ ଚାମ୍ପିଅନ ହୋଇଛନ୍ତି ସେମାନେ ଅତିକମ୍‌ରେ ଗୋଟିଏ ମ୍ୟାଚରେ ପରାଜୟବରଣ କରିଛନ୍ତି। କିନ୍ତୁ ଚଳିତ ୯ମ ସଂସ୍କରଣରେ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଗୋଟିଏ ହେଲେ ମ୍ୟାଚ୍ ନ ହାରି ଫାଇନାଲରେ ପ୍ରବେଶ କରିଥିଲେ। ଶେଷରେ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ଅପରାଜେୟ ରହିବା ସହ ଟାଇଟଲ୍ ଜିତିଛି। ଏହି ବିଶ୍ୱକପ୍ ସହ ଟସ୍ ଜିତିଥିବା ଦଳ ୯ ଥରରୁ ୮ ଥର ଚାମ୍ପିଅନ୍ ହୋଇଛି।

# ସୂର୍ଯ୍ୟକୁମାରଙ୍କ ଅବିଶ୍ୱସନୀୟ କ୍ୟାଚ୍







## ଅର୍ଦ୍ଧରାତ୍ରିରେ ଦୀପାବଳି

ଟି-୨୦ ବିଶ୍ୱକପ୍ ବିଜୟ ପରେ ଶନିବାର ଅର୍ଦ୍ଧରାତିରେ ସାରା ଭାରତରେ କ୍ରିକେଟ୍ ପ୍ରଶଂସକମାନେ ପାଳିଛନ୍ତି ଦୀପାବଳି। ମୌସୁମୀ ବର୍ଷା ସତ୍ତ୍ୱେ ପ୍ରଶଂସକମାନେ ରାସ୍ତା ଉପରକୁ ଆସି ଆତସବାଜି କରିବା ସହ ଉତ୍ସବ ମନାଇଛନ୍ତି। ଭାରତର ଦୁଇ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପାଇଁ ଏହି ବିଶ୍ୱକପ୍ ଟ୍ରଫି ବିଶେଷ ଭାବେ ମହତ୍ତ୍ୱ ରଖୁଛି। ଏହା ଏହି ଦୁଇ ଖେଳାଳିଙ୍କ ପାଇଁ ଶେଷ ଟି-୨୦ ବିଶ୍ୱକପ ହୋଇଛି। ୨୦୦୭ରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ପ୍ରଥମ ଟି-୨୦ ବିଶ୍ୱକପ୍ ବିଜୟୀ ହୋଇଥିଲା। ୨୦୨୨ ଟି-୨୦ ବିଶ୍ୱକପ୍ ସେମିଫାଇନାଲ୍‌ରେ ଭାରତ ୧୦ ୱିକେଟ୍‌ରେ ଇଂଲଣ୍ଡଠାରୁ ପରାସ୍ତ ହୋଇଥିଲା। ୨୦୨୪ ବିଶ୍ୱକପ୍ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ହରାଇ ପ୍ରତିଶୋଧ ନେବା ସହ ଭାରତ ଫାଇନାଲ୍‌ରେ ପ୍ରବେଶ କରିଥିଲା।

# ଦ୍ରାବିଡ୍‌ଙ୍କୁ ବିଦାୟୀ ଭେଟି



ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଜିତି ଭାରତୀୟ ଦଳ ନୂଆ ବିଶ୍ୱବିଜେତା ମୁକୁଟ ପିନ୍ଧିଛି। ଏଥିସହ ରୋହିତ୍ ଶର୍ମାଙ୍କ ଦଳ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍‌ଙ୍କୁ ବିଶ୍ୱକପ୍ ଟ୍ରଫି ଭେଟି ଦେଇ ସ୍ମରଣୀୟ ବିଦାୟ ଦେଇଛି। ଭାରତୀୟ ଦଳ ସହ ୫୧ ବର୍ଷୀୟ ଦ୍ରାବିଡ୍ କାର୍ଯ୍ୟକାଳ ଏଥିସହ ଶେଷ ହୋଇଛି। ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ଭାରତ ଘରୋଇ ପରିବେଶରେ ୨୦୨୩ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ସେହିଭଳି ଦୁଇ ଦୁଇଥର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲକୁ ପ୍ରବେଶ କରିଥିଲେ ମଧ୍ୟ ଉପବିଜେତାରେ ସନ୍ତୁଷ୍ଟ ରହିଥିଲା। ଏଥର କିନ୍ତୁ ଭାରତୀୟ ଦଳ ପୁରୁଣା ତ୍ରୁଟିକୁ ସୁଧାରି ଆଇସିସି ଟ୍ରଫି ହାସଲ କରିଛି। ଭାରତ ଦୀର୍ଘ ୧୧ ବର୍ଷ ପରେ ଏକ ଆଇସିସି ଟ୍ରଫି ହାତେଇ ନେଇଛି।







## ମାଟ୍ରିକ ପରୀକ୍ଷା ଫଳ ନୈରାଶ୍ୟଜନକ
# ୨୦ ହାଇସ୍କୁଲକୁ କାରଣଦର୍ଶାଅ ନୋଟିସ୍

**ସମ୍ବଲପୁର, ୨୯।୬(ସମିସ):** ଜିଲାରେ ଥିବା ୨୧୦ ହାଇସ୍କୁଲ ରହିଛି। ଗତ ମାଟ୍ରିକ ପରୀକ୍ଷାରେ ସେଥିମଧ୍ୟରୁ ୨୦ଟି ହାଇସ୍କୁଲ ଭଲ ପ୍ରଦର୍ଶନ କରିନାହାନ୍ତି। ତେଣୁ ଏଭଳି ନୈରାଶ୍ୟ ଜନକ ପ୍ରଦର୍ଶନ କରିଥିବା ଯୋଗୁଁ ଜିଲା ଶିକ୍ଷାବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟରେ ମାଟ୍ରିକରେ ପାସହାର ୯୦ ପ୍ରତିଶତରୁ କମ ରହିଛି। କାହିଁକି ପ୍ରଦର୍ଶନ ଖରାପ ହେଲା କଣ ପଦକ୍ଷେପ ଗ୍ରହଣ କରାଯାଇଛି ଆଗକୁ କଣ ପଦକ୍ଷେପ ନେବେ ସେନେଇ ଅବଗତ କରାଇବେ। ଏହା ସହିତ ଏହି ନ୍ୟୁନ ସ୍କୁଲ ଗୁଡ଼ିକର ଏକ ସ୍ୱତନ୍ତ୍ର ବୈଠକ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାଟ୍ରିକ ଫଳାଫଳ ପ୍ରକାଶ ପାଇଥିଲା। ସମ୍ବଲପୁର ଜିଲ୍ଲାରେ ପାସ ହାର ୯୬.୭୩ ପ୍ରତିଶତ ରହିଥିଲା। ରାଜ୍ୟରେ ୧୧ତମ ସ୍ଥାନରେ ରହିଛି। ଅନ୍ୟପଟେ କାରଣ ଦର୍ଶାଅ ନୋଟିସ୍ ଜାରି କରା ଯାଇଥିବା ହାଇସ୍କୁଲ ଗୁଡିକ ହେଲା ମାନେଶ୍ୱର ନିକଟସ୍ଥ ମିର୍ଗାମୁଣ୍ଡା ବାଳିକା ହାଇସ୍କୁଲ (ଫଳାଫଳ ୪୬.୬୭ ), ରେଙ୍ଗାଲି ବାଳିକା ହାଇସ୍କୁଲ (୬୬.୬୭ ), ବିମ୍ବାଧର ହାଇସ୍କୁଲ ବନ୍ଧକାନି ବାମରା (୭୫ ପ୍ରତିଶତ), ସରକାରୀ ଯୁଜି ହାଇସ୍କୁଲ, ସାତସମା, ରେଢ଼ାଖୋଲ (୭୮.୯୫ ), ପୁଲିସ ହାଇସ୍କୁଲ (୮୦), ଏସ୍. ଏନ୍. ଶର୍ମା ହାଇସ୍କୁଲ, ଲଇଡା କୁଚିଣ୍ଡା (୮୦), ମାନେଶ୍ୱର ବ୍ଲକର ଦେଓଗାଁ ହାଇସ୍କୁଲ (୮୩.୩୩), ପି.କେ. ହାଇସ୍କୁଲ, କାଦୋବାହାଲ, ନାକଟିଦେଉଳ (୮୩.୮୭), ନୃସିଂହ ଗୁରୁ ଟାଉନ ହାଇସ୍କୁଲ (୮୫.୩୩ ), ସିଜିକେ ହାଇସ୍କୁଲ, ଝାଙ୍କରପାଲି ରେଙ୍ଗାଲି (୮୫.୭୧), ଯୁଯୋମୁରା ହାଇସ୍କୁଲ (୮୬.୦୨), ମ୍ୟୁନିସିପାଲଟି ସରକାରୀ ହାଇସ୍କୁଲ (୮୭.୫୦) ପଧାନପାଲି ହାଇସ୍କୁଲ, ଯୁଯୋମୁରା, (୮୮.୩୭), ସରକାରୀ ଯୁଜି ହାଇସ୍କୁଲ, ଗୋଲାମାଲ ରେଙ୍ଗାଲି (୮୮.୭୧), ସରକାରୀ ହାଇସ୍କୁଲ, ଭୋଜପୁର, ଜମନକିରା ହାଇସ୍କୁଲ, (୮୯.୧୩ ), ସରକାରୀ ସେନାପାଲି, ଧନକଉଡ଼ା (୮୯.୨୯ ), ଧନକଉଡ଼ା ହାଇସ୍କୁଲ ( ୮୯, ୩୩), ଗୋପାଳଜୀ ସଂସ୍କୃତ ହାଇସ୍କୁଲ ୮୯.୪୭), ଧନକଉଡ଼ା, ଜୟନ୍ତପୁର ହାଇସ୍କୁଲ ଯୁଯୋମୁରା ୮୯.୮୩ ଓ ମୁରା ସର ସରକାରୀ ହାଇସ୍କୁଲ, ମାନେଶ୍ୱର (୯୦.୨୨ ) ରହିଛି।

## ବଜାର ନାଳ ସଫେଇ ସମସ୍ୟା ନେଇ କମିଶନରଙ୍କୁ ଭେଟିଲେ ବ୍ୟବସାୟୀ

**ହୀରାକୁଦ, ୨୯।୬(ସମିସ):** ହୀରାକୁଦ ମାର୍କେଟ୍ ଅଞ୍ଚଳରେ ଡ୍ରେନ ସମସ୍ୟା ନେଇ ମହାନଗର କମିଶନରକୁ ଜଣାଇଲେ ମାର୍କେଟ ଦୋକାନ ମାଲିକ। ହୀରାକୁଦ ମାର୍କେଟ୍ ଅଞ୍ଚଳରେ ଥିବା ବଡ ଡ୍ରେନଟିରେ ମାଟି, ଅଳିଆ ଆବର୍ଜନା ପୁରି ରହିଛି। ଅନ୍ୟ ଏକ ଡ୍ରେନ ଦୋକାନୀ ମାନଙ୍କ ସମ୍ମୁଖ ରାସ୍ତାରେ ଅଛି ଏଠାରେ ମାଟି ଜମା ହୋଇ ରହିଛି। ଏହି ନାଳରେ ଦୁଇଟି ହ୍ୟୁମପାଇପ ପଡ଼ିଛି ଏହା ଦ୍ୱାରା ବର୍ଷା ପାଣି ଠିକ୍ ଭାବେ ଯାଉନାହିଁ ଅଳିଆ ଆବର୍ଜନା ହ୍ୟୁମପାଇପରେ ଲାଗିବା ଯୋଗୁଁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନାହିଁ। ଏହା ଦ୍ୱାରା ଦୋକାନୀ ଘରକୁ ପାଣି ପଶି ଯାଇଥାଏ।ଦୋକାନୀ ବ୍ୟବସାୟୀ ମାନେ ବହୁ କ୍ଷତିଗ୍ରସ୍ତ ହୁଅନ୍ତି। ପାଣି ଜମା ହୋଇ ରହୁଥିବାରୁ ଡେଙ୍ଗୁ ହେବାର ସମ୍ଭାବନା ରହିଛି। ଏହି ଦୁଇ ଡ୍ରେନକୁ ବର୍ଷା ପୂର୍ବରୁ ସଫା କରିବା ପାଇଁ ଦୋକାନୀ ମାନେ ଦାବି କରିଛନ୍ତି। ହୀରାକୁଦ ସଫେଇ କାର୍ଯ୍ୟରେ ନିୟୋଜିତ ଠିକାଦାର ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହେଉଛି।

## ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ଜିଲ୍ଲା ପରାମର୍ଶଦାତା କମିଟି ବୈଠକ



**ସମ୍ବଲପୁର, ୨୯।୬(ସମିସ):** ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯ ୯୪ର ଜିଲ୍ଲା ପରମର୍ଶଦାତା କମିଟି ଓ ଟାସ୍କଫୋର୍ସ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ଅଧକ୍ଷତା କରିଥିଲେ। ବୈଠକରେ ଗୋଟିଏ ଅଲ୍ଟ୍ରା ସାଉଣ୍ଡ କ୍ଲିନିକର ପଞ୍ଜୀକରଣ ଓ ଦୁଇଟି ଅଲ୍ଟ୍ରାସାଉଣ୍ଡ କ୍ଲିନିକର ନବୀକରଣ ବିଷୟରେ ଆଲୋଚନା କରି ଅନୁମୋଦନ କରାଯାଇଥିଲା। ଜିଲ୍ଲାରେ କନ୍ୟା ସନ୍ତାନଙ୍କ ଲିଙ୍ଗ ଅନୁପାତକୁ ବୃଦ୍ଧି କରିବା ପାଇଁ ସଚେତନ କାର୍ଯ୍ୟକ୍ରମ କରିବା ପାଇଁ ଆଲୋକପାତ କରଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଭରତ ଚନ୍ଦ୍ର ଦାସ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ବ୍ୟାସଦେବ ହୋତା, ଶିଶୁ ରୋଗ ବିଶେଷଜ୍ଞ ମଦନ ମୋହନ ତ୍ରିପାଠୀ, ଡେପୁଟି ସୁପରିଟେଣ୍ଡ ସୁମନ ସିଂ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଝୁନୁ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ, ଡିପିଏମ ମୌସୁମୀ ମିଶ୍ର, ଏନଏଚଏମ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ପରିଚାଳକ ବୁଧ ରଞ୍ଜନ ଭୋଇ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

## ମହିଳା ଆରୋଗ୍ୟ ସମିତିର ଓରିଏଣ୍ଟେସନ୍



**ସମ୍ବଲପୁର, ୨୯।୬(ସମିସ):** ଗତକାଲି ସମ୍ବଲପୁର ସହରାଞ୍ଚଳର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରରେ ଜଣ୍ଡିସ୍ ନିୟନ୍ତ୍ରଣ କାର୍ଯ୍ୟ ସମ୍ପର୍କରେ ମହିଳା ଆରୋଗ୍ୟ ସମିତିର ଏକ ଓରିଏଣ୍ଟେସନ ଅନୁଷ୍ଠିତ ହୋଇଥିଲା। ଲାୟନ୍ସ କ୍ଲବ ଓ ଅଙ୍ଗନବାଡି କେନ୍ଦ୍ର ନୟାପଡ଼ାରେ କ୍ୟାମ୍ପସ ମୋଡ୍ ରେ ସନ୍ଦିଗ୍ଧ ଓ ସମ୍ଭାବ୍ୟ ମାମଲାର ନମୁନା ସଂଗ୍ରହ ସୁନିଶ୍ଚିତ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମରେ ମାଇକ୍ରୋବାୟୋଲୋଜିଷ୍ଟ ବ୍ରଜରାଜ ପୃଷ୍ଟି, ଡାଟା ମ୍ୟାନେଜର ଆଇଡିଏସପି ସନତ କୁମାର ବେହେରା, ସିଟି ପ୍ରୋଗ୍ରାମ ମ୍ୟାନେଜର ନିକୁ ରଞ୍ଜନ ପ୍ରତିହାରୀ, ସିଟି ଡାଟା ମ୍ୟାନେଜର କଳ୍ପ ପରମାର ଓ ପେରିଫେରାଲ ହେଲ୍ଥ ଟିମ୍ ଡାକ୍ତର ସୁଜାତାରାଣୀ ମିଶ୍ର ସିଡିଏଚ୍ ଓ ପିଏଚଓ ଓ ଡାକ୍ତର ଅଶୋକ କୁମାର ଦାସ ଡିପିଏଚ୍‌ଓଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଜଣ୍ଡିସ୍ ଆକ୍ରାନ୍ତ ସଂଖ୍ୟା ୧୧୦ରେ ପହଞ୍ଚିଲା
# ସଚେତନତାରେ ସୁଧୁରିନି ସ୍ଥିତି, ଅନ୍ୟ ପଡ଼ାକୁ ବ୍ୟାପିଲା

ସମ୍ବଲପୁର, ୨୯।୬(ସମିସ)

ଜଣ୍ଡିସ ଆକ୍ରାନ୍ତ ଆଜି ଚିହ୍ନଟ ହୋଇନଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଗତକାଲି ୧୧୦ରେ ପହଞ୍ଚିଯାଇଥିଲା। ଯାହାକି ଚିନ୍ତାର ବଢ଼ାଇ ଦେଇଛି। ଯେତେ ସଚେତନ କଲେ ମଧ ପରିସ୍ଥିତିରେ ସୁଧାର ଆସୁନାହିଁ। ଏହା ସହ ପୂର୍ବରୁ ୩ ପଡ଼ାରେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏହା ୬ ପଡ଼ାକୁ ବ୍ୟାପି ସାରିଛି। ପିଏଚଡି ବିଭାଗ ପକ୍ଷରୁ ପ୍ରଭାବିତ ପଡ଼ା ଗୁଡିକରେ ପାଇପ ଗୁଡ଼ିକ ବଦଳାଇ ଦିଆଯାଉଛି। ପିଏଚଡି ବିଭାଗ ସାଧାରଣରେ ଦାୟୀ କରୁଛନ୍ତି। ଆଜି ମଧ ୧୦ ବର୍ଷ ପରେ କରାଳ ରୂପ ନେଇଛି। ସହରର ବିଭିନ୍ନ ପଡ଼ାରୁ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଛନ୍ତି। ସହରର ଅଧିକାଂଶ ପଡ଼ାର ପାଇପଲାଇନ ଫାଟି ଯାଇଛି। ପୁରୁଣା ପାଇପ ଫାଟି ଡ୍ରେନ ପାଣି ସହିତ ମିଶିବା ଦ୍ୱାରା ଜଣ୍ଡିସ ବ୍ୟାପିଥିବା ଲୋକେ କହୁଛନ୍ତି। ରୋଗୀ ଚିହ୍ନଟ ହେବା ପରେ ପାନୀୟ ଜଳଯୋଗାଣ ବିଭାଗ କୁମ୍ଭାରପଡ଼ାର, ଧୁବାପଡ଼ା, ପେନସନ ପଡ଼ାର ପାଇପ ବଦଳାଇବା କାମ ହେଉଛି। ହେଲେ ସମସ୍ତ ପୁରୁଣା ପାଇପ ନବଦଳାଇଲେ ଜଣ୍ଡିସ କବଳରୁ ସହରବାସୀଙ୍କୁ ଜଣ୍ଡିସ ଓ ଅନ୍ୟ ଜଳଦ୍ୱାରା ବ୍ୟାପୁଥିବା ରୋଗର ସୁରକ୍ଷା ଦେବା କଷ୍ଟକର ହେବ ବୋଲି କହୁଛନ୍ତି। ସୂଚନା ଅନୁସାରେ ୨୦୧୪ରେ ସମ୍ବଲପୁର ସହରର ହଜାର ହଜାର ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଥିଲେ। ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଚିକିସାଧୀନ ଅବସ୍ଥାରେ ଅନେକ ଲୋକଙ୍କ ଜୀବନ ଯାଇଥିଲା ସେ ସମୟରେ ସହରର ପୁରୁଣା ପାଇପଲାଇନ ପରିବର୍ତ୍ତନ ପାଇଁ ପ୍ରାୟ ଶହେ କୋଟି ଟଙ୍କା ଅନୁଦାନ ଦେଇଥିଲେ। ସେ ସମୟରେ କୋଟି କୋଟି ଟଙ୍କା ପିଏଚଡି ବିଭାଗ କରିଥିଲା ବୋଲି ଅଭିଯୋଗ ହୋଇଥିଲା। ଅନ୍ୟପଟେ ଆଜି ମଧ ସ୍ୱାସ୍ଥ୍ୟବିଭାଗ ଟିମ ବିଭିନ୍ନ ପଡ଼ାକୁ ପରିଦର୍ଶନ କରିଛନ୍ତି। ଲୋକଙ୍କୁ ଖାଦ୍ୟ ପାନୀୟ ଜଳ ବ୍ୟବହାର ଉପରେ ସଚେତନ କରିବା ସହ ଔଷଧ ବଣ୍ଟନ କରିଥିଲେ। ଯେପରି ପାଣି, ଖାଦ୍ୟ ଓ ମଣିଷରୁ ମଣିଷକୁ ସଂକ୍ରମଣ ନହେବ। ସେନେଇ ମଧ ବ୍ୟବସ୍ଥା କରାଯାଉଛି। ଜଣେ ସଂକ୍ରମିତ ଲୋକର ଖାଦ୍ୟ ଓ ପାଣି ବ୍ୟବହାର କଲେ, ଏହା ବ୍ୟାପିଥାଏ। ବିଶୁଦ୍ଧ ପାଣି ଯୋଗାଣ ଓ ବାହାର ଖାଦ୍ୟ ଯେପରି ନ ଖାଆନ୍ତି, ସେ ଦିଗରେ ବ୍ୟବସ୍ଥା କରାଯାଇଛି। ଯାହା ରିପୋର୍ଟ ହୋଇଛି ପ୍ରାୟ ସବୁ ହେପାଟାଇଟିସ-ଏ ରୋଗୀ। ଏହାର ଟିକା ନାହିଁ। ଆପେ ଆପେ ଭଲ ହୋଇଯାଏ ବୋଲି ଡାକ୍ତରମାନେ କହୁଛନ୍ତି। ଆହୁରି ପରାମର୍ଶ ଦେଇଛନ୍ତିଯେ,

### ଜଣ୍ଡିସ୍ ରୋଗ କଣ...

ଜଣ୍ଡିସ୍ ହେଉଛି ଏକ ଏଭଳି ଏକ ରୋଗ ଯେଉଁଥିରେ ଆଖି ଚର୍ମ ଧଳା ରଙ୍ଗରୁ ହଳଦିଆ ହୋଇଯାଏ। ଯେତେବେଳେ ଲାଲ ରକ୍ତ କଣିକା ଭାଙ୍ଗିବା ଆରମ୍ଭ କରେ। ସେତେବେଳେ ରକ୍ତରେ ଏକ ପ୍ରକାରର ସ୍ତର ବଢିଯାଏ। ଜଣ୍ଡିସ୍ ହେବା ମାତ୍ରେ ଖାଦ୍ୟ ପାନୀୟରେ ବିଶେଷ ଯତ୍ନ ନେବା ଆବଶ୍ୟକ ପଡ଼ିଥାଏ। ଜଣ୍ଡିସ୍ ହେଉଛି ଏପରି ଏକ ରୋଗ ଯାହା ଯକୃତରେ ପରିବର୍ତ୍ତନ ଏବଂ ରକ୍ତରେ ଏକ ସ୍ତରକୁ ବଢ଼ାଇ ଦେଇଥାଏ। ଏହି କାରଣରୁ ଚର୍ମ ଏବଂ ଆଭ୍ୟନ୍ତରୀଣ ଅଙ୍ଗଗୁଡିକ ହଳଦିଆ ପଡ଼ିଯାଇଥାଏ।

### ଜଣ୍ଡିସ୍‌ର ଲକ୍ଷଣ.....

ବିଶେଷ ଭାବରେ ଅଙ୍ଗଗୁଡିକ ହଳଦିଆ ପଡ଼ିବା, ପେଟ ଯନ୍ତ୍ରଣା, ପେଟ ଖରାପ, ବାନ୍ତି, କାଶ, ଥକାପଣ, ପେଟ ଫୁଲିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏହା ସହ ଭାଇରସ୍ ସଂକ୍ରମଣ, ଯକୃତ ରୋଗ, ଗଳା ଦରଜ ହେବା, ମଦ୍ୟପାନ ଆଦି କାରଣରୁ ଏହି ରୋଗ ହୋଇଥାଏ। ଏଭଳି ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଡାକ୍ତରଙ୍କ ପରାମର୍ଶରେ ମେଡିସିନ ଖାଇବା ଜରୁରୀ ଅଟେ।

### କଣ ଖାଇ ପାରିବେ

ବିଶେଷ ଭାବରେ ପାଣି, ଜୁସ୍, ପଇଡ ପାଣି ପ୍ରଚୁର ପରିମାଣରେ ପିଇବା ଆବଶ୍ୟକ। ଫଳ ମଧ୍ୟରେ ସେଓ, ତରଭୁଜ, କମଳା, ଅଙ୍ଗୁର ଏବଂ ଡାଳିମ୍ବ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥାଏ। ସେହିପରି ପନିପରିବା ମଧ୍ୟରେ ଗାଜର, ଭେଣ୍ଡି, ପାଳଙ୍ଗ, ଟମାଟ ଏବଂ ଧନିଆ ଖାଇବା ଜରୁରୀ ଅଟେ। ପ୍ରୋଟିନ ପାଇଁ ଡାଲି, ମାଛ ଏବଂ ଅଣ୍ଡା ଖାଇପାରିବେ।

### ଖାଇବା ଉପରେ ବାରଣ...

ଅତ୍ୟାଧିକ ତେଲଯୁକ୍ତ ଖାଦ୍ୟ, ଅତ୍ୟାଧିକ ରାଗ ଓ ମସଲା ଯୁକ୍ତ ଖାଦ୍ୟ, ମାଂସ, ଅଣ୍ଡାର କେଶର, ଜଙ୍କ ଫୁଡ, ଫାଷ୍ଟ ଫୁଡ, ମଦ୍ୟପାନ, ଚା, କଫି ଏବଂ କଦଳୀ ଖାଇବାକୁ ବିଶେଷ ଭାବରେ ବାରଣ କରାଯାଇଥାଏ। ଦିନ ସାରା ତିନିରୁ ଅଧିକ ଥର ଭୋଜନା କରିବା ପରିବର୍ତ୍ତେ ଅଳ୍ପ ଅଳ୍ପ କରି ଖାଦ୍ୟ ୫ରୁ ୬ଥର ଖାଆନ୍ତୁ। ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବା ଜରୁରୀ ୨ଅଟେ। ସତେଜ ପନିପାରିବାରେ ପ୍ରସ୍ତୁତ ଖାଦ୍ୟ ଏବଂ ଘରୋଇ ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ।





## ହୀରାକୁଦ ଲାୟନ୍ସ କ୍ଲବ୍ ଆଲୁମିନିୟମ ସିଟି ପକ୍ଷରୁ ସାଇକଲ ବଣ୍ଟନ

**ହୀରାକୁଦ, ୨୯।୬(ସମିସ):** ହୀରାକୁଦ ଲାୟନ୍ସକ୍ଲବ ଆଲୁମିନିୟମ ସିଟି ପକ୍ଷରୁ ଲାୟନ୍ସଭବନରେ ଏକ ସାଇକେଲ ଓ ସିଲେଇ ମେସିନ ମାଗଣାରେ ପ୍ରଦାନ କରାଯାଇଥିଲା। ହୀରାକୁଦ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଷ୍ଟମ ଶ୍ରେଣୀର ଛାତ୍ରୀ ଗରିବ ହୋଇଥିବା ସହ ବହୁ ଦୂରରୁ ଆସୁଥିଲା। ସ୍କୁଲରେ ପହଞ୍ଚିବା ବେଳେ ଡେରି ମଧ ହେଉଥିଲା ଏହା ଖବର ପାଇ ଲାୟନ୍ସ କ୍ଲବ ଆଲୁମିନିୟମ ସିଟି ପକ୍ଷରୁ ଏକ ସାଇକେଲ ପ୍ରଦାନ କରାଯାଇଥିଲା। ଅନ୍ୟ ଜଣେ ମହିଳା ସିଲେଇ ଶିଖି ଥିଲା କିନ୍ତୁ ସିଲେଇ ମେସିନ୍ କିଣିବାକୁ ସମର୍ଥ ନଥିଲା ଏକ ସିଲେଇ ମେସିନ୍ ପ୍ରଦାନ କରାଗଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାୟନ୍ସ କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ପ୍ରବୀଣ ଅଗ୍ରୱାଲ, ଜୋନ ଅଧକ୍ଷ ବିକାଶ ଅଗ୍ରୱାଲ, ହୀରାକୁଦ ଲାୟନ୍ସକ୍ଲବ ଆଲୁମିନିୟମ ସିଟିର ସଭାପତି ଦୁଲାଲ ଚନ୍ଦ୍ର ପଣ୍ଡା, ସମ୍ପାଦକ ଏଏଲ୍ ବେଗ୍ କୋଷାଧକ୍ଷ ନରେନ୍ଦ୍ର ମହନ୍ତ, କ୍ୟାବିନେଟ ଚେୟାରମେନ ସୁରେନ୍ଦ୍ର କୁମାର ବିଶ୍ୱାଳ, ବିନୋଦ ଅଗ୍ରୱାଲ, ସୁରେଶ ମହାରଣା ସମରେନ୍ଦ୍ର ତ୍ରିପାଠୀ, ଭବାନୀ ସିଂ, ବନଲତା ପଣ୍ଡା, ଗୌତମ ସ୍ୱାଇଁ, ଧନେଶ୍ୱର ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## ଭିମସାର ରକ୍ତଭଣ୍ଡାରରେ ରକ୍ତଦାନ ଶିବିର

**ସମ୍ବଲପୁର / ବୁର୍ଲା, ୨୯।୬(ସମିସ):** ଭରସା ପରିବାର ପକ୍ଷରୁ ବୁର୍ଲା ଭିମସାର ରକ୍ତଭଣ୍ଡାରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଥାଲେସେମିଆ ଓ ସିକିଲସେଲ ରୋଗୀଙ୍କ ରକ୍ତର ଆବଶ୍ୟକତା ପୁରଣ ପାଇଁ ଅନୁଷ୍ଠିତ ଏହି ଜରୁରୀକାଳୀନ ରକ୍ତଦାନ ଶିବିର ହୋଇଥିଲା। ଭରସା ପରିବାରର ମୁଖ୍ୟ ସମାଜସେବୀ ନିହାଲ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଭିମସାର ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରାଧାମୋହନ ଘଡେଇ ଶିବିରରେ ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ପ୍ରଶଂସା କରିଥିଲେ। ଏଥିରେ ସେବା



ସଂଗଠନର ସଭାପତି ତଥା ଛତ୍ରପତି ଡକ୍ଟର ଦିପକ ପାଣ୍ଡେ, ସମାଜସେବୀ ମେଘନାଦ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିବାବେଳେ ମୋଟ ଶିବିରରେ ୧୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଭରସା ପରିବାର ପକ୍ଷରୁ ଶିବଶଙ୍କର ପ୍ରଧାନ, ମୋମିନା ଖାତୁନ, ଦିପକ ପ୍ରଧାନ, ଶାନ୍ତି ମାଝି ପ୍ରମୁଖ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

## ଆକାଶବାଣୀ କେନ୍ଦ୍ରରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ସମ୍ବଲପୁର, ୨୯।୬(ସମିସ):** ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ବରିଷ୍ଠ ଟେକନିସିଏନ ଲଳିତ କୁମାର କର ଚାକିରିରୁ ଅବସର ନେଇଛନ୍ତି। ଦୀର୍ଘ ୩୬ ବର୍ଷର ଚାକିରିକାଳ ଭିତରେ ଉଭୟ ଆକାଶବାଣୀ ଏବଂ ଦୁରଦର୍ଶନ କେନ୍ଦ୍ରରେ ସେବା ପ୍ରଦାନ କରିଆସିଛନ୍ତି। ଆକାଶବାଣୀ ରିକ୍ରିଏସନ କ୍ଲବ ତରଫରୁ କେନ୍ଦ୍ରର ଅଭିଯାନ୍ତ୍ରିକୀ ମୁଖ୍ୟ ପ୍ରମୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବିଦାୟକାଳୀନ ସଭା ଆୟୋଜିତ ହୋଇଯାଇଛି। କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ନିଷାଦକ ସନ୍ତୋଷ ପିଙ୍ଗ, ଅଭିଯାନ୍ତ୍ରିକୀ ସହାୟକ କୁନାଲ ମହାପାତ୍ର, ମାଲିକ



ମୁଣ୍ଡା, ଅଜୟ କୁମାର ସାହୁ, ସତ୍ୟରଞ୍ଜନ ପଣ୍ଡା ପ୍ରମୁଖ କରଙ୍କ କର୍ମନିଷ୍ଠତା ଏବଂ ପରୋପକାରୀତା ସମ୍ପର୍କରେ ଆଲୋକପାତ କରିବା ସହିତ ଅବସର ପରବର୍ତୀ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। କୈବର୍ତ୍ତ ସାହୁ, ବିଜୟ ବେହେରା, ପ୍ରକାଶ ଛତ୍ରିଆ, ରବୀନ୍ଦ୍ର ବାର୍ଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀତା କରିଥିଲେ।

## ୧୪୦ତମ ହେଲେନ୍ କେଲର୍ ଜୟନ୍ତୀ



**ସମ୍ବଲପୁର, ୨୯।୬(ସମିସ):** ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି କାର୍ଯ୍ୟାଳୟରେ ୧୪୦ତମ ହେଲେନ୍ କେଲର୍ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଡା. ପରେଶ ଚନ୍ଦ୍ର ଦାନୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ରତ୍ନଭୂଷଣ ପୁରୁଷୋତ୍ତମ ଯୋଗଦେଇ ହେଲେନ୍ କେଲର୍‌ଙ୍କ ଅସାଧାରଣ ଜୀବନୀ ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ବରିଷ୍ଠ ସଦସ୍ୟ ରାମାନୁଜ ପଣ୍ଡା ହେଲେନ୍ କେଲର୍‌ଙ୍କ ଉପରେ ଗଭୀର ଆଲୋଚନା କରିଥିଲେ। ମାତ୍ର ୧୯ ମାସ ବୟସରେ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ଦୃଷ୍ଟିଶକ୍ତି ଏବଂ ଶ୍ରବଣ ଶକ୍ତି ହରାଇ ଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ଆମେରିକାରେ ସର୍ବପ୍ରଥମ ଭିନ୍ନକ୍ଷମ ଗ୍ରାଜୁଏଟ୍ କରିଥିଲେ। ୧୮ ଖଣ୍ଡବହି ମଧ ଲେଖିଛନ୍ତି। ଏଣୁ ତାଙ୍କ ପରି ଜଣେ ଅସାଧାରଣ ବ୍ୟକ୍ତିଙ୍କୁ ତାଙ୍କର ୧୪୦ ତମ ଜନ୍ମ ଜୟନ୍ତୀ ଅବସରରେ ଉପସ୍ଥିତ ସଦସ୍ୟମାନେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ଉକ୍ତ ସଭାରେ, କୈଳାଶ ମିସ୍ତ୍ରୀ, ଶିବନାରାୟଣ ପାଣିଗ୍ରାହୀ, ଅଶୋକ ମିଶ୍ର, ହରିଶଙ୍କର ପଣ୍ଡା, ସୁମତୀ ବେରିହା, ଶାନ୍ତନୁ ପାଢ଼ୀ, ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟ୍ରାଇକର ଇଣ୍ଡିଆ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**ସମ୍ବଲପୁର, ୨୯।୬(ସମିସ):** ସ୍ଥାନୀୟ ହୋଟେଲ ହରଜିତ୍ ରେସିଡେନ୍ସିରେ ଷ୍ଟାଇକର ଇଣ୍ଡିଆ ସଞ୍ଜିବନୀ ଘରୋଇ ମେଡିକାଲ ପକ୍ଷରୁ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅର୍ଥୋପେଡ଼ିକ ଡାକ୍ତର ଶକ୍ତି ଡୋରାଙ୍କ ବିଭିନ୍ନ ରୋଗ ଓ ନିରାକରଣ ବିଷୟରେ ବୁଝାଇଥିଲେ। ମେଡିସନ ସ୍ପେଶାଲିଷ୍ଟ ଡାକ୍ତର କବିର ପୁରୋହିତଙ୍କ ଉପସ୍ଥିତ ରହିଥିଲେ। ସଞ୍ଜୀବନୀ ପରିବାର ହସପିଟାଲର ଅର୍ଥୋପେଡ଼ିକ୍ ଟିମ୍ ସହଯୋଗ କରିଥିଲେ। ଡାକ୍ତର ଡୋରା କହିଥିଲେଯେ, ବିଭିନ୍ନ ଜଏଣ୍ଟ ପେନ ଗୁଡିର ଚିକିତ୍ସା ରହିଛି। ରିପ୍ଳେସେମେଣ୍ଟ କରାଯାଇ ପାରିବ। ୫୦୦ ରୁ ଅଧିକ ସଫଳ ରିପ୍ଲେସମେଣ୍ଟ ସର୍ଜରୀ କରି ସାରିଛି। ରିପ୍ଳେସମେଣ୍ଟ ପଦ୍ଧତିର କାର୍ଯ୍ୟକାରିତା, ପୋଷ୍ଟ ଅପରେଟିଭ୍ କେୟାର ଏବଂ ପୁନର୍ବାସ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅସ୍ଥିଶଲ୍ୟ ଓ ଗୁଣାଭକ ପ୍ରତିରୋପଣର ଉପଲବ୍ଧତା ସହିତ ଆଣ୍ଠୁ ଗଣ୍ଠି, ହିପ୍ ଗଣ୍ଠିରେ ପୀଡିତ ରୋଗୀମାନଙ୍କ ପାଇଁ ଅସ୍ତ୍ରୋପଚାର ଏକ ସୁଫଳ ହୋଇପାରୁଛନ୍ତି। ଆରାମ ଓ ଗତିଶୀଳତା ମଧ ଦେଇପାରେ। ରିପ୍ଲେସମେଣ୍ଟ ସର୍ଜରୀ, ଫିଜିଓଥେରାପିର ମହତ୍ତ୍ୱ ରହିଛି। ପୋଷ୍ଟ ରିପ୍ଲେସମେଣ୍ଟ ବ୍ୟାୟାମ ସହିତ ଗଣ୍ଠିର ଯତ୍ନ ଉପରେ ଆଲୋକପାତ କରିଥିଲେ। ସଞ୍ଜିବନୀ ଫ୍ୟାମିଲି ହସ୍ପିଟାଲରେ ମିଳିତ ରିପ୍ଲେସମେଣ୍ଟ ଟିମ୍ ଏବଂ ସୁବିଧା ପାଇଁ ଡାକ୍ତର ଡୋରା ଧନ୍ୟବାଦ ଦେଇଥିଲେ।

# ଡ୍ରେନ୍ ସଫା ପାଇଁ ଖୋଳିଦେଇ ଛାଡ଼ିଦେଲେ

ସମ୍ବଲପୁର, ୨୯।୬(ସମିସ)

କୌଣସି ପରିସ୍ଥିତିରେ ଡ୍ରେନ ମୁକୁଳା ରହିପାରିବ ନାହିଁ। ସମସ୍ତ ଡ୍ରେନ ଉପରେ ସ୍ଲାବ ପକାଇବା ବାଧ୍ୟତାମୂଳକ ବୋଲି ପୂର୍ବରୁ ସୁପ୍ରିମ୍‌କୋର୍ଟ ଏକ ରାୟରେ ନିର୍ଦ୍ଦେଶ

### ନିୟମ ମାନୁନାହିଁ ଏସ୍‌ଏମ୍‌ସି

ଦେଇଥିଲେ। ହେଲେ ଏହାକୁ ସମ୍ବଲପୁର ମହାନଗର ନିଗମ ଏସଏମସି ଏଥିରେ ବ୍ୟତିକ୍ରମ କରୁଥିବା ଦେଖା ଦେଇଛି। ସହରର ଅନେକ ପଡ଼ା ଓ ଗଳି ଗୁଡିକରେ ଥିବା ଡ୍ରେନ ଗୁଡିକ ଉପରେ ସ୍ଲାବ ନାହିଁ। ମୁକୁଳା ହୋଇ ପଡ଼ିଛି। ବର୍ଷା ପୂର୍ବରୁ ସଫା କରିବା ପାଇଁ ଏସଏମସି ପକ୍ଷରୁ ଖୋଳି ଦିଆଗଲା। ହେଲେ ପ୍ରାୟ ୧୫ ଦିନ ହେବ ନାଳ ଓ ଡ୍ରେନ ଗୁଡିକ ଖୋଳରେ ଛାଡି ଦେଇଛନ୍ତି। ଯାହା ଧନ ଜୀବନ ପ୍ରତି ବିପଦ ରହୁଛି। ଅନ୍ୟ ସହରରେ



ଡ୍ରେନରେ ପଡ଼ି ଲୋକଙ୍କ ଜୀବନ ଯାଉଥିବା ଘଟଣା ରହିଛି। ସମ୍ବଲପୁର ସହରରେ ମଧ ଛୋଟ ବଡ ଘଟଣା ଘଟୁଛି। ବଡ ଅଘଟଣାକୁ ଏଡାଇ ଦିଆଯାଇନପାରେ।



ସହରର ଅବ୍ୟବସ୍ଥିତ ଡ୍ରେନେଜ ସମସ୍ୟା ଏବେ ବଡ଼ ବିପଦ ପାଲଟିଛି। ଡ୍ରେନ୍ ନିର୍ମାଣ ଓ ମରାମତିରେ ମନମୁଖି କାର୍ଯ୍ୟ ଚାଲୁଛି। ଅଭିଯୋଗ ଆସିଲେ କିମ୍ବା ଗଣମାଧ୍ୟମରେ ସମସ୍ୟା ନେଇ ଖବର ପ୍ରକାଶ ପାଇଲେ, ଅଧିକାରୀ କିଛି ସମୟ ପାଇଁ ତତ୍ପରତା ଦେଖାଇ ପୁଣି ଚୁପ୍ ରହିଯାଉଛନ୍ତି। ଫଳରେ ଡ୍ରେନେଜ ସମସ୍ୟା ବଢ଼ି ଚାଲିଛି। ସହରରେ ମୁଖ୍ୟ ଡ୍ରେନ୍ ଓ ଶାଖା ନାଳ ରହିଛି। ପ୍ରତିବର୍ଷ ନୂଆ ଡ୍ରେନ୍ ନିର୍ମାଣ, ପୁନରୁଦ୍ଧାର ଓ ମରାମତି ବାବଦକୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଖରା କିମ୍ବା ଶୀତ ଦିନେ ଡ୍ରେନ୍ କାମ ନ ହୋଇ ବର୍ଷା ଆରମ୍ଭରୁ ହିଁ ଅଧିକ କାମ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷା ଆଳରେ ଅଧିକାଂଶ ଡ୍ରେନ ଅଧାପନ୍ତରିଆ ସହ ମୁକୁଳା ପକାଇ ଠିକାଦାର ଚାଲିଯାଉଛନ୍ତି। ପୁଣି ନିର୍ମାଣ ସାମଗ୍ରୀ ଉଠାଯାଉ ନ ଥିବାରୁ ନିଷ୍କାସନ ବାଟ ବନ୍ଦ ହେଉଛି। ଅସରାଏ ବର୍ଷା ହେଲେ ଡ୍ରେନ, ରାସ୍ତା ସବୁ ଏକାକାର ହୋଇ ପଡୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ ଏସଏମସି ପକ୍ଷରୁ ଗୁରୁତ୍ୱ ଦେବାକୁ ଦାବୀ ହେଉଛି।